

ଦ୍ୱିତୀୟ ବିଜୟ ଲକ୍ଷ୍ୟରେ ରୋହିତବାହିନୀ ।୧୧

ଓଡ଼ିଶା

# ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୩୦ ବର୍ଷ ପୂରଣ କଲେ କାଜୋଲ୍ ।୧୨

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୧୩୯ Vol. 19 No-139 1 AUGUST 2022 MONDAY BHUBANESWAR ସୋମବାର, ୧ ଅଗଷ୍ଟ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦







ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସିଫା ଅଡ଼ିଟୋରିୟମଠାରେ ଧଉଳି ସାହିତ୍ୟ ସଂସଦ ଏବଂ ସିନ୍ଧୁଜା ପ୍ରକାଶନୀ ଆନୁକୂଲ୍ୟରେ କବି ଅକ୍ଷୟ ସ୍ୱାଇଁଙ୍କ ତୃତୀୟ କବିତା ସଂକଳନ 'ଛାୟାମଞ୍ଚ' ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ସୂଚନା କମିଶନର ସଞ୍ଜୟ ସ୍ୱାଇଁ ମୁଖ୍ୟ ଅତିଥି, ବିଶିଷ୍ଟ କବି ଫନୀ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବିତା ଓ ଆଇନ ଏବଂ କବିତାକୁ ନେଇ ବିବିଧ ଅଭିଜ୍ଞତାର କଥା କହିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କଥାକାର ଡ. ଅଜୟ ସ୍ୱାଇଁ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଏବଂ କବି ପବିତ୍ର ମୋହନ ଦାସ ଯୋଗଦେଇ କବିତାର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଉନ୍ମୋଚିତ କବିତା ପୁସ୍ତକକୁ ସମୀକ୍ଷା କରିଥିଲେ ଲେଖିକା ମୌସୁମୀ ଦାସ। 'ଛାୟାମଞ୍ଚ'ର ପ୍ରଥମ କପି ୫ ହଜାର ଟଙ୍କା ଦେଇ କିଣିଥିଲେ ଜଣେ ପାଠିକା ସବିତା ରଥ।

# ଭୁବନେଶ୍ୱର ମାର୍କେଟ୍ ବିଲ୍ଡିଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ଭୁବନେଶ୍ୱରର କାରବାର ପେଣ୍ଠସ୍ଥଳୀ ଭାବେ କୁହାଯାଉଥିବା ମାର୍କେଟ୍ ବିଲ୍ଡିଂକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି। ରବିବାର ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ପ୍ରଶାସନ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି। ସୂଚନାନୁଯାୟୀ ମାର୍କେଟ୍ ବିଲ୍ଡିଂ ଅଞ୍ଚଳ ରାସ୍ତାପାର୍ଶ୍ୱରେ ବସୁଥିବା ଦୋକାନୀମାନେ ବଳପୂର୍ବକ ମାର୍କେଟ୍ ବିଲ୍ଡିଂ ପରିସରକୁ ପ୍ରବେଶ କରି ସେଠାରେ ସେମାନଙ୍କ ଷ୍ଟଲ୍ ବସାଇଥିଲେ ଯାହାକୁ ଟ୍ରେଡର୍ସ ୟୁନିୟନ୍ ଆସୋସିଏସନ୍‌ର ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଏପରିକି ଟ୍ରେଡର୍ସ ୟୁନିୟନ୍ ଆସୋସିଏସନର ସଦସ୍ୟମାନେ ଅଭିଯୋଗ କରିଛନ୍ତି କି ରାସ୍ତା ପାର୍ଶ୍ୱ ଦୋକାନୀମାନେ ତାଙ୍କୁ ଆକ୍ରମଣ କରିବାକୁ ପଛାଇନଥିଲେ। ପରେ ସେମାନେ କ୍ୟାପିଟାଲ ହସ୍ପିଟାଲରେ ଖବର ଦେବା ପରେ ପୋଲିସ ଘଟଣାସ୍ଥଳକୁ ଆସିଥିଲା। ସୂଚନାନୁଯାୟୀ କିଛିଦିନ ତଳେ ବିଏମ୍‌ସି ମଧ୍ୟ ମାର୍କେଟ୍ ବିଲ୍ଡିଂ ଅଞ୍ଚଳରେ ଅବୈଧ ଦୋକାନୀଙ୍କୁ ଉଚ୍ଛେଦ କରିବା ନେଇ ସୂଚନା ଜାରି କରିଥିଲା। ଏପରିକି ପ୍ରାୟ ସମୟରେ ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥାଏ। ଗତ କିଛିଦିନ ତଳେ ଉଭୟପକ୍ଷ ମଧ୍ୟରେ ବିବାଦ ଉପୁଜିବାରୁ ଉଠା



ଦୋକାନୀମାନଙ୍କୁ ବିଏମ୍‌ସି ପକ୍ଷରୁ ଉଠାଇ ଦିଆଯାଇଥିଲା। ମାର୍କେଟ୍ ବିଲ୍ଡିଂରେ ଥିବା ସ୍ଥାୟୀ ଦୋକାନୀମାନେ ଅଭିଯୋଗ କରିଥିଲେ ଯେ ଉଠା ଦୋକାନୀଙ୍କ ପାଇଁ ସେମାନଙ୍କ ବ୍ୟବସାୟରେ କ୍ଷତି ପହଞ୍ଚୁଛି। ତେବେ କିଛିଦିନ ପରେ ଉଠା ଦୋକାନୀମାନେ ପୁଣିଥରେ ଆଡ୍ଡା ଜମାଇବାରୁ ଉଭୟପକ୍ଷ ମଧ୍ୟରେ ବିବାଦ ସୃଷ୍ଟି ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା।

## ଶିକ୍ଷାବିତ୍ ଚନ୍ଦ୍ରଶେଖର ପତିଙ୍କ ପରଲୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମୂହର ଚେୟାରମ୍ୟାନ ଚନ୍ଦ୍ରଶେଖର ପତି ଶନିବାର ରାତି ଦୁଇଟାରେ ସ୍ଥାନୀୟ ଆମ୍ରି ହସପିଟାଲରେ ଇହଧାମ ତ୍ୟାଗ କରିଛନ୍ତି। ବହୁଦିନ ଧରି ସେ କିଡନୀ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ଓ ହୃଦୟବାନ ମଣିଷ ଥିଲେ। ନିଜର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ମନୋବଳ ଯୋଗୁଁ ସେ ଭୁବନେଶ୍ୱରରେ ଅନେକ ବିଦ୍ୟାଳୟ ସ୍ଥାପନ କରି ଛାତ୍ରଛାତ୍ରୀଙ୍କର ଶିକ୍ଷାରେ ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଛାତ୍ରଛାତ୍ରୀମାନେ କିପରି ଇଂରାଜୀ ମାଧ୍ୟମ ଶିକ୍ଷା ଲାଭ କରି ଜୀବନର ସବୁ କ୍ଷେତ୍ରରେ ସଫଳ ହେବେ ତାହା ହିଁ ତାଙ୍କର ଲକ୍ଷ୍ୟ ଥିଲା। ଏହାଛଡା ସେ ଜଣେ ଉଦାର ମଣିଷ ଥିଲେ। ସମସ୍ତଙ୍କ ଦୁଃଖ କଷ୍ଟ ଓ ସମସ୍ୟାକୁ ସମାଧାନ କରିବା ପାଇଁ ସେ



ସବୁବେଳେ ଆଗଭର ଥିଲେ। ତାଙ୍କପରି ଜଣେ ବିଶିଷ୍ଟ ଶିକ୍ଷାବିତ୍ ସ୍ନେହି ଓ ଆଦର୍ଶବାଦୀ ବ୍ୟକ୍ତିଙ୍କୁ ହରାଇ ବିଦ୍ୟାଳୟର ଅପୂରଣୀୟ କ୍ଷତି ଘଟିଛି। ନିଜର ପ୍ରିୟ ପରିବାର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନଙ୍କୁ ଶୋକ ସାଗରେ ଭସାଇଦେଇ ସେ ଚାଲିଯାଇଛନ୍ତି। ତାଙ୍କ ଆତ୍ମାର ସଦଗତି ପାଇଁ ବିଦ୍ୟାଳୟ ସମୂହର କର୍ମଚାରୀଗଣ ପ୍ରାର୍ଥନା କରିଛନ୍ତି।

## ରାଜ୍ୟସ୍ତରୀୟ ବିଶାଳ ମହିଳା ପାଇକ ଆଖଡା ସମାବେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୧୭ ମସିହାର ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନର ଉଦ୍‌ଯାପନ ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇର ପାଦଦେଶରେ ଓଡ଼ିଶାର ବୀରତ୍ୱପୂର୍ଣ୍ଣ ଗୌରବୋଜ୍ଜ୍ୱଳ ଐତିହ୍ୟର ସ୍ମାରକୀ ସ୍ୱରୂପ ଏକ ବିଶାଳ ସ୍ମୃତିସ୍ତମ୍ଭ ତଥା ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏଥିପାଇଁ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୯୦ କୋଟି ଟଙ୍କା ଆଇଓସିଏଲ୍‌ରୁ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାରୁ ଆସିଥିବା ପାଇକ ବାହିନୀ ଓଡ଼ିଶା ପାଇକ ଆଖଡ଼ା ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କୁ ପାଇକ କୁଳର ମଉଡ଼ ମଣି ଉପାଧି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଜୟଦେବ ଭବନ



ପରିସରରେ ଆୟୋଜିତ ବିଜୟ ଉତ୍ସବର ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଆ ଜାତିର ଅସ୍ମିତା ଓ ଗୌରବୋଜ୍ଜ୍ୱଳ ଇତିହାସର ସ୍ୱର୍ଣ୍ଣାଭ ଚିତ୍ର ଭାବରେ ପାଇକ ସ୍ମାରକୀ ଓ ସ୍ମୃତିସ୍ତମ୍ଭ ସମଗ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହ ଓଡ଼ିଆ ଜାତିର ବୀରତ୍ୱପୂର୍ଣ୍ଣ ଇତିହାସର ପରିଚୟ ପ୍ରଦାନ କରିବ ବୋଲି କହିଥିଲେ। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି, ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ବିଶିଷ୍ଟ ସମାଜସେବୀକା ସ୍ମିତା ଭ୍ରମରବର ରାୟ, ପୂର୍ଣ୍ଣିମା ଦାସ, ଲିପ୍ସା ମହାନ୍ତି, ଡଃ ଅଶୋକ ସୁନ୍ଦରାୟ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦୃଢ ଦାବି ଉପସ୍ଥାପନ କରିଥିଲେ।

# ଓଏମ୍‌ସିର ୬୭ ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଖଣି ନିଗମ (ଓଏମସି)ର ଦୁଇଦିନିଆ ୬୭ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଖଣି, ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଖଣି ନିଗମର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଓଡ଼ିଶାବାସୀଙ୍କର ସାମାଜିକ ଓ ଅର୍ଥନୀତିକ ବିକାଶରେ ଓଏମ୍‌ସି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣି ସଚିବ ଏବଂ ଓଏମସି ଅଧ୍ୟକ୍ଷ ଦେଓ ରଞ୍ଜନ କୁମାର ସିଂହ, ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲବନ୍ତ ସିଂହ, ଓଏମସି ଓ ଖଣି ବିଭାଗ ପରାମର୍ଶଦାତା ଦୀପକ ମହାନ୍ତି ଉପସ୍ଥିତ ଥିଲେ। ଓଏମ୍‌ସି ଅଧ୍ୟକ୍ଷ ଶ୍ରୀ ସିଂହ ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ ଓଡ଼ିଶା ଖଣି ନିଗମ ତା'ର ଲକ୍ଷ୍ୟ ପଥରେ ଅଗ୍ରସର ହେଉଛି ଓ ପ୍ରକୃତିକୁ ସୁରକ୍ଷା ଦେବା ସହ ଖଣି ଅଞ୍ଚଳରେ ସାମାଜିକ ଉନ୍ନତି ତଥା ଜନସାଧାରଣଙ୍କ ବିକାଶ ଦିଗରେ ଗୁରୁତ୍ୱ ଦେଉଛି। ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଲୋକଙ୍କୁ କହିଛନ୍ତି ଯେ ନିଗମ ବିଗତ ବର୍ଷରେ ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି ଏବଂ ଭାରତରେ ଶୀର୍ଷ ଖଣି କମ୍ପାନୀର ମାନ୍ୟତା ଲାଭ କରିଛି। ଏହା ଓଡ଼ିଶା ଖଣି ନିଗମରେ କାର୍ଯ୍ୟରତ ଦକ୍ଷ କର୍ମଚାରୀମାନଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବାର୍ଷିକ ପୁରସ୍କାର ବିତରଣ କରାଯାଇଥିଲା। ବିଭିନ୍ନ ବିଭାଗରେ, ଯଥା ଶ୍ରେଷ୍ଠ ଅଂଚଳ, ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି, ଶ୍ରେଷ୍ଠ ୟୁନିଟ, ସୁରକ୍ଷା ଦିଗରୁ ଶ୍ରେଷ୍ଠ ଖଣି, ସିଏସଆର କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ସଂପାଦନ ପାଇଁ ଏବଂ ଶ୍ରେଷ୍ଠ ପୁରୁଷ ଓ ମହିଳା କାର୍ଯ୍ୟନିର୍ବାହୀଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଶା ଖଣି ନିଗମର କର୍ମଚାରୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ନୃତ୍ୟ, ଗୀତ, ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମ ଓ ଅଭିନିତ ନାଟକ ଉପସ୍ଥିତ ଦର୍ଶକଙ୍କର ମନ ମୋହିନେଇଥିଲା।

## କବି ରଞ୍ଜନ କୁମାର ଦାସଙ୍କ ତିନୋଟି ପୁସ୍ତକ ଉନ୍ମୋଚିତ

କଟକ(ଭାସ୍କର ନ୍ୟୁଜ): ବିଶିଷ୍ଟ ପ୍ରଶାସକ ଓ ସାହିତ୍ୟିକ ରଞ୍ଜନ କୁମାର ଦାସଙ୍କ ରଚିତ ଲଳିତ ନିବନ୍ଧ ସଂକଳନତ୍ରୟ 'ଅସନ୍ତୋଷର ପୃଥିବୀ', 'ଥାଇ ଘୋର ଜଳେଣ' ଏବଂ 'ଶବ୍ଦ ଶସ୍ତ୍ର'ର ଉନ୍ମୋଚନ ଉତ୍ସବ କଟକ ଶାରଳା ଭବନରେ ଉନ୍ମୋଚନ ହୋଇଯାଇଛି। ଶାରଳା ସାହିତ୍ୟ ସଂସଦର ସଭାପତି ସାହିତ୍ୟିକ ଡଃ ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ପ୍ରାକ୍ତନ ଅତିରିକ୍ତ ମୁଖ୍ୟଶାସନ ସଚିବ ଡଃ ରବି ନାରାୟଣ ସେନାପତି, କଟକ ଜିଲ୍ଲାପାଳ ଡଃ ଭବାନୀ ଶଙ୍କର ଚୟନୀ, ପ୍ରାବନ୍ଧିକ ଡଃ ବୈଷ୍ଣବ ଚରଣ ମହାନ୍ତି ଏବଂ ନାଟ୍ୟକାର ଡଃ ବିଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚିତ କରିଥିଲେ। ଡକ୍ଟର ସେନାପତି 'ଶବ୍ଦ ଶସ୍ତ୍ର' ପୁସ୍ତକକୁ ଉନ୍ମୋଚିତ କରି ସାମ୍ପ୍ରତିକ ଘଟଣାବଳୀ ଗୁଡ଼ିକୁ ପୁସ୍ତକରେ ନିଛକ ଭାବେ ଚିତ୍ରଣ କରାଯାଇଛି ବୋଲି କହିଥିଲେ।

## ତାମିଲନାଡୁ ଓ ଓଡିଶା ଆନ୍ତଃରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ତାମିଲ ସଙ୍ଗମ ଆନୁକୂଲ୍ୟରେ ଓ ତାମିଲନାଡୁ ସରକାରଙ୍କ ନୃତ୍ୟ, ସଂଗୀତ ଓ ନାଟକ ଏକାଡେମୀ ସହଯୋଗରେ ୩୦ତମ ପ୍ରତିଷ୍ଠା ଦିବସ, ସ୍ୱାଧୀନତା ସଂଗ୍ରାମୀ ତଥା ତାମିଲ ବିପ୍ଳବୀ କବି ସୁବ୍ରମଣ୍ୟମ ଭାରତୀଙ୍କ ଶତାବର୍ଷିକ ଶ୍ରାଦ୍ଧଦିବସ ଓ ତାମିଲ ପଣ୍ଡିତ ମାରାମଲେଇ ଆଡିଗଲଙ୍କ ଜନ୍ମଦିନ ନୟାପଲ୍ଲୀ ଭିଆଇପି କଲୋନୀ ପରିସରରେ ପାଳିତ ହୋଇଯାଇଛି। ତାମିଲ ସଙ୍ଗମର ସଭାପତି ଏସ. ଦୁରେଇସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ତାମିଲନାଡୁ ସରକାରଙ୍କ ନୃତ୍ୟ, ସଂଗୀତ ଓ ନାଟକ ଏକାଡେମୀର ଅଧ୍ୟକ୍ଷ ଚନ୍ଦ୍ର ଶେଖର, ମୁଖ୍ୟ ଅତିଥି, ତାମିଲନାଡୁର ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ଉଲଗାନାଏଗି, ମୁଖ୍ୟବକ୍ତା, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ଼. ମୁରୁଗେସନ ସମ୍ମାନିତ ଅତିଥି



ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ତାମିଲ ସଙ୍ଗମର ସାଧାରଣ ସମ୍ପାଦକ ଟି.ବି.ଟି ଆନସାରୀ ସ୍ୱାଗତ ଭାଷଣ ଦେବ ସହ ଓ ସମାରୋହ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତାମିଲ ସଙ୍ଗମର ପୂର୍ବତନ ସାଧାରଣ ସମ୍ପାଦକ ଏନ. କାଶୀନାଥନ ଧନ୍ୟବାଦ ଅର୍ପଣ କରିଥିଲେ। ତାମିଲ ସଙ୍ଗମ ର ସଭାପତି ଦୁରାଇସ୍ୱାମୀ ଓ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦ୍ୟସ୍ୟ ସଚିବ ମୁରୁଗେସନ ଉପସ୍ଥିତ ଅତିଥି ଓ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତାମିଲ ସଙ୍ଗମର ଅନନ୍ତ ରମଣ, ଏମ.ଜି ରାଜା, ଭାରତୀ ପ୍ରିୟନ, ସଚ୍ଚିଦାନନ୍ଦମ, ଶିବ ସେନଥିଲ, ରମେଶ ବାବୁ, ବିଜୟ ନାଥନ ଓ ତାମିଲ ସଙ୍ଗମର ମହିଳା ସଂଗଠନ ପରିଚାଳନା କରିଥିଲେ।

# ରାଜ୍ୟ ଖବର



ରାୟଗଡ, (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ରାୟଗଡା ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଜିଲ୍ଲା ଯୁବ ସଭାପତି ଶ୍ରୀ ଦେବାଶିଷ ଖାଡ଼ଙ୍ଗା ଏବଂ ଛାତ୍ର ସଭାପତି ଶ୍ରୀ ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ଆଜି ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡ଼ା ହନୁମାନ ମନ୍ଦୀର ପରିସରରେ ଆୟୋଜିତ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ମାନ୍ୟବର ଅନୁସୂଚି ଜାତି,ଜନଜାତି କଲ୍ୟାଣ ତଥା ପଛୁଆ ବର୍ଗ ଉନ୍ନୟନ ଏବଂ ଆଇନ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା। ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳର ଉପସଭାପତି ଶ୍ରୀ ଅମିତ ମହାରଣା, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଶ୍ରୀ କମଳ ମୁଟିକା, ଯୁବ ସମ୍ପାଦକ ଶ୍ରୀ ସଞ୍ଜୟ ପ୍ରଧାନ, ରାମନାଗୁଡା ବ୍ଲକ ଯୁବ ସଭାପତି ଶ୍ରୀ ରମେଶ ଶବର, ଛାତ୍ର ବ୍ଲକ ସଭାପତି ଶ୍ରୀ ଦୀପକ ଦାଶ, ଯୁବ ନେତା ଶ୍ରୀ ଅଶ୍ୱିନୀ ରାଉଳ, ଶ୍ରୀ ସନ୍ତୋଷ ପାଣିଗ୍ରାହୀ, ଶ୍ରୀ ଶିଙ୍କୁ ପଣ୍ଡା, ଶ୍ରୀ ଜି.ଭାସ୍କର, ଶ୍ରୀ ସଞ୍ଜୟ ଗମାଙ୍ଗ, ରାମନାଗୁଡା ବ୍ଲକ୍ ର ବରିଷ୍ଠ ନେତା ଶ୍ରୀ ଜଗଦୀଶ ନାୟକ ବେହେରା, ଶ୍ରୀ ଜି.କାରିଆନା, ଭାମିଣି ପଞ୍ଚାୟତ ସଭାପତି ଶ୍ରୀ ଜି.ଲୋକେଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜୋରଧରିଲା ରାସ୍ତାର ଉନ୍ନତିକରଣ ଦାବି

ବଡସାହି,(ଭାସ୍କର ନ୍ୟୁଜ): ବଡସାହି ବ୍ଲକ୍ ଅଧିନ ପ୍ରତାପପୁର ପଞ୍ଚାୟତର ପ୍ରତାପପୁର ଛକ ଠାରୁ ଗାଁ ମଧ୍ୟ ଦେଇ ଏକ ପୂର୍ତ୍ତ ବିଭାଗ ରାସ୍ତା ଜିଲ୍ଲା ମୂଖ୍ୟାଳୟ,ବାରିପଦା ପର୍ଯ୍ୟନ୍ତ ଯାଇଛି। ପ୍ରତାପପୁର ଛକ ନିକଟରେ ଏହି ରାସ୍ତା ଉପରେ ପାଣି ଠିକ୍ ଭାବେ ନିଷ୍କାସନ ହୋଇ ପାରୁ ନ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ପାଇଁ ଏହି ସମସ୍ୟା ଦ୍ୱିଗୁଣିତ ହୋଇ ଯାଇଛି। ଏହି ସମସ୍ୟା ଦିନେ ଅଧେର ନୁହଁ ଏହା ବର୍ଷବର୍ଷର ସମସ୍ୟା। ତଥାପି ବିଭାଗ ପକ୍ଷରୁ କୌଣସି ଅଖିଦୃଷ୍ଟିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ଆପତ୍ତି ଅଭିଯୋଗ ପରେ ଏହି ରାସ୍ତାର ୪ଶହ ମିଟର ଉନ୍ନତିକରଣ ସହିତ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଗତ ଜାନୁୟାରୀ ୨୦୨୧ରୁ ଟେଣ୍ଡର ସରିଥିବାର ଜଣାଯାଇଛି। ମାତ୍ର ଏହି ରାସ୍ତା ଉପରେ କିଛି ଜବରଦଖଲ ଥିବାରୁ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିଠି ନମ୍ବର-୧୧୩/୨୧ରେ ତହସିଲ ପକ୍ଷରୁ ଏହାକୁ



ଉଚ୍ଛେଦ କରିବା ପାଇଁ ତତ୍କାଳୀନ ତହସିଲଦାରଙ୍କୁ ଚିଠି କରାଯାଇଥିଲା। ମାତ୍ର ଅଦ୍ୟାବଧି ତାହା ଶୀତଳ ଭଣ୍ଡାରରେ ପଡ଼ିରହିଥିଲା। ସମ୍ପୃକ୍ତ ବିଭାଗ ପକ୍ଷରୁ ପୁନଃର୍ବାର ଚିଠି ନମ୍ବର-୨୩୫, ତା ୨୮ ଏପ୍ରିଲ ୨୦୨୨ରେ ବଡସାହ ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଯାହା ଫଳରେ କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇପାରୁ ନାହିଁ। ଏହାକୁ ନେଇ ଅସନ୍ତୋଷ ତୀବ୍ର ଦେଖାଦେଇଥିଲା। ସାମାନ୍ୟ ବର୍ଷାରେ ଏହି ରାସ୍ତା ଉପରେ ଆଣ୍ଠୁଏ ପାଣି ଲହଡି ମାରୁଛି। ଏହି ସ୍ଥାନଟି ପଞ୍ଚାୟତର ମୂଖ୍ୟ ସ୍ଥାନ ହୋଇଥିବା ବେଳେ ଏହି ରାସ୍ତା ଦେଇ ଲୋକମାନେ ପ୍ରତାପପୁର ଛକ, ସାପ୍ତାହିକ ହାଟ, ପଞ୍ଚାୟତ କାର୍ଯ୍ୟାଳୟ, ଜଗନ୍ନାଥ ମନ୍ଦିର, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଓ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ସେହିପରି ବାରିପଦାକୁ ଯିବା ପାଇଁ ପ୍ରତିଦିନ ଶହ ଶହ ଲୋକ ଓ ଗାଡି ମଟର ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପାଣି ଜମି ରହି ରାସ୍ତାଟି ମଧ୍ୟ ଖାଲ ଖମାରେ ଭର୍ତ୍ତି ହୋଇ ଗଲାଣି। ତଥାପି ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ନିଦ ଭାଙ୍ଗୁ ନ ଥିବାରୁ ସାଧାରଣ ଲୋକେ ଆନ୍ଦୋଳନ ପାଇଁ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଦୀର୍ଘ ଦିନର ଦାବୀ ସଫଳ ହେବାକୁ ଯାଉଛି। ପୂର୍ତ୍ତବିଭାଗ ରାସ୍ତାରୁ ଜବରଦଖଲ ଉଚ୍ଛେଦ ହେବା ସହିତ ନୂତନ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଆଶା ଉଜ୍ଜଳ ହୋଇଛି। ଲୋକଙ୍କ ଦାବୀକୁ ନେଇ ବଡସାହି ବ୍ଲକ୍ ଅଧିନ ପ୍ରତାପପୁର ପଞ୍ଚାୟତର ସରପଞ୍ଚ ହରିଶଙ୍କର ନାଏକ ଓ ସମିତି ସଭ୍ୟ ରତନ ସର୍ଦାର ବାରିପଦାରେ ଚାଲିଥିବା ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ କରିବା ସହିତ ଏହି ରାସ୍ତାର ଉନ୍ନତିକରଣ ଦାବୀକୁ ଦୋହରାଇଥିଲେ।

## ଆକ୍ରମଣରେ ଗାଁର ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ

ଅସ୍ତରଙ୍ଗ :(ଭାସ୍କର ନ୍ୟୁଜ): ମାତିଛନ୍ତି ବିଲୁଆ। ପନ୍ଦରରୁ ଊର୍ଦ୍ଧ ଲୋକଙ୍କୁ ଗତକାଲି ରାତିରେ କାମୁଡିଛନ୍ତି। ତାହା ସହ ଅନେକ ଗାଇ ଗୋରୁଙ୍କୁ କାମୁଡ଼ି ଅକ୍ରମନ୍ୟ ମଧ କରିପକାଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ଅନନ୍ତା ଗାଁ ରେ ବିଲୁଆ ଆତଙ୍କରେ ଆତଙ୍କିତ ଗ୍ରାମବାସୀ। ଦୁଇ ଦିନ ହେବ ସନ୍ଧ୍ୟାରୁ ଦଶରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ବିଲୁଆ କାମୁଡ଼ି ଥିବା ଜଣାଯାଇଛି। ସେହିପରି ପନ୍ଦରରୁ ଅଧିକଗୋରୁ ଗାଇଙ୍କୁ ବିଲୁଆ ଆକ୍ରମଣ କରିଥିବା ଗ୍ରାମବାସୀ କହିଛନ୍ତି। ମଙ୍ଗୁଳି ନାୟକ, ପ୍ରସନ ନାୟକ, ସମେତ ଦଶ ଜଣଙ୍କୁ ବିଲୁଆ ଆକ୍ରମଣର ଶିକାର ହୋଇସାରିଛନ୍ତି। ଆଉ ଏମାନଙ୍କ ଭିତରୁ କିଛି ବ୍ୟକ୍ତିଙ୍କ ଘରେ ପଶି ବିଲୁଆ କାମୁଡ଼ି ଦେଇଛି। ତ ଆଉ କିଏ ବାହାରକୁ ଯାଇଥିବା ବେଳେ ସେମାନଙ୍କୁ ବିଲୁଆ ଆକ୍ରମଣ ଶିକାର ହେବାକୁ ପଡ଼ିଛି। ଆଜି ସକାଳେ ସମସ୍ତେ ଡାକ୍ତରଖାନାକୁ ଇଞ୍ଜେକ୍ସନ ନେବାକୁ ଯାଇଥିବା ଜଣାପଡ଼ିଛି। ବିଲୁଆ ଆତଙ୍କକୁ ନେଇ ଗାଁରେ କୋକୁଆ ଭୟ। ଲୋକମାନେ ଭୟରେ ହାତରେ ଠେଙ୍ଗା ଧରି ଜଗିବସୁଛନ୍ତି। ଏ ପର୍ଯ୍ୟନ୍ତ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନାହିଁ।

## ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଙ୍ଘ ପକ୍ଷରୁ ପାରିଶ୍ରମିକ ବୃଦ୍ଧି ଦାବି



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ) : ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ଜିଲ୍ଲା ସଭାପତି ସାଥି ସୋହନା ବେଗମଙ୍କ ସଭାପତିତ୍ୱରେ ଗୋପସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ସାଥି ଦମୟନ୍ତୀ ସାମଲ ବିବରଣୀ ଉପସ୍ଥାପନ କରିଥିଲେ। ପାଚିକାମାନଙ୍କ ଦରମା ମାସିକ ମାତ୍ର ୧୪ଶହ ଟଙ୍କା ଆଜିର ମହରଗ ଦୁନିଆରେ ଯେଉଁଭଳି ଦର ବୃଦ୍ଧି ହୋଇ ଚାଲିଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। କେନ୍ଦ୍ର ବା ରାଜ୍ୟ ସରକାର ପାଚିକାମାନଙ୍କ ଦୁଃଖ ବୁଝୁ ନାହାନ୍ତି। ତେଣୁ ତୁରନ୍ତ ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବା ସହ ସେମାନଙ୍କୁ ଛୁଟି ପ୍ରଦାନ, ପେନସନ ପ୍ରଦାନ, ୧୨ମାସର ଦରମା ପ୍ରଦାନ ଦାବିରେ ଆସନ୍ତା ୧୬ ତାରିଖରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଏଥିସହିତ ଆସନ୍ତା ଅଗଷ୍ଟମାସ ୩୦ତାରିଖରେ ସମସ୍ତ ପାଚିକା ଓ ସହାୟିକାମାନେ ସ୍କୁଲ ରୋଷେଇ ବନ୍ଦ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ଚେତାବନୀ ଦିଆଯାଇଛି। ଏହି ବୈଠକରେ ଏଆଇଟିୟୁସି ନେତା ରମଣୀରଞ୍ଜନ ରାଉତରାୟ, ମହାକାଳପଡା ବ୍ଲକ ସଭାପତି ଶ୍ରାବଣୀ ପ୍ରଧାନ, ସମ୍ପାଦିକା ବିଥିକା ସରକାର, ଆରତୀ ରାଏ, କୁଙ୍କୁମଣୀ ରାୟ, ପଟ୍ଟାମୁଣ୍ଡାଇ ସମ୍ପାଦକ ହେମଲତା ପ୍ରଧାନ, ଅଜୟ ମଳିକ, ସଞ୍ଜୟ କୁମାର ବସନ୍ତରା, ଡେରାବିଶ ସମ୍ପାଦିକା ଅନିତା ନାୟକ, ରାଜନଗର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମଣ୍ଡଳ, ଆଳି ବ୍ଲକର ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବର୍ଷା ନହେବାରୁ ଚିନ୍ତାରେ ଚାଷୀ

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆରେ ବର୍ଷା ନାହିଁ ଫାଟି ଆଁ କଲାଣି ଧାନ ବିଲ। ଚାଷ ନ ହେଲେ କେମିତି କରିବେ ପରିବାର ପ୍ରତି ପୋଷଣ ଚିନ୍ତାରେ ଚାଷୀ। କରଞ୍ଜିଆ ଉପଖଣ୍ଡ ରେ ଖରିଫ ଧାନ ଚାଷର ସ୍ଥିତି ଉଦବେଗ ଜନକ ହେଲାଣି। ମୌସୁମୀ ବର୍ଷା ନାହିଁ କେବଳ ଲଘୁଚାପ ଜନିତ ବର୍ଷାରେ ଚାଲିଥିଲା ଚାଷ କାମ। ଲଘୁଚାପ ବର୍ଷା ହେବା ପରେ ଚାଷୀ ମନରେ ଖୁସି ଦେଖିବାକୁ ମିଳିଥିଲା। ଆଗକୁ ବର୍ଷା ହେବ ଭାବି ଚାଷ କାର୍ଯ୍ୟ ଆରମ୍ଭ କରି ଧାନ ରୁଆ ଠୁ ଆରମ୍ଭ କରି ଚାଷ ଜମିକୁ ଧାନ ରଇବା ଉପଯୋଗୀ କରିଥିଲେ ଏବଂ ୩୦ ରୁ ୪୦ ପ୍ରତିଶତ ଜମିରେ ଧାନ ରୁଆ ବେଉଷଣ ମଧ୍ୟ କଲେ ଚାଷୀ କିନ୍ତୁ ଦୁର୍ଭାଗ୍ୟ ବର୍ଷା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲା। ଯାହାଫଳରେ ଏବେ ଧାନ ବିଲ ଫାଟି ଆଁ କଲାଣି। ଚିନ୍ତାରେ ପଡ଼ିଛନ୍ତି ଚାଷୀ ପରିବାର ପ୍ରତି ପୋଷଣ କେମିତି କରିବେ।



ଘରେ ଯାହା ଥିଲା ଚାଷ ଅମଳ ଆଶାରେ ବିଲରେ ଲଗାଇଲେ କିନ୍ତୁ ସବୁ ଫସର ଫାଟିଗଲା। ପଡିଆ ପଡ଼ିଛି ବିଲ, ତଳି ଘେରିରେ ରହିଛି। ଥରେ ଚିନ୍ତା କରନ୍ତୁ ଯେତେ କଳ କାରଖାନା ଏବଂ ଆପଣଙ୍କ ପାଖରେ ଯେତେ ଟଙ୍କା ପଇସା ଥିଲେ କଣ ହେବ ଯଦି ଆପଣ ପାଖରେ ଖାଦ୍ୟ ନ ଥିବ ତା ହେଲେ ଜିବନ ଜିଁ ବେ କେମିତି। ଚାଷୀ ଚାଷ କରି ବଳକା ଶସ୍ୟ ବିକ୍ରି କରିବା ଦ୍ୱାରା ଆମେ ଆହାର ପାଉଛନ୍ତି। କିନ୍ତୁ ଚଳିତ ବର୍ଷ ବର୍ଷା ନାହିଁ ବିଲ ଫାଟି ମରିବାକୁ ବସିଲାଣି ଧାନ ଗଛ। ତଥାପି ଚାଷୀ ଭାଙ୍ଗି ପଡ଼ିନି, ଭରଷା ତୁଟିନି ଚାଷୀ ଆସିଛି ଲ୍ୟାମ୍ପକୁ ପଞ୍ଜିକରଣ ପାଇଁ। ନିଜ ନାମ ପଞ୍ଜିକରଣ କରିବ ଏବଂ ସରକାରୀ ମଣ୍ଡିରେ ସରକାର ଧାର୍ଯ୍ୟ କରିଥିବା ମୂଲ୍ୟ ରେ ଧାନ ବିକିବ।

## ଫାଣ୍ଡି ଅଫିସ ନିର୍ମାଣରେ ଅନିୟମିତତା: ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଆଇନଜୀବୀ



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ): ପାଟକୁରା ନିର୍ବାଚନମଣ୍ଡଳୀ ରାଜ୍ୟ ରାଜନୀତିରେ ସର୍ବଦା ବେଶ ଚର୍ଚ୍ଚାରେ ଥାଏ। ଏହି ନିର୍ବାଚନମଣ୍ଡଳୀରେ ରହିଛି କୁଦାନଗରୀ। କୁଦାନଗରୀ ଏକ ତୀର୍ଥ ସ୍ଥଳୀ। ମାଘ ସପ୍ତମୀରେ ଲକ୍ଷ ଲକ୍ଷ ଭକ୍ତଙ୍କର ସେଠାରେ ସମାଗମ ହୋଇଥାଏ। ସେହି କାରଣରୁ ଏଠାରେ ଏକ ଫାଣ୍ଡି ନିର୍ମାଣ କରିବା ପାଇଁ ସରକାର ଯୋଜନା କରିଥିଲେ। ଏ ନେଇ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ନିର୍ଦ୍ଦେଶ ଅନୁଯାୟୀ ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା। କିନ୍ତୁ କିଛି ଦିନ ନିର୍ମାଣ କାର୍ଯ୍ୟ ହେବା ପରେ ଆଉ କାମ ଆଗେଇଲା ନାହିଁ। ନିର୍ମାଣ କାର୍ଯ୍ୟ ଆଗେଇବା ପାଇଁ ଗୃହ ବିଭାଗ ନିର୍ଦ୍ଦେଶ ଦେଲା। କିନ୍ତୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଗଲା ନାହିଁ। ଯାହା ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସୁଧାଂଶୁ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ଦାସ ଏଥିରେ ଉଲ୍ଲେଖ କରିଛନ୍ତି ଯେ ଏ ସଂକ୍ରାନ୍ତରେ ସେ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ, ଡିଜି ଓ ଗୃହ ବିଭାଗକୁ ମଧ ଜଣାଇଛନ୍ତି। ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥରେ ଆଞ୍ଚ ଆସିବା କାରଣରୁ ସେଠାରେ ଫାଣ୍ଡି ନିର୍ମାଣ କାର୍ଯ୍ୟକୁ ଅଟକାଇ ଦିଆଗଲା। ଅପରପକ୍ଷରେ କୋରୁଆରେ ଫାଣ୍ଡି ନିର୍ମାଣ ଆରମ୍ଭ କରାଗଲା। କୋରୁଆରେ ଫାଣ୍ଡି ନିର୍ମାଣ କରିବା ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନାହିଁ। ତେଣୁ କେଉଁ ନିର୍ଦ୍ଦେଶ ବଳରେ ଫାଣ୍ଡି ନିର୍ମାଣ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ସେ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଗୋଟିଏ ପଟେ କୁଦାନଗରୀରେ ଫାଣ୍ଡି ନିର୍ମାଣ ପାଇଁ ଯେତିକି ଅର୍ଥ ଖର୍ଚ୍ଚ ହୋଇଛି ତାହା ସରକାରୀ ଅର୍ଥ। ତେଣୁ ସେହି ଅର୍ଥ କାହାଠାରୁ ଭରଣା କରାଯିବ। ଗୃହ ବିଭାଗ ନିର୍ଦ୍ଦେଶକୁ ଅବମାନନା କରିଥିବା ସରକାରୀ ବାବୁମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀ ଶ୍ରୀ ଦାସ ଦାବି କରିଛନ୍ତି।

## ଦୁର୍ଘଟଣାରେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁ

ଭଞ୍ଜନଗର, (ଭାସ୍କର ନ୍ୟୁଜ): ରବିବାର ସଡ଼କ ଦୁର୍ଘଟଣାରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀ ଜିତେନ୍ଦ୍ର ବେହେରା (୩୯)ଙ୍କ ଅକାଳ ବିୟୋଗ ଘଟିଛି। ଖବର ନେବାରେ,ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ବଡ଼ଗୁହାରି ଗ୍ରାମର ଜିତେନ୍ଦ୍ର ବେହେରା ନିଜର ବାଇକ ଯୋଗେ କର୍ମକ୍ଷେତ୍ର ଜି.ଉଦୟଗିରି ଠାରୁ ଭୁବନେଶ୍ୱର ଯାଉଥିବା ବେଳେ ହଠାତ ଗୋଟିଏ ବୁଲା କୁକୁର ଆସିଯିବାରୁ ତାଙ୍କ ବାଇକ ଭାରସାମ୍ୟ ହରାଇ ଗୋଟିଏ ଗଛକୁ ଧକା ଦେବାରୁ ଜିତେନ୍ଦ୍ର ଗାଡ଼ିରୁ ଛିଟିକି ପଡ଼ିବା ସହ ତାଙ୍କ ମୁଣ୍ଡ ନିକଟରେ ଥିବା ଏକ କଲଭର୍ଟକୁ ବାଡ଼େଇହେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ଆମ୍ବୁଲାନ୍ସ ଯୋଗେ ଜଗନ୍ନାଥ ପ୍ରସାଦ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚମ୍ପୁଆ ବଜାରରେ ୨ ଦୋକାନରୁ ଚୋରି

ଚମ୍ପୁଆ, (ଭାସ୍କର ନ୍ୟୁଜ): ଚମ୍ପୁଆ ମହାବୀର ଛକ ନିକଟ ୨ ଟି ଦୋକାନର ଛପର ଭାଙ୍ଗି ଚୋରୀ ହୋଇଥିବା ଜଣା ପଡ଼ିଛି। ଚୋରମାନେ ଚୋରି କରିବା ପୂର୍ବରୁ ୨ ଦୋକାନ ପାର୍ଶ୍ୱରେ ଲାଗିଥିବା ସିସିଟିଭିର ସମ୍ପର୍କ ଛିନ୍ନ କରି ଦୋକାନ ଭିତରେ ପଶି ଚୋରି କରିବାରେ ସଫଳ ହୋଇଛନ୍ତି। ଆଶ୍ଚର୍ଯ୍ୟର କଥା ଯେ ମହାବୀର ଛକରେ ରାତି ସାରା ପୋଲିସ ପହରା ରହିଥିବା ସତ୍ତ୍ୱେ ଚୋରମାନେ ପ୍ରଦୀପ ନନ୍ଦଙ୍କ ଔଷଧ ଦୋକାନ ଓ ରୁପେଶ ରାମଙ୍କ ତେଜରାତି ଦୋକାନରୁ ଚୋରି କରି ନେଇଥିଲେ ମଧ୍ୟ ପୋଲିସ ଏ ଚୋରୀ ସମ୍ପର୍କରେ ଟେର ପାଇପାରି ନ ଥିଲା।

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୧୩୯ Vol. 19 No-139 1 AUGUST 2022 MONDAY BHUBANESWAR ସୋମବାର, ୧ ଅଗଷ୍ଟ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦

## ଭାରୋତ୍ତୋଳନରେ ପଦକ ବର୍ଷା

# ଜେରେମି ଜିଣିଲେ ସ୍ୱର୍ଣ୍ଣ



- ଭାରତକୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ
- ୬୭ କେଜି ବର୍ଗରେ ଜେରେମିଙ୍କୁ ସଫଳତା
- ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ ମୀରାବାଈ ଚାନୁ

ବର୍ମିଂହାମ୍, ୩୧ ।୭ : ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ତ୍ରିରଙ୍ଗା ଉଡ଼ାଇଛନ୍ତି ଭାରତୀୟ। ରବିବାର ଭାରୋତ୍ତୋଳନରେ ଭାରତକୁ ମିଳିଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଶନିବାର ମୀରାବାଈ ଚାନୁ ୨୦୧ କେଜି ଭାରୋତ୍ତୋଳନ କରି ଏକ ନୂଆ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିବା ପରେ ରବିବାର ୩୦୦ କେଜି ଭାରୋତ୍ତୋଳନ କରି ଜେରେମି ଲାଲରିନୁଙ୍ଗା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୬୭ କେଜି ବର୍ଗରେ ଜେରେମି ଭାରତ ପାଇଁ ଏହି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ବେଳେ ରେକର୍ଡ କରି ୧୪୦ କିଲୋ ଓଜନ ଉଠାଇଥିଲେ। ସେହିଭଳି କ୍ଲିନ୍ ଆଣ୍ଡ ଜର୍କ ରାଉଣ୍ଡରେ ୧୬୦ କିଲୋ ଓଜନ ଉଠାଇଥିଲେ। ଅର୍ଥାତ୍ ପୂରା ଗେମ୍ସରେ ସେ ୩୦୦ କେଜି ଓଜନ ଉଠାଇ ରେକର୍ଡ କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୩ୟ ଦିନ ସୁଦ୍ଧା ଭାରତ ୫ଟି ପଦକ ହାସଲ କରିଛି। ଏହାମଧ୍ୟରେ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜେତା ମୀରାବାଈ ଚାନୁ ୪୯ କେଜି ଭାରୋତ୍ତୋଳନ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିଭଳି ସଙ୍କେତ ମହାଦେବ ପୁରୁଷ ଭାରୋତ୍ତୋଳନ ବର୍ଗରେ ଏବଂ ବିନ୍ଦ୍ୟାରାଣୀ ଦେବୀ ୫୫ କିଲୋ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ଗୁରୁରାଜା ପୂଜାରୀ ୬୧ କିଲୋ ଭାରୋତ୍ତୋଳନ ବର୍ଗରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏହି କ୍ରୀଡ଼ାବିତମାନେ ଭାରତ ପାଇଁ ବେଶ୍ ସଫଳତା ଆଣିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି। ସେମାନଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ଜଣେ ପାନ ଦୋକାନୀ ଅନ୍ୟ ଜଣେ ଡ୍ରାଇଭରଙ୍କ ପୁଅ

ନୂଆଦିଲ୍ଲୀ, ୩୧ ।୭ : ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରୋତ୍ତୋଳନରେ ଭାରତକୁ ମିଳିଛି ୫ ପଦକ। ମୀରାବାଈ ଚାନୁ, ଜେରେମି ଲାଲରିନୁଙ୍ଗା ଓ ବିନ୍ଦ୍ୟାରାଣୀଙ୍କ ପରେ ରେକର୍ଡ କରିଛନ୍ତି ସଙ୍କେତ ମହାଦେବ ଓ ଗୁରୁରାଜା ପୂଜାରୀ। ତେବେ ଏସମସ୍ତଙ୍କ ସଫଳତାର କାହାଣୀ ମର୍ମସ୍ପର୍ଶୀ। ଏହା ପ୍ରତିଟି ଭାରତୀୟଙ୍କ ପାଇଁ ପ୍ରେରଣାର ସ୍ରୋତ। କେହି ନିପଟ ଗାଁର ଚାଷୀର ଝିଅ ତ ଆଉ କିଏ ପାନଦୋକାନୀ ଅଥବା ଡ୍ରାଇଭରଙ୍କ ପୁଅ। ଅତି ଜଟିଳ ପରିସ୍ଥିତିରୁ ଏମାନଙ୍କ ସଫଳତାର ମୂଳଦୂଆ ପଡ଼ିଛି। ଭାରୋତ୍ତୋଳନରେ ଭାରତକୁ କାଂସ୍ୟପଦକ ଦେଇଥିବା ଗୁରୁରାଜା ପୂଜାରୀଙ୍କ କାହାଣୀ କୌଣସି ଚଳଚ୍ଚିତ୍ର ଠାରୁ କମ୍ ନୁହେଁ। ୨୦୦୮ ଅଲିମ୍ପିକ୍ସ ଗେମ୍ସରେ ଯେତେବେଳେ ସୁଶୀଲ କୁମାର କୁସ୍ତିରେ ମେଡାଲ ଜିତିଲେ ସେତେବେଳେ କ୍ରୀଡ଼ାରେ ଭାଗ୍ୟ ପରୀକ୍ଷା କରିବା ପାଇଁ ଗୁରୁରାଜା ନିଷ୍ପତ୍ତି ନେବା ସହ ଆଖଡ଼ାଶାଳରେ ଯୋଗ ଦେଲେ। କିନ୍ତୁ ପ୍ରଶିକ୍ଷକ ତାଙ୍କୁ ଭାରୋତ୍ତୋଳନରେ ସାମିଲ ହେବାକୁ ପ୍ରବର୍ତ୍ତାଇଲେ। ହେଲେ କର୍ଣ୍ଣାଟକ କୁଣ୍ଡପାରାରେ ଜଣେ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଗୁରୁରାଜାଙ୍କ ବାପାଙ୍କ ପାଇଁ ଏହା ସହଜ ନଥିଲା। ଏପରିକି ଖେଳରେ ଖାଦ୍ୟପେୟ ସହ ସପ୍ଲିମେଣ୍ଟ ନେବା ପାଇଁ ତାଙ୍କ ପାଖରେ ଅର୍ଥ ନଥିଲା। ହେଲେ ଟ୍ରକ୍ ଚଳାଇ ପରିବାର ପୋଷୁଥିବା ବାପା ତାଙ୍କୁ ଉତ୍ସାହିତ କରିବା ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ଅଧିକ ସମୟ ପରିଶ୍ରମ କରି ଖାଦ୍ୟପେୟ ସହ ସବୁ ଉପକରଣ ମଧ୍ୟ ଯୋଗାଇ ଦେଇଥିଲେ। ବାସ୍ ତା'ପରେ ସେ ଆଉ ପଛକୁ ଫେରିନଥିଲେ। ସେହିପରି ରୌପ୍ୟ ପଦକ ବିଜେତା ସଙ୍କେତ ସରଗରଙ୍କ ବାପା ଜଣେ ପାନ ଦୋକାନୀ। ତାଙ୍କ ପୁଅର ସଫଳତାରେ ସେ ବେଶ୍ ଗର୍ବିତ ବୋଲି କହିଛନ୍ତି।

## ମଙ୍କିପକ୍ସ ନେଇ ରାଜ୍ୟ ସରକାର ପ୍ରସ୍ତୁତ

# ଆର୍‌ଏମ୍‌ଆର୍‌ସିରେ ହେବ ନମୂନା ପରୀକ୍ଷା



ସଂଘମିତ୍ରା ପତି

ଭୁବନେଶ୍ୱର, ୩୧ ।୭, (ଭାସ୍କର ନ୍ୟୁଜ୍) : ସାରା ବିଶ୍ୱରେ ଆତଙ୍କ ଖେଳାଇଛି ମଙ୍କିପକ୍ସ। ଭାରତ ସମେତ ୭୮ଟି ରାଷ୍ଟ୍ରରେ ଏହା ତା'ର କାୟା ମେଲାଇ ଚାଲିଛି। ଆମ ଦେଶ ଭାରତରେ ମଧ୍ୟ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଯଦିଓ ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି ତଥାପି ଦେଶବାସୀଙ୍କ ମନରୁ ଭୟ ଦୂର ହୋଇପାରି ନାହିଁ। ମଙ୍କିପକ୍ସ ନେଇ ସତର୍କ ରହିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇବା ସହ ନୂଆ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରିଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ଯଦିଓ ମଙ୍କିପକ୍ସର ଆତଙ୍କ ସୃଷ୍ଟି ହୋଇନାହିଁ ତଥାପି ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଇଛନ୍ତି। ଓଡ଼ିଶାରେ ମଙ୍କିପକ୍ସର ପରୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବା ନିମନ୍ତେ ଶନିବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିରେ ମଙ୍କିପକ୍ସ ନମୂନା ପରୀକ୍ଷା ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏନେଇ ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡାକ୍ତର ସଂଘମିତ୍ରା ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏଠାରେ ନମୂନା ପରୀକ୍ଷା ପାଇଁ ସମସ୍ତ ପ୍ରକାରର ଭିତ୍ତିଭୂମି ପ୍ରସ୍ତୁତ ହୋଇରହିଛି। ଏନ୍‌ଆଇଭି ପୁନେରୁ କିଟ୍ ଅଣାଯାଇ ନମୂନା ପରୀକ୍ଷା କରାଯିବ। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅନୁମତି ନିମନ୍ତେ ପତ୍ର ଲେଖାଯାଇଛି। ଅଗଷ୍ଟ ମାସ • ପୃଷ୍ଠା ୮ ଦେଖନ୍ତୁ


FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDERGARH DISTRICT)

Eligible students belonging to all Castes from the 9 blocks (KOIDA, LAHUNIPARA, KUANRMUNDA, RAJGANGPUR, HEMGIR, KUTRA, GURUNDIA, BANEIGARH, LEPHRIPARA) and SC/ST candidates from rest of the Blocks of the Sundergarh District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2022-23. The entire expenses of Course & Hostel Fees will be sponsored by District Mineral Foundation (DMF), Sundergarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, TITILAGARH ROAD, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484







ବରଗଡ଼, (ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତର ପତରାପାଲି ଗାଁର ମଧୁସୂଦନ ମାଝୀଙ୍କ ଘରକୁ ହାତୀ ଶୁକ୍ରବାର ରାତିରେ ଭାଙ୍ଗିଦେଇଛି। ପରିବାରର ୪ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମଧୁସୂଦନ ତାଙ୍କ ସ୍ତ୍ରୀ, ମାଆ, ଛୁଆ ସହିତ ଶୁକ୍ରବାର ରାତିରେ ଘରେ ଶୋଇଥିଲେ। ଜୋରରେ ଶବ୍ଦ ଶୁଣି ପରିବାର ସଦସ୍ୟ ଉଠିପଡ଼ି ଘର ଉପରେ ହାତୀ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ। ଜୀବନ ବିକଳରେ ସେମାନେ ଘର ଛାଡ଼ି ନିରାପଦ ସ୍ଥାନକୁ ପଳେଇ ଯାଇଥିଲେ। ସକାଳେ ଫେରି ଦେଖିଲେ ହାତୀ ଘରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେଇଛି। ଘରେ ଥିବା ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଖାଇ ଦେଇଥିବା ବେଳେ ଘରର ସମସ୍ତ ସରଞ୍ଜାମ ନଷ୍ଟ କରିଦେଇଛି। ପ୍ରଶାସନ ପକ୍ଷରୁ ପରିବାରର କ୍ଷୟକ୍ଷତି ଦେଖିବା ସହିତ ପୋଲିଥିନ୍, ଚାଉଳ ଆଦି ଦିଆଯାଇଛି। ଆଗକୁ ମଧ୍ୟ ସହଯୋଗ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବନ ବିଭଗ ପକ୍ଷରୁ ହାତୀ ରହୁଥିବା ଗ୍ରାମଗୁଡ଼ିକ ଯାଇ ଲୋକଙ୍କୁ ସୁରକ୍ଷିତ ରହିବା ପାଇଁ ସଚେତନ କରାଉଛନ୍ତି। ମଧୁସୂଦନ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରେମ ସମ୍ପର୍କରୁ ନାବାଳିକା ପ୍ରେମିକାକୁ ହତ୍ୟା

# ପୋଖରୀ ନିକଟରୁ ପୋଲିସ ଉଦ୍ଧାର କଲା ଶବ



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧିନସ୍ଥ ଖର୍ଲି ଗାଁର ଜଣେ ନାବାଳିକା ଝିଅକୁ ସେହି ଗାଁର ଜଣେ ଯୁବକ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ରଖିବା ପରେ ତାଙ୍କୁ ହତ୍ୟା କରି ନିକଟସ୍ଥ ପାଟଫାଣି ଡଙ୍ଗର ନିକଟରେ ପୋତି ଦେଇଥିବା ପୋଲିସ ଅନୁସନ୍ଧାନ ପରେ ମୃତା ନାବାଳିକାର ଶବକୁ ଉଦ୍ଧାର କରିଛି। ମିଳିଥିବା ସୂଚନା ଅନୁସାରେ, ତୁରେକେଲା ଥାନା ଓ ଲାଠୋର ଥାନାର ସୀମାରେ ଥିବା ଖର୍ଲି ଗାଁର ଜଣେ ନାବାଳିକାକୁ ସେହି ଗାଁର ପ୍ରିତମ ଶବର (୧୬) ଦୀର୍ଘ ଦିନରୁ ପ୍ରେମ କରି ଆସୁଥିଲା। ପ୍ରେମ ସଂପର୍କ ନିବିଡ ହେବାରୁ ଉଭୟେ ଗତ ୨୫/୭/୨୦୨୨ ରିଖ ବିଳମ୍ବିତ ରାତିରେ ଘରୁ ଫେରାର ହୋଇଥିଲେ। ଏହି ଘଟଣା ସକାଳେ ନାବାଳିକାର ପିତାମାତା ଜାଣିବା ପରେ ବହୁ ଖୋଜା ଖୋଜି କରିବା ସହିତ ନିଜ ସମ୍ପର୍କୀୟମାନଙ୍କୁ ମଧ୍ୟ ପଚାରି ବୁଝିଥିଲେ। ହେଲେ କୌଣସି ଖବର ନ ମିଳିବାରୁ ବାଧ୍ୟ ହୋଇ ତା. ୨୭.୭.୨୦୨୨ ଦିନ ତୁରେକେଲା ଥାନାରେ ନାବାଳିକାର ପିତା ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତୁରେକେଲା ପୋଲିସ ଅନୁସନ୍ଧାନ କରିବା ମଧ୍ୟରେ ଖର୍ଲି ଗାଁର ପ୍ରତାପ ଶବର ଓ ତା'ର ପିତା ଦେବାନନ୍ଦ ଶବରକୁ ପୋଲିସ ପଚରା ଉଚୁରା ପାଇଁ ଥାନାକୁ ଆଣି ଅଧିକ ଅନୁସନ୍ଧାନ କରିଥିଲା। ଏହି ଘଟଣା ଅନୁସନ୍ଧାନ କରିବା ମଧ୍ୟରେ ୩୦/୭/୨୦୨୨ ଦିନ ତୁରେକେଲା ପୋଲିସ ପ୍ରିତମ ଶବରର ବଡଭାଇ ଶଶି ଶବରକୁ ଥାନାକୁ ଆଣି ଅଧିକ ପଚରା ଉଚୁରା କରିବାରେ ପ୍ରିତମ ଶବର ନାବାଳିକା ପ୍ରେମକାକୁ ହତ୍ୟା କରିଥିବା ସ୍ୱୀକାର କରିଛି। ଏହା ପରେ ପୋଲିସ ସୂଚନା ମୁତାବକ ପାଟପାଣି ଡଙ୍ଗର ନିକଟସ୍ଥ ଭାଲୁକୁନା ଗାଁର ବାଘବିନ୍ଧା ପୋଖରୀ ନିକଟସ୍ଥ ଏକ ଗାତରୁ ମୃତକ ପ୍ରେମିକାର ଶବ ଉଦ୍ଧାର କରିଛି। ପ୍ରିତମ ଶବର ହତ୍ୟା କରିଥିବା ସ୍ୱୀକାର କରିବା ପରେ ଘଟଣାସ୍ଥଳକୁ ବଲାଙ୍ଗିର ପୋଲିସ ଏସ୍‌ପି ନିତିନ କୁଶଲକର, ସାଇଣ୍ଟିଫିକ ଟିମ ବଲାଙ୍ଗିର, କଣ୍ଟାବାଞ୍ଜି ଅତିରିକ୍ତ ତହସିଲଦାର ତଥା ଏକଜ୍ୟୁକୁଟିଭ୍ ମାଜିଷ୍ଟ୍ରେଟ ଯୋଗେଶ୍ୱର ଧରୁଆ, ବଲାଙ୍ଗିର ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଲାଠୋର ଆଇଆଇସି ଧର୍ମେନ୍ଦ୍ର କାନ୍ତି, କଣ୍ଟାବାଞ୍ଜି ଆଇଆଇସି ସତ୍ୟଜିତ କନ୍ଦନକେଲ, ତୁରେକେଲା ଆଇଆଇସି ପ୍ରଣୟ ମୁର୍ମୁ ସହ ବୟାନ ରେକର୍ଡ ପାଇଁ କଣ୍ଟାବାଞ୍ଜି ତହସିଲରୁ ପ୍ରଫୁଲ୍ଲ ପ୍ରଧାନ ମଧ୍ୟ ଘଟଣାସ୍ଥଳରେ ନିୟୋଜିତ ଥିଲେ। ଏହି ଘଟଣା ଉପରେ ନାବାଳିକାକୁ କେବେ ହତ୍ୟା କରାଯାଇଛି କେଉଁଠାରେ ହତ୍ୟା ହୋଇଛି ଏହାର ସବିଶେଷ ପୋଲିସକୁ ପଚାରିବାରୁ ଏ ବିଷୟରେ ଏସ୍‌ପି ସମସ୍ତ ତଥ୍ୟ ଦେବେ ବୋଲି କହିଥିବା ବେଳେ ଗାଁରେ ଚାପା ଉତ୍ତେଜନା ଥିବାରୁ ପୋଲିସ ମୁତୟନ କରାଯାଇଛି। ଏହି ଘଟଣା ଉପରେ ତୁରେକେଲା ଥାନା କେସ ନଂ. ୧୧୫/୨୦୨୨ ରୁଜୁ କରି ଅଧିକ ଅନୁସନ୍ଧାନ ଯାରି ଥିବା ବେଳେ ଖବର ଲେଖାହେବା ମଧ୍ୟରେ ଶବକୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଶବ ବ୍ୟବଛେଦ ପାଇଁ ପଠାଯାଇଛି।

## ଶ୍ରମିକ ଶ୍ରେଣୀର ହକ୍ ଏବଂ ଅଧିକାର ହାସଲ ପାଇଁ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଜରୁରୀ: ଏଆଇଟିୟୁସି




ଛତ୍ରପୁର, (ଭାସ୍କର ନ୍ୟୁଜ): ଏଆଇଟିୟୁସି ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ ସଂଗଠନ 'ଓଡିଶା ଫରେଷ୍ଟ ଉଡ଼ ଏଗ୍ରିକଲଚର ଆଣ୍ଡ ବିଲଡିଂ କନଷ୍ଟ୍ରକସନ ୱାର୍କର୍ସ ୟୁନିୟନର' ୮ମ ରାଜ୍ୟ ସମ୍ମିଳନୀ ଓ ଏଆଇଟିୟୁସିର ହୀରକ ଜୟନ୍ତୀ ସମାରୋହ ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ନ୍ୟାସନାଲ କନ୍‌ଫେଡରେସନ ଅଫ୍ ବିଲଡିଂ ଏଣ୍ଡ କନଷ୍ଟ୍ରକସନ ୱାର୍କର୍ସର ଜାତୀୟ ସମ୍ପାଦକ ତଥା ଏଆଇଟିୟୁସି ଜାତୀୟ ନେତା ନାରାୟଣ ପୂର୍ବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇ ଶ୍ରମିକ ଶ୍ରେଣୀର ହକ ଓ ଅଧିକାର ହାସଲ ପାଇଁ ଐକ୍ୟବଧ ଶ୍ରମିକ ଆନ୍ଦୋଳନ ଆଜିର ଆହ୍ୱାନ ବୋଲି କହିଥିଲେ। ସିପିଆଇ ରାଜ୍ୟ ସହ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦେଶର ଶ୍ରମିକ ଶ୍ରେଣୀର ଦୀର୍ଘ ଆନ୍ଦୋଳନ ଫଳରେ ସ୍ୱାଧୀନତା ପୂର୍ବରୁ ଓ ପରେ ପ୍ରଣୀତ ଶ୍ରମ ଆଇନକୁ ଖାରଜ କରି ପୁଞ୍ଜିପତିଙ୍କ ସ୍ୱାର୍ଥରେ ଓ କ୍ରୀତଦାସ ପ୍ରାଥନ ପୁନଃ ପ୍ରଚଳନ ପାଇଁ ୪ ଟି ଶ୍ରମ କୋର୍ଡ ପ୍ରଣୟନ କରିଥିବା ବେଳେ ଦେଶର ଶ୍ରମଜୀବୀ ଜନତାଙ୍କ ରକ୍ତ ଶୋଷଣ କରି ଜିଏସଟି ଭାର ବୃଦ୍ଧି ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ରାଜ୍ୟ ସଭାପତି ସୁର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସଂଘର ସାଧାରଣ ସମ୍ପାଦକ ତଥା ଓ ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଓଡ଼ିଶାର କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ଼କୁ ପଙ୍ଗୁ କରିଦେବା ପାଇଁ ସରକାରି ଷଡଯନ୍ତ୍ର ବିରୁଦ୍ଧରେ ୨ ଅଗଷ୍ଟରେ ନିର୍ମାଣ ଶ୍ରମିକ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟ ଶ୍ରମ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ଏଚ୍‌ଏମ୍‌ଏମ୍ ନେତା ରାଜେନ୍ଦ୍ର ଦାସ, ସତ୍ୟ ତ୍ରିପାଠୀ ବିଏମ୍‌ଏସ୍ ନେତ୍ରୀ ଚପଳା ନାୟକ, ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରବୀଣ ଦାସ, ସିପିଆଇ ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ସିପିଆଇର ବରିଷ୍ଠ ନେତା ସିମାଞ୍ଚଳ ସାହୁ, ଛତ୍ରପୁର ଆଞ୍ଚଳିକ ସମ୍ପାଦକ ଏସ କ୍ରିଷ୍ଣା ରେଡ୍ଡୀ, ଆଇନଜୀବୀ ଡି. ଆଦି ନାରାୟଣ ରେଡ୍ଡୀ, ପ୍ରଫୁଲ ପାଣିଗ୍ରାହୀ, ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟର ୨୦ ଟି ଜିଲ୍ଲାର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

## ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସହକାରୀ ଦୌରା ବିଚାରପତି ତଥା ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସତ୍ୟପ୍ରିୟ ଦାସ୍ ଆଜି ଏକ ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ଶ୍ରୀଧର ହରିଜନକୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୩ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଆଦେଶ ରହିଛି। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ମେଟାବେଡା ଗାଁର ଲଛମନ ଅଧିକାରୀ ନାମକ ବ୍ୟକ୍ତିଙ୍କ ଘରକୁ ଗତବର୍ଷ ମେ ୨୮ ତାରିଖରେ ରାତି ସମୟରେ ୩ ଜଣ ବ୍ୟକ୍ତି ଆସିଥିଲେ। ଲଛମନଙ୍କୁ ପଛପଟୁ ଧରି ଅଟକାଇବା ପରେ ଘରୁ ୭୨,୫୦୦ ଟଙ୍କା ଲୁଟ କରିଥିଲେ ଲଛମନ ମାଥୁଲି ଥାନାରେ ଅଭିଯୋଗ କଲାପରେ ଥାନା ଅଧାକାରୀ ରଘୁନାଥ ମାଝୀ ଏହାର ତଦନ୍ତ କରିଥିଲେ। ଏଥିରେ ସମ୍ପୃକ୍ତ ଶ୍ରୀଧର ହରିଜନଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଦୁଇ ଜଣ ନାବାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ମାମଲାରେ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ରାୟ ପ୍ରକାଶ ପାଇଛି। ଏହି ମାମଲାରେ ସରକାରୀ ଓକିଲ ଗୋପାଳକୃଷ୍ଣ ପଣ୍ଡା ପରିଚାଳନା କରିଥିଲେ।

## ତାମ୍ମା ଦୋରାଙ୍କ ସହିଦ ଦିବସ ପାଳିତ



କାଳିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଳିମେଳା ପଞ୍ଚାୟତ ସମିତି ସଭା ଗୃହରେ ଅପରାହ୍ନ ପାଞ୍ଚଟା ସମୟରେ ସହିଦ ତାମ୍ମା ଦୋରା ଆଦିବାସୀ କ୍ଲବ ପକ୍ଷରୁ ୧୪୨ ତମ ସହିଦ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ସୁବାସିନୀ ସୋଡି ଯୋଗ ଦେଇଥିଲା ବେଳେ ମୁଖ୍ୟ ଅତିଥି ଭବେ ପୂର୍ବତନ ବିଧାୟକ ମାନସ ମାଡକାମୀ, ମୁଖ୍ୟ ବକ୍ତା ଭାବେ ପଡିଆ ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷ ପରମା ନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଏହା ସହ ସମ୍ମାନୀୟ ଅଥିତି ଭାବେ କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର ଦଳେଇ କାଳିମେଳା ତହସିଲଦାର ଦୁର୍ଗା ପ୍ରସାଦ ଦୋରା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମୀ, ଜିଲ୍ଲା କୋୟା ସମାଜ ସଭାପତି ମୁକୁନ୍ଦ ପଡିଆମୀ, ଜିଲ୍ଲା ଯୁବ ସଭାପତି ଆଡ଼ମା ରାଓ୍ୱା, କାଳିମେଳା ଜୋନ ୨ର ଜିଲ୍ଲାପରିଷଦ ମମତା ପଡିଆମୀ, କାଳିମେଳା ସ୍ଥାନୀୟ ସରପଞ୍ଚ ପୃଥ୍ୱୀରାଜ ମାଝୀ ଯୋଗଦେଇ ବିଖ୍ୟାତ ସ୍ୱଧିନତା ତଥା କୋୟା ବିପ୍ଲବ କର୍ଣ୍ଣଧାର ସହିଦ ତାମ୍ମା ଦୋରାଙ୍କର ୧୪୨ତମ ସହିଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ଉପସ୍ଥିତ ଥିବା ଅତିଥିମାନେ ସହିଦ ତାମ୍ମା ଦୋରାଙ୍କ ଜୀବନୀ କାହାଣୀ ଉପରେ ଅଭିଭାଷଣ ରଖିଥିଲେ। ତାମ୍ମା ଦୋରା ଘଞ୍ଚ ଜଙ୍ଗଲ ଘେରା ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକ ପୁସୁଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଣ୍ଡା ପାଲ୍ଲୀ ଗ୍ରାମରେ ୧୮୩୮ ମସିହା ମାଘ ମାସ ଦ୍ୱିତୀୟ ସୋମବାର ଦିନ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ରାମା ଦୁରୁଓ୍ୱା ଓ ମାତାଙ୍କ ନାମ ଇର୍ମେ ରାମା ଦୁରୁଓ୍ୱା ଥିଲା। ସେ ସେହି ଗ୍ରାମର ମୁଖିଆ ବା ପେଦା ଥିଲେ। ତାଙ୍କର ନାମ କରଣ କରାଯାଇ ଥିଲା ଭିମା ଦୂରୁ। କୋୟା ସମାଜରେ ଜନ୍ମ ଗ୍ରହଣ କରିଥିବା ଭିମା ଆଦୌ ପାଠ ପଢି ନଥିଲେ। ଅଳ୍ପ ବୟସରେ ପିତାଙ୍କ ମୃତ୍ୟୁ ପରେ ଗ୍ରାମର ପେଦା ହୋଇଥିଲେ। ସେହି ସମୟରେ ସାରା ମାଲକାନଗିରି ଅଞ୍ଚଳ ଇଂରେଜ ଶାସନରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡ଼ିଥିଲେ। ସେହି ସମୟରେ ଏକ ବିପ୍ଲବ ମୁଣ୍ଡ ଟେକି ଥିଲା। ଯାହାକି ଭାରତର ଇତିହାସରେ କୋୟା ବିପ୍ଲବୀ ନାମରେ ଖ୍ୟାତ। ଏହାର ନେତୃତ୍ୱ ନେଇଥିଲେ ସହିଦ ତମ୍ମା ଦୋରା। ପରେ କିପରି ଇଂରେଜଙ୍କ ସହ ଲଢ଼ିଥିଲେ, କେଉଁକେଉଁ ଅଞ୍ଚଳରେ ଲଢେଇ କରିଥିଲେ ସମସ୍ତ ତଥ୍ୟ ଉପରେ ଉପସ୍ଥିତ ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଞ୍ଚଳରୁ ବୋହୁ ସଂଖ୍ୟକ ଆଦିବାସୀ ଭାଇଭଉଣୀମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମଟିକୁ ଆୟୋଜନ କରିଛନ୍ତି ବ୍ଲକ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଗଙ୍ଗାଧର ସୋଡି, କୋଷାଧକ୍ଷ ଦେଶା କାମରାମି, ସମ୍ପଦ ଦେବା ମାଡକାମୀ, ସହସମ୍ପାଦକ ପ୍ରଦୀପ କାରାମ, ଉପସଭାପତି ଦାମଦର ଦୂରୁକା, ଉପଦେଷ୍ଟା ମାଲା ମାଡ଼ି, ଆଡ଼ମା ରାଓ୍ୱା, ସହଯୋଗରେ ମାନମ କୋଣ୍ଡା ପୂର୍ବତନ ସରପଞ୍ଚ ମାନମ କୋଣ୍ଡା ହରି ଗୋଲେରୀ, ତେଲେରାଇ ସରପଞ୍ଚ ମୁତା ସୋଡି, ବୁଦୁ ବଡ ନାୟକ, ମୁନି କବାସୀ, ସରପଞ୍ଚ ମହାରାଜ ପାଲ୍ଲୀ ମୁତା ସୋଡି,ପୁସୁଗୁଡା ସରପଞ୍ଚ ରାମା ସୋଡି, ପ୍ରମୁଖ ସହଯୋଗ କରିଥିଲେ।

## ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ଅଡୁଆ ବଢ଼ିବାରେ ଲାଗିଛି

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀଙ୍କ ଅଡୁଆ ବଢିବାରେ ଲାଗିଛି। ଆର୍‌ଏସ୍‌ସି ୧୩ ଗାଁ'ରେ ରାତି ଅଧରେ ପଶି ମହିଳାଙ୍କ ଉପରେ ଅତ୍ୟାଚାର ଘଟଣାକୁ ଦେଢମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ କଂଗ୍ରେସ ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ଗତ ଶୁକ୍ରବାର ଓଡିଶା ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝାଙ୍କ ସେହିତ ଜିଲ୍ଲାସ୍ତରୀୟ ନେତାମାନେ ଆର୍‌ଏସ୍‌ସି ଗାଁକୁ ଯାଇଥିଲେ। ସେଠାରେ ପୁଲିସ ଦ୍ୱାରା ମାଡ଼ ଖାଇଥିବା ପୀଡିତାଙ୍କୁ ଭେଟି ଘଟଣା ସମ୍ପର୍କରେ ସେମାନଙ୍କ ମୁହଁରୁ ସବୁକଥା ଶୁଣିଥିଲେ। ରାଜ୍ୟ ପ୍ରଭାରୀ ଶ୍ରୀ ଓଝା କହିଛନ୍ତି, ପୁଲିସର ଏଭଳି କାର୍ଯ୍ୟ କେବେ ବି ସଭ୍ୟ ସମାଜରେ ଗ୍ରହଣଯୋଗ୍ୟ ନୁହେଁ। ଏସ୍‌ଡିପିଓ ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ବିଜେପି ପକ୍ଷରୁ କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ



ମାଲକାନଗିରି, (ଭାସ୍କର ନ୍ୟୁଜ): ଗତକାଲି କଂଗ୍ରେସ ସାଂସଦ ସୁଧିର ରଞ୍ଜନ ଚୌଧୁରୀ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତ୍ନୀ ବୋଲି ସମ୍ବୋଧନ କରିଥିବା ଘଟଣାକୁ ନେଇ ସାସଦରେ ଭାଜପା ତରଫରୁ ହଟଗୋଳ ଏବଂ ଧାରଣା ଦିଆ ଯାଇଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ବିଭିନ୍ନ ରାଜ୍ୟରେ ଭାଜପା ତରଫରୁ ଶ୍ରୀ ଚୌଧୁରୀଙ୍କ ବିରୁଦ୍ଧରେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶିତ ହୋଇଥିବା ବେଳେ ଆଜି ମାଲକାନଗିରି ଜିଲ୍ଲାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ସଦର ମହକୁମା ସୁବାଷବୋସ ଛକ ନିକଟରେ ଶତାଧିକ ମହିଳା ଓ ପୁରୁଷ ଭାଜପା କର୍ମକର୍ତ୍ତାମାନେ ଏକ ଶୋଭା ଯାତ୍ରାରେ ଆସି ଶ୍ରୀ ଚୌଧୁରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ନାରାବାଜି କରିଥିଲେ। ଏଥିରେ ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ବେଣୀ କାର୍ତ୍ତୁଲ, ସଭାନେତ୍ରୀ ମମତା ମହାନ୍ତି, ସୌଦାମିନି ଆଚାର୍ଯ୍ୟ, ଦ୍ରୌପଦୀ ପଟ୍ଟନାୟକ, ବାଲା ପଡାଲ, ମାଣିକ ଚକ୍ରବର୍ତୀ, ଦିଲିପ ଦଣ୍ଡପାଟ୍, ଦିନେଶ ପଟ୍ଟନାୟକ, ସଞ୍ଜୁ ସରକାର, ଗଣେଶ ମଣ୍ଡଳ ପ୍ରମୁଖଙ୍କ ସହ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ କାଦଡିହା ସ୍ଥିତ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶେଷ ବର୍ଷ ସମ୍ମାନ ଓ ସାଧାରଣ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହରେ ମହାବିଦ୍ୟାଳୟର ଅଧକ୍ଷ ଡ. ଭାଗବତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଆକର୍ଷଣୀୟ ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ଏହି ସମାରୋହରେ ମହାବିଦ୍ୟାଳୟର ଇଂରାଜୀ ଅଧାପକ ବନମାଳି ମହାନ୍ତ, ରାଜନୀତି ବିଭାଗର ଅଧାପକ ଧରଣୀ ଧର ତ୍ରିପାଠୀ, ଅଧାପିକା ଯଶୋଦା ରାଉତ ପ୍ରମୁଖ ଯୋଗ ଦେଇ ଶିକ୍ଷା କେବଳ ସାର୍ଟିଫିକେଟରେ ନଥାଏ। ଶିକ୍ଷା ତ୍ୟାଗ, ଆଦର୍ଶ, ନୈତିକ ମୂଲ୍ୟବୋଧ ବିଚାର ପଣରେ ଥାଏ ବୋଲି ଆହ୍ୱାନ ଦେଇଥିଲେ। ସଭାପତି ଡକ୍ଟର ଭାଗବତ ଲେଙ୍କା ଶିକ୍ଷା ଚାକିରୀ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଉତ୍ତମ ମଣିଷ ହେବାର ଠିକଣା ବାଟ ଦେଖାଇଥାଏ ବୋଲି ଜଣାଇଥିଲେ। ସଭାରେ ପ୍ରଦୀପ କୁମାର ବାରିକ୍ ବିଦ୍ୟାଧର ମହାନ୍ତ, କ୍ଷିରୋଦ କୁମାର ମହାନ୍ତ, ପ୍ରତିମା ମହାନ୍ତ, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର ପିଣ୍ଟୁ ନାୟକ, ମନୋଜ କୁମାର ମହାନ୍ତ, ସୁଜାତା ଖଣ୍ଡେଇ, ବର୍ଷାରାଣୀ ନାୟକ, ଲିଲି ପାତ୍ର, ଅରବିନ୍ଦ ନାୟକ ପ୍ରମୁଖ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଡମ୍ବରୁଧର ଦେହୁରୀ ଧନ୍ୟବାଦ୍ ଅର୍ପଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୋଲିସର ବଡ଼ ସଫଳତା

ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୋଲିସକୁ ମିଳିଛି ବଡ଼ ସଫଳତା। ରାଜଗାଙ୍ଗପୁର ପୋଲିସ ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରୁ ଗତ ୩ ଦିନରେ ଚୋରି ହୋଇଥିବା ୨୦ଟି ମୋବାଇଲକୁ ଜବତ କରିବା ସହ ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ରାଜଗାଙ୍ଗପୁର ଏବଂ ଏହାର ଆଖପାଖ ଅଞ୍ଚଳ ଓ କୁତ୍ରା ଅଞ୍ଚଳରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ପରିପେକ୍ଷୀରେ ରାଜଗାଙ୍ଗପୁର ଥାନା ଭାରପ୍ରାପ୍ତ ଅଧିକାରୀ ବିଭସ ପ୍ରଧାନଙ୍କ ନେତୃତ୍ୱରେ ଏହା ଉପରେ ତଦନ୍ତ ଚଳାଇଥିବା ବେଳେ ପୋଲିସକୁ ମିଳିଥିଲା ବଡ଼ ସଫଳତା। ରାଜଗାଙ୍ଗପୁର ସହର ଓ କୁତ୍ରା ଅଞ୍ଚଳରେ ଚୋରି ହୋଇଥିବା ପ୍ରାୟ ୨୦ଟି ମୋବାଇଲ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଏକ ବାଇକ୍‌କୁ ଜବତ କରିବାରେ ପୋଲିସ ସଫଳ ହେବା ସହ ମାମଲା ରାଜୁ କରି ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏନେଇ ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା ଆଜି ଏକ ସାମ୍ବାଦିକ ସମ୍ମିଳନୀ ପ୍ରକାଶ କରିଥିଲେ। ଜବତ ହୋଇଥିବା ମୋବାଇଲ ଗୁଡିକୁ ଆଜି ରାଜଗାଙ୍ଗପୁର ଥାନାରେ ଯେଉଁମାନଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା ସେମାନଙ୍କୁ ଡାକି ଦିଆଯାଇଥିଲା। ନିଜର ମୋବାଇଲ ପାଇଁ ଲୋକମାନେ ରାଜଗାଙ୍ଗପୁର ପୋଲିସକୁ ଧନ୍ୟବାଦ ଦେଇଥିବା ଜଣାପଡିଛି।

## ଜନ ଶିକ୍ଷଣ ସଂସ୍ଥାନର ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ




ନୂଆପଡ଼ା, (ଭାସ୍କର ନ୍ୟୁଜ): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳିତ ହେଉଥିବା ଆଜାଦୀ କା ଅମୃତ ମହୋତ୍ସବର ଏକ କାର୍ଯ୍ୟକ୍ରମ ଭାବେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ, ନୂଆପଡ଼ା ଗତ ୧୫ ତାରିଖରୁ ପାଳନ କରିଆସୁଥିବା ସ୍ୱଚ୍ଛତା ପକ୍ଷ ଆଜି ଉଦ୍‌ଯାପିତ ହୋଇଯାଇଛି। କୁରୁମପୁରୀ ପଞ୍ଚାୟତର ସିନାପାଲିଠାରେ ହୋଲି ହୋମ୍ ସଭା ଗୃହରେ ଉଦ୍‌ଯାପନୀ ଉତ୍ସବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଶବର ଏଚ୍‌ଏଚ୍‌ଇସି, ସିନାପାଲିର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କର ଓ ଶିକ୍ଷୟିତ୍ରୀ ଅତିଥି ଭାବେ ଯୋଗଦେଇଥିବା ବେଳେ ସଭାରେ ପୌରହିତ୍ୟ କରିଥିଲେ ସଂସ୍ଥାନର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସାହୁ। ଉକ୍ତ ସଭାରେ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ନମିତା ସାହୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ସବୁ ଯଥା କୋମନାଠାରେ କୌଶଳ ଦିବସ ପାଳନ, ଲୁକୁପାଲିଠାରେ କୋଭିଡ ସଚେତନତା ସଭା, କୁଶଦହନାଠାରେ ବ୍ୟକ୍ତିଗତ ପରିମଳ ଓ ପରିଚ୍ଛନ୍ନତା ଉପରେ ସଚେତନତା ସଭା, ଏଚ୍‌ଏଚ୍‌ଇସି, ସିନାପାଲିରେ ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଖରିଆର ରୋଡରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା, ଜନ ଶିକ୍ଷଣ ସଂସ୍ଥାନ, ନୂଆପଡ଼ା କାର୍ଯ୍ୟାଳୟରେ ସୁନ୍ଦର ମାସ୍କ ତିଆରି ପ୍ରତିଯୋଗିତା, ଦିଆମୁଣ୍ଡାଠାରେ ଭର୍ମି କମ୍ପୋଷ୍ଟ ପ୍ରଦର୍ଶନ କାର୍ଯ୍ୟକ୍ରମ, କେଜିବିଭି, କୋମନାଠାରେ ବୃକ୍ଷରୋପଣ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସିନାପାଲିଠାରେ ସାନିଟାରୀ ନାପ୍‌କିନ୍ ବ୍ୟବହାର ସଚେତନତା ଓ ବଣ୍ଟନ, ହୋଲି ହୋମ୍ ଛାତ୍ରୀନିବାସରେ ଶୌଚାଳୟର ବ୍ୟବହାର ସଚେତନତା, ତୋରାଠାରେ ପ୍ଲାଷ୍ଟିକ୍‌ର କମ୍ ବ୍ୟବହାର ଶୀର୍ଷକ ଆଲୋଚନା ଏବଂ ବିଦ୍ୟାନଗରରେ ଶ୍ରମଦାନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ଜନ ଶିକ୍ଷଣ ସଂସ୍ଥାନ, ନୂଆପଡ଼ା ଜିଲ୍ଲାର କିଶୋରୀ, ମହିଳା ଓ ଯୁବସମାଜଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରି ସ୍ୱାବଲମ୍ବୀ ହେବା ପାଇଁ ସହଯୋଗ କରିବା ସହିତ ଏହିପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରି ସମାଜ ମଙ୍ଗଳରେ ବ୍ରତୀ ହେଉଥିବାରୁ ସଂସ୍ଥାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ, ସ୍ୱେଚ୍ଛାସେବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଯୁବକ ଓ ଯୁବତୀ ଆଦି ମିଶି ମୋଟ ୧୬୦ ଜଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ଲୋଗାନ ଲିଖନ ଓ ସୁନ୍ଦର ମାସ୍କ ତିଆରି ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ସୂଚାରୁ ରୂପେ ଆୟୋଜିତ ହୋଇଥିବାରୁ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସାହୁ ସଂସ୍ଥାନର ହିତାଧିକାରୀ, ତାଲିମଦାତା ଓ କର୍ମଚାରୀମାନଙ୍କୁ ଏହାର ଶ୍ରେୟ ଦେଇଥିଲେ। ସ୍ୱଚ୍ଛତା ପକ୍ଷ ପାଳନର ଉଦ୍‌ଯାପନୀ ଉତ୍ସବ ଶେଷରେ ସଂସ୍ଥାନର ଏପିଓ ବିଜୟ କୁମାର ପାଣି ଯୋଗଦେଇଥିବା ଅତିଥିବୃନ୍ଦ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଲାର ପ୍ଲାଣ୍ଟ ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ

# ଗ୍ରାମବାସୀ ଓ ପ୍ଲାଣ୍ଟ କର୍ମଚାରୀ ମୁହାଁମୁହିଁ



ସଇଁନ୍ତଲା, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁନ୍ତଲା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତରେ ସୋଲାର ପ୍ଲାଣ୍ଟ ସ୍ଥାପନକୁ ନେଇ ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଗତ କିଛିଦିନ ହେବ ଛକାପଞ୍ଝା ଲାଗି ରହିଥିଲା। ଡୁଙ୍ଗୁରିପାଲି ପଞ୍ଚାୟତ ସରପଞ୍ଚ ଗଜପତି ସାହୁ ଗତ କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଉକ୍ତ ପଞ୍ଚାୟତ ହେବାକୁ ଥିବା ସୋଲାର ପ୍ଲାଣ୍ଟକୁ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଶ୍ରୀ ସାହୁ ବିନା ଗ୍ରାମ ସଭାରେ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଉ ଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ଟିଟିଲାଗଡ଼ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ତୁରନ୍ତ ଡୁଙ୍ଗୁରିପାଲି ଗ୍ରାମରେ ଏକ ଜନ ଶୁଣାଣି ଶିବିର କରି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଟିଟିଲାଗଡ଼ ଉପଜିଲ୍ଲାପାଳ ଶ୍ରୀ ମହାଜନ, ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ସତପଥୀ, ସଇଁନ୍ତଲା ତହସିଲଦାର ସୁରେନ୍ଦ୍ର ମେହେର ପ୍ରମୁଖଙ୍କ ଉପସ୍ଥିତ ରହି ଗ୍ରାମରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ସୋଲାର ପ୍ଲାଣ୍ଟକୁ ବିନା ଗ୍ରାମସଭାରେ କିମ୍ବା ଗ୍ରାମବାସୀଙ୍କ ଅଜାଣତରେ ପ୍ରଶାସନ ଆଦିତ୍ୟ ବିର୍ଲାକୁ ଟେକି ଦେଉଥିବା ଅଭିଯୋଗ କରିଥିଲେ। ଏହାସହ ଗ୍ରାମବାସୀଙ୍କ ପାଇଁ ଥିବା ଗୋଚର, ଖେଳପଡ଼ିଆ, ଜଙ୍ଗଲ ଜମିକୁ ପ୍ରଶାସନ କିଭଳି ବିନା ଅନୁମତିରେ ବନ୍ଦ କରିବାକୁ ପ୍ରଶାସନ କିଏ ବୋଲି ଗ୍ରାମବାସୀ କହିଥିଲେ। ସୋଲାର ପ୍ଲାଣ୍ଟ ସ୍ଥାପନ ହେଲେ ଗୋରୁ ଗାଇଙ୍କ ପାଇଁ ଖାଦ୍ୟ ଅଭାବ ଦେଖାଦେବା ସହ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଗ୍ରାମବାସୀ କିଭଳି ନିଜ ପରିବାର ଗୁଜୁରାଣ ମେଣ୍ଟାଇବେ ବୋଲି ଗ୍ରାମବାସୀମାନେ କହିବା ସହ ସୋଲାର ପ୍ଲାଣ୍ଟ ସ୍ଥାପନକୁ ତୀବ୍ର ବିରୋଧ କରିଛନ୍ତି ଏବଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ମଧ୍ୟ ବସିଛନ୍ତି। ଅନ୍ୟପଟେ ସୋଲାର ପ୍ଲାଣ୍ଟର ମ୍ୟାନେଜର ସୁଭାସିସ ଭଟ୍ଟାଚାର୍ଯ୍ୟ ଉକ୍ତ ଗାଁକୁ ଆସି ଗ୍ରାମବାସୀଙ୍କ ସହ ମୁହାଁମୁହିଁ ହେବା ପରେ ରାତି ସାରା ଏହି ଗାଁରେ ପ୍ଲାଣ୍ଟର କାର୍ଯ୍ୟ ଆରମ୍ଭ କରିବି ବୋଲି ଧମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ତେଣ୍ଡଲିପାଲି ଓ ଡୁଙ୍ଗୁରିପାଲି ପଞ୍ଚାୟତଠାରେ ଗୋଚର ୧୨୪ ହେକ୍ଟର ଜିମିରେ ସୋଲାର ପ୍ଲାଣ୍ଟ ସ୍ଥାପନ ହେବାକୁ ଯାଉ ଥିବାର ଜଣାପଡିଛି। ଏହି ପ୍ଲାଣ୍ଟକୁ ଇଡ଼କୋକୁ ପ୍ରଶାସନ ହନ୍ତାସ୍ତର କରି ଦେଇଛି। ଯାହାକୁ ନେଇ ଗ୍ରାମବାସୀମାନେ ବିରୋଧ କରିଛନ୍ତି। ପ୍ରକାଶ ଥାଉକି, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକେ ପେଟ ପୋଷିବା ପାଇଁ ଏହି ଗୋଚର ଜମିରୁ କେନ୍ଦୁପତ୍ର, ଚାହାର, କେନ୍ଦୁ, ଆମ୍ବ ଭଳି ଅନେକ ଦ୍ରବ୍ୟ ସଂଗ୍ରହ କରି ପେଟ ପୋଷନ୍ତି। ଯାହା ଏବେ ଭୋକିଲା ପେଟକୁ ଶୋଷଣ କରିବା ପାଇଁ ପ୍ରଶାସନ ଚେଷ୍ଟା କରୁଛି। ବିନା ଗ୍ରାମସଭା ଓ ଗ୍ରାମବାସୀଙ୍କ ଅଜାଣତରେ ୧୨୪ ହେକ୍ଟର ଜମି ହସ୍ତାନ୍ତର କରିଦେଇଛି। ତେବେ ଏହି ପ୍ରକଳ୍ପ ହେବା ଦ୍ୱାରା ଉକ୍ତଅଞ୍ଚଳରେ ଗୋରୁଗାଈ ଚରିବା ପାଇଁ ସ୍ଥାନ ପାଇବେ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ୟା ସମୟ ଆସିଲେ ଗୋଚର ଜମିରେ ଗାଈଗୋରୁଙ୍କ ହାଣ୍ଡିସାଳ ବନ୍ଦ ହୋଇଯିବ। ତେବେ କାହା ଚାପରେ ଏତେ ବଡ଼ ସୋଲାର ପ୍ଲାଣ୍ଟ ନିର୍ମାଣ ହେବାକୁ ଯାଉଛି ତାହାକୁ ନେଇ ଗ୍ରାମବାସୀମାନେ ବଡ଼ ପ୍ରଶ୍ନବାଚି ଉଠାଇଛନ୍ତି। ଯଦି ପ୍ରଶାସନ ଜୋରଜବରଦସ୍ତ ସୋଲାର ପ୍ଲାଣ୍ଟ ନିର୍ମାଣ କରିବ ତାହେଲେ ଆଗାମୀ ଦିନରେ ରାଜ ରାସ୍ତାରେ ନିଆଁ ଜଳିବ ବୋଲି ସ୍ଥାନୀୟ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।



ଖପ୍ରାଖୋଲ,(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ରଙ୍ଗୋଲୀ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀ ଛାତ୍ର ମାନେ ବିଭିନ୍ନ ରାଙ୍ଗୋଲୀ ଝୋଟି ଆଙ୍କିଥିବା ବେଳେ ପ୍ରଥମରୁ ଚତୁର୍ଥ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ରଙ୍ଗୋଲି ଝୋଟି ପ୍ରତିଯୋଗିତାରେ ଚତୁର୍ଥ ପଞ୍ଚମ ଶ୍ରେଣୀ କନିଷ୍ଠ ବର୍ଗ ଏବଂ ଷଷ୍ଠରୁ ଅଷ୍ଟମ ଛାତ୍ରୀମାନେ ବରିଷ୍ଠ ବର୍ଗ ଭାବରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ସଂପାଦକ ଐଶ୍ୱର୍ଯ୍ୟ ଭୋଇ, ମନୋଜ ପ୍ରଧାନ, ବବିତା ଭୋଇ, ରାଜେଶ ଶତପଥି, କ୍ଷମା ନିଧି ସାହୁ, ନାରାୟଣ ତାଣ୍ଡି, ମୁରଲୀ ଧର ସାହୁ, ନିତ ପ୍ରଜ୍ଞା ପଟେଲ, ରୀନା ବରିହା, ଜନକ ଜେମା ନାଏକ, ଦିପ୍ତିଲତା ସାହୁ, ଚୁମକି ବାରିକ ପ୍ରମୁଖ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ ।

## ଜବରଦଖଲକାରୀ ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ



ମାଲକାନଗିରି, (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଆଜି ପୌର ପରିଷଦ ପକ୍ଷରୁ ଦୈନିକ ବଜାର ସମେତ ବିଭିନ୍ନ ସ୍ଥାନରେ ପୌରାଧିକାରୀ ଓ କର୍ମଚାରୀଙ୍କ ଚଢଉ କରି ଯେଉଁ ବ୍ୟବସାୟୀ ତଥା ଦୋକାନୀ ମାନ ଫୁଟପାଥ ଓ ଡ୍ରେନ ଗୁଡିକ ଉପରେ ଅବୈଧରୂପେ କବଜା କରିବା ସହ ଦୋକାନ କରିଛନ୍ତି ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଜିଲ୍ଲା ସଦର ମହକୁମାରେ ଛତୁ ଫୁଟିବା ଭଳି ଦୋକାନ ଏବଂ ଅସ୍ଥାୟୀ ଦୋକାନ ମାନ ଖୋଲୁଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକ ଦୋକାନୀ ମୁଖ୍ୟ ରାସ୍ତା କଡରେ ଥିବା ଫୁଟପାଥ ଓ ଡ୍ରେନ ଗୁଡିକୁ ନିଜ କବଜାକୁ ନେଇ ବ୍ୟବସାୟ ପ୍ରତିଷ୍ଠାନ ଓ ଦୋକାନ ମାନ କରୁଥିବା ବେଳେ ରାସ୍ତାରେ ଟ୍ରାଫିକ ଜାମ ବଢୁଥିଲା । ଲୋକେ ଦୋକାନକୁ ଯିବା ପାଇଁ ହେଲେ ରାସ୍ତା ଉପରେ ଗାଡି ମୋଟର ରଖି ଯାଉଥିବା ବେଳେ ରାସ୍ତାରେ ଗହଳି ବଢିବା ସହ ଦୁର୍ଘଟଣା ମଧ୍ୟ ହେଉଥିବା ବେଳେ ଆଜି ପୌରପରିଷଦ ପକ୍ଷରୁ ପୌର ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ ଏବଂ ଅନ୍ୟ କର୍ମଚାରୀ ମାନେ ଚଢଉ କରି ଅନେକ ଦୋକାନୀଙ୍କୁ ଚେତାବନୀ ଦେବା ସହ ଫାଇନ ଆଦାୟ କରିଥିଲେ । ଏହାସହ ଆଗାମୀ ଦିନରେ ଏଭଳି କଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଚେତାବନୀ ମଧ୍ୟ ଦେଇଥିଲେ ।

### ସୁପ୍ରିମକୋର୍ଟର ଆଦେଶକୁ ଖୋଲା ଚ୍ୟାଲେଞ୍ଜ

## ଗାଡ଼ିରୁ ଓହ୍ଲାଉ ନାହାଁନ୍ତି ଅରେଞ୍ଜ କଲର ବତି

କନ୍ଧମାଳ,(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାରେ ଥିବା ୧୨ଗୋଟି ବ୍ଲକର ତହସିଲଦାର ଓ ବିଡ଼ିଓ ମାନେ ସୁପ୍ରିମକୋର୍ଟର ଆଦେଶକୁ ମନଇଚ୍ଛା ନିଜର ବାବୁପଣ ଦେଖାଇ କନ୍ଧମାଳ ଜିଲ୍ଲାପାଳଙ୍କ ଆଗରେ ଖୁଲମ ଖୁଲା ଚାଲେଞ୍ଜକରି ମନଇଚ୍ଛା ଅଫିସଗାଡି ଓ ନିଜସ୍ୱ ଗାଡ଼ିରେ ଅରେଞ୍ଜ କଲର ଲାଇଟ ଗାଡି ଉପରେ ସଦାସର୍ବଦା ଲଗାଇ ମାଜିଷ୍ଟ୍ରଟେ ପାଓ୍ୱାରରେ ନ ଥାଇ ଜିଲ୍ଲାପାଳଙ୍କ ମିଟିଂ, ସଭା ଓ ଏହି ଅଫିସରୁ ଅନ୍ୟ ଅଫିସକୁ ଗଲେ ଓ ନିଜସ୍ୱ ବ୍ଲକରୁ ଅନ୍ୟ ବ୍ଲକକୁ ଗଲେ ମଧ୍ୟ ଅରେଞ୍ଜ କଲରବତୀ ଲଗାଇ ବିଭିନ ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟଳୟକୁ ଆସନ୍ତି । ସୁପ୍ରିମକୋର୍ଟର ନିୟମ ଓ ସରକାରଙ୍କ ନିୟମ ରହିଛି ଯାହାକୁ ମାଜିଷ୍ଟ୍ରେଟ୍ ପାଓ୍ୱାର ଦିଆଯିବ ତାହାର ନାମ, ଗାଡି ନମ୍ବର, କେଉଁସ୍ଥାନରୁ କେଉଁ ସ୍ଥାନକୁ ଯିବ ଓ ଏହା ସହିତ କେଉଁମାନେ ଯିବେ ଓ ପୋଲିସ ଫୋର୍ସ ନେଇ ଯିବାର ନିୟମ ରହିଛି । କିନ୍ତୁ ଏହି ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏହି ବାବୁମାନେ ବଡ଼ ଅଧିକାରୀ ତେଣୁ ଏହି ନୀତି ପାଳନ କରୁନାହାନ୍ତି କି କନ୍ଧମାଳ ଜିଲ୍ଲାର ବିଡ଼ିଓ, ତହସିଲଦାରମାନେ ମନଇଚ୍ଛା ସୁପ୍ରିମକୋର୍ଟର ଆଦେଶକୁ ଖୁଲମ ଖୁଲା ଚାଲେଞ୍ଜ କରି ସଦା ସର୍ବଦା ନିଜ କାମରେ ବ୍ୟବହାର କରୁଛନ୍ତି । ହୋମ ଡିପାର୍ଟ ମେଣ୍ଟର ସେକ୍ରେଟାରୀ ଓ କନ୍ଧମାଳ ଜିଲ୍ଲାପାଳ ଏହି ମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସମସ୍ତ ତହସିଲଦାର ଓ ବିଡ଼ିଓଙ୍କ ଗାଡିରୁ ଓରେଞ୍ଜ ରଙ୍ଗର ବତୀ ଓହ୍ଲାଇ ଦିଆଯାଉ । ସୁପ୍ରିମକୋର୍ଟର ନିୟମ କାନୁନକୁ ସନମାନ ମାନି ଠିକ ଭାବରେ କାର୍ଯ୍ୟ କରିବେ । ଏହିପରି ମନଇଚ୍ଛା ଅରେଞ୍ଜବତୀ ଲଗାଇବା ଦ୍ୱାରା ଖରାପ ପ୍ରଭାବ ଜନସାଧରଣରେ ପଡୁଛି ।

## ଶିଶୁଙ୍କୁ ରକ୍ତଦେଇ ଜୀବନ ବଞ୍ଚାଇଲେ ସମାଜସେବୀ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣିର ଦଶରଥ ଡୁରୁକାଙ୍କ ୭ ମାସର ଶିଶୁ ପୁତ୍ର ନରତମ ସିକ୍ଲିନ୍ ରୋଗରେ ପୀଡିତ ହୋଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଉକ୍ତ ରୋଗୀର ରକ୍ତ ଆବଶ୍ୟକ ହୋଇ ପଡିଥିଲା । ରକ୍ତ ପାଇଁ ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ କୌଣସି ପ୍ରକାରରେ ଏହି ଖବର ପାଇ ମାଲକାନଗିରି ପୂର୍ବତନ ବିଧାୟକ ତଥା ଜୀବନ ବିନ୍ଦୁ ସଂଯୋଜକ ମାନସ ମାଡକାମୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜୁ ଜନତା ଦଳର ସକ୍ରିୟ କର୍ମୀ କେ.ରାହୁଲ ରୋଗୀଙ୍କ ପାଖରେ ପହଞ୍ଚି ନିଜେ ଏବି ନେଗେଟିଭ ରକ୍ତ ପ୍ରଦାନ କରି ଦଶରଥ ଡୁରୁକାଙ୍କ ପୁତ୍ର ନରତମର ଜୀବନ ବଞ୍ଚେଇବାରେ ସହାୟକ ହୋଇଥିଲେ । ଏହି ମହତ କାର୍ଯ୍ୟରେ ବିଜୁ ଜନତା ଦଳର କର୍ମୀ ରବି ରାଜେଶ ଓ ସମାଜ ସେବି ବରୁଣ ଡୁରୁକା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ତେବେ ବିଜୁ ଜନତା ଦଳର ନେତା ଓ କର୍ମୀଙ୍କ ଏଭଳି ପ୍ରୟାସକୁ ସାଧାରଣରେ ବେଶ ପ୍ରଶଂସା କରାଯାଉଛି ।

## ନକଲି ସାର୍ଟିଫିକେଟ୍‌ର ତଦନ୍ତ ଜାରି

ବରଗଡ଼,(ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନକଲି ବି.ଇଡି ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା ଅଭିଯୋଗ ହୋଇଛି । ଜିଲ୍ଲାର ଝାରବନ୍ଧ, ପାଇକମାଲ, ଗାଇସିଲେଟ ପରି ଉପାନ୍ତ ଅଞ୍ଚଳରେ ଏପରି ନକଲି ସାର୍ଟିଫିକେଟ୍ ଧାରି ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଏ । ବିଭିନ୍ନ ଜିଲ୍ଲାରେ ଅନେକ ନକଲି ପ୍ରମାଣପତ୍ର ଧାରୀ ଶିକ୍ଷକ ଧରା ପଡିଥିବାରୁ ବରଗଡ଼ ଜିଲ୍ଲାର ଶିକ୍ଷାଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ନକଲି ଶିକ୍ଷକ ଶିକ୍ଷୟିତ୍ରୀ ଧରାପଡି ପାରନ୍ତି ବୋଲି ଅଭିଯୋଗ ହୁଏ । ଏହା ସହ ସେମାନଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୁଏ ।

## ନାରାୟଣପାଟଣାରେ ଡେଙ୍ଗୁ ଆତଙ୍କ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପରେ ଏବେ ନାରାୟଣପାଟଣା ବ୍ଲକରେ ଡେଙ୍ଗୁ ମାଡିବା ଆରମ୍ଭ ହୋଇଛି । ବ୍ଲକରେ ଦୁଇଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି । ଦୁଇଜଣଙ୍କ ମଧ୍ୟରୁ ଜଣେ ପଡୋଶୀ ଆନ୍ଧ୍ରପ୍ରଦେଶର ପାର୍ବତିପୁର ଯାଇ ଚିକତ୍ସା କରି ଭଲ ହୋଇଥିବା ବେଳେ ଆଜି ଜଣେ ଚିହ୍ନଟ ହୋଇଛନ୍ତି । ତଥାପି ନାରାୟଣପାଟଣା ସ୍ୱାସ୍ଥ୍ୟ ବିଭାଗ ପାଖେ ଖବର ନାହିଁ । ଦୁଇଜଣ ଡେଙ୍ଗୁ ଆକ୍ରାନ୍ତ ଜଣାପଡିବା ପରେ ଅଞ୍ଚଳବାସୀ ଭୟଭିତ ହୋଇ ପଡିଛନ୍ତି । ଏନେଇ ବେଳେ ଥାଉଣୁ ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ ପ୍ରସାସନ ତରଫରୁ ଉଚିତ ପଦକ୍ଷେପ ଗ୍ରହଣ କରି ସାହି ବସ୍ତି ଆଦି ଅଞ୍ଚଳ ଗୁଡିକରେ ସଫେଇ କରିବା ଉପରେ ଧ୍ୟାନ ଦେବା ନିହାତି ଯରୁରି ହୋଇ ପଡିଛି । ନଚେତ ଏଇ ଦୁଇ ଆଗକୁ ଦୁଇସହରେ ପରିଣତ ହେବାକୁ ବେଶି ସମୟ ହେବନି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ହରିଜନ ସାହିର ଚକ୍ର ବେନିଆଙ୍କ ବିବାହ ଝିଅ ଦୁର୍ପତି ନାଗ (୨୫)କୀଟନାଶକ ଔଷଧ ଖାଇ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି । ମୃତ ଝିଅର ମା' କହିବା ଅନୁଯାୟୀ ଆଜି ସକାଳୁ ମୃତ ଝିଅ ଦୁର୍ପତି ବିଲରେ ରୁଆ କରିବାକୁ ଯାଇଥିଲା । ସେଠାରେ ତାର ମୁହଁ ବୁଲେଇଲା । ରୁଆ ସାରି ଅପରାହ୍ନରେ ଘରକୁ ଆସିବା ବେଳେ ପୁଣି ମୁହଁ ବୁଲାଇବାରୁ ପଡିଯାଇଥିଲା । ପାଖରେ ଥିବା ଲୋକମାନେ ପରିବାରକୁ ସୂଚନା ଦେଇଥିଲେ । ଉକ୍ତ ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଝିଅର ଦେହ ଔଷଧ ଗନ୍ଧ ହେଉଥିବାରୁ ମା' ତେନ୍ତୁଳି ପାଣି ପିଆଇଥିଲେ । ପ୍ରଚୁର ପରିମାଣରେ ପରିସ୍ରା ହେବା ପରେ ରୋଗିବୁହା ଗାଡିକୁ ଯୋଗାଯୋଗ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଏଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଉକ୍ତ ଖବର ସ୍ଥାନୀୟ ପୋଲିସ ଜାଣି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରି ଅପମୃତ ମାମଲା ରୁଜୁ କରିଥିଲେ । ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ମୃତ ମହିଳାଙ୍କ ଏକ ବର୍ଷର ଯାଆଁଳା କନ୍ୟା ରହିଛନ୍ତି । ସ୍ୱାମୀ କୁଣ୍ଡୁ ନାଗ ଦାଦନ କରିବାପାଇଁ ବାହାର ରାଜ୍ୟକୁ ଯାଇଥିବା ପରିବାର ଲୋକେ ସୂଚନା ମିଳିଛି । ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ।

## ୫-ଟି ରୂପାନ୍ତରିତ ବିଦ୍ୟାଳୟ କାର୍ଯ୍ୟକୁ ନେଇ ବୈଠକ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଶିଖପାଲି ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟକୁ ୫ଟି ଅନ୍ତର୍ଭୁକ୍ତ କରାଇବା ପାଇଁ ଆଜି ବିଦ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସୂଚନା ଅନୁଯାୟୀ ଜିଲ୍ଲା ସଦର ବିଏଲକେ ଅନ୍ତର୍ଗତ ଶିଖପାଲି ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟକୁ ୫ଟି ଅନ୍ତର୍ଭୁକ୍ତ କରାଇ ସ୍ମାର୍ଟ ବିଦ୍ୟାଳୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ବିଦ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ମୁକା ମାଡକାମୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଜୁ ଜନତା ଦଳର ନେତା ସୁବାସ ବାନାର୍ଜୀ ଏବଂ ଅଭିଭାବକ ମାନେ ଯୋଗ ଦେଇଥିଲେ । ବିଦ୍ୟାଳୟଟି ରୂପାନ୍ତରିତ ହେଲେ ଛାତ୍ରୀ ମାନେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରସ୍ତୁତ ହୋଇଥିବା ଶ୍ରେଣୀ ଗୃହରେ ଶିକ୍ଷା ଲାଭ କରିବା ସହ ଶିକ୍ଷା ପ୍ରତି ଅକୃଷ୍ଟ ହେବେ । ତେଣୁ ଏହି କାର୍ଯ୍ୟକୁ ସୂଚାରୁ ରୂପେ କରିବା ପାଇଁ ବୈଠକରେ ଆଲୋଚନା କରଯାଇଥିଲା । ପୂର୍ବରୁ ଜିଲ୍ଲାରେ ଦୁଇଟି ପର୍ଯ୍ୟକ୍ଷୟରେ ଏହି ଭଳି ରୂପାନ୍ତରିତ ବିଦ୍ୟାଳୟ ମାନ କରାଯାଇଥିବା ବେଳେ ବର୍ତ୍ତମାନ ତୃତୀୟ ପର୍ଯ୍ୟକ୍ଷୟରେ ଅନେକ ବିଦ୍ୟାଳୟକୁ ରୂପାନ୍ତରିତ କରିବା ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ ଶିଖପାଲି ଏସ୍ଏସ୍ଡି ଉଚ୍ଚ ବାଳିକା ବିଦ୍ୟାଳୟ ତନ୍ମଧରେ ସାମିଲ ଅଛି ।

### ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ଜିଲ୍ଲାପରିଷଦ ସଭ୍ୟ

## ଉଭୟଙ୍କ ପକ୍ଷରୁ ଥାନାରେ ମାମଲା ରୁଜୁ

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଜୋନ୍-୧ର ସ୍ୱାଧୀନ ଜିଲ୍ଲାପରିଷଦ ସଭ୍ୟ ଦିବ୍ୟଦାନ ସୁନା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ବିରୋଧରେ ନବରଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଶ୍ରୀ ସୁନା ଗଣମାଧ୍ୟମକୁ କହିଛନ୍ତି ଯେ, ନିଜ ଅଞ୍ଚଳର କିଛି ସମସ୍ୟା ନେଇ ଆଲୋଚନା କରିବା ପାଇଁ ସେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଚେମ୍ବରକୁ ଯାଇଥିଲେ । ଏହି ସମୟରେ ପିଡିଙ୍କ ନିକଟରେ ପାପଡାହାଣ୍ଡିର ଜିଲ୍ଲାପରିଷଦ ସଭ୍ୟା ଲିପିକା ମାଝୀ ଓ ତାଙ୍କ ସହ ଯୋଗୀ ବସି କୌଣସି ବିଷୟରେ ଆଲୋଚନା କରୁଥିଲେ । ଦିବ୍ୟଦାନ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିବାରୁ ପ୍ରକଳ୍ପ ନିର୍ଦ୍ଦେଶକ ଉତକ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରି ସେଠାରୁ ଚାଲିଯିବା ପାଇଁ ଧମକ ଦେଇଥିବା ନେଇ ଶ୍ରୀ ସୁନା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ସେ ଏହି ଘଟଣାକୁ ନେଇ ଥାନାରେ ଲିଖିତ ଭାବେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଏ ନେଇ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଏହି ଅଭିଯୋଗ ଭିତିହୀନ । ଜିଲ୍ଲାପରିଷଦ ସଭ୍ୟା ଲିପିକା ମାଝୀ ଓ ସ୍ୱାଧୀନ ସଭ୍ୟ ଦିବ୍ୟଦାନ ସୁନା କାର୍ଯ୍ୟାଳୟକୁ ଆସିଥିଲେ । ତାଙ୍କୁ କାହିଁକି କାମ ଦିଆଯାଉନି ବୋଲି ଶ୍ରୀ ସୁନା ପଚାରିବା ସହିତ ନନ୍ଦାହାଣ୍ଡି ବିଡିଓ ମତେ ସହଯୋଗ ନକରୁଥିବା କହିଥିଲେ । ଏନେଇ ବିଡିଓଙ୍କ ସହ ଆଲୋଚନ କରିବି ବୋଲି ଶ୍ରୀ ସାହୁ କହିଥିଲେ । ଏତିକି କହିବା ପରେ ଦିବ୍ୟଦାନ ମତେ ମୁର୍ଖ, ଟାଉଟର ବୋଲି କହିବା ସହ ତୁମ ଆମ ଅଧୀନରେ କାମ କରୁଛ ବୋଲି ଉଚ୍ଚ ଭାଷାରେ କହିଥିଲେ । ସେ ଯେଉଁ ଅଭିଯୋଗ କରିଛନ୍ତି ତାହା ଭିତ୍ତିହୀନ ବୋଲି କହିବାସହ ସେ ତାଙ୍କୁ ଦୁର୍ବବହାର କରିଥିବା ନେଇ ପାଲଟା ନନ୍ଦାହାଣ୍ଡି ବ୍ଲକ ଜୋନ୍-୧ର ସ୍ୱାଧୀନ ଜିଲ୍ଲାପରିଷଦ ସଭ୍ୟ ଦିବ୍ୟଦାନ ସୁନାଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଉଭୟ ଏତଲା ଗ୍ରହଣ କରି ଏହାର ତଦନ୍ତ କରୁଥିବା ଜଣାପଡିଛି ।

## କର୍ମା ମୁଦୁଲି ଯୁକ୍ତଦୁଇ ବାଣିଜ୍ୟରେ ଟପ୍ପର



ଖଇରପୁଟ୍, (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଓ ବାଣିଜ୍ୟରେ ଉତ୍ସାହଜନକ ପରୀକ୍ଷା ଫଳ ହୋଇଥିବା ବେଳେ ବିଜ୍ଞାନରେ ୧୧୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୬ଜଣ ପାସ୍ ହୋଇଛନ୍ତି । ଯେଉଁଥିରେ ୨୯ଜଣ ପ୍ରଥମ ଶ୍ରେଣୀ, ୪୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୦ଜଣ ତୃତୀୟ ସ୍ଥାନରେ ପାସ୍ ହୋଇଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ୯୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୬ଜଣ ପ୍ରଥମ ଶ୍ରେଣୀ, ୩୦ ଜଣ ଦ୍ୱିତୀୟ ଓ ୧୭ ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଛନ୍ତି । ବାଣିଜ୍ୟରେ ଜଣେ ଆଦିବାସୀ ଛାତ୍ର କର୍ମା ମୁଦୁଲି ୬୦୦ରୁ ୪୯୬ ମାର୍କ ରଖି ମାଲକାନଗିରି ଜିଲ୍ଲାରେ ଟପ୍ପର ହୋଇଥିବା ବେଳେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି ।

## ଉପଜିଲ୍ଲାପାଳଙ୍କ ବ୍ଲକ ସ୍ତରୀୟ ସମୀକ୍ଷା

ଖପ୍ରାଖୋଲ,(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ସଭା ଗୃହଠାରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପାଟଣାଗଡ ଉପଜିଲ୍ଲାପାଳ ଡ଼ା. ବିଜୟାନନ୍ଦ ସେଠୀ ସମୀକ୍ଷା କରିଥିଲେ । ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀମସେନ କହଁର, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ଉପଖଣ୍ଡ ମଙ୍ଗଳ ଅଧିକାରୀ ଦୀପ୍ତି ମନ୍ତ ଭୋଇ, ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବ୍ଲକର ଉନ୍ନୟନ କାମ, ପିଡିଏସ ଚାଉଳ ଯୋଗାଣ, ବିଭିନ୍ନ ଭତ୍ତା ଯୋଗାଣ, ଶିଶୁଖାଦ୍ୟ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କୁ କାମ ଓ ମଜୁରୀ ପ୍ରଦାନ ସମେତ ଗ୍ରାମୀଣ ଆବାସ ଯୋଜନା ଉପରେ ସମୀକ୍ଷା ହୋଇଥିଲା । ବୈଠକରେ ସିଡ଼ିପିଓ ସୁଜାତା ଦୋରା, ଜିପିଓ ସୁଶାନ୍ତ କୁମାର ପାଣି, ଯୋଗାଣ ଅଧିକାରୀ ବିକାଶ କୁମାର ବାର୍ଲା, ପିଏ ଅଶୋକ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପିଇଓ, ଜିଆର୍ଏସ, ଯୋଗାଣ ସହାୟକ ଉପସ୍ଥିତ ଥିଲେ ।

## କନ୍ଧମାଳ ବିକାଶକୁ ନେଇ ସାଂସଦ ଓ ବିଧାୟକଙ୍କ ଆଲୋଚନା

କନ୍ଧମାଳ, (ଭାସ୍କର ନ୍ୟୁଜ୍):କନ୍ଧମାଳ ଜିଲ୍ଲାର ବିକାଶ ନେଇ କନ୍ଧମାଳର ୩ ବିଧାୟକ ସାଲୁଗା ପ୍ରଧାନ, ଅଙ୍ଗଦ କହଁର ଓ ଚକ୍ରମଣି କହଁର ଆଜି ଡା ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ଭେଟିଥିଲେ । କନ୍ଧମାଳର ସାମୂହିକ ଉନ୍ନୟନ ଓ ସ୍ୱାସ୍ଥ୍ୟର ବିକାଶ ନେଇ ବିଧାୟକମାନେ ସାଂସଦଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିତ୍ତିଭୂମି ଓ ଡାକ୍ତର ଅଭାବ ଆଦି ସମସ୍ୟାର ସମାଧାନ ନେଇ ଆଲୋଚନା ହୋଇଥିଲା । ଏହା ବ୍ୟତୀତ କିମ୍‌ସ ଭୁବନେଶ୍ୱର ପକ୍ଷରୁ କନ୍ଧମାଳର ବିଭିନ୍ନ ସ୍ଥାନରେ କରାଯାଉଥିବା ସ୍ୱାସ୍ଥ୍ୟ ଶିବିର ପୁନଃ କାର୍ଯ୍ୟକାରୀ କରାଇବା ପାଇଁ ବିଧାୟକମାନେ ଅନୁରୋଧ କରିଥିଲେ । ସାଂସଦ ଏଥିରେ ସମ୍ମତି ଜଣାଇବା ସହ ଅଗଷ୍ଟ ୧୫ପରେ ଜିଲ୍ଲାର ସ୍ୱାସ୍ଥ୍ୟସେବା ବିକାଶ ଉପରେ ପ୍ରୟାସ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯିବା ସହ ଭବିଷ୍ୟତରେ ଏହାକୁ କିପରି ଆହୁରି ତ୍ୱରାନ୍ୱିତ କରାଯିବ ନେଇ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହାତକୁ ନିଆଯାଇଥିବା ଜିଲ୍ଲାର ବିକାଶମୂଳକ କାର୍ଯ୍ୟକୁ କିପରି ଆହୁରି ଆଗକୁ ନିଆଯାଇପାରିବ ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ଅବସରରେ ସାଂସଦ ଶ୍ରୀ ସାମନ୍ତ କନ୍ଧମାଳ ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ କିଟ୍ ଓ କିସରେ ଅଧିକ ସଂଖ୍ୟାରେ ନିଯୁକ୍ତି ଦିଆଯିବା ନେଇ ବିଧାୟକମାନଙ୍କୁ ଅବଗତ କରିବା ସହ ଜିଲ୍ଲାର ଯୁବକଯୁବତୀଙ୍କୁ କିଟ୍ ଓ କିସ୍‌କୁ ପଠାଇବା ପାଇଁ କହିଥିଲେ । ଏହା ବ୍ୟତୀତ ବିଧାୟକମାନେ କନ୍ଧମାଳ ଜିଲ୍ଲାର ଜନଜାତି ଛାତ୍ରୀମାନଙ୍କୁ ପଠାଇଲେ ସେମାନେ କିସରେ ବିନାଦେୟରେ ପଢ଼ିପାରିବେ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସାଧାରଣ ବର୍ଗଙ୍କ କଥା କିଏ ଶୁଣିବ ସାଧାରଣ ବର୍ଗର ପିଲାମାନେ ଭଲପାଠ ପଢୁଥିଲେ ମଧ୍ୟ ଏହିମାନଙ୍କ ସୁବିଧା ସାତ ସପ୍ନ ହୋଇପଡିଛି ।

## ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିରେ ବିଜେପି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ



ଲହୁଣୀପଡ଼ା,(ଭାସ୍କର ନ୍ୟୁଜ୍):ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରିବାକୁ ଯାଉଛି । ଏହାକୁ ଲକ୍ଷ୍ୟ ରଖି ମାନ୍ୟବର ପ୍ରଧାନମନ୍ତ୍ରୀ 'ହର ଘର ତ୍ରିରଙ୍ଗା'ର ଆହ୍ୱାନ ଦେଇଛନ୍ତି । ଏଇ ନିକଟରେ ଜାତୀୟ ପତାକା କୋଡ଼ ରେ ସଂଶୋଧନ କରାଯାଇ ପ୍ରତ୍ୟେକଙ୍କ ଘରେ ୨୪ ଘଣ୍ଟା ଜାତୀୟ ପତାକା ସମ୍ମାନର ଉଡ଼ାଯାଇ ପାରିବ ବୋଲି କୁହାଯାଇଛି । ୭୫ତମ ସ୍ୱାଧିନତା ଦିବସ ପାଳନର ପୂର୍ବରୁ ଆସନ୍ତା ଅଗଷ୍ଟ ୯ ତାରିଖ ରୁ ପ୍ରତ୍ୟେକ ଦେଶବାସୀଙ୍କ ଘରେ ଏବଂ ସରକାରୀ ତଥା ବେସରକାରୀ ସଂସ୍ଥାରେ ତ୍ରିରଙ୍ଗା ଉଡ଼ାଯିବ । ଏହି କ୍ରମରେ ବଣାଇଁ ଉପଖଣ୍ଡରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଅନିଲ କୁମାର ବାର୍ଲାଙ୍କ ଅଧ୍ୟକ୍ଷତାରେ ରାଜାମୁଣ୍ଡାସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ସ୍ୱତନ୍ତ୍ର ଭାବେ ରାଜ୍ୟ ବିଜେପିର ପ୍ରତିନିଧି,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାସ ଉପସ୍ଥିତ ରହି ଜିଲ୍ଲା ତଥା ମଣ୍ଡଳ ସଂଯୋଜକମାନଙ୍କ ସହ କାର୍ଯ୍ୟକ୍ରମର ସଫଳତା ପାଇଁ ବ୍ୟବସ୍ଥା ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସେବତୀ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଜିଲ୍ଲା ଉପ ସଭାପତି ବାସୁଦେବ ସାହୁ, ମହେଶ ଶାହା, ଉପେନ୍ଦ୍ର ବେହେରା, ପ୍ରଦୀପ ସ୍ୱାଇଁ, ମିଥିଳା ପାତ୍ର, ଦିବ୍ୟମଞ୍ଜରୀ ଶେଖର ଦେଓ, ଜିଲ୍ଲା ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ବାଗୁନ ଗାଗ୍ ରାଇ, ବରିଷ୍ଠ ନେତା ରେଙ୍ଗଟୁ ପ୍ରଧାନ, ସରସରା ମଣ୍ଡଳ ସଭାପତି ଯୁଧିଷ୍ଠୀର ବେହେରା, କୋଇଡ଼ା ମଣ୍ଡଳ ସଭାପତି ମେଲୋରୀ ବାରିକ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ଅଭିମନ୍ୟୁ ମହାକୁଳ, କ. ବଲାଙ୍ଗ ମଣ୍ଡଳ ସଭାପତି ମାଦି ଓରାମ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଡ଼େଇ, କୋଇଡ଼ା ମଣ୍ଡଳ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଜୈସ୍ୱାଲ, ଶଶୀ ଭୂଷଣ ବେହେରା, ଗୁରୁଣ୍ଡିଆ ମଣ୍ଡଳ ସାଧାରଣ ସମ୍ପାଦକ ସୁଧାକର ସେଠ, ଗୁରୁଣ୍ଡିଆ (ଖ) ଜିଲ୍ଲା ପରିଷଦ ପ୍ରାର୍ଥୀ ସନ୍ତୋଷ କୁମାର ମୁଣ୍ଡା ବରିଷ୍ଠ କାର୍ଯ୍ୟକର୍ତ୍ତା ଲବ କିଶୋର ସାହୁ ଓ ଗୀତା ଜୈସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ହୃଦ୍‌ରୋଗ ଶିଶୁଙ୍କ ନିମନ୍ତେ ମାଗଣା ଚିକିତ୍ସା ଶିବିର

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦ୍‌ରୋଗୀ ଶିଶୁମାନଙ୍କ ପାଇଁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ସମିତି ଶାଖା ପକ୍ଷରୁ ମାଗଣା ସ୍ୱତନ୍ତ୍ର ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପକୁ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ମହତକାଂକ୍ଷୀ ଯୋଜନାରେ ବ୍ୟୟବହୁଳ ସ୍ୱାସ୍ଥ୍ୟସେବା ବିନା ମୂଲ୍ୟରେ ରୋଗୀଙ୍କ ନିମନ୍ତେ ଉପଲବ୍ଧ ହୋଇ ପାରୁଛି । ଏହି ଶିବିରରେ ନବରଙ୍ଗପୁର, କୋରାପୁଟ, ରାୟଗଡା, ମାଲକାନାଗିରି ଓ କଳାହାଣ୍ଡି ଜିଲ୍ଲାର ୧୨୧ ଜଣ ଶିଶୁଙ୍କ ନାମ ପଞ୍ଜୀକରଣ କରାଯାଇଥିଲା ଜନ୍ମରୁ ୧୮ ବର୍ଷ ବୟସର ଶିଶୁରୋଗୀ ଏହି କ୍ୟାମ୍ପକୁ ଆସିଥିଲେ । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ସମିତି ଦ୍ୱାରା ଅନୁବନ୍ଧିତ ଛତିଶଗଡ ରାଜ୍ୟର ରାୟପୁରରେ ଥିବା ନାରାୟଣ ହୃଦୟାଳୟର ଅଭିଜ୍ଞ ଡାକ୍ତର ଓ ବୈଷୟିକ କର୍ମଚାରୀଙ୍କ ଏକ ଟିମ୍ ଏହି ସ୍କ୍ରିନିଂ କ୍ୟାମ୍ପରେ ସହଯୋଗ କରିଛନ୍ତି । ପଞ୍ଜୀକୃତ ଶିଶୁମାନଙ୍କ ପ୍ରାଥମିକ ଯାଞ୍ଚ ପରେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ସୁମନ୍ତ ଶେଖର ପାଢୀ ସମସ୍ତଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ । ସମସ୍ତ ହୃଦରୋଗୀଙ୍କ ଅଲଟ୍ରାସାଉଣ୍ଡ ଓ ସ୍କାନିଂ ସହ ଇସିଜି କରାଯାଇଥିଲା । ସମସ୍ତ ପ୍ରକାର ପରୀକ୍ଷା ପରେ ୭୨ଜଣ ଶିଶୁ ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗୁରୁତର ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ରାୟପୁରରେ ଥିବା ନାରାୟଣ ହୃଦୟାଳୟ ଏବଂ ପରେ ଆବଶ୍ୟକ ହେଲେ ବାଙ୍ଗାଲୁରୁ ସୁପର ସ୍ପେଶିଆଲଟି ହସପିଟାଲକୁ ଅଧିକ ଚିକିତ୍ସା ତଥା ଅସ୍ତ୍ରୋପଚାର ପାଇଁ ପଠାଯିବ ବୋଲି ଜଣା ପଡିଛି । ଏହି ସ୍କ୍ରିନିଂ ସମୟରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ସମିତିର ଜିଲ୍ଲା ସଂଯୋଜକ ଫିରୋଜ ବାଘଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମସ୍ତ ଅଧିକାର ଉପସ୍ଥିତ ଥିଲେ । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ସ୍କ୍ରିନିଂ କ୍ୟାମ୍ପ ଯୋଗୁ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ପଡୋଶୀ କଳାହାଣ୍ଡି ଜିଲ୍ଲାର ହୃଦରୋଗୀ ଶିଶୁ ଉପକୃତ ହୋଇପାରିବେ । ଜିଲ୍ଲାରେ ଏଭଳି କ୍ୟାମ୍ପ ହେବା ଫଳରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କ ରୋଗ ଚିହ୍ନଟ ଓ ସ୍କ୍ରିନିଂ ହୋଇପାରୁଛି । ଏହାଦ୍ୱାରା ସେମାନଙ୍କୁ ଉତମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳିପାରୁଛି ବୋଲି ଜିଲ୍ଲା ଡ. ମିଶ୍ର ଓ ହୃଦରୋଗ ବିଶେଷଜ୍ଞ ଡ.ସୁମନ୍ତ ଶେଖର ପାଢୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସ୍ୱେ.ସୁଶ୍ରୀ, ସିଡିଏମଓ ଡା. କାଳୀ ପ୍ରସାଦ ବେହେରା,ଡା. କାହ୍ନୁ ଚରଣ ପାତ୍ର,ଡା. ନୀଳମଣି ଦିଲ୍ଲିପ ଚାନ୍ଦ ବେହେରା, ଡା. ସୁକାନ୍ତ କୁମାର ଶତପଥୀ, ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ଡା. ଶିବାନୀ ଚୌଧୁରୀଙ୍କ ସମେତ ୫ଟି ଜିଲ୍ଲାର ସ୍ୱାସ୍ଥ୍ୟ ସମିତି ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।



"ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରେ, ଯିଏ କୌଣସି ପଦାର୍ଥ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ।"

- ସ୍ୱାମୀ ବିବେକାନନ୍ଦ



"ଯଦି ତୁମେ ଭଗବାନଙ୍କୁ ପ୍ରାର୍ଥନା କରୁନାହଁ, ତାହା ତାଙ୍କ ପାଇଁ କ'ଣ ଏହା କେବଳ ତୁମର ଦୁର୍ଭାଗ୍ୟ।"

-ସାରଦା ଦେବୀ



# ମଙ୍କିପକ୍ସ ପାଇଁ ସତର୍କତା ଜରୁରି

କରୋନା ମହାମାରୀ ସଂକ୍ରମଣ ପରେ ଏବେ ମଙ୍କିପକ୍ସ ସାରା ବିଶ୍ୱକୁ ଘାଣ୍ଟିବାରେ ଲାଗିଛି। ଭାରତ ସମେତ ବିଶ୍ୱର ୭୮ ଟି ରାଷ୍ଟ୍ରରେ ଏହା ତାହାର କାୟା ମେଲାଇବାରେ ଲାଗିଛି। ବ୍ରାଜିଲରେ ପ୍ରଥମ ମଙ୍କିପକ୍ସ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିସାରିଛି। ଫଳରେ ଏହାକୁ ନେଇ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଆମ ଦେଶରେ ମଧ୍ୟ ଇତି ମଧ୍ୟରେ ୫ଜଣ ସଂକ୍ରମିତ ଚିହ୍ନଟ ହୋଇ ସାରିଲେଣି। କେରଳରୁ ୨ଜଣ, ଦିଲ୍ଲୀରୁ ୨ଜଣ ଏବଂ ହିମାଚଳ ପ୍ରଦେଶକୁ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ସରକାରଙ୍କୁ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯିବା ସହ ନୂଆ ଗାଇଡ଼ଲାଇନ୍ ଜାରି କରାଯାଇଛି। ଏଥିରେ ଆକ୍ରାନ୍ତ ଥିବା କହିବା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷ ୨୧ ଦିନିଆ ସଂଗରୋଧରେ ରହିବା ବାଧ୍ୟତା ମୂଳକ କରାଯାଇଛି। ସେହିପରି ତିନି ଥାକିଆ ମାସ୍କ ପରିଧାନ ସହ ଶରୀରରେ ଦେଖାଦେଇଥିବା ବଥ ଓ ଘା'କୁ ଯଥା ସମ୍ଭବ ଘୋଡ଼େଇ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଯଦିଓ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି ତଥାପି ଏହାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟରେ ମଙ୍କିପକ୍ସର ଏକ ଟେଷ୍ଟିଂ କେନ୍ଦ୍ର ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେବା ସହ ସଚେତନତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିନେଇ ସବୁ ଜିଲ୍ଲାର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକ ବଡ଼ଡାକ୍ତର ଖାନାକୁ ମଙ୍କିପକ୍ସର ନୋଡ଼ାଲ ସେଣ୍ଟର କରାଯାଇଛି। ଅଗଷ୍ଟ ୧୦ ସୁଦ୍ଧା ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏସ୍‌ସିବିରେ ତାଲିମ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ୭ ଟି ସରକାରୀ ମେଡ଼ିକାଲ କଲେଜର ମଙ୍କିପକ୍ସ ଆକ୍ରାନ୍ତଙ୍କ ପାଇଁ ଅତିକମ୍‌ରେ ଦୁଇଟି ଲେଖାଏଁ ବେଡ଼ ସଂରକ୍ଷିତ ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମଙ୍କିପକ୍ସକୁ ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଗଭୀର ଉଦ୍‌ବେଗ ପ୍ରକାଶ କରି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି। ମୋଟାମୋଟି କଥା ହେଉଛି, ସରକାର ଏକାକୀ କିଛି କରି ପାରିବେ ନାହିଁ। ଏ କ୍ଷେତ୍ରରେ ଜନ ସହଯୋଗର ଜରୁରି ଆବଶ୍ୟକତା ରହିଛି। କରୋନା ମହାମାରୀ ସମୟରେ ଗାଇଡ଼ଲାଇନ୍ ଉଲ୍ଲଙ୍ଘନ କରି କେତେକ ଆମାନିଆ ମୋଟା ଅଙ୍କର ଆର୍ଥିକ ଡିଣ୍ଡ ଗଣିବା ପରେ ବି ସେମାନଙ୍କ ଚେତା ପଶିଲା ନାହିଁ। ଫଳରେ ରାଜ୍ୟରେ ସଂକ୍ରମଣରେ ବୃଦ୍ଧି ଘଟିଲା। ତେଣୁ ତାହାର ପୁନରାବୃତ୍ତି ହେଲେ ମଙ୍କିପକ୍ସ ଘରେ ଯେ ପଶିଯିବ ଏହାକୁ ଆଦୌ ଅସ୍ୱୀକାର କରାଯାଇ ନପାରେ। ଏ କ୍ଷେତ୍ରରେ ସମସ୍ତେ ନିଜେ ସଚେତନ ରହି ସରକାରଙ୍କୁ ସହଯୋଗ କରିବା ଆବଶ୍ୟକ। ତେଣୁ ଆଗକୁ ଯେପରି ମଙ୍କିପକ୍ସ ଓଡ଼ିଶା ଭିତରକୁ ନ ପଶେ ସେ ନେଇ ସମସ୍ତେ ଧ୍ୟାନ ଦେବା ଉଚିତ୍।

## ନୀତିବାଣୀ

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ॥

-ଶ୍ରୀମଦ୍‌ଭଗବଦ୍ ଗୀତା

# ୯୩ ବର୍ଷରେ ସାପ୍ତାହିକ 'ନବୀନ'

ଡକ୍ଟର ପ୍ରଦୀପ ମହାପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ, ସାମ୍ବାଦିକ ଗଣଯୋଗାଯୋଗ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭୀମରାଓପେଟା, ବ୍ରହ୍ମପୁର-୧
berhampurdiary.blogspot.com

ବ୍ରହ୍ମପୁର ସହର ସଂପର୍କୀତ ବିଭିନ୍ନ ଉଲ୍ଲେଖଯୋଗ୍ୟ ଘଟଣାକ୍ରମ ମଧ୍ୟରେ ୯୩ ବର୍ଷ ଧରି ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଅନ୍ୟତମ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ଛଅ ବର୍ଷ ଏବଂ ଭାରତ ସ୍ୱାଧୀନତା ଲାଭ କରିବା ୧୭ ବର୍ଷ ପୂର୍ବେ ୧୯୩୦ରେ ମହୁରି ରାଜପରିବାର ପୃଷ୍ଠପୋଷକତାରେ ନବୀନ ନାମକ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ ହୋଇଥିଲା । ମହୁରି ରାଜା କୃପାସିନ୍ଧୁ ନରେନ୍ଦ୍ର ଦେବ ମୃତ୍ୟୁ ଯାଏଁ ନବୀନର ସମ୍ପାଦକ ରହିଥିଲେ । ତାଙ୍କରି ପୁତ୍ର ଶିଶିର କୁମାର ନରେନ୍ଦ୍ର ଦେବ କିଛିକାଳ ସମ୍ପାଦନା କଲାପରେ ପତ୍ରିକାଟି ସମ୍ପାଦନା ଓ ପ୍ରକାଶନରେ ସହଯୋଗିତା କରୁଥିବା ରାଜକର୍ମଚାରୀ ସିଂହାଦ୍ରୀ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ସିଂହାଦ୍ରୀ ପଣ୍ଡାଙ୍କ ମୃତ୍ୟୁପରେ ତାଙ୍କରି ପରିବାରବର୍ଗ କିମ୍ବା ରାଜପରିବାର ପକ୍ଷରୁ ନବୀନ ପ୍ରକାଶନ ନିମନ୍ତେ ଉଦ୍ୟମ କରାଯାଇପାରିଲା ନାହିଁ । ଏହି ଅବସରରେ ବ୍ରହ୍ମପୁରର ତରୁଣ ସାମ୍ବାଦିକ ରବି ରଥ ୧୯୮୯ରେ ନବୀନର ସତ୍ତ୍ୱ କ୍ରୟ କରି ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିଲେ । ଯାହାକି ୩୨ ବର୍ଷ ଶ୍ରୀ ରଥଙ୍କ ସମ୍ପାଦନାରେ ପ୍ରକାଶ ପାଇ ବେଶ ଲୋକପ୍ରିୟ ହାସଲ କରିପାରିଛି । ସାପ୍ତାହିକ ସମ୍ବାଦପତ୍ରଟି ୧୯୩୦ରେ ଆତ୍ମପ୍ରକାଶ କରିବା ପରଠୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଚାଲିଛି ଏବଂ ସାତବର୍ଷପରେ ୨୦୩୦ରେ ଶତବାର୍ଷିକୀ ପାଳନ କରିବା ଆଶା କରାଯାଏ।

ନବୀନ ଜନ୍ମକାଳରେ ବ୍ରହ୍ମପୁର ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ଓ ସାମ୍ବାଦିକତା କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରୁଥିଲା । ପାରମ୍ପରିକଭାବେ ମହୁରି ରାଜପରିବାର ସଂସ୍କୃତି ପ୍ରିୟ କିମ୍ବଦନ୍ତୀ ଅନୁଯାୟୀ ପଞ୍ଚଦଶ ଶତାବ୍ଦୀରେ ଗଜପତି ରାଜା ପୁରୁଷୋତ୍ତମ ଦେବ ମହୁରି ରାଜ୍ୟ ପ୍ରତିଷ୍ଠା କରିଥିଲେ । ମହୁରି ରାଜପରିବାର ସଂପର୍କରେ ଗବେଷଣା କରି ସନ୍ଦର୍ଭ ରଚନା କରିଥିବା ଡକ୍ଟର ବିଚିତ୍ରାନନ୍ଦ ଦାଶଙ୍କ ଭାଷାରେ, ଗଜପତି ପୁରୁଷୋତ୍ତମ ଦେବ ତାଙ୍କର ଦକ୍ଷିଣାତ୍ୟ ଅଭିଯାନ ବେଳେ ସୋମରାଜା ଏବଂ ଭୀମରାଜା ନାମକ ଦୁଇ ଭାଇଙ୍କୁ ନିଜର ସାଥି-ସର୍ଦ୍ଦାର ରୂପେ ନେଇଥିଲେ । ଦାକ୍ଷିଣାତ୍ୟ ଯୁଦ୍ଧରେ ବିଜୟ ଲାଭ କରି ପ୍ରତ୍ୟାବର୍ତ୍ତନ କଲାବେଳେ ଏମାନଙ୍କ ଉପରେ ପ୍ରୀତ ହୋଇ ପୁରୁଷୋତ୍ତମ ଦେବ ଋଷିକୂଲ୍ୟା ଓ ବାହୁଦା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳକୁ ବଡ଼ଭାଇ ସୋମରାଜାଙ୍କୁ ପ୍ରଦାନ କଲେ । ସୋମରାଜା ଜଣେ ବିଖ୍ୟାତ ମହୁରି ବାଦକ ଥିଲେ । ସେହି ଅନୁସାରେ ଉକ୍ତ ଅଞ୍ଚଳ ମହୁରି ରାଜ୍ୟ ଭାବରେ ଖ୍ୟାତ ହେଲା।

କୃପାସିନ୍ଧୁ ନରେନ୍ଦ୍ର ଦେବ ସଙ୍ଗୀତ, ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖୁଥିଲେ । ବିଂଶ ଶତାବ୍ଦୀ ଆରମ୍ଭରେ ବ୍ରହ୍ମପୁର ସହରରେ ଓଡ଼ିଆ ଭାଷାର ସ୍ଥିତି ବିପଦଜନକ ଅବସ୍ଥାରେ ଥିବା ହେତୁ ସାମ୍ବାଦିକତା ସାଙ୍ଗକୁ ସାହିତ୍ୟ ସୃଜନକୁ ଉତ୍ସାହିତ କରିବା ନିମନ୍ତେ ନବୀନ ପ୍ରକାଶନରେ ମନୋନିବେଶ କରିଥିଲେ। ସେ ସମୟରେ ବ୍ରହ୍ମପୁରରୁ ପ୍ରକାଶିତ ସାପ୍ତାହିକ ଆଶା ଦୈନିକ ସମ୍ବାଦପତ୍ରରେ ରୂପାନ୍ତରିତ ହୋଇଥାଏ । ଅତଏବ ସମୃଦ୍ଧ ସାମ୍ବାଦିକତା ପରିବେଶରେ ଏକ ବିକଳ୍ପ ସାମ୍ବାଦିକତା ଧାରା ପ୍ରବର୍ତ୍ତନ ଲାଗି ଉଦ୍ୟମ କରିଥିବା ସୁସ୍ପଷ୍ଟ।

ନବୀନ ମୁଦ୍ରଣ ନିମନ୍ତେ ମହୁରି ରାଜବାଟୀରେ ରୟାଲ ପ୍ରେସ ନାମକ ଏକ ଛାପାଖାନା ସ୍ଥାପିତ ହୋଇଥିଲା । ଅଧୁନା ସାନବଜାରରୁ ବଡ଼ବଜାର ଯିବା ମୁଖ୍ୟରାସ୍ତାରେ ଖାସ୍ବାସାହୀ ଛକରେ ପହଞ୍ଚିବା ପୂର୍ବରୁ ଡ଼ାହାଣ କଡ଼ ରାସ୍ତାରେ ଦେଶୀବେହରା ସାହୀକୁ ପ୍ରବେଶ କରିବାକୁ ପଡ଼େ । ସେହି ରାସ୍ତାରେ ବାମ ମୋଡ଼ ନେବା ପୂର୍ବରୁ ଡାହାଣ ପଟେ ମହୁରି ରାଜପ୍ରସାଦ ବିଦ୍ୟମାନ ଥିଲା। ପ୍ରବେଶ ପଥର ଡ଼ାହାଣ ପଟେ, ଅର୍ଥାତ ବର୍ତ୍ତମାନ ଠାକୁରାଣୀଯାତ୍ରା ସମୟରେ ମହୁରି ରାଜା ହାଣ୍ଡି ପରିକ୍ରମାବେଳେ ପୂଜାର୍ଚ୍ଚନା କରୁଥିବା କଠୋରୀର ସାମନାରେ ରୟାଲ ପ୍ରେସ ଦୁଇ ବଖୁରିଆ ଗୃହରେ ସ୍ଥାପିତ ହୋଇଥିଲା । ପ୍ରଥମ ବଖରାରେ ସିଂହାଦ୍ରୀ ପଣ୍ଡା ଏକ ବଡ଼ କାଠ ଟେବୁଲ ସାମନାରେ ବସୁଥାନ୍ତି । ଆଗନ୍ତୁକଙ୍କ ପାଇଁ ଦୁଇଗୋଟି କାଠ ଚୌକୀ ପଡ଼ିଥାଏ । ସେ ରୀତିମତ ସକାଳ ୧୦ରୁ ରାତି ୮ ଯାଏଁ ସମ୍ପାଦନା, ସଂଶୋଧନ, ବିଜ୍ଞାପକଙ୍କ ସହ ପତ୍ରାଳାପ ଓ ଅତିଥି ସତ୍କାରରେ ବ୍ୟସ୍ତ ରହୁଥାନ୍ତି । ଏକ ଛୋଟିଆ ଟାଇପ ରାଇଟର ଟେବୁଲ ଉପରେ ଥୋଇ ଇଂଲିଶ ଚିଠିପତ୍ର ପ୍ରସ୍ତୁତ କରୁଥାନ୍ତି । ସିଂହାଦ୍ରୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରନ୍ତି, କିନ୍ତୁ କାହା ସହ ଦୀର୍ଘ ସମୟ ଆଳାପ କରନ୍ତି ନାହିଁ । ନିଜ ଅଫିସ କାମକୁ ତୁରନ୍ତ ଫେରି ଯାଆନ୍ତି। ପଛ ବଖରାରେ କମ୍ପୋଜିଟ ଟେବୁଲ ଏବଂ ଟ୍ରେଡ଼ଲ ମେସିନ ଥାଏ ସେଠି ପତ୍ରିକା ଛାପା ହୁଏ ।

ବଡ଼ ବଜାରରେ ନବୀନର ସ୍ୱତନ୍ତ୍ର ପରିଚୟ ରହିଥାଏ । ଅତୀତରେ ଡ଼ାକଘର ଜନଜୀବନରେ ପ୍ରଭାବଶାଳୀ ବିବେଚିତ ହେଉଥିଲା । ନବୀନ କାର୍ଯ୍ୟାଳୟ ସାମ୍ନାରେ ନବୀନ ଡ଼ାକଘର କାର୍ଯ୍ୟକରୁଥାଏ। ମହୁରି ରାଜପରିବାରଙ୍କ ପକ୍ଷରୁ ମହୁରି ରାଜବାଟୀ ଗତ ଶତାବ୍ଦୀ ସପ୍ତମ ଓ ଅଷ୍ଟମ ଦଶକରେ ଖଣ୍ଡ ଖଣ୍ଡକରି ବିକ୍ରୀ କରିଦିଆଗଲା । ରୟାଲ ପ୍ରେସର ଜମି ବିକ୍ରୀ ଅବସରରେ ସିଂହାଦ୍ରୀ ପଣ୍ଡା ନିଜ ରଙ୍ଗୁଣୀବନ୍ଧ ସାହୀ ବାସଭବନକୁ ଛାପାଖାନାଟି ଉଠାଇ ନେଇ କିଛି କାଳ ନବୀନ ମୁଦ୍ରଣ ଓ ପ୍ରକାଶନ ଜାରୀ ରଖିଥିଲେ । ରବି ରଥ ନବୀନ ପ୍ରକାଶନ ସତ୍ତ୍ୱ ହାସଲ ପରେ ନିଜେ ଛାପାଖାନା ସ୍ଥାପନ କଲେ ନାହିଁ । ଏଯାଏଁ ପତ୍ରିକାଟି ଅନ୍ୟ ଘରୋଇ ମୁଦ୍ରଣାଳୟରେ ମୁଦ୍ରିତ ହେଉଛି । ନବୀନ ସମ୍ବାଦପତ୍ର ରୂପେ ପ୍ରକାଶିତ ହେଉଥିଲେ ହେଁ ସାହିତ୍ୟ ସୃଜନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଥିଲା । ସ୍ୱାଧୀନତା-ପୂର୍ବ ଦୁଇ ଦଶନ୍ଧି ଏବଂ ସ୍ୱାଧୀନତା-ପର ଦୁଇ ଦଶନ୍ଧି ପ୍ରାୟ ଚାଳିଶି ବର୍ଷ ଧରି ସମଗ୍ର ଓଡ଼ିଶାର ଅଧିକାଂଶ ସାହିତ୍ୟିକଙ୍କ ପ୍ରଥମ ରଚନା ସମୂହ ନବୀନରେ ହିଁ ପ୍ରକାଶିତ ହୋଇଥିବା ଗୌରବର ଅଧିକାରୀ ବ୍ରହ୍ମପୁରର ବହୁ ସାହିତ୍ୟିକ ନବୀନ ପୃଷ୍ଠାରେ ନିଜ ରଚନା ପ୍ରକାଶନର ଶିହରଣ ଅନୁଭବ କରି ଆସିଛନ୍ତି । ସହରର ସାଂସ୍କୃତିକ ଇତିହାସରେ ନବୀନର ଯୋଗଦାନର ପଟାନ୍ତର ନାହିଁ ।

# ତିନି ଅଣା ବନାମ ପନ୍ଦର ଅଣାର ଚର୍ଚ୍ଚା



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋବାଇଲ: ୬୩୭୦୬ ୭୫୫୬୨

୧୯୫୭ ମସିହାରେ ଡକ୍ଟର ରାମ ମନୋହର ଲୋହିଆ ଓଡ଼ିଶା ଗସ୍ତରେ ଆସି ତିର୍ତ୍ତୋଲ ହାଇସ୍କୁଲରେ ରାତ୍ରିଯାପନ କରିଥିଲେ। ସାଙ୍ଗରେ ଥିଲେ ଶ୍ରୀଯୁକ୍ତ ରବି ରାୟ। ସେତେବେଳେ ସରକାରଙ୍କର ସ୍ୱଚ୍ଛ ଭାରତରେ ପାଇଖେନାର ବ୍ୟବସ୍ଥା ନଥିଲା। ଫଳରେ ଦୁଇ ମହାନ୍ ନେତୃବୃନ୍ଦ ସକାଳୁ ଶୌଚ ହେବା ପାଇଁ କେନାଲ କୂଳକୁ ଯିବାକୁ ପଡ଼ିଲା। ନିଜର ନିତ୍ୟକର୍ମ ସାରି ସେ ଦେଖିଲେ କେତେଜଣ ପିଲା ଅଳ୍ପ ଅଳ୍ପ ପାଣିରୁ ମାଛ ଧରୁଛନ୍ତି। ଲୋହିଆଜୀ ରବି ରାୟଙ୍କୁ ସେ ମାଛ ଧରୁଥିବା ପିଲାଟିକୁ ଡାକିବାକୁ କହିଥିଲେ। ଏବଂ ରବି ରାୟ ସେ ପିଲାଟିକୁ ଡାକିଲେ। ଡକ୍ଟର ଲୋହିଆ ଅତି ସରଳ ହିନ୍ଦୀ ଭାଷାରେ ପଚାରିଲେ, ଆରେ ବାବା ତୁମେ ଏ ମାଛ ଧରି କ'ଣ କରିବ ? ପିଲାଟି ଅତି ଆଶ୍ଚର୍ଯ୍ୟ ଭାବରେ ତାଙ୍କ ମୁହଁକୁ ଅନାଇବା ସହ ଅତି ସନ୍ତର୍ପଣରେ କହିଲା ଆଜ୍ଞା ଏହାକୁ ବିକିବୁ। ଲୋହିଆଜୀ ପୁନର୍ବାର ପଚାରିଲେ କେତେ ପାଇବ ? ପିଲାଟି ନିରୁତ୍ତର ହେବାରୁ ଲୋହିଆଜୀ ନିଜେ ହିସାବ କଲେ। ସେ ସେଠାରେ ଲୋକମାନଙ୍କ ଦୈନିକ ଆୟ ତିନି ଅଣା ବୋଲି ବାହାର କଲେ। କିଛିଦିନ ପରେ ସଂସଦରେ ଆର୍ଥିକ ବିତର୍କ ବେଳେ ଏ ଘଟଣାଟି ବଖାଣି ଥିଲେ। ପ୍ରସଙ୍ଗକ୍ରମେ କହିଥିଲେ ମୋ ଭଳିଆ ଲୋକ ଏ ଦାରିଦ୍ର୍ୟ ଦେଖି କାହିଁକି ବଞ୍ଚିଛି ! ଯେଉଁ ବୟସରେ ପିଲାଟି ପାଠ ପଢ଼ିବାର କଥା ସେ ପାଠ ନପଢି ମାଛ ଧରୁଛି ! ଲୋହିଆଜୀ ନେହେରୁଙ୍କୁ ଆହ୍ୱାନ ଜଣାଇ କହିଥିଲେ, ଜବାହାର ତୁମର ପରିସଂଖ୍ୟାନ ଭୂଲ୍। ତୁମ ଅମଲାତନ୍ତ୍ର ଆଉ ଅର୍ଥନୀତିଜ୍ଞମାନେ ତୁମକୁ ବିଭ୍ରାନ୍ତିକର ତଥ୍ୟ ଯୋଗାଉଛନ୍ତି। ପ୍ରକୃତ ତଥ୍ୟ ହେଉଛି "ତିନି ଅଣା ବନାମ ୧୫ ଅଣାର ଚର୍ଚ୍ଚା"। ଓଡ଼ିଶାର ଦାରିଦ୍ର୍ୟ ଉପରେ ସେହି ମହାନ ନେତାଙ୍କର ଆଲୋଚନାର ଗୁମର ସେତେବେଳେ ରାଷ୍ଟ୍ରୀୟ ସ୍ତରର ସବୁ ଖବର କାଗଜରେ ପ୍ରକାଶ ପାଇବା ସହ ସରକାରଙ୍କୁ ଲଜ୍ଜିତ ହେବାକୁ ପଡ଼ିଥିଲା। ଆଜିବି ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ବିଦ୍ୟାଳୟ ବାରଣ୍ଡା ନମାଡ଼ି ଶିଶୁ ଶ୍ରମିକ ଭାବରେ ଖଟୁଛନ୍ତୀ। ମାତ୍ର ଆଜି ଅଛନ୍ତି କି ଲୋହିଆଙ୍କ ଭଳି ସ୍ପଷ୍ଟବାଦୀ ନେତା ନା ସଚ୍ଚିବ ! ସମସ୍ତେ ଆଜି ସରକାରଙ୍କର ଗୁଣଗାନ କରି ନିଜର ଫାଇଦା ଉଠାଇବାରେ ବ୍ୟସ୍ତ। ତେବେ ଦେଶ ସୁଧୁରିବ କିପରି। ୧୯୧୦ ମସିହା ମାର୍ଚ୍ଚ ୨୩ ତାରିଖ ଅକ୍ଷୟ ତୃତୀୟା ଦିନ ସେହି ମହାନ ବିଭୁତି ରାମ ମନୋହର ଲୋହିଆ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ହୀରାଲାଲ ଓ ମାଁ ଙ୍କ ନାମ ଥିଲା ଚନ୍ଦା ଯଦିଓ ସେ ଏକ ମାରୁଓ୍ୱାଡି ପରିବାରରେ ଜନ୍ମ ଗ୍ରହଣ କରିଥିଲେ ତଥାପି ସେ ରାଜନୀତିରେ ରୁଚି ରଖୁଥିଲେ। ଡକ୍ଟର ଲୋହିଆ ବମ୍ବେର ମାରୁଆଡ଼ି ବିଦ୍ୟାଳୟରୁ ମାଟ୍ରିକ, କାଶୀ ବିଶ୍ୱବିଦ୍ୟାଳୟରୁ ଆଇଏ, କଲିକତା ବିଦ୍ୟାସାଗର କଲେଜରୁ ପ୍ରଥମ ଶ୍ରେଣୀରେ ଅନର୍ସ ସହିତ ବି ଏ ପାସ କରିବା ସହ ଲୁଣ ଉପରେ କର ଆଇନ ଆନ୍ଦୋଳନ ସତ୍ୟାଗ୍ରହ ବିଷୟରେ ଅର୍ଥଶାସ୍ତ୍ରରେ ପିଏଚଡ଼ି ଡିଗ୍ରୀ ଲାଭ କରିଥିଲେ। ୧୯୩୪ ମସିହାରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ଜନ୍ମ ହେଲା। ପାର୍ଟିର କାର୍ଯ୍ୟକାରୀ ସଭାପତି ପଦରେ ସେ ରହିଥିଲେ। ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ସକ୍ରିୟ ଭୂମିକା ଗ୍ରହଣ କରି ସେ ୧୦ ମେ ୧୯୪୪ ରେ ବ୍ରିଟିଶ୍ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ପରେ ୧୯୪୬ ୧୮ ଜୁନରେ ଗୋଆ ସତ୍ୟାଗ୍ରହରେ ଯୋଗଦେବା ପରେ ୨୯ ସେପ୍ଟେମ୍ବର ୧୯୪୬ ରେ ଜେଲ୍‌ଗଲେ। ୧୯୪୭ ଜୁନରେ ସେ ଜେଲରୁ ଖଲାସ ହେଲେ। ମହାତ୍ମା ଗାନ୍ଧୀଙ୍କ ସହ ମିଶି ସେ ଚଟଗାଁ, ନୂଆକାଲି ଆଉ ଦିଲ୍ଲୀରେ ଶାନ୍ତି ଫେରାଇ ଅଣିବାକୁ ଉଦ୍ୟମ କରିଥିଲେ। ମାର୍ଚ୍ଚ ୧୯୪୮ରେ କଂଗେସରୁ ଇସ୍ତଫା ଦେଇଥିଲେ। ୩ ଜୁଲାଇ ୧୯୫୧ରେ ସମାଜବାଦୀ ମାନଙ୍କର ଆନ୍ତର୍ଜାତିକ ସମ୍ମିଳନୀରେ ଲୋହିଆଜୀ ଯୋଗଦେବା ସହ ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନଙ୍କ ସହିତ ସେ ମିଶିଥିଲେ। ୩୧ ଡିସେମ୍ବର ୧୯୫୫ ତଥା ୧ ଜାନୁଆରୀ ୧୯୫୬ ରେ ସୋସିଆଲିଷ୍ଟ ପାର୍ଟିର ସ୍ଥାପନ ହେଲା। ଲୋହିଆଙ୍କ ନେତୃତ୍ୱରେ ଲକ୍ଷ୍ନୌରେ ଲକ୍ଷାଧିକ କୃଷକ ସମାବେଶ ହୋଇଥିଲା। ୧୯୫୬ ରେ ଲୋହିଆଜୀ 'ମ୍ୟାନକାଇଣ୍ଡ' ନାମକ ଏକ ପତ୍ରିକ ବାହାର କରିଥିଲେ। ୧୯୬୧ ରେ ଇଂରାଜୀ ହଟାଅ ଆନ୍ଦୋଳନ କରି ସେ ପଥର ମାଡ ଖାଇଥିଲେ। ୧୯୬୩ ମସିହା ଫାରୁକାବାଦ ଲୋକସଭା ଉପନିର୍ବାଚନରେ ସେ ୫୮ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟ ଲାଭ କରିଥିଲେ। ସେ ଏକମାତ୍ର ସ୍ପଷ୍ଟବାଦୀ ନେତା ଭାବରେ କହିଥିଲେ ୧୮ କୋଟି ଲୋକ ଚାରିଅଣାରେ ଦିନ ବିତାଉଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ ଦୈନିକ ୨୫ ହଜାର ଟଙ୍କା ଖର୍ଚ୍ଚ କରୁଥିବାର ଅଭିଯୋଗ କରିଥିଲେ। ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଆଜି ଲୋହିଆଙ୍କ ବିଚାରଧାରାକୁ ଅନୁସରଣ କରୁଥିବା ନେତାଙ୍କ ମରୁଡ଼ି ପଡ଼ିବା ସହ ଦଳର ମଧ୍ୟ ବିଲୟ ଘଟିଛି।

# ଆଷାଢ଼-ଶ୍ରାବଣରେ ମେଘ ବରଷୁନି ଘନଘନ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଶ୍ରାବଣରେ ବି ବର୍ଷା ନାହିଁ । ଜମି ଫାଟି ଆଁ କରିଛି। ଚାଷୀକୂଳ ଆକାଶକୁ ଚାହିଁ ହତାସ। ଆମେ ପିଲାଦିନେ ପଢୁଥିଲୁ - ବର୍ଷାରେ ଆଷାଢ ଶ୍ରାବଣ, ମେଘ ବରଷେ ଘନଘନ। କେବଳ ସେତିକି ନୁହେଁ ହଜିଯାଉଛି ଋତୁ । ବର୍ଷ ସାରା ମୁଣ୍ଡଫଟା ଖରା। ମୌସୁମୀ ଖେଳୁଛି ଲୁଚକାଳି। ପାଣିପାଗ ବିଶେଷଜ୍ଞଙ୍କ ମତରେ ଏବେ ସାତ ଆଠ ଦିନ ବର୍ଷା ହେବାର ସମ୍ଭାବନା ନାହିଁ। କେତେବେଳେ କେଉଁଠି କାଳ ବୈଶାଖୀ ଯୋଗୁଁ ମଝିରେ ମଝିରେ ବର୍ଷା ହେଉଛି। ତାହା ବି ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ଦୁର୍ବଳ ସ୍ଥିତିରେ ମୌସୁମୀ। ଗତ ୨୪ ଘଣ୍ଟା ମଧ୍ୟରେ ୧.୧ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ସ୍ୱଭାବିକ ବର୍ଷା ୧୪ ମିମି ତୁଳନାରେ ୯୨% କମ୍ ବୋଲି କୁହାଯାଉଛି। ଖାଲି ସେତିକି ନୁହେଁ ଚଳିତ ବର୍ଷ ଫେବୃଆରୀରୁ ଖରାର ପ୍ରକୋପ ବଢ଼ିଚାଲିଛି । ମଇ ମାସ ଅଧାହେଲା ତଥାପି ତାତିରୁ ମୁକ୍ତି ନାହିଁ । ଏପରିକି ଏବର୍ଷ ରଜରେ ଅସହ୍ୟ ଗୁଳୁଗୁଳି ଓ ତାତି। ମୌସୁମୀ ଆସିବା ଘୁଞ୍ଚି ଘୁଞ୍ଚି ଯାଉଛି । ମୁଁ ଅଳପ ହସି କହିଲି- ବିଜୟ ବାବୁ, ଆମେ ସିନା ପଢ଼ିଲା ବେଳେ ପଢୁଥିଲୁ ବରଷକ ବାରମାସ, ଛଅ ଋତୁ । କିନ୍ତୁ ଛଅ ଋତୁ ଆଜି ସାତ ସପନ। ଋତୁ କହିଲେ ଏବେ ଗ୍ରୀଷ୍ମ, ବର୍ଷା, ଶୀତ । ଗ୍ରୀଷ୍ମର ପ୍ରକୋପ ଆଗରେ ହଜୁଛି ବସନ୍ତ, ଶରତ, ହେମନ୍ତ। ବିଶେଷକରି ଗ୍ରୀଷ୍ମର ପ୍ରକୋପ ଆଗରେ ଋତୁରାଜ ବସନ୍ତ ହଜିଯାଉଛି।

ଏବର୍ଷ ଫେବୃଆରୀ ମଧ୍ୟଭାଗରୁ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହରଭାବେ ପରିଚିତ ହୋଇଛି। ଏଠି ସର୍ବାଧିକ ତାପମାତ୍ରା ୪୦.୪ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ପୂର୍ବରୁ ମଧ୍ୟ ଫେବୃଆରୀରେ ରାଜଧାନୀରେ ତାପମାତ୍ରା ୪୦ଡିଗ୍ରୀ ପାର କରିବାର ରେକର୍ଡ ରହିଛି। ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା।ବିଗତ ଦିନରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ସର୍ବାଧିକ ତାପମାତ୍ରା ଚଳିତବର୍ଷ ଭାଙ୍ଗିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି । ରାଜ୍ୟର ତାପମାତ୍ରା ଆଗକୁ ଆହୁରି ବଢ଼ିବ ବୋଲି ସୂଚନା ମିଳିଛି । ଗତ ଶନିବାର ୧୦ଟି ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ଏଥିଯୋଗୁଁ ଗ୍ରୀଷ୍ମରୁ ସାମାନ୍ୟ ହ୍ରାସ ପାଇଛି। ଏସବୁ ସତ୍ତ୍ୱେ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ତଥାପି ଆହୁରି ୩ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏପରିକି କେତେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ଡିଗ୍ରୀରୁ ୫ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ବଢ଼ିବ।



ବର୍ତ୍ତମାନ ବାୟୁମଣ୍ଡଳରେ ଜଳୀବାଷ୍ପ କମ୍ ଥିବାରୁ ଉତ୍ତାପ ବଢ଼ି ଚାଲିଛି। ସେହିପରି ଆସନ୍ତା ଦିନରେ ରାଜ୍ୟର ତାପମାତ୍ରା ବଢ଼ିବା ସହ ୨୦୨୧ ଉତ୍ତପ୍ତ ବର୍ଷ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏଥିସହିତ ଚଳିତ ବର୍ଷ ଖରାଦିନ ଶୀଘ୍ର ଆସିଛି ଓ ଏହାର ଅବଧି ଲମ୍ବା ହେବ ବୋଲି କୁହାଯାଉଛି।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି। ଛଅଋତୁ ଆଜି ସାତ ସପନ। ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି। ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା। ସବୁଠି ହା-ହୁତାଶମୟ ପରିବେଶ। କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ। ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢ଼ିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ। ଏବେ ସମସ୍ତେ କଂକ୍ରିଟ ଜଙ୍ଗଲ କରିବାରେ ବ୍ୟସ୍ତ । ଗଛ ବା ଲଗାଉଛି କିଏ ? ପ୍ରତି ବର୍ଷ ବିଶ୍ୱ ପରିବେଶ ଦିବସ ଆସିଲେ ଆମେ ସମସ୍ତେ ଚଳ ଚଞ୍ଚଳ ହୋଇଉଠୁ । ପରିବେଶ ସମ୍ପର୍କିତ ଆଲୋଚନା ଜୋରଦାର୍ ହୁଏ। ବୃକ୍ଷରୋପଣ ଓ ପରିବେଶ ସଚେତନତା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ସେହିପରି ଆମ ଦେଶରେ ପ୍ରତିବର୍ଷ ଜୁଲାଇ ୧ରୁ ସପ୍ତାହ ବ୍ୟାପି ବନମହୋତ୍ସବ ପାଳନ କରାଯାଏ। ଲକ୍ଷ ଲକ୍ଷ ଟଙ୍କାର ଚାରା ଲଗାଯାଏ। ତା' ପର ବର୍ଷକୁ କେତେ ଗଛ ଲାଗିଥିଲା କେତେ ବଞ୍ଚିଲା ତାର ହିସାବ କେହି ରଖନ୍ତି ନାହିଁ। କାଗଜ କଲମରେ ସୀମିତ ରହିଯାଏ ବିଶ୍ୱ ପରିବେଶ ଦିବସ ଓ ବନମହୋତ୍ସବ। ଯୋଜନା ଯୋଜନା ବାଟରେ ରହିଯାଉଛି। ତାର ଫଳ ଆମେ ଭୋଗୁଛେ। ଚଳିତ ମହାମାରୀ ସମୟରେ ଅମ୍ଳଜାନ ଅଭାବରୁ କରୋନା ଆକ୍ରାନ୍ତ କିପରି କଲବଲ ହେଲେ ତାହା ଆମେ ଅଙ୍ଗେ ନିଭେଇଛେ।

ପାଣିପାଗ ବିଭାଗ କହୁଛି ଯେ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ଏସବୁର ମୁଖ୍ୟ କାରଣ। ମେ' ଯାଏ ସିଝିବ ଦେଶ। ଗଛକଟା ଅବାଧରେ ଚାଲିଛି। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି। କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ। 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର। କେବଳ ସରକାରଙ୍କ ଉପରେ ଛାଡ଼ିଦେଲେ ହେବନାହିଁ। ଆମକୁ ମଧ୍ୟ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ। ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ। ଏବେବି ପାଣି ବିଭାଗ କହୁଛି ରାଜ୍ୟର ୧୮ ଜିଲ୍ଲାର ଅନେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ୧୮ ଜିଲ୍ଲାକୁ ୟେଲୋୱାର୍ଣିଂ ଜାରିକରିଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ସ୍ଥିତିରେ ରହିଛି। ସେହିପରି ଆସନ୍ତା ଦୁଇ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ମୌସୁମୀ ଦୁର୍ବଳ ଯୋଗୁଁ ବଢୁଛି ଦିନର ତାପମାତ୍ରା। ଏଭଳି ଘଟଣା ଶ୍ରାବଣ ମାସରେ ଘଟିବା ବ୍ୟତିକ୍ରମ ପରି ଲାଗୁଛି। ସବୁଠୁ ଆଶ୍ଚର୍ଯ୍ୟର କଥା କାଳବୈଶାଖୀ ଆସିଲେ ବଜ୍ରପାତର ଭୟ ସୃଷ୍ଟି ହେଉଛି। ଆଗରୁ ତାଳଗଛ ସଂଖ୍ୟାଧିକ ଭାବେ ଥିବାରୁ ବଜ୍ରପାତର ପରିମାଣ କମ୍ ଥିଲା। ଏବେ କିନ୍ତୁ ତାଳଗଛର ସଂଖ୍ୟା ଢେର କମିଛି।

ଏସବୁକଥା ବିଚାରକୁ ନେଲେ ଆମକୁ ବ୍ୟାପକ ବୃକ୍ଷରୋପଣ ପୁରୁଣା ଜଙ୍ଗଲର ପୁନରୁଦ୍ଧାର ସହ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ହେବ। ବିଶ୍ୱ ତାପାୟନରେ ପରିବର୍ତ୍ତନ ଆଣିବାକୁ ହେଲେ ଆମକୁ ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ହେବ। ଏ ବିଷୟରେ ଗଭୀର ଭାବରେ ଚିନ୍ତା କରିବାର ଅଛି। ଏହାହିଁ ସମୟର ଆହ୍ୱାନ।

# ଗହଣାରେ କେତେ କ୍ୟାରେଟ୍ ସୁନା



ଇଂ ବିଦ୍ୟାଧର ପଣ୍ଡା
ସମ୍ପାଦକ 'ସତ୍ୟାଗ୍ରହୀ'ଦୈନିକ ଓଡିଆ ଖବରକାଗଜ, ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା,
ମୋ-୯୪୩୯୧୨୮୦୫୦

ସେହି ଗହଣାକୁ ଆମେ ବଣିଆ ପାଖକୁ ନେଇ ଚାରିଥର ନୂଆନୂଆ ଡିଜାଇନ୍ କରି ପିନ୍ଧିଲେଣି। ପ୍ରତିଥର ଖାଦର ପରିମାଣ ଟିକେଟିକେ କମ୍ ବେଶୀ ଦେବାକୁ ହୁଏ। କିନ୍ତୁ ଗତ ୨୦୧୯ରେ ପ୍ରଥମେପ୍ରଥମେ ଗହଣାର ଚିକିମିକିଆ ରୂପ ଏବଂ ୫ଟି ଆଦିର ତାବଡ଼ତୋଡ଼ ଧରପଗଡ଼ ଦେଖି ଲାଗୁଥିଲା ଖାଦ ପରିମାଣ ପୁରାପୁରି କମିଯାଇଛି। ହେଲେ ଏବକୁ ଗହଣାର ଚମକ ନାହିଁ, ପୁରା ମଳିନ ଦେଖା ଯାଉଛି, ଯେତେ ମାଜିଲେ ସୁନାର ସୁନେଲିରଙ୍ଗଟା ମୋଟେ ଆସୁନି। "ସୁନାରେ ଖାଦ ନମିଶିଲେ ଗହଣା ଗଢ଼ିହୁଏନା" ବୋଲି ଜଣେ ବନ୍ଧୁ ମୋତେ କହି ଆମ ସରକାର ଯାହା କରୁଛନ୍ତି ସବୁ ଠିକ୍ ବୋଲି ଯୁକ୍ତି ବାଢ଼ିଲେ। ତାଙ୍କ କଥା ଅନୁସାରେ ସୁନାରେ ଯେମିତି ଅଳ୍ପ ପରିମାଣରେ ଖାଦ ମିଶେଇଲେ ତାରକଷି ସରୁକାମ ଭଲ ହୁଏ, ଗହଣାର ଚାହିଦା ବଢ଼େ ସେମିତି ସରକାର ଟିକେଟିକେ ଦୁର୍ନ୍ନିତି କରି କିଛିକିଛି ମିଥ୍ୟାତଥ୍ୟ ଦେଲେ ସରକାରୀ ଅଧିକାରୀ ଏବଂ ନେତାମାନଙ୍କ ଭିତରେ ସୁସମ୍ପର୍କ ରୁହେ। ଯେତେବେଳେ ପ୍ରତ୍ୟେହ ଦଶହଜାର କରୋନା ରୋଗୀ ଆକ୍ରାନ୍ତ ହେଉଥିଲେ ସେତେବେଳେ ସରକାର ପନ୍ଦରରୁ ପଚିଶ ଭିତରେ ମୃତ୍ୟୁ ସଂଖ୍ୟାକୁ ସୀମିତ ରଖିଲେ। କିନ୍ତୁ ଏବେ ଦୁଇହଜାର ତଳକୁ ଆକ୍ରାନ୍ତଙ୍କ ସଂଖ୍ୟା ଖସିଲା ବେଳକୁ ମୃତ୍ୟୁସଂଖ୍ୟା ପଚାଶରୁ ସତୁରି ଭିତରେ ହେଉଛି ବୋଲି ଘୋଷଣା କରୁଛନ୍ତି। କେତେକ କହୁଛନ୍ତି ପୂର୍ବର ମୃତ୍ୟୁସଂଖ୍ୟା ଗୁଡ଼ା ଏବେ ଯୋଡୁଛନ୍ତି। ହେଲେ ଧିରେଧିରେ ପ୍ରତିଦିନ କିଛ କିଛି ଯୋଡ଼ି ପ୍ରଚାର କରିବା କ'ଣ ଦରକାର ! ସଫାସଫା କହିଦେବା କଥା ଦୁଇତିନି ହଜାର ଅଧିକ ମରିଥିଲେ, ଯାହାକୁ ଆମେ ଲୁଚେଇଥିଲୁ। ତା'ପରେ ଏବେକାର ପ୍ରକୃତ ତଥ୍ୟ ପ୍ରସାର କରନ୍ତେ। ନହେଲେ ଏମିତି କହିଲେ ବି ଭଲ ଯେ ଆଜିର ସଜ ମୃତ୍ୟୁ ସଂଖ୍ୟା କୋଡ଼ିଏ ଏବଂ ପୂର୍ବର ବାସି ମୃତ୍ୟୁସଂଖ୍ୟା ଛୟାଳିଶ, ଏମିତି ମିଶି ଛଷଠି। ପୁରୁଣା ମିଛକୁ ଲୁଚେଇବାକୁ ନୂଆ ମିଛ କହିବା କ'ଣ ନିହାତି ଜରୁରୀ ! ଲୋକମାନେ ଜାଣିବାକୁ ଚାହୁଛନ୍ତି ଏ ସଂଖ୍ୟା ଘୋଟାଲାରେ କାହାର ସ୍ୱାର୍ଥ ଥିଲା ? କାହିଁକି ଏମିତି ଲୋକମାନଙ୍କୁ ଆଗରୁ ଭୁଆଁ ବୁଲାଉଥିଲ, ଏବେ ବି ଭୁଆଁ ବୁଲାଉଛ ? ଏହାର ରିଂ ମାଷ୍ଟର କିଏ ? ସିଏ ଯିଏ ହେଉନା କାହିଁକି ଦରମା ତ ସାଧାରଣ ଜନତାଙ୍କ କର ପଇସାରୁ ହିଁ ନେଉଥିବ ! ତେଣୁ ଲୋକଙ୍କ ପଇସାରେ ସେବା କରୁଛି ମାନେ ଲୋକମାନଙ୍କୁ ମିଛକହିବା ଅର୍ଥାତ୍ ସେବାରେ ତୃଟିକରିବା ଦୋଷରେ ଦଣ୍ଡ ପାଇବା ଉଚିତ୍। ଏଗୁଡ଼ାକୁ ଖାଦବୋଲି ଭାବି ଯଦି ସରକାର ଗୋଲେଇଘାଣ୍ଟି ଭଲଗହଣା କରିବାକୁ ଭାବିଥାନ୍ତି ତେବେ ଭୁଲ୍ କଥା। କରୋନା ସମୟରେ ଏକ ମୁଖ୍ୟକଥାକୁ ସରକାର ଗୌଣଭାବରେ ବିଚାର କରୁଛନ୍ତି। ତା'ହେଲା ଚାଷୀଙ୍କ ସମସ୍ୟା। କୃଷି ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କୁ ଗଣମାଧ୍ୟମ ବଡ଼ବଡ଼ ଭାଷଣ ମାଧ୍ୟମରେ ବଢ଼ିଆ କଥା କହିବାର ଦେଖାଯାଉଛି ସତ ହେଲେ ସାଧାରଣ ଲୋକଙ୍କ ବିଶ୍ୱାସ ହେଉନି। ଏବେ ତ ଗଣମାଧ୍ୟମ କହିଲେ ନବେ ପ୍ରତିଶତ ସରକାରୀ। ତେଣୁ ଚାଇନା ଭଳି ଯାହା ସରକାର ଚାହିଁବେ ସେୟା ଦେଖାଇବେ, ତା'କୁ ଛାଡ଼ି ଯୋଉ ଅନ୍ୟଦୁଇଟା ଖଣ୍ଡେ ଅଛି ସିଏ ଏତେ କାମକୁ ନୁହେଁ। ଏବକୁ ଅର୍ଗସ ପ୍ରଚେଷ୍ଟା କରୁଛି ଯେ ତା'ର ଦର୍ଶକ ସଂଖ୍ୟା ସେମାନଙ୍କୁ ଏପର୍ଯ୍ୟନ୍ତ ଟକ୍କର ଦେଇପାରିନି। ଭବିଷ୍ୟତରେ ଦେଇପାରେ, ହେଲେ ଏସବୁ ପ୍ରଚାରପ୍ରସାର ଅନ୍ୟଆଡ଼େ ଲୋକଙ୍କ ପ୍ରକୃତ ସମସ୍ୟା ଭିନ୍ନଆଡ଼େ। ବିରୋଧିଙ୍କ କଥା ଯଦି ସତ ବସ୍ତାବସ୍ତା ଧାନ ମଣ୍ଡିରେ ଗଜା ହେଲା, କିଛି ବସ୍ତାରେ ଧାନ ଗଜାହୋଇ ଭୃଣ ବାହାରିବା ଫଟୋ ବି ଅଛି। ସରକାରଙ୍କ ପାଖରେ କିନ୍ତୁ ଏସବୁ ଖବର ନାହିଁ। ରାଜ୍ୟବାହାରୁ କିଛି ଧାନ ଚୋରାଗାଡ଼ିରେ ଆସି ଆମରାଜ୍ୟରେ ବି ବିକ୍ରିହେବାର ପ୍ରଚେଷ୍ଟା ବେଳେ ଅବଶ୍ୟ ରାଜ୍ୟ ପୋଲିସ ଧରି ସେମାନଙ୍କୁ ବାନ୍ଧିଛନ୍ତି, ହେଲେ ଏମିତି ଅବ୍ୟବସ୍ଥାର ଚିତ୍ର ସମୁହକୁ କ'ଣ ଖାଦ ହିସାବରେ ଗ୍ରହଣ କରାଯାଇପାରେ ! ଯେତେ ସବୁ "ମୋ" ନାଁରେ ଯୋଜନା ହୋଇଛି ଯଥା - ମୋ ବସ, ମୋ ସାଇକେଲ୍ .. ଇତ୍ୟାଦି ଇତ୍ୟଦି ଢିଙ୍କି ବଗ ମାହାକାଳି ଚକୁଳି , ସବୁଗୁଡା ଗୋଟିଗୋଟି କରି ଦେଖାଯାଉ, କୌଣସି ଗୋଟିଏ ବର୍ଷକରୁ ଅଧିକ ଅବଧି ଯାଏ ଆଶାନୁରୂପ ହିସାବରେ ଆଦୌ ଚାଲିନାହିଁ। ଏଥିରେ ରାଜ୍ୟକୋଷରୁ କୋଟିକୋଟି ଟଙ୍କା ପାଣିପରି ବୋହିଛି। ତେବେ ଏହି ଦୂରଦୃଷ୍ଟିହୀନତା ପାଇଁ କିଏ ଦାୟି ? କେତେଜଣ ବୁଦ୍ଧିଜୀବୀ ଭାବୁଛନ୍ତି ଯେ କାଳିଆ ଯୋଜନା, ଆବାସୀୟ ଯୋଜନା, ପିଠା ଯୋଜନା, ମିଠା ଯୋଜନା ଓ ଏପରିକି ହରିଶ୍ଚନ୍ଦ୍ର ଯୋଜନା ସବୁ ପକ୍ଷପାତ ରହିତ ଏବଂ ସଠିକ୍ ଭାବରେ ଚାଲିଛି ବୋଲି ! ଏତେଏତେ ଖାଦ ଯଦି ଖାଣ୍ଟିରେ ମିଶିବ ତେବେ ଗହଣାକୁ ସୁନା ଗହଣା ବୋଲି କେମିତି କହିବା ! ଯୋଉଧାତୁର ଖାଦ ସେହି ଧାତୁର ନାଁରେ ଗହଣାକୁ ଖାଦ ଗହଣା କୁହାଯିବ। ସୁନା ଗହଣାରେ ସୁନା ନବେଭାଗକୁ ଖାଦ ଦଶଭାଗ ଯାଏ ଚଳିବ। ସେହି ହିସାବରେ ସରକାର ଚବିଶ କାରେଟ ନହେଉ ପନ୍ଦର ଷୋଳ କ୍ୟାରେଟ ହେବାକୁ ଜନସାଧରାଣ ଆଶା ରଖୁଛନ୍ତି, ଯାହାକି ଏବେ ତଳକୁ ଖସିଲା ପରି ମନେ ହେଉଛି। ଆପଣଙ୍କ ହିସାବରେ ଆଜିର ଆମରଜ୍ୟ ସରକାରୀ ନେତା ଓ ପ୍ରଶାସନଙ୍କ ଗହଣାରେ କେତେ କ୍ୟାରେଟ୍ ସୁନା।

## ଦାଦନ ଖଟିବାକୁ ଯାଇ ଫେରିଲା ଶବ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ଦାଦନ ଶ୍ରମିକଙ୍କ ଶବ ହୋଇ ଫେରୁଥିବା ଘଟଣା କିଛି ନୂଆ କଥା ନୁହେଁ। ଏହି ଜିଲ୍ଲାରେ ଥିବା ପ୍ରାୟ ବ୍ଲକରେ ଦିନ ମଜୁରିଆ ଖଟିଖିଆ ଲୋକେ ବସବାସ କରନ୍ତି। ଏଠାରେ ପ୍ରାୟ ଲୋକେ ଚାଷ ବାସ କରି ଚଳିଥାନ୍ତି ତ ଅନ୍ୟ କେଉଁ ଘରେ ଦିନ ମଜୁରିଆ ଭାବେ ଅବା କୁଲି ମଜୁରୀ, ମୂଲ ଲାଗି ନିଜ ପେଟପାଟଣା ପୋଷିବା ସହ ନିଜ ପରିବାର ଭରଣ ପୋଷଣ କରିଥାନ୍ତି। ସେହିପରି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧିନ ମକ୍ରାଗୁଡା ଗ୍ରାମର ଶ୍ରୀମୁଖ ପଟେଲଙ୍କ ପୁଅ ଇଶନାଥ ପଟେଲ (୨୦) ଗତ କିଛି ମାସ ତଳେ ମୁମ୍ବାଇ ସହରକୁ ଦାଦନ ଖଟିବାକୁ ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଇଶନାଥଙ୍କ ସେଠାରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଜଣା ପଡ଼ିଛି। ପରିବାର ପକ୍ଷରୁ



ଇଶନାଥଙ୍କ ଫାଇଲ୍ ଫଟୋ

ମିଳିଥିବା ସୂଚନା ମୁତାବକ, ତିନିଦିନ ପୂର୍ବେ ତାଙ୍କୁ ପେଟ ବ୍ୟଥା ହେଉଥିଲା। ସେହି ସକାଶେ ତାଙ୍କୁ ମୁମ୍ବାଇ ସହରର ରାଜବାଡି ଡାକ୍ତରଖାନାରେ ଚିକିତ୍ସିତ ପାଇଁ ନିଆ ଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମରଶରୀର ନିଜ ଗ୍ରାମକୁ ଫେରୁଥିବା ସୂଚନା ମିଳିଛି। ଏପଟେ ନିଜ ଯୋଜଗାରିଆ ପୁଅକୁ ହରାଇ ପରିବାରରେ ଦୁଃଖ ବଢିଯାଇଛି। ନିଜ ପରିବାର ଏବେ ଅନ୍ଧାରରେ। ବାପା ଘରର ମୁରବୀ ଥିଲେ। ସେ ପୁଅଙ୍କ ପ୍ରତି ଅନେକ ସ୍ୱପ ଦେଖିଥିଲେ। ହେଲେ ସେ ସ୍ୱପ୍ନ ଏବେ ସ୍ୱପ୍ନ ହୋଇ ରହିଗଲା। ଏ ଖବର ଶୁଣିଲା ପରେ ପରିବାରର ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ଘରେ ଶୋକରଛାୟା ଖେଳି ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଛାଞ୍ଚଲ୍ୟ ଖେଳିଯାଇଛି। ଏଭଳି ସ୍ଥଳେ ସେ ଜଣେ ଅତ୍ୟନ୍ତ ଗରିବ ପରିବାରର ହୋଇଥିବା ବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାନ୍ତି କର୍ମୀ

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଏଏନ୍‌ଏମ୍ କେନ୍ଦ୍ରରେ ଝୁଲି ରହୁଛି ତାଲା। ଦିନେ ନୁହେଁ କି ଦୁଇ ଦିନ ନୁହଁ, ବର୍ଷ ବର୍ଷ ଧରି କେନ୍ଦ୍ରରେ ଲାଗିଛି ତାଲା। ଏପରିକି ଏଏନ୍‌ଏମ୍‌ଙ୍କ ଦର୍ଶନ ମିଳୁ ନ ଥିବା ଅଭିଯୋଗ ହୋଇଛି। ଧର୍ମଗଡ଼ ବ୍ଲକ ଡୁମେରଗୁଡା ଓ କିର୍କାକାନି ଗ୍ରାମବାସୀ ଉପଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗାଁ'ର ଗର୍ଭବତୀ, ପ୍ରସୂତି, ଶିଶୁ ଓ ପ୍ରାଥମିକ ଚିକିତ୍ସା ସୁବିଧା ପାଇ ଏଏନ୍‌ଏମ କର୍ମୀଙ୍କୁ ସରକାର ନିଯୁକ୍ତି କରିଛନ୍ତି। କର୍ମୀମାନେ କେନ୍ଦ୍ରରେ ରହି ସେବା ଯୋଗାଇ ଦେବାକୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ କେନ୍ଦ୍ର ଗୃହ ନିର୍ମାଣ ହୋଇଛି। ହେଲେ ଏଏନ୍‌ଏମ୍ କର୍ମୀଙ୍କ ଦେଖା ମିଳୁନାହିଁ। ଯାହା ଗ୍ରାମବାସୀଙ୍କ ଭିତରେ କ୍ଷୁବ୍ଧ ପ୍ରକାଶ ପାଇଛି। ଏପରିକି କର୍ମୀମାନେ କାଭା ଗୋଟିଏ ଦୁଇଦିନ ଛାଡିଦେଲେ ଆଉ ଦେଖିବାକୁ ମିଳୁନି ବୋଲି ଗ୍ରାମବାସୀ କହନ୍ତି। ଯାହା ଫଳରେ ଟୀକାକରଣ, ତଥା ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯୋଗ କରନ୍ତି। ଏବେ ବର୍ଷାଦିନ। ସାଧାରଣ ଭାବେ ଗାଁ'ରେ ଜ୍ୱର, କାଶ, ଥଣ୍ଡା, ଝାଡା ଭଳି ରୋଗ ଲାଗିରହିଥାଏ। ଅନ୍ୟପଟେ ଗୁରୁତ୍ୱ ବିଷୟ ଗାଁ'ର ଗର୍ଭବତୀ ମହିଳା ପ୍ରସବ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଏ। ଏପରିକି ପ୍ରସବର ପ୍ରାଥମିକତା ଚିକିତ୍ସା ନ ପାଇଁ ଅନେକ ଗର୍ଭବତୀ ମହିଳାଙ୍କ



ଜୀବନ ଚାଲିଯାଇଥିବା ଭଳି ଘଟଣା ବି ଗାଁରେ ଦେଖା ଦେଇଛି। ଲୋକଙ୍କୁ ସେ ସବୁ ସମସ୍ୟାର ନିରାକରଣ ବ୍ୟବସ୍ଥା ନେଇ ସରକାର ଗାଁ ମାନଙ୍କରେ ଏଏନ୍‌ଏମ୍ କର୍ମୀଙ୍କୁ ନିଯୁକ୍ତି କରିଛନ୍ତି। ସେଥିପାଇଁ ସରକାର କର୍ମୀମାନଙ୍କୁ ମୋଟା ଆକାରରେ ଦରମା ଦେଉଛନ୍ତି। ହେଲେ କର୍ମୀମାନେ କାର୍ଯ୍ୟରେ ଅବହେଳା ଓ କେନ୍ଦ୍ରରେ ଅନୁପସ୍ଥିତି ଯୋଗୁଁ ଲୋକେ ହଇରାଣ ହରକତ ହେଉଛନ୍ତି। ସୂଚନା ଯେ, ସରୋଜିନୀ ପ୍ରଧାନୀ ଏ.ଏନ୍.ଏମ୍ ଭାବେ ଦୁମେରଗୁଡ଼ା ଓ ସତ୍ୟଭାମା ଶର୍ମା କୀର୍କାକାନି ଗ୍ରାମରେ ଏଏନ୍‌ଏମ୍ ଭାବେ ନିଯୁକ୍ତି ପାଇଛନ୍ତି। ଗାଁ'ରେ ନିଯୁକ୍ତି ପାଇଁଛନ୍ତି ସତ ହେଲେ ଉଭୟେ ଧର୍ମଗଡ଼ରେ ରହୁଥିବା ଜଣାପଡ଼ିଛି। କାଁ ଭାଁ ମାସକୁ ଦିନେ ଦୁଇଦିନ ଗାଁକୁ ଆସି ନିଜ କର୍ତ୍ତବ୍ୟ ଶେଷ କରୁଛନ୍ତି। ପରବର୍ତ୍ତୀ ଦିନମାନଙ୍କରେ ଆଉ ଦେଖା ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଏନେଇ ଆଜି ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଆଖିଦିଶିଆ ପଦକ୍ଷେପ ଗ୍ରହଣ ନ କରାଗଲେ ଆଗାମୀ ଦିନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯିବ ବୋଲି ଗ୍ରାମର ଶ୍ୟାମସୁନ୍ଦର ମାଝୀ, କିରଣ ସିଂ ନାୟକ, ଧର୍ମେନ୍ଦ୍ର ଗହୀର, ବିନୋଦ ହରପାଳ, ଦୁଷ୍ମନ୍ତ ଗହୀର, ପ୍ରମୋଦ ଦାସ, ଦିବ୍ୟ ସିଂ ନାଗ, ଅନନ୍ତ ବାଗ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଆଶୁତୋଷ ପଟ୍ଟନାୟକଙ୍କୁ ପଚାରିବାରୁ ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

## ମାସେ ହେଲା ଅନ୍ଧାରରେ ସାନପୋଡ଼ାଗୁଡା ଗ୍ରାମବାସୀ



କୋକସରା, (ଭାସ୍କର ନ୍ୟୁଜ୍): ଦୀର୍ଘ ୨୭ ଦିନ ହେବ ଅନ୍ଧାରରେ ରାତି କାଟୁଛନ୍ତି କୋକସରା ବ୍ଲକ ସାନପୋଡ଼ାଗୁଡା ଗ୍ରାମବାସୀ। ଗ୍ରାମରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବଜ୍ରପାତରେ ସର୍ଟ ସର୍କିଟ କାରଣ ବଶତଃ ପୋଡ଼ି ଯାଇଥିଲା। ପରେ ଗ୍ରାମବାସୀ କୋକସରା ବ୍ଲକ ବିଦ୍ୟୁତ ବିଭାଗୀୟ ଟାଟା ପାୱାରର କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ତେବେ କନିଷ୍ଠ ଯନ୍ତ୍ରୀ ପୁରୁଣା ଇଲେକ୍ଟ୍ରି ବିଲ୍‌ର ୩୦ ପ୍ରତିଶତ ପୈଠ କଲେ ବିଦ୍ୟୁତ ଟ୍ରାନ୍ସଫର୍ମର ଲାଗିବ ବୋଲି କହିଥିଲେ। ତେବେ ବିଦ୍ୟୁତ ଉପଭୋକ୍ତାମାନେ ଅନ୍ୟ ଉପାୟ ନ ପାଇ ୮୦ ହଜାର ଟଙ୍କା ବିଦ୍ୟୁତ ବିଲ୍ ପୈଠ କରିଥିଲେ। ତଥାପି ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ। ଫୋନ କଲେ ସଂପୃକ୍ତ ଯନ୍ତ୍ରୀ ଆଜି କାଲି କହି ଦିନ ଗଡାଉଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ୨୭ ଦିନ ହେବ ବିଦ୍ୟୁତ ନ ଥିବା କାରଣରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମର ବିଦ୍ୟୁତ ଉପଭୋକ୍ତା ହରେକୃଷ୍ଣ ନାଏକ, ଲକ୍ଷ୍ମୀଧର ପୁଝାରି, ବିମ୍ବାଧର ସାହୁ, ଧନୁର୍ଜ୍ୟ ଦାସ, କ୍ଷୀରସିନ୍ଧୁ ଗୋପାଳ, ମାନଗୋବିନ୍ଦ ନିଆଲ, ନରେନ୍ଦ୍ର ମେହେର, ସଦନ ମେହେର, ଇଶାରାମ ଜୁଏଡ଼, ଅଙ୍ଗଦ ନିଆଲ, ବିଭୀଷଣ ପୁଝାରି, ଅଜୟ ମାଝୀ, ପୁଷ୍ତମ ମେହେର, ବଂଶୀ ମେହେର ସମେତ ଅନ୍ୟ ବିଦ୍ୟୁତ ଗ୍ରାହକ ଓ ଗ୍ରାମବାସୀ। ଏ ନେଇ ଦାୟିତ୍ୱରେ ଥିବା ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ବ୍ରଜମୋହନ ଦଳେଇଙ୍କ ପ୍ରତିକ୍ରିୟା ନେବାରୁ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବୁର୍ଲା ଅଫିସରୁ ରିଲିଜ ଅର୍ଡର ଆସିନାହିଁ। ଆମେ ଚେଷ୍ଟା କରୁଛୁ, ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଟ୍ରାନ୍ସଫର୍ମର ଲଗାଯିବ ବୋଲି କହିଛନ୍ତି।

## ଗଞ୍ଜେଇ ସହ ଗାଡ଼ି ଜବତ: ୨ ଗିରଫ

ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଗୌଡ଼ ଛେଣ୍ଡିଆ ମୁଖ୍ୟ ରାସ୍ତାରେ ଗତ ଶୁକ୍ରବାର ରାତି ୧୨ ଟା ୩୦ ମିନିଟ ସମୟରେ ଚିଲିଗୁଡା ଫାଣ୍ଡି ଅଧିକାରୀ ବୈଷ୍ଣବ ନାଏକଙ୍କ ଦ୍ୱାରା ଗଞ୍ଜେଇ ଜବତ ହୋଇଥିଲା। ପ୍ରକାଶ ଥାଉକି, ଗତ କିଛିଦିନ ହେଲା ଗ୍ରାମାଞ୍ଚଳ ଗୁଡିକରେ ଚୋରମାନଙ୍କର ଆତଙ୍କ ରାଜ ଚାଲିଥିବା ବେଳେ ଗାଁ ମାନଙ୍କରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ଏପରିକି ଗାଁ ଲୋକମାନେ ଏକାଠି ହୋଇ ଗାଁ ଛକ ଗୁଡିକରେ ଜଗି ରହୁଥିଲେ। ଏହି ସମୟରେ ଚିଲିଗୁଡା ଫାଣ୍ଡି ଦ୍ୱାରା ରାତ୍ରି ପେଟ୍ରୋଲିଂ କରୁଥିବା ସମୟରେ କୋଟା ଗାଁ ଦେଇ ଆସୁଥିବା ଏକ ଟାଟା ଭିକଟ। ଗାଡି ଓଆର ୦୨ ଏଡବ୍ଲୁ ୭୬୧୩ ଗାଡିକୁ ପୋଲିସ ଅଟକାଇ ଥିଲା। ଗାଡି ଛାଡି ଚାଲି ଯାଉ ଥିବା ବେଳେ ପୋଲିସ ଦୁଇ ଜଣଙ୍କୁ ସନ୍ଦେହ କରି ଅଟକାଇ ଥିଲା ପରେ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଜାଣି ପୋଲିସ ଦୁଇ ଜଣକୁ ଅଟକ ରଖିଥିଲା। ପରେ ଜୁନାଗଡ଼ ଥାନା ଅଧିକାରୀ ଉତ୍ତମ କୁମାର ସାହୁ



ଘଟଣା ସ୍ଥଳରେ ପହଞ୍ଚି ସବୁ ଖୋଲ ତାଡ଼ କରିଥିଲେ। ଏଥିରେ ଜୁନାଗଡ଼ ଥାନାର ଏସ୍‌ଆଇ ସୋନୁ ଖାଲକୋ ଦାୟିତ୍ୱ ନେଇ ତଦନ୍ତ କରିଥିଲେ। ତଦନ୍ତ ପରେ ଜୁନାଗଡ଼ ବ୍ଲକର ବଣି ଜରା ଗ୍ରାମ ପଞ୍ଚାୟତର ବାର ବେସାଲ ଗ୍ରାମର ଅଶ୍ୱିନ ମେହେର ୪୮ ବୋଲି ଜଣା ପଡିଥିଲା। ବର୍ତ୍ତମାନ ଅଶ୍ୱିନ ମେହେର ଜୁନାଗଡ଼ଠାରେ ଅବସ୍ଥାପିତ ଅଛନ୍ତି। ସେହିପରି କୋରାପୁଟ ଜିଲ୍ଲାର ପୁଝାରୀ ପୁଟ ଗ୍ରାମର ସ୍ୱାଧୀନ ପୁଝରୀଙ୍କୁ ପୋଲିସ ଗିରଫ କରିଥିଲା। ଜୁନାଗଡ଼ ତହସିଲଦାର ବେଦବ୍ୟାସ ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ ଥିଲା। ଏଥିରେ ପ୍ରାୟ ୧ କୁଇଣ୍ଟାଲ ୪ କେଜି ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଓ ଗାଡିକୁ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

## ସତ୍ୟସାଇ ବିଦ୍ୟା ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସତ୍ୟସାଇ ସେବା ସଂଗଠନ ସର୍ବ ଭାରତୀୟ ସଭାପତି ନିମିଷ ପାଣ୍ଡିଆ କଳାହାଣ୍ଡି ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ଭବାନୀପାଟଣା ନିକଟସ୍ଥ





ଗଣନାଥପୁରଠାରେ ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଭବାନୀପାଟଣା ସତ୍ୟସାଇ ସେବା ସଂଗଠନ ଓ ସତ୍ୟସାଇ ବିଦ୍ୟା ମନ୍ଦିର ଦ୍ୱାରା ଭବାନୀପାଟଣାସ୍ଥିତ ଭଙ୍ଗାବାରୀଠାରେ ନିର୍ମାଣ ହେବାକୁ ଯାଉଥିବା ସତ୍ୟସାଇ ବିଦ୍ୟା ମନ୍ଦିରର ଭିତ୍ତିପ୍ରସ୍ତର ମଧ୍ୟ ସେ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଭବାନୀପାଟଣାସ୍ଥିତ ଏସ୍‌ଏନ୍ କଲ୍ୟାଣ ମଣ୍ଡପଠାରେ ସତ୍ୟସାଇ ସଂଗଠନର କର୍ମକର୍ତ୍ତା, ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ସହିତ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପରେ ଗଣନାଥପୁରଠାରେ ଅନୁଷ୍ଠିତ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସଂଗଠନ ସର୍ବ ଭାରତୀୟ ସଭାପତି ନିମିଷ ପାଣ୍ଡିଆ ଯୋଗଦେଇଥିଲେ। ସେ କହିଥିଲେ ଯେ, 'ସେବା ହିଁ ମାନବ ଜାତିର ଉତ୍କୃଷ୍ଟ ସେବା।' ନିଷ୍ଠାର ସହିତ ସେବା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୋନପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର ଜିଲ୍ଲାର ସତ୍ୟସାଇ ସେବା ସଂଗଠନ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ଆଧାତ୍ମିକ ସଂଯୋଜକ ମୁରଲୀ ଜାଜୁ, ରାଜ୍ୟ ସଭାପତି ଡ. ସତ୍ୟସରୂପ ପଟ୍ଟନାୟକ, ରାଜ୍ୟ ଟ୍ରଷ୍ଟ କୋଡିନେଟର ଅନ୍ତର୍ଯାମୀ ପଟ୍ଟନାୟକ, ରାଜ୍ୟ ଇ ଟେକ୍‌ନୋମିଡିଆ ଅଶୋକ ବିଶ୍ୱାଳ, ଭବାନୀପାଟଣା ସତ୍ୟସାଇ ସେବା ସଂଗଠନ ସଭାପତି ବେଣୁଧର କୁମାର, ଆବାହକ ସୁବ୍ରତ ଖେଡେଙ୍ଗା, ତୁଳସୀରାମ ସାହୁ, ସୁନିଲ ନାଗ, ବିଭୁତି ଭୂଷଣ ସାହୁ, ମୁକେଶ କୁମାର, ଭବାନୀପାଟଣା ସତ୍ୟସାଇ ବିଦ୍ୟାଳୟରର ପ୍ରିନ୍ସିପାଲ ଡ. ଉମେଶ ଶତପଥି, ବିପିନ ପଣ୍ଡା, ଡି ସୂର୍ଯ୍ୟନାରାୟଣ ସେନାପତି, ଅରୁଣ ପାତ୍ର, ସୁଶାନ୍ତ ବାରିକ, ଗତିକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ସରପଞ୍ଚ ସଂଘ ଉପସଭାପତି

ଜୟପାଟଣା, (ଭାସ୍କର ନ୍ୟୁଜ୍): ଗତ ସୋମବାର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ଶିବିରରେ ଶହଶହ ଲୋକ ନିଜନିଜର ସମସ୍ୟା ନେଇ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବିଶେଷ ଭାବେ ଲଡୁଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ତଥା କୋକସରା ବ୍ଲକ ସରପଞ୍ଚ ସଂଘ ସଭାପତି ନକୁଳ ନାଏକ ଗ୍ରାମ ପଞ୍ଚାୟତ ପରିଚାଳନା ସମ୍ବନ୍ଧୀୟ ସମସ୍ୟା ପ୍ରତି ଲିଖିତ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାମ୍ବିଧାନିକ ବ୍ୟବସ୍ଥା ତଥା ବିଭିନ୍ନ ଅନୁଚ୍ଛେଦରେ ଗ୍ରାମ ପଞ୍ଚାୟତମାନଙ୍କୁ ପ୍ରଦତ୍ତ ଅଧିକାର ସବୁ ପ୍ରଶାସନିକ ଅଧିକାରୀମାନଙ୍କ ଅତର୍କିକ ପତ୍ରାବଳୀ



ତଥା ହସ୍ତକ୍ଷେପ ମାଧ୍ୟମରେ ଗ୍ରାମ ସ୍ୱଶାସନ ପ୍ରଣାଳୀର ବ୍ୟବସ୍ଥାକୁ କେମିତି ଛଡ଼ାଇ ନିଆଯାଉଛି ତାହା ଉଲ୍ଲେଖ କରିଥିଲେ। ଉଦାହରଣ ସ୍ୱରୂପ ସମ୍ବିଧାନର ଆନୁଚ୍ଛେଦ ୧୧ରେ ଗ୍ରାମ ପଞ୍ଚାୟତକୁ ପ୍ରଦତ୍ତ ଗ୍ରାମୀଣ ଜଳ ଯୋଗାଣ ବ୍ୟବସ୍ଥା, ରାସ୍ତା ଓ ପରିବେଶ ସ୍ୱଚ୍ଛତା, ବିଦ୍ୟୁତ କରଣ ତଥା ରକ୍ଷଣାବେକ୍ଷଣ, ପ୍ରାଥମିକ ଶିକ୍ଷାନୁଷ୍ଠାନରେ ଶିକ୍ଷାର ମାନ ବୃଦ୍ଧି ତଥା ନିୟନ୍ତ୍ରଣ, ବିଭିନ୍ନ ଜନ କଲ୍ୟାଣ କାର୍ଯକ୍ରମ ଯଥା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ତଥା ନିରାଶ୍ରିତ ଭତ୍ତା, ଖାଉଟି ସାମଗ୍ରୀ ଯୋଗାଣ ସମ୍ବନ୍ଧିତ ହିତଗ୍ରାହି ଚୟନ, ଆଦି ବିଷୟକୁ ପ୍ରଶାସନିକ ଆୟତାଧିନ କରିବା ଏକ ଚିନ୍ତାର ବିଷୟ ତଥା ପଞ୍ଚାୟତି ରାଜ ବ୍ୟବସ୍ଥାର ପ୍ରହସନ ବୋଲି ନକୁଳ ନାଏକ କହିଥିଲେ। ଜିଲ୍ଲା ସରପଞ୍ଚ ସଂଘ ଉପସଭାପତି ଭାବେ ଅତିରିକ୍ତ ଦାୟିତ୍ୱ ବହନକୁ ଦୁର୍ବଳ କରି ଥିବା ସମସ୍ତ ପ୍ରଶାସନିକ ନିର୍ଦ୍ଦେଶ ବିରୁଦ୍ଧରେ କଳାହାଣ୍ଡି ସରପଞ୍ଚ ସଂଘ ଖୁବ ଶୀଘ୍ର ମାନ୍ୟବର ଉଚ୍ଚ ନ୍ୟାଳୟର ସମ୍ମୁଖୀନ ହେବେ।

## ଦୁଇମାସରେ ପାଞ୍ଚ ଚୋରି, ଚୋରର ଟେର ପାଉନି ପୋଲିସ

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳରେ ଗତ କିଛି ମାସ ହେଲା କ୍ରମାଗତ ଭାବରେ ଚୋରି ମାମଲା ବଢ଼ିଚାଲିଛି। ଗତ କିଛି ଦିନ ତଳେ ନର୍ଲା ଭାଟି ନିକଟସ୍ଥ ସମିର ଗନ୍ତାୟତଙ୍କ ଘର ତାଲା ଭାଙ୍ଗି ଚୋରି ହୋଇଥିବା ବେଳେ କିଛି ଦିନ ପରେ ତାଙ୍କ ନିକଟସ୍ଥ ସନ୍ତୋଷ ଦାସଙ୍କ ଘରୁ ଦୁଇଟି ମୋଟର ସାଇକେଲ ଚୋରି ହୋଇଥିଲା। ଏହି ଘଟଣାର ଅଳ୍ପ ଦିନ ପରେ କିଛି ଦୁର୍ବୃତ୍ତ ନର୍ଲା ମଦଭାଟିରେ ପଶି ପିସ୍ତଲ୍ ଦେଖାଇ ନଗଦ ଟଙ୍କା ଓ ବାଇକ୍ ଚୋରି କରିଥିଲେ। ଏହି ଘଟଣା ଦୁଇ ମାସ ନପୁରୁଣୁ ଶୁକ୍ରବାର ବିଳମ୍ବିତ ରାତିରେ ନର୍ଲା ସତସଙ୍ଗ କେନ୍ଦ୍ର ନିକଟସ୍ଥ ରବିନ୍ଦ୍ର ମହାପାତ୍ରଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିନ୍ଦ୍ରଙ୍କ କହିବା ଅନୁସାରେ ରାତି ପ୍ରାୟ ଦୁଇଟା ସମୟରେ ଘର ପଛ ପଟୁ କିଛି ଦୁର୍ବୃତ୍ତ କବାଟ ତଳ ପଟୁ ତାଡ଼ି ଭିତରକୁ ପଶିଥିଲେ। ସେ ସପତ୍ନୀକ ଶୋଇଥିବା ବେଳେ ବାହାରୁ ବନ୍ଦ କରିଦେଇ ଅନ୍ୟ ଏକ କୋଠରୀରେ ତାଙ୍କ ପୁଅକୁ ମଧ୍ୟ ବନ୍ଦ କରି ଦେଇଥିଲେ। ପରେ ତାଙ୍କ ସୁନା ଦୋକାନରେ ଥିବା ତିନି ଭରି ସୁନା, ବାରଶହ ଗ୍ରାମ ରୁପା ଓ ନଗଦ ବାର ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ତାଙ୍କ ପୁଅ ପରେ ପୁଲିସକୁ ୧୧୨ରେ ଫୋନ୍ କରି ପୁଲିସକୁ ସୂଚନା ଦେଇଥିଲେ। ହେଲେ ପୁଲିସ ପହଞ୍ଚିବା ପର୍ଯ୍ୟନ୍ତ ଚୋରମାନେ ସେଠାରୁ ଚାଲିଯାଇଥିଲେ। ଆଇଆଇସି ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ପୁଲିସ ତଦନ୍ତ କରୁଥିବା ଜଣାପଡିଛି।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ନୂତନ ଭାବରେ ପ୍ରତିଷ୍ଠିତ ହୋଇଥିବା କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ନାତୋକତ୍ତର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ପ୍ରତିଷ୍ଠା ସମୟରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୬ଟି ସ୍ନାତୋକତ୍ତର ବିଭାଗରେ ୨୦୨୦ ମସିହାରେ ନାମ ଲେଖା ଯାଇଥିଲା। ଏହି ୬ ଟି ବିଷୟ ହେଲା ଅର୍ଥଶାସ୍ତ୍ର, ଇଂରାଜୀ ଭୂଗୋଳ ଇତିହାସ ଓଡ଼ିଆ ଏବଂ ରାଜନୀତି ବିଜ୍ଞାନ। ଏହି ୬ଟି ବିଭାଗରେ ସର୍ବମୋଟ ୧୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥଶାସ୍ତ୍ରରେ ୩୨ ଜଣରୁ ୨୫ ଜଣ ପାସ୍ କରିଥିବା ବେଳେ ୨୩ ଜଣ ପ୍ରଥମ ଶ୍ରେଣୀରେ, ୦୨ ଜଣ ହିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା ବେଳେ ୧୨ ଜଣଙ୍କର ରେଜଲ୍ଟ ବିଭିନ୍ନ କାରଣରୁ ପ୍ରକାଶିତ ହୋଇନାହିଁ। ଇଂରାଜୀ ବିଭାଗରେ ୧୬ ଜଣ ପରୀକ୍ଷା ଦେଇ ଯେଉଁ ୧୫ ଜଣ କୃତକାର୍ଯ୍ୟ ହୋଇଛନ୍ତି ସେମାନେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୂଗୋଳ ବିଭାଗରେ ୧୬ ଜଣରୁ ୧୧ ଜଣ ପାସ୍ କରିଥିବା ସ୍ଥଳେ ସମସ୍ତେ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଇତିହାସ ବିଭାଗରେ ୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିମଧ୍ୟରୁ ୧୩ ଜଣ ପ୍ରଥମ ଶ୍ରେଣୀ ଏବଂ ଜଣେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ



ହୋଇଛନ୍ତି। ସେହିଭଳି ଓଡ଼ିଆ ବିଭାଗରେ ୧୬ ଜଣରୁ ୧୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣଙ୍କର ଫଳ ପ୍ରକାଶିତ ହୋଇନାହିଁ। ରାଜନୀତି ବିଜ୍ଞାନରେ ୧୬ ଜଣରୁ ୧୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ୨ ଜଣଙ୍କର ଫଳ ପ୍ରକାଶିତ ହୋଇନାହିଁ। ଏମ୍‌ଏସ୍‌ଡବ୍ଲ୍ୟୁ ବିଭାଗରେ ୩୮ ଜଣ ପରୀକ୍ଷା ଦେଇଥିଲେ ଏବଂ ସେଥିରୁ ୩୧ ଜଣ ପ୍ରଥମ ଶ୍ରେଣୀ ଓ ଜଣେ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥଶାସ୍ତ୍ରରେ ଦିପ୍ତିମୟୀ ଭୋଇ (୭୭.୩୦%), ଇଂରାଜୀରେ ଶ୍ରାବଣୀ ବାନାର୍ଜୀ (୭୭.୨୦%), ଭୂଗୋଳରେ ରୋମିଆ ଭୋଇ (୭୭.୨୯%)। ଇତିହାସରେ ଦୀପାଳୀ ରଣା (୭୭.୨୦%), ଓଡ଼ିଆରେ ଅଳକା ସେଠ (୮୦.୨୦%), ଏବଂ ରାଜନୀତି ବିଜ୍ଞାନରେ ଅମ୍ବିକା ରଣା (୭୭.୫୦%), ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏମ୍‌ଏସ୍‌ଡବ୍ଲୁରେ ଅନୁପମା ରଥ (୮୪.୦୮%) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବତନ ସରକାରୀ ମହାବିଦ୍ୟାଳୟ ଭବାନୀପାଟଣାର ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷା ଫଳ ମଧ୍ୟ ଆଜି ପ୍ରକାଶିତ ହୋଇଛି। କଳା ବିଭାଗରେ ସର୍ବମୋଟ ୨୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ୭୨.୭୨ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ସର୍ବମୋଟ ୧୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ୬୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥରେ ୩୩ ଜଣ ପ୍ରଥମ ଶ୍ରେଣୀ ଓ ୨୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୪ ଜଣଙ୍କର ଫଳାଫଳ ବିଭିନ୍ନ କାରଣରୁ ପ୍ରକାଶିତ ହୋଇ ନାହିଁ। ଏହି ବିଭାଗରେ ୫୧.୬୯ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନରେ ୧୮୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ବିଭାଗରେ ୭୭.୯୦ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ମାନବ ଶାସ୍ତ୍ରରେ କୃତିକା ସିଂହ, ଅର୍ଥଶାସ୍ତ୍ରରେ ବବଳୀ ସାହୁ, ଶିକ୍ଷାରେ ପୁଣ୍ୟପ୍ରଭା ଦାସ, ଇଂରାଜୀରେ ପଲ୍ଲବୀ ରାଉତ ଓ ଭୂଗୋଳରେ ରାମାକାନ୍ତ ଶିକା ଇତିହାସରେ ଦମୟନ୍ତୀ ବାଗ, ଓଡ଼ିଆରେ ନିଶ ବେହେରା, ରାଜନୀତି ବିଜ୍ଞାନରେ ପୁରୁଷୋତ୍ତମ ରଥୀ, ସଂସ୍କୃତରେ ମିଳି ମେହେର। ସମାଙ୍କ ବିଜ୍ଞାନରେ ସୌମ୍ୟ ସୁଚରିତା ରାଏଗୁରୁ, ବାଣିଜ୍ୟରେ ନିକୃଷି ବ୍ୟାସ ଭରିବ ବିଜ୍ଞାନରେ ସୌମ୍ୟ ମେରିଲା, ରସାୟନ ବିଜ୍ଞାନରେ ଅଭିଲା କୋଷୀ, ନ୍ୟୁଟର ବିଜ୍ଞାନରେ ଭୋଜନ ପ୍ରଧାନ, ସତରେ ଟଙ୍କଧର ମେହେର ପଦାର୍ଥ ବିଜ୍ଞାନରେ କମାନ ପଏ ଜୀବ ବିଜ୍ଞାନରେ ମଧୁତା କରିପାଳ ବିବିଏରେ ଗୋମିନା ଗହିର ନସିଏରେ ଦୀପେନ୍ଦ୍ର କୁମାର ଭାରତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଳା ବିଭାଗରେ ସମାଜ ବିଜ୍ଞାନର ସୌମ୍ୟ ସୁଚରିତା ଲାଗୁରୁ (୮୪.୧୯%) ପ୍ରଥମ ହୋଇଛନ୍ତି ବାଣିଜ୍ୟ ବିଭାଗରେ ବିଭୂଷି ବ୍ୟାସ (୮୦.୯୫%) ଏବଂ ବିଜ୍ଞାନ ବିଭାଗରେ ସମାଜ ସମ୍ମାନ (୯୩.୩୮୫%) ସର୍ବୋଚ୍ଚ ନମ୍ବର ରଖିଛନ୍ତି। ବିଜ୍ଞାନର ଇମାନ ପଣ୍ଡା ସର୍ବୋଚ୍ଚ ୯୩୩୮ ପ୍ରତିଶତ ମାର୍କ ରଖି ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି। ପ୍ରକାଶଥାଉକି, ଚଳିତ ବର୍ଷ ଓଡ଼ିଶା ସରକାର ଅଗଷ୍ଟ ୧୫ ଭିତରେ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ କଳା ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଅବଧି ପୂର୍ବରୁ ପରୀକ୍ଷା ଫଳ ପ୍ରକାଶନ ପାଇଁ ଯତ୍ନବାନ ହୋଇଥିଲେ। କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ କୁଳପତି ଡ. ସଂଜୟ ଶତପଥୀ, ପିଜି କାଉନସିଲ ଚ୍ୟାୟାରମ୍ୟାନ ଡ. ଜୟଦେବ ସାହୁ, ରେଜିଷ୍ଟ୍ରାର ଡ. ପିତାମ୍ବର ଭୋଇ, ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ମଲ୍ଲିକ୍, ଡାଇରେକ୍ଟର କଲେଜ ଡେଭଲପମେଣ୍ଟ କାଉନସିଲ ଧନଞ୍ଜୟ କୁମାର, ପରୀକ୍ଷା ଓଏସ୍‌ଡି କୈଳାସ ଚନ୍ଦ୍ର ଦାସ ଓ ସହକାରୀ ପରୀକ୍ଷା ନିୟନ୍ତ୍ରକ ଡ. ଚିତରଞ୍ଜନ ଖୁଣ୍ଟିଆ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ରାଶିଫଳ

**ସୋମବାର, ୧ ଅଗଷ୍ଟ ୨୦୨୨**



**ମେଷ** - ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**ବୃଷ** - ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟସ୍ୱଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**ମିଥୁନ** - ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ** - ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।



**ସିଂହ** - ଆଜି ଆଧାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**କନ୍ୟା** - ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ।



**ତୁଳା** - ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ ।ପାରିବାରିକ କଳହ ଦୂରିଭୁତ ହେବ।



**ବିଛା** - ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।



**ଧନୁ** - କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।



**ମକର** - ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



**କୁମ୍ଭ** - ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମୀନ** - ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ ।ମନର ସରସତା ଉଭେଇ ଯାଇପାରେ । ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ । ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯



ଜଗତସିଂହପୁର,(ଭାସ୍କର ନ୍ୟୁଜ):ଜଗତସିଂହପୁର ସଦରସ୍ଥିତ ଶାରଦା ମଣ୍ଡପଠାରେ ଜଗତସିଂହପୁର ସମାଜସେବୀ ମହାସଂଘର ଜଗତସିଂହପୁର ସମାଜସେବୀଙ୍କ ବନ୍ଧୁମିଳନ ଏବଂ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମାଜସେବୀ ମହାସଂଘ ଆବାହକ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଉଦ୍‌ଘାଟକ ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଗଗନ ବିହାରୀ ପାଇଟାଳ, ସମ୍ମାନିତ ଅତିଥି ସୁଶ୍ରୀ ଶୀତଲ ବସ୍ତିଆ, ବସନ୍ତ ମଞ୍ଜରୀ ଦାସ, କଳ୍ପନା ସୂତାର, ସୁନାକାର ବେହେରା, ଭଗବାନ ଦାସ, ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅଧିବେଶନରେ ଜିଲ୍ଲାର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। କିଭଳି ଜିଲ୍ଲାରେ ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ହେବ ସେ ସମ୍ବନ୍ଧରେ ଆଲୋଚନା ହେବା ସହିତ ଆଗାମୀ ଦିନରେ କିଭଳି ଜଗତସିଂହପୁର ଜିଲ୍ଲାରେ ସମସ୍ତ ସ୍ୱେଚ୍ଛାସେବୀ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ସହିତ ପାରିବାରିକ ସମସ୍ୟା ଏବଂ ପରିବେଶ ସୁରକ୍ଷା ପ୍ରତି କାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ମଣ୍ଡଳରୁ ଆସିଥିବା ସ୍ୱେଚ୍ଛାସେବୀ ମାନେ ସେମାନଙ୍କ କାର୍ଯ୍ୟ ସମ୍ପର୍କିତ ସୁବିଧା ଅସୁବିଧା ମାନ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

## ବର୍ଷା ଅଭାବରୁ ଚାଷୀକୁଳ ହତାଶ, ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ

ଚିକିଟି, (ଓଡ଼ିଶା ଭାସ୍କର):୧୯୯୯ମସିହା ପରଠାରୁ ଅଦିନିଆ ବର୍ଷା,ବନ୍ୟା ବାତ୍ୟା, ଫାଇଲିନ, ହୁଦୁ ହୁଦୁ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ଲକର ଚାଷୀ ପ୍ରତି ସମୟରେ ବହୁତ କ୍ଷତି ସହିଛନ୍ତି। ହେଲେ ଚଳିତ ବର୍ଷ ଠିକ ସମୟରେ ବର୍ଷାର ଅଭାବ ଯୋଗୁଁ ଚାଷୀ ବର୍ଷା ଜଳକୁ ଭରସା କରି ନିଜ ଜମିରେ ଧାନ ବୁଣି ତଳି ପକାଇ ଥିଲେ କିନ୍ତୁ ବିଧିର ବିଧାନ ଚାଷୀ କୁଳ ଉପରେ ଦାଉସାଧିଛି କ୍ଷଧାରା ଶ୍ରାବଣ ଶେଷ ହେବାକୁ ଯାଉଥିବା ବେଳେ ଆଜିସୁଧା ସମସ୍ତ ଚାଷ ଜମିରେ ହଳ ମାରିବା ଦୂରର କଥା ପକାଇଥିବା ଧାନ ତଳି ଗଜା ମରୁଡ଼ି ହେବାକୁ ଲାଗିଲାଣି । ଏଥିପାଇଁ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଦୀର୍ଘ ଦିନ ଧରି ବର୍ଷା ଅଭାବ ସାଙ୍ଗକୁ ମୌସୁମୀର ଲୁଚକାଳି ଖେଳ ଯୋଗୁଁ ଅଞ୍ଚଳରେ ଚାଷୀଙ୍କୁ ଅସମୟରେ ପାଣି ଯୋଗାଇଥିବା ଥିବା ପ୍ରମୁଖ ଜଳ ଭଣ୍ଡାର ଯଥା ଭାଲୁଘାଇ, ଜଗନ୍ନାଥ ସାଗର, ଚକ୍ରବର୍ତୀ ସାଗର, ବଣ ନୂଆବନ୍ଧ, କାଳଞ୍ଜି ବନ୍ଧ, ପଣ୍ଡା ବନ୍ଧ, ହିଁଜିଳି ଘାଇ ଆଦିର ବ୍ୟବସ୍ଥା ଗମ୍ଭୀର ହୋଇ ପଡିଛି। ସେପଟେ କ୍ଷୁଦ୍ର ଜଳ ପ୍ରକଳ୍ପର ପାଣି, ଉଠା ଜଳସେଚନ ବ୍ୟବସ୍ଥା ଦୟନୀୟ ହୋଇପଡ଼ିଛି। ଯଦିବା କେତକ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପ କାମ କରୁଛି ତାହା ବି ସମୁଦ୍ରକୁ ଶଙ୍ଖେ ସଦୃଶ। ଅଞ୍ଚଳର ସୁବର୍ଣ୍ଣରେଖା କୁହାଯାଉଥିବା ବାହୁଦା ନଦୀର ଜଳରେ ଜମିକୁ ଜଳସେଚନ କରିବା ଓ ବନ୍ୟା ଜଳକୁ ନିୟନ୍ତ୍ରିତ କରିବା ଲକ୍ଷରେ ବାହୁଦା କ୍ଷୁଦ୍ର ଜଳସେଚନ ତଥା କଳିଙ୍ଗଦଳା ଆନିକଟ ନିର୍ମାଣ କରାଯାଇ ଜଳ ଗଛିତ ରଖିବା ସହ ଉପଯୁକ୍ତ ସମୟରେ ଚାଷୀଙ୍କ କାର୍ଯ୍ୟରେ ଲାଗୁଥିଲା। ସେପଟେ ଦିଗପହଣ୍ଡି ପଟୁ ପ୍ରବାହିତ କଣ୍ଟେଇ ଝଳି ନଦୀର ଜଳସ୍ରୋତ ଆସି ବାହୁଦାରେ ମିଶୁଥିବା ବେଳେ କଣ୍ଟେଇଝଳି ନଦୀ ଉପରେ ଚେକଡେମ ନିର୍ମାଣ ସାଙ୍ଗକୁ ନିକଟରେ ମେଘା ଜଳଯୋଗାଣ ପ୍ରକଳ୍ପ ଯୋଗୁଁ ଅଞ୍ଚଳର ସୁବର୍ଣ୍ଣରେଖା ଜଳ ଶୂନ୍ୟ ହେବାକୁ ବସିଲାଣି। ତେଣୁ କେନାଲ ମଧ ଶୁଖିଲା ପଡିଛି। ଚାଷୀଙ୍କ ଜମିକୁ ଜଳସେଚନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବାହୁଦା ନଦୀ ଏବେ ଅଣ ଜଳ ସେଚିତ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଗତ ସପ୍ତାହରେ ଲଘୁଚାପ ପ୍ରଭାବରେ ସାମାନ୍ୟ ବର୍ଷା ହେବାରୁ ଚାଷୀକୁଳ ଅସ୍ୱସ୍ତି ଲାଭ କରିବା ସହ ଧାନ ରୁଆ ଆରମ୍ଭ କରିଥିଲେ। ହେଲେ ପୁଣି ବର୍ଷାର ଅଭାବ ଏକ ସଙ୍କଟ ଆଣିଦେଇଛି। ଏପଟେ କାଗଜ କଲମରେ ଚାଲିଛି ଅନେକ ଜଳଚେଚନ ବିଭାଗ।

## ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଏତଲା କପି ଦେଉନି ପୋଲିସ, ଅଭିଯୁକ୍ତଙ୍କୁ ଖସାଇବା ପାଇଁ ମସୁଧା



କେନ୍ଦ୍ରାପଡା, (ଓଡ଼ିଶା ଭାସ୍କର):ଜନୈକ ଚାଷୀଙ୍କୁ ସାବଳରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଖସାଇବା ପାଇଁ ଯୋଜନା ଚାଲିଛି। କାରଣ ଆକ୍ରମଣରେ ଶିକାର ପରିବାରକୁ ଏତଲା କପି ଦେଉନି ପୋଲିସ। ଅଭିଯୁକ୍ତଙ୍କୁ ଖସାଇବା ପାଇଁ ଏପରି ଯୋଜନା କରାଯାଉଥିବା ପିଡିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। କାରଣ ଏତଲା କପି ଦେଲେ କେଉଁ ଦଫା ଲାଗିଛି ତାହା ଜଣାପଡିଯିବ। ଏହାଦ୍ୱାରା ପୋଲିସର ଅସଲ ମୁଖା ଖୋଲିଯିବ। ତେଣୁ ଏତଲା କପିକୁ ଚାପି ଦେଇ ଅଭିଯୁକ୍ତଙ୍କୁ କୋହଳ ଦଫା ଲଗାଇ ୪୧ ସିଆରପିସିରେ ଜାମିନ ଦେବା ପୋଲିସ ପାଇଁ ସହଜ ହେବ। ସୂଚନା ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବସପୁର ଗ୍ରାମପଞ୍ଚାୟତର ଭାଣ୍ଡିଲୋ ଗ୍ରାମର ଚାଷୀ ଶାରଦା ପ୍ରସନ୍ନ ଜେନା ଗତ ୨୬ ତାରିଖରେ ନିଜ ଜମିକୁ ଚାଷ କାର୍ଯ୍ୟ ଦେଖିବା ପାଇଁ ଯାଇଥିଲେ। ସେହି ସମୟରେ ତାଙ୍କ ଜମିକୁ ଲାଗିଥିବା ଅନ୍ୟ ଏକ ଜମିର ମାଲିକ ପ୍ରଫୁଲ୍ଲ କୁମାର ଦାସ ତାଙ୍କ ହିଡ଼କୁ ଟ୍ରାକ୍ଟର ଯୋଗେ ଖୋଳି ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ପ୍ରଫୁଲ୍ଲଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ଶାରଦା ଘରକୁ ପଳାଇଥିଲେ। ପରେ ଶାରଦା ଭାଣ୍ଡିଲୋ ଛକରେ ଏକ ଚା ଦୋକାନରେ ଛିଡା ହୋଇଥିବା ବେଳେ ପ୍ରଫୁଲ୍ଲର ଭାଇ ପ୍ରଦୀପ ଓ ନାରାୟଣ ଶାରଦାଙ୍କୁ ଜୀବନରେ ମାରିଦେବା ଉଦେଶ୍ୟରେ ଏକ ସାବଳରେ ଆକ୍ରମଣ କରିଥିଲେ। ଏଥିରେ ଶାରଦାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏବେବି ଡାକ୍ତରଖାନାରେ ସେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି।

## ଲାଇନ୍ କାଟିବାକୁ ନେଇ ବିଦ୍ୟୁତ୍ କାର୍ଯ୍ୟାଳୟରେ ଗଣ ଧାରଣା



ବାଲିପାଟଣା, (ଓଡ଼ିଶା ଭାସ୍କର): ଆଜି ସନ୍ଧ୍ୟା ସମୟରେ ବାଲିପାଟଣା ବିଦ୍ୟୁତ୍ ବିଭାଗର ମନମୁଖି ଅହରହ ଲାଇନ୍ କାଟିବାକୁ ନେଇ ଆଜି ବିଦ୍ୟୁତ୍ କାର୍ଯ୍ୟାଳୟରେ ତିନି ଗ୍ରାମବାସୀଙ୍କର ଗଣଧାରଣା। ସୂଚନା ଅନୁଯାଇ ଆଜି ବାଲିପାଟଣା ଥାନା ଅନ୍ତର୍ଗତ ତିନି ଗ୍ରାମ ଦରଡା ଗ୍ରାମ, ଗାରେଡି ପାଞ୍ଚଣ ଏବଂ ବିଶ୍ୱନାଥପୁର ଗ୍ରାମର ହରିଜନ ସାହିର ବିଦ୍ୟୁତ୍ ଆଜି ଦିନ ପାଖା ପାଖି ୯ ଟାରୁ ବିଦ୍ୟୁତ୍ ବିଭାଗରୁ କାଟି ଦିଆଯାଇଥିଲା। ଏହାକୁ ପ୍ରତିବାଦ କରି ଉକ୍ତ ତିନି ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବିଦ୍ୟୁତ୍ କାର୍ଯାଳୟରେ ଦିନ ୪ଟାରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିବା ସହିତ ବାଲିପାଟଣା ଥାନା ରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ କିଛି ଗ୍ରାମବାସୀଙ୍କ ବାକିଆ ଦେୟ ପାଇଁ ସମ୍ପୂର୍ଣ୍ଣ ଗ୍ରାମରୁ ବେଆଇନ୍ ଭାବରେ ଆଜି ଦିନରୁ ଲାଇନ୍ କାଟିଦେଇ ଥିଲେ ଯାହାଫଳରେ ଗ୍ରାମବାସୀ ଆଜି ପ୍ରବଳ ଗରମରେ ଛଟ ପଟ ହେଉଥିଲେ କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଇନ୍ ନଆସିବାରୁ ଗ୍ରାମବାସୀ ମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଠାରେ ଧାରଣା ଦେଇଥିଲେ। ବାଲିପାଟଣା ବିଦ୍ୟୁତ୍ ବିଭାଗ ଏ.ଏମ୍ ମଦନ ମୋହନ ଜେନା କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ତାଙ୍କୁ ଏ ବିଷୟରେ ଗ୍ରାମବାସୀଙ୍କ ତରଫରୁ ଜୟଦେବ ବିଧାୟକ ପ୍ରାର୍ଥୀ ବସନ୍ତ କୁମାର ନାୟକ ଫୋନ୍ କରିଥିଲେ ମଧ ସେ କୌଣସି ଉତ୍ତର ଦେଇନଥିଲେ। ରାତି ପ୍ରାୟ ୮ଟାରେ ବାଲିପାଟଣା ଥାନା ଅଧିକାରୀ କୃପାସିନ୍ଧୁ ବରାଡ, ଅତିରିକ୍ତ ଥାନା ଅଧିକାରୀ ରାକେଶ ସାମଲ, ଏଏସ୍ଆଇ କିଶୋର ପାଢି ଏବଂ ଘନଶ୍ୟାମ ସାହୁ ସଦଳବଳେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାତି ପ୍ରାୟ ସାଢ଼େ ଆଠଟା ସମୟରେ ଲାଇନ୍ ଦିଆଯିବା ପରେ ଧାରଣାରୁ ଉଠିଥିଲେ ମଧ ବିଦ୍ୟୁତ୍ ବିଭାଗ ଏ.ଏମ୍ ଶ୍ରୀ ଜେନାଙ୍କୁ କାର୍ଯ୍ୟାଳୟକୁ ଆସିବା ପାଇଁ ସ୍ଥାନିୟ ପୋଲିସ ଥାନା ଅଧିକାରୀ କୃପାସିନ୍ଧୁ ବରାଡଙ୍କ ପାଖରେ ଦାବି କରିଥିବା ସୂଚନା ମିଳିଛି। ଉକ୍ତ ଧାରଣାକୁ ଜୟଦେବ ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ବସନ୍ତ କୁମାର ନାୟକ ସମର୍ଥନ ଦେଇ ଧାରଣାରେ ବସିଥିଲେ ଏବଂ ଗ୍ରାମବାସୀ ତୋଫାନ ଭୋଇ, ସୁବାସ ଭୋଇ, ବଳରାମ ଦିହୁଡ଼ି, ଅରବିନ୍ଦ ସେନାପତି, ଚିତ୍ରସେନ ଭୋଇ ପ୍ରମୁଖ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଧାରଣାରେ ଯୋଗ ଦେଇଥିବା ସୂଚନା ମିଳିଛି।

## ଖର୍ଲି ଗାଁ ପ୍ରେମ ଜନିତ ନାବାଳିକା ହତ୍ୟାକାଣ୍ଡ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ପୀଡିତାଙ୍କ ପରିବାର ବର୍ଗ ଥାନା ଘେରଉ



କଣ୍ଟାବାଞ୍ଜି, (ଓଡ଼ିଶା ଭାସ୍କର): ଖର୍ଲି ଗାଁର ନାବାଳିକା ଝିଅକୁ ସେହି ଗାଁର ନାବାଳକ ପୁଅ ପ୍ରେମ ସଂପର୍କ ରଖିବା ପରେ ସବୁ ଦିନ ପାଇଁ ଜୀବନରେ ମାରିଦେଇ ମାଟି ତଳେ ପୋତି ଦେଇଥିଲା । ଏହି ଘଟଣା ଶନିବାର ଦିନ ପର୍ଦ୍ଦାଫାସ ବଲାଙ୍ଗିର ଜିଲ୍ଲା ଏସ୍‌ପି ଏବଂ ତୁରେକେଲା ପୋଲିସ ଅଭିଯୁକ୍ତକୁ ଗିରଫ କରି ଯୁବେନାଇଲ କୋର୍ଟକୁ ସ୍ଥାନାନ୍ତରିତ କରିଛି । ଏହି ଘଟଣା କେବଳ ଜଣେ ଅଭିଯୁକ୍ତକୁ ନେଇ ହୋଇ ନ ଥିବା ବେଳେ ଏଥିରେ ଅନ୍ୟମାନେ ମଧ ସଂଶ୍ଳିଷ୍ଟ ଥାଇ ହତ୍ୟା କରିଥିବା ଦାବିକରି ପିଡିତା ପରିବାରର ପିତାମାତା, ସଂପର୍କୀୟ ଏବଂ ଗାଁ ଲୋକେ ରବିବାର ଦିନ ତୁରେକେଲା ଥାନା ଘେରଉ କରିଛନ୍ତି । ଥାନା ଘେରଉ ବେଳେ ଅଭିଯୁକ୍ତ ପ୍ରତାପ ଶବର ସହ ଅନ୍ୟମାନେ ଥିବା ସନ୍ଦେହ କରି ସେମାନଙ୍କୁ ମଧ ଗିରଫ କରିବା ପାଇଁ ଦାବି କରିଥିଲେ । ତୁରେକେଲା ଥାନା କେସ ନଂ.୧୧୫/୨୭.୭.୨୦୨୨ ଦଫା ୩୬୩/୩୭୬(୩)୩୦୨/୨୦୧ ଆଇପିସି ତଥା ୬ ପୋକ୍ସୋ ଏକ୍ଟରେ ଅଭିଯୁକ୍ତକୁ ଯୁବେନାଇଲ କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ । ଏହି ହତ୍ୟା ଘଟଣାରେ କେବଳ ଜଣେ ମାତ୍ର ଅଭିଯୁକ୍ତ ସଂଶ୍ଳିଷ୍ଟ ଥିଲେ ନା ଆଉ ଅନ୍ୟମାନେ ଥିଲେ ତାର କୌଣସି ସୁରାକ ପାଇଛନ୍ତି କି ବୋଲି ତୁରେକେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଅନୁସଂଧାନ ଚାଲିଛି ଅନୁସନ୍ଧାନ ପରେ ଜଣାପଡିବ ବୋଲି କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

ନିଆଳୀ, (ଓଡ଼ିଶା ଭାସ୍କର):ନିଆଳୀ ଥାନା ଅନ୍ତର୍ଗତ ସିଠାଲୋ ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଥିବା ନେଇ ନିଆଳୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଗତକାଲି ରାତି ୧୦ଟା ସମୟରେ ସିଠାଲୋ ଛକଠାରେ ଉକ୍ତ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁ ବସିଥିବା ବେଳେ ୩ ଜଣ ଦୁର୍ବୃତ୍ତ ରଶ୍ମିରଞ୍ଜନ ଜେନା, ରାକେଶ ଜେନା ଓ ଗୋପୀନାଥ ପାତ୍ର ହଠାତ୍ ଅତର୍କୀତ ଆକ୍ରମଣ କରିଥିଲେ। ସେହି ଆକ୍ରମଣରେ ଶ୍ରୀ ବଡୁ ତଳେ ପଡିଯାଇଥିଲେ ଏହି ସମୟରେ ତାଙ୍କ ଛାତି ଉପରେ ଗୋଡ ରଖି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ ଏବଂ ତାଙ୍କ ମୁଣ୍ଡକୁ ଖଣ୍ଡାରେ ହାଣିଥିଲେ ।ଯାହାଫଳରେ ତାଙ୍କ ମୁଣ୍ଡର ବାମପାଶ୍ୱରେ ଗଭୀର ଆଘାତ ଲାଗିବା ସହ ଶ୍ରୀ ବଡୁ ଜୀବନ ବିକଳରେ ଦୌଡି ପଳାଉଥିବାବେଳେ ବାଟରେ ପଡି ସଜ୍ଞାହୀନ ହୋଇ ପଡିଥିଲେ। ଛକରେ ଥିବା କିଛି ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ୧୧୨ ଆମ୍ବୁଲାନ୍ସ ଯୋଗେ ଜଗତସିଂହପୁର ମେଡିକାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ସେ ନିଆଳୀ ଥାନାରେ ଲିଖିତ ଅଭିଯୋଗକରିବାପରେ ନିଆଳୀ ପୋଲିସ୍ ମାମଲା ରୁଜୁକରି ତଦନ୍ତ ଜାରୀ ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିନଥିବା ଜଣାଯାଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କ ବୈଠକ

ଛତ୍ରପୁର, (ଓଡ଼ିଶା ଭାସ୍କର):ଛତ୍ରପୁରସ୍ଥିତ ମା' ଉଜ୍ୱଳେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଛତ୍ରପୁର ଡିଭିଜନ ସମ୍ପାଦକ ଏବଂ ସମସ୍ତ ବିଦ୍ୟୁତ କର୍ମଚାରୀଙ୍କୁ ନେଇ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକକୁ ଦକ୍ଷିଣାଞ୍ଚଳ ଜୋନ୍ ସମ୍ପାଦକ ମନୋରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଉପସଭାପତି ଧନଞ୍ଜୟ ପରିଡା ସଭାପତିତ୍ୱ କରିଥିବା ବେଳେ ଜୋନ୍ ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ଭୋଇ ସଭା ପରିଚାଳନା ସହ ରେଗୁଲାର, ଠିକା କର୍ମଚାରୀଙ୍କ ଅସୁବିଧା ଏବଂ ମଜୁରୀ ନିର୍ଦ୍ଧାରଣରେ ବିଳମ୍ବ ବିଷୟରେ ଆଲୋକପାତ କରିଥିଲେ। ଛତ୍ରପୁର ଡିଭିଜନ ସମ୍ପାଦକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଡିଭିଜନର ପ୍ରାୟ ୧୦ରୁ ୧୫ ଜଣ ସଦସ୍ୟ ଯୋଗ ଦେଇଥିଲେ। ଉକ୍ତ ସଭାରେ ଜୋନ୍‌ର ସଂଗଠନ ସମ୍ପାଦକ ମହେନ୍ଦ୍ର କୁମାର ନାଥ, ସର୍କଲ ସମ୍ପାଦକ ସରୋଜ ଆଚାରୀ, ଉପ ଯୁଗ୍ମ ସମ୍ପାଦକ ରାକେଶ ସ୍ୱାଇଁ, ଅବିନାଶ ପ୍ରଧାନ, ତପନ କୁମାର ପାଢ଼ୀ, ସଞ୍ଜୟ ଶତପଥୀ, ହରିହର ମହାପାତ୍ର, ଗଗନ ବିହାରୀ ନାୟକ, ନିଳମାଧବ ଦାସ, ବିଜୟ କୁମାର ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ।

## ଅଚିହ୍ନା ଶବ ଉଦ୍ଧାର

ଭଣ୍ଡାରିପୋଖରୀ, (ଓଡ଼ିଶା ଭାସ୍କର):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ପୁରିପଡା ଗ୍ରାମର ହୋଟେଲ କୁଞ୍ଜବନ ପାର୍ଶ୍ୱରେ ଥିବା ପାଣିନାଳରୁ ଏକ ଅଚିହ୍ନା ବ୍ୟକ୍ତିର ଶବ ପୋଲିସ ଉଦ୍ଧାର କରିଛି। ରବିବାର ସକାଳେ ଦଳପୂର୍ଣ୍ଣ ଜଳରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦମକଳବାହିନୀ ସହାୟତାରେ ଶବ ଉଦ୍ଧାର କରାଯାଇଥିଲା। ଶବ ମଧ୍ୟବୟସ୍କ ଜିନ୍ସପ୍ୟାଣ୍ଟ ଓ ବାନିଅନ ପିନ୍ଧିଥିବା ଓ ଏହା ପଚିଗନ୍ଧ ବାହାରୁ ଥିବାରୁ କିଛି ଦିନ ପୂର୍ବରୁ ପାଣିରେ ପଡିଥିବା ଅନୁମାନ କରାଯାଉଛି। ଶବର ପରିଚୟ ମିଳି ପାରିନାହିଁ। ଥାନାରେ ୧୩/୨୨ନଂ ଅପମୃତ୍ୟୁ ମାମଲା ରଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ବର୍ଷାରେ ଭୁଶୁଡିଲା ଘର, ବିଧାୟକଙ୍କ ସହାୟତା ପ୍ରଦାନ



ବଡସାହି, (ଓଡ଼ିଶା ଭାସ୍କର):ଗତ କିଛି ଦିନ ତଳେ ଲାଗି ରହିଥିବା ଲଗାଣ ବର୍ଷାରେ ବିରେଶ୍ୱରପୁର ପଞ୍ଚାୟତ କୁଲଡିହା ଗ୍ରାମରେ ରଣଜିତ କୁମାର ନାଏକ ନାମକ ଜଣେ ବ୍ୟକ୍ତିଙ୍କର ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏକ ପଲିଥିନ ତଳେ ଦିନ କାଟୁଛନ୍ତି। ବର୍ଷା ଦିନ ପାଇଁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିଜେ ରହିବା ସହିତ ଘରର ଆବଶ୍ୟକୀୟ ଜିନିଷକୁ ସୁରକ୍ଷିତ ଭାବେ ରଖିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡିଛି । ଖବରପାଇ ବଡସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ତାଙ୍କ ଘରକୁ ଯାଇ ସମସ୍ତ ଘଟଣା ବୁଝିବା ସହିତ ସହାୟତାର ହାତ ବଢାଇଛନ୍ତି । ସେ ତୁରନ୍ତ କିପରି ସରକାରଙ୍କର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ଘରଟିଏ ପାଇ ପାରିବେ ସେ ସମ୍ପର୍କରେ ଅଲୋଚନା କରି ନାମଟିକୁ ଅନଲାଇନରେ ପଞ୍ଜୀକରଣ କରିବା ପାଇଁ ତାଙ୍କୁ ପରାମର୍ଶ ଦେଇଛନ୍ତି । ଏତଦବାଦ ଜିଲ୍ଲାପାଳ ଓ ବିଡିଓଙ୍କ ସହିତ ତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ତାଙ୍କ ସହିତ ବ୍ଲକ୍ ବିଜୁ ଜନତା ଦଳର ସଭାପତି ନିହାର ରଞ୍ଜନ ମହାପାତ୍ର ଓ ପଞ୍ଚାୟତ ସଭାପତି ବୈଦ୍ୟନାଥ ସିଂଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ ।

## ଚାଷ ଜମିରୁ ଜଳ ନିଷ୍କାସନ ଦାବିରେ ବଳଙ୍ଗା-ନିମାପଡ଼ା ରାସ୍ତା ଅବରୋଧ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ଚାଷ ଜମିରୁ ଜଳ ନିଷ୍କାସନ ଦାବିକରି ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଶନିବାର ନିମାପଡ଼ା-ବଳଙ୍ଗା ମୁଖ୍ୟ ରାସ୍ତାର ତରବୋଇ ଲକ୍ଷ୍ମୀନୃସିଂହ ହାଇସ୍କୁଲ ସମ୍ମୁଖରେ ଦୀର୍ଘ ୩ ଘଣ୍ଟା କାଳ ରାସ୍ତା ଅବରୋଧ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଗୁଡ଼ିକ ଅଟକି ରହିଥିବା ବେଳେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଖବର ପାଇ ତହସିଲ ପ୍ରଶାସନ ପକ୍ଷରୁ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ସୂଚନାରୁ ପ୍ରକାଶ ଯେ, ଲକ୍ଷ୍ମୀନୃସିଂହ ହାଇସ୍କୁଲ ସାମ୍ନାରେ ଦନ୍ଦୀପୁର ଗ୍ରାମକୁ ଯାଇଥିବା ନୂତନ ରାସ୍ତା ଯୋଗୁଁ ରାସ୍ତାର ପଶ୍ଚିମ ପାର୍ଶ୍ୱରେ ଥିବା ରେସିଙ୍ଗା, ତରବୋଇ ଶାସନର ଅନେକ ଚାଷୀଙ୍କର ପ୍ରାୟ ୨୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ ବର୍ଷା ଜଳ ନିଷ୍କାସନ ହେଉନଥିବାରୁ ଏହିସବୁ ଜମି ମାନଙ୍କରେ ଧାନ ଫସଲ ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଉଥିବା ସହ ଏହି ସ୍ଥାନରେ ଜଳ ନିଷ୍କାସନ ପାଇଁ ଏକ ନଳା ବସାଯିବା ପାଇଁ ଚାଷୀମାନଙ୍କ ପକ୍ଷରୁ ନିମାପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ତହସିଲଦାରଙ୍କ ସହ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଅଭିଯୋଗର ୧ବର୍ଷ ପରେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାନଯିବାରୁ ଶନିବାର ଚାଷୀମାନଙ୍କ ପକ୍ଷରୁ ସକାଳ ୮ଟାରେ ରାସ୍ତାରୋକ କରାଯାଇଥିଲା। ରାସ୍ତାରୋକ ଖବର ପାଇ ବଳଙ୍ଗା ଥାନାଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ଚାଷୀମାନଙ୍କ ସହ ଖତା ହୋଇ ନିମାପଡ଼ା ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ସହ କଥା ହୋଇଥିଲେ। ପରେ ତହସିଲଦାର ଥାନାଧିକାରୀଙ୍କ ମାଧ୍ୟମରେ ଆଗାମୀ ୨ ଦିନ ମଧ୍ୟରେ ଘଟଣାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକ ହଟିଥିଲା ।

## ହିନ୍ଦୁ ଜାଗ୍ରତ ସଙ୍ଗଠନ ପକ୍ଷରୁ ଧାର୍ମିକ ସମ୍ମିଳନୀ

ତିହିଡି, (ଓଡ଼ିଶା ଭାସ୍କର):ଭଦ୍ରକ ଜିଲ୍ଲା ତିହିଡି ହିନ୍ଦୁ ଜାଗ୍ରତ ସଂଗଠନ ପକ୍ଷରୁ ଏକ ଧାର୍ମିକ ସମ୍ମିଳନୀ ତିହିଡି ଟାଉନ ହଲ୍ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ପିତାମ୍ବର ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପାଠଚକ୍ର ପକ୍ଷରୁ ରାମନାରାୟଣ ନାୟକ, ସତସଙ୍ଗ ବିହାର ପକ୍ଷରୁ ଅମର କୁମାର ସେଠୀ, ଇସ୍କନ ସଂଗଠନ ପକ୍ଷରୁ ବିଷ୍ଣୁଚରଣ ମିଶ୍ର, ଚାରିବାଟିଆ ହରିପୁର ମଠରୁ ସନାତନ ମାଝୀ, ସାଇ ସଂଗଠନ ତରଫରୁ ରାମଚନ୍ଦ୍ର ବାରିକ ଓ ପ୍ରଭାତ ରାଉଳ, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଭୁବନାନନ୍ଦ ମିଶ୍ର, ଶ୍ରୀରାମ ସମିତି ତରଫରୁ କିଶୋର ନାୟକ ଓ ବିଭିନ୍ନ ଧାର୍ମିକ ସଂଗଠନ ପକ୍ଷରୁ ମଧ ପ୍ରତିନିଧିମାନେ ଯୋଗଦେଇ ଧର୍ମ ଭାବନା ଉପରେ ମତାମତ ଦେଇଥିଲେ। ସମଗ୍ର ଭାରତରେ ଘଟୁଥିବା ଏକତରଫା ସାଂପ୍ରଦାୟିକ ଆକ୍ରମଣ କିପରି ଶାନ୍ତିପ୍ରିୟ ଓ ହିନ୍ଦୁମାନଙ୍କୁ ବ୍ୟତିବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଜୀବନକୁ ବିପର୍ଯ୍ୟସ୍ତ କରୁଛି ତାହା ହିଁ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ତିହିଡି କ୍ଷେତ୍ରୀୟ ପରିଷଦ ମଧ୍ୟରେ ଏହି କଥା ମଧ ଦେଖିବାକୁ ମିଳୁଛି। ଉକ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ଧାର୍ମିକ ସଙ୍ଗଠନ, ବିଭିନ୍ନ ଜାତି, ବର୍ଣ୍ଣ, ଭେଦ ଭାବକୁ ଭୁଲି ଏକତ୍ର ରହି ସନାତନ ଦର୍ଶନକୁ ପରିପୁଷ୍ଟ କରାଇ ହିନ୍ଦୁ ମାନଙ୍କୁ ସଶକ୍ତ କରାଇବାକୁ ଶପଥ ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ସେନାପତି, ଖଗେଶ୍ୱର ତ୍ରିପାଠୀ, ରଘୁନାରାୟଣ ନାୟକ, ସଞ୍ଜୟ ବାରିକ, ଲୋକେଶ ପାଣିଗ୍ରାହୀ, ହରେକୃଷ୍ଣ ଜେନା, ରାଜେନ୍ଦ୍ର ମହାନ୍ତି, ରଘୁନାଥ ଜେନା, ସଞ୍ଜୟ ଦାସ, ନିତ୍ୟାନନ୍ଦ ସେଠୀ, ଜଗବନ୍ଧୁ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ଦେବେନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ରାଶିଫଳ

**ସୋମବାର, ୧ ଅଗଷ୍ଟ ୨୦୨୨**



**ମେଷ** – ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**ବୃଷ** – ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**ମିଥୁନ** – ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବିଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ** – ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।



**ସିଂହ** – ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**କନ୍ୟା** – ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ।



**ତୁଳା** – ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ ।ପାରିବାରିକ କଳହ ଦୂରିଭୁତ ହେବ।



**ବିଛା** – ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।



**ଧନୁ** – କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।



**ମକର** – ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



**କୁମ୍ଭ** – ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ ।ମନର ସରସତା ଉଭେଇ ଯାଇପାରେ । ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ । ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।



ଜ୍ୟୋତିଷ ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଭୁବନ, (ଭାସ୍କର ନ୍ୟୁଜ) : ସ୍ୱାଧୀନତାର ୭୫ ବର୍ଷ 'ଆଜାଦି କା ଅମୃତ ମହୋତ୍ସବ' ପାଳନ ଅବସରରେ ଢେଙ୍କାନାଳ ଜିଲ୍ଲା ଭୁବନରେ କେନ୍ଦ୍ର ଶିକ୍ଷା , ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ଗତକାଲି ମଧ୍ୟରାତ୍ରରେ ଭୁବନରେ ପହଁଚିବା ପରେ ବିଜେପି କର୍ମୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା । ଆଜି ସକାଳ ୮ ଘଟିକା ସମୟରେ ପାଲାମଣ୍ଡପ ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି କାମାକ୍ଷାନଗରର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଙ୍କ ସମେତ ସହସ୍ରାଧିକ ଦଳୀୟକର୍ମୀ ଙ୍କ ଗହଣରେ ପଦଯାତ୍ରାରେ ଭୁବନ ସହର ପରିକ୍ରମା କରି ବିଶ୍ୱର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ଜନ୍ମସ୍ଥାନ ନୀଳକଣ୍ଠପୁର ଗ୍ରାମରେ ପହଁଚି ବାଜି ରାଉତଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ବାଜି ରାଉତଙ୍କ ପାଇଁ ଢେଙ୍କାନାଳ ସାରା ବିଶ୍ୱରେ ପରିଚିତ ବୋଲି ମତବ୍ୟକ୍ତ କରିଥିଲେ । ପରେ ଢେଙ୍କାନାଳ ଅଭିମୁଖେ ଯାତ୍ରା କରିଥିଲେ ।

## ଭୂକମ୍ପରେ ଥରିଲା କାଠମାଣ୍ଡୁ

କାଠମାଣ୍ଡୁ : ରବିବାର ଭୋର୍ ସମୟରେ ନେପାଳର ରାଜଧାନୀ କାଠମାଣ୍ଡୁ ସମେତ ଏହାର ଆଖପାଖ ଅଞ୍ଚଳରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୫ ରେକର୍ଡ କରାଯାଇଛି । ଭୂକମ୍ପର କେନ୍ଦ୍ରସ୍ଥଳ କାଠମାଣ୍ଡୁ ର ଦକ୍ଷିଣ-ପୂର୍ବ ରେ ୧୪୭ କି.ମି. ଦୂରରେ ବୋଲି ସୂଚନା ଦିଆଯାଇଛି । ଭୂକମ୍ପ ଯୋଗୁଁ ଲୋକେ ବାହାରକୁ ପଳାଇ ଆସିବା ସହ ଭୟଭୀତ ହୋଇପଡ଼ିଛନ୍ତି । ତେବେ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିପାରି ନାହିଁ ।

## ଲହଡ଼ିରେ ଧୋଇଗଲା ୬ଟି ଘର

ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ପୋଡ଼ମ୍ପେଟାର ୬ଟି ଘର ଲହଡ଼ିରେ ଭାଙ୍ଗି ଯାଇଛି । ଆଉ ମାତ୍ର ଗୋଟିଏ ସାହି କୂଳ ଲଂଘିବାକୁ ବାକି ରହିଛି । ସ୍ଥାନୀୟ ଲୋକେ ଏହାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି । ଲହଡ଼ିର ଭୟାବହତା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶାସନ ଅନ୍ୟତ୍ର ସ୍ଥାନାନ୍ତର କରୁଛି । ସମୁଦ୍ର ଲହଡ଼ି ଯଦି କୂଳ ଲଂଘେ ତେବେ ପୋଡ଼ମପେଟା ଓ କଣ୍ଟିଆଗଡ଼ ତଥା ଏହାର ଆଖପାଖ ଗାଁ ସମୁଦ୍ର ଗର୍ଭରେ ଲୀନ ହେବା ସୁନିଶ୍ଚିତ ବୋଲି କୁହାଯାଉଛି ।

### ■ ପାତ୍ରା ଚୌଲ ଜମି ଦୁର୍ନୀତି ■

## ଶିବସେନା ନେତା ସଞ୍ଜୟ ରାଉତ ଅଟକ



ମୁମ୍ବାଇ : ରାଜ୍ୟସଭା ସାଂସଦ ତଥା ଶିବସେନାର ବରିଷ୍ଠ ନେତା ସଞ୍ଜୟ ରାଉତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଚରା ଉଚୁରା କରିବା ପରେ ଅଟକ ରଖିଛି । ପାତ୍ରା ଚୌଲ ଜମି ଦୁର୍ନୀତି ମାମଲାରେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ରବିବାର ଭୋର୍ ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ମୁମ୍ବାଇସ୍ଥିତ ସଞ୍ଜୟ ରାଉତଙ୍କ ବାସଭବନକୁ ଆସି ତାଙ୍କୁ ଦୀର୍ଘ ୮ ଘଣ୍ଟା ଧରି ଜେରା କରିଥିଲା । ପରେ ତାଙ୍କୁ ଅଟକ ରଖାଯାଇ ଇଡି କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଥିଲା । ଏହି ଜମି ଦୁର୍ନୀତି ମାମଲାରେ ତାଙ୍କୁ ଇଡିରେ ହାଜର ହେବା ପାଇଁ ପୂର୍ବରୁ ୨ ଥର ସମନ ପଠାଯାଇଥିଲା । ଶେଷ ଥର ପାଇଁ ଚଳିତ ମାସ ୨୭ ତାରିଖରେ ସମନ କରାଯାଇଥିଲା । ଗତ ୨୦ ତାରିଖରେ ଇଡି କରିଥିବା ସମନର ଉତ୍ତରରେ ସେ ତାଙ୍କ ଓକିଲ ମାଧ୍ୟମରେ ପଠାଇଥିଲେ । ସଂସଦ ଅଧିବେଶନ ଚାଲୁଥିବାର ଆସନ୍ତା ଅଗଷ୍ଟ ୭ ତାରିଖ ପରେ ସେ ଇଡିରେ ହାଜର ହେବେ ବୋଲି ଅବଗତ କରାଇଥିଲେ । ଜୁଲାଇ ପହିଲାରେ ତାଙ୍କର ବୟାନ ରେକର୍ଡ କରାଯାଇଥିଲା । ସେ ସମୟରେ ଇଡି ତାଙ୍କର ଦାଦର ଓ ଆଲିବାଗ ସମ୍ପତ୍ତିକୁ ଜବତ କରିଥିଲା । ମହାରାଷ୍ଟ୍ର ରାଜନୀତିରେ ପ୍ରତି ମୁହୂର୍ତ୍ତରେ ଚାଲିଥିବା ରାଜନୈତିକ ହାଇଡ୍ରାମା ମଧ୍ୟରେ ସଞ୍ଜୟ ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କୁ ସମର୍ଥନ ଦେଇ ଆସୁଛନ୍ତି । ତେବେ ଇଡିର ପଚରା ଉଚୁରା ସମୟରେ ସଞ୍ଜୟ ରାଗି ଯାଇ କହିଥିଲେ, 'ମୁଁ ମରିଯିବି ପଛେ ଶିବସେନା ଛାଡ଼ିବି ନାହିଁ କି ଆତ୍ମସମର୍ପଣ କରିବି ନାହିଁ' । ପରେ ସେ କହିଥିଲେ, ମୁଁ ରାଣ ଖାଇ କହୁଛି କୌଣସି ଦୁର୍ନୀତିରେ ମୋର ସମ୍ପୃକ୍ତି ନାହିଁ ବାଲା ସାହେବ ଆମକୁ ସଂଗ୍ରାମ କରିବା ଶିଖାଇଥିଲେ । ମୁଁ ଶିବସେନା ପାଇଁ ଲଢ଼ିବି । ଏଯେଉଁ ଅଭିଯୋଗ ହୋଇଛି ତାହା ମିଛ, ମିଛ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ମିଳିଥିବା ଅଭିଯୋଗ ମୁତାବକ ମହାରାଷ୍ଟ୍ରରେ ଯେତେବେଳେ ଏନ୍‌ସିପି ଓ କଂଗ୍ରେସ ମିଳିତ ସରକାର ଥିଲା ସେତେବେଳେ ମୁମ୍ବାଇ ପାତ୍ରା ଚୌଲ ଜମି ଦୁର୍ନୀତି ହୋଇଥିଲା । ପାତ୍ରା ଚୌଲ ଜମିକୁ ପୁନଃବିକଶିତ କରି ସେଠାରେ ବାସଗୃହ ନିର୍ମାଣ କରି ଗରିବ ଲୋକଙ୍କୁ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି କେତେକ ନିର୍ମାଣକାରୀ ସଂସ୍ଥା ଏହାକୁ ଅଗ୍ରାହ୍ୟ କରିଥିଲେ । କେବଳ ସେତିକି ନୁହେଁ ସେଠାରେ ନିର୍ମାଣ କାର୍ଯ୍ୟ କରାଯାଇ ସେହି ଜମିକୁ ଉଚ୍ଚ ଦରରେ ବିକ୍ରି କରିଦିଆଯାଇଥିଲା । ୧୦୩୪ କୋଟି ଟଙ୍କାର ଏହି ଦୁର୍ନୀତି ମାମଲାରେ ସାଂସଦ ଶ୍ରୀ ରାଉତ ସାମିଲ ଥିବା ଅଭିଯୋଗ ହୋଇଥିଲା । ତେଣୁ ସଞ୍ଜୟଙ୍କୁ ଇଡିରେ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେ ହାଜର ହୋଇନଥିବାରୁ ଇଡି ତାଙ୍କ ଘରକୁ ଆସି ନେଇଥିଲା ।

### ମୋଦୀଙ୍କ 'ମନ୍ କି ବାତ୍'

## ଅମୃତ ମହୋତ୍ସବ ଜନ ଆନ୍ଦୋଳନର ରୂପ ନେଉଛି



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କି ବାତ୍'ର ୯୧ତମ ସଂସ୍କରଣରେ ହର୍ ଘର ତ୍ରିରଙ୍ଗା ଅଭିଯାନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ସ୍ୱାଧୀନତାର ୭୫ ତମ ବାର୍ଷିକ ଉତ୍ସବ ପାଳନ କରାଯାଉଥିବାବେଳେ ଅମୃତ ମହୋତ୍ସବ ଜନ ଆନ୍ଦୋଳନର ରୂପ ନେଉଛି । ସମାଜର ବିଭିନ୍ନ ବର୍ଗର ଲୋକେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନକୁ ଏକ ଆନ୍ଦୋଳନର ଅଂଶ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେବା ସହ କହିଛନ୍ତି ଯେ, ଏହା ଏହି ଆନ୍ଦୋଳନର ଏକ ଅଂଶ ହୋଇଥିବାରୁ ପ୍ରତି ଘରେ ତ୍ରିରଙ୍ଗା ଉଡ଼ାଇବା ଜରୁରୀ ଏବଂ ଏହାକୁ ନିଜ ଘରେ ରଖିବା ଉଚିତ । ତ୍ରିରଙ୍ଗା ଆମକୁ ଏକତ୍ରିତ କରେ ଓ ଦେଶ ପାଇଁ କିଛି କରିବାକୁ ପ୍ରେରଣା ଯୋଗାଇ ଥାଏ । ସେ ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମୃତ ମହୋତ୍ସବ ଅବସରରେ ସାରା ଦେଶରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, 'ଆଜାଦୀ କା ଅମୃତ ମହୋତ୍ସବ' ଏକ ଜନ ଆନ୍ଦୋଳନର ରୂପ ନେଉଥିବାରୁ ଏଥିନେଇ ମୁଁ ଗର୍ବିତ । ଏହି ପର୍ଯ୍ୟାୟରେ ମେଘାଳୟରେ ସ୍ୱାଧୀନତା ସଂଗ୍ରାମୀ ୟୁ ତିରୋତ ସିଂଙ୍କ ମୃତ୍ୟୁବାର୍ଷିକରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ, କର୍ଣ୍ଣାଟକର ଅମୃତା ଭାରତ କନ୍ନଡ଼ ନାମକ ଅଭିଯାନ ଏବଂ ସ୍ୱାଧୀନତା ସଂଗ୍ରାମର ଇତିହାସ ସହ ରେଳ ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ସେ ଦେଶବାସୀଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ, ସ୍ୱାଧୀନତାର ଅମୃତ ମହୋତ୍ସବ ଅଧୀନରେ ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମର ସବୁଠାରୁ ବଡ଼ ବାର୍ତ୍ତା ହେଉଛି ଯେ, ଆମ ଦେଶବାସୀ ସମ୍ପୂର୍ଣ୍ଣ ଭକ୍ତି ସହିତ ଆମର କର୍ତ୍ତବ୍ୟ ପାଳନ କରିବା ଉଚିତ । ତା'ହେଲେ ଆମେ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନର ଭାରତକୁ ସାକାର କରିପାରିବା । କୋଭିଡ ମହାମାରୀ ସମ୍ପର୍କରେ ମୋଦୀ କହିଥିଲେ ଯେ, ଏହା ବିରୋଧରେ ଲଢ଼େଇ ଜାରି ରହିଛି ଏବଂ ସମଗ୍ର ବିଶ୍ୱ ମଧ୍ୟ ଏହାର ମୁକାବିଲା କରୁଛି । କରୋନା ଜୀବାଣୁ ବିରୋଧରେ ଭାରତୀୟ ପାରମ୍ପରିକ ଔଷଧର ଅବଦାନ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ବିଶ୍ୱରେ ଆୟୁଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆୟୁର୍ବେଦ ଏବଂ ଭାରତୀୟ ଔଷଧ ପ୍ରତି ଆକର୍ଷଣ ସାରା ବିଶ୍ୱରେ ବୃଦ୍ଧି ପାଉଛି ଏବଂ ଏହି କାରଣରୁ ଆୟୁଷ ରପ୍ତାନୀରେ ରେକର୍ଡ ଅଭିବୃଦ୍ଧି ଘଟିଛି ଏବଂ ଏହି କ୍ଷେତ୍ରରେ ଅନେକ ନୂତନ ଷ୍ଟାର୍ଟଅପ୍ ମଧ୍ୟ ସୃଷ୍ଟି ହେଉଛି । ସେ କହିଥିଲେ ଯେ, ବିଦେଶୀ ଖେଳନା ଆମଦାନୀ ୭୦% ହ୍ରାସ ପାଇଥିବାବେଳେ ଭାରତୀୟ ଖେଳନା ରପ୍ତାନୀ ୪୦୦ କୋଟିରୁ ୨୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

## ଆରପାରିରେ ପ୍ରଖ୍ୟାତ ଗାୟିକା ନିର୍ମଳା ମିଶ୍ର



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଲୋକପ୍ରିୟ ଓଡ଼ିଆ ତଥା ବଙ୍ଗୀୟ କଣ୍ଠଶିଳ୍ପୀ ନିର୍ମଳା ମିଶ୍ରଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଦକ୍ଷିଣ କୋଲକତାର ଚେତଲା ଅଞ୍ଚଳରେ ଥିବା ନିଜ ବାସଭବନରେ ତାଙ୍କ ପରଲୋକ ଘଟିଥିବା ନେଇ ସୂଚନା ଦିଆଯାଇଛି । ହୃଦ୍‌ଘାତ ହେବା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପିଲାବେଳୁ ସଙ୍ଗୀତମୟ ପରିବେଶରେ ବଢ଼ିଥିବା ନିର୍ମଳା ବଙ୍ଗଳା ଭାଷାରେ ନିଜ ସ୍ୱରର ଯାଦୁରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲେ । ଏଥିସହ ସେ ଅନେକ ଓଡ଼ିଆ ଗୀତରେ ମଧ୍ୟ କଣ୍ଠଦାନ କରିଛନ୍ତି । ସେ ବାଳକୃଷ୍ଣ ଦାଶ ସମ୍ମାନରେ ସମ୍ମାନୀତ ହୋଇଥିଲେ । ଦୀର୍ଘ ଦିନ ଧରି ରୋଗ ଶଯ୍ୟାରେ ଥିବା ନିର୍ମଳା ନିଜ ବାସଭବନରେ ଚିକିତ୍ସିତ ହେଉଥିଲେ । ଏହା ପୂର୍ବରୁ ତାଙ୍କୁ ଅନେକ ଥର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଓଡ଼ିଆ ଓ ବଙ୍ଗୀୟ ଚଳଚ୍ଚିତ୍ରରେ କଣ୍ଠଦାନ କରି ସେ ସିନେ ଜଗତକୁ ଅନେକ ସୁପରହିଟ୍ ଗୀତ ଦେଇଛନ୍ତି । ଅଦିନ ମେଘ, ସ୍ତ୍ରୀ, ଘରସଂସାର ସମେତ ୨୦ଟି ଓଡ଼ିଆ ଚଳଚ୍ଚିତ୍ରରେ ସେ ନିଜ ସଙ୍ଗୀତର ଯାଦୁ ଛାଡ଼ି ଯାଇଛନ୍ତି । ତାଙ୍କ କଣ୍ଠରେ ନିଦ ଭରା ରାତି, ମୋ ମନର ବୀଣାର ତାରେ, ଜୀବନ ଯମୁନାରେ, ମାୟା ଘେରା ମଧୁବନେ, ମାୟାବିନୀ ଏହି ରାତି, ସଞ୍ଜ ସକାଳେ ତୁମ ଛବି, ମୁଁ ତୁମକୁ ଭଲ ପାଏ ଲୁଚି ଲୁଚିକା... ଇତ୍ୟାଦି ଗୀତ ଶ୍ରୋତାଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା । ସେ ଭୁବନେଶ୍ୱର ମିଶ୍ର, ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି, ଶାନ୍ତନୁ ମହାପାତ୍ର, ରାଖାଲ ମହାନ୍ତିଙ୍କ ପରି ପ୍ରଖ୍ୟାତ ସଙ୍ଗୀତକାରଙ୍କ ସହ କାମ କରିଥିଲେ । ତାଙ୍କ ବିୟୋଗରେ ବଙ୍ଗଳା ଓ ଓଡ଼ିଆ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି ।

## ୭୦ବର୍ଷର ବୃଦ୍ଧଙ୍କ ଆତ୍ମହତ୍ୟା

ରାଜନଗର(ଭାସ୍କର ନ୍ୟୁଜ) :କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଧିନ କେରୁଆପାଳ ଗାଁର ହତୁରୀ ବର୍ଷର ବୃଦ୍ଧ ଘରେ କେହି ନଥିବା ବେଳେ ବେକରେ ରସିଲଗାଇ ଆତ୍ମହତ୍ୟା କରିଥିବା ପୁଲିସ୍ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ ଆଜି ସକାଳ ପ୍ରାୟ ୫ଟା ସମୟରେ ବୋହୂ ମାମିନୀ ମାଇତି ପିଲାର ବର୍ଷ ପୁରାଣି ପୂଜା କରିବାକୁ ନିଜ ମା ଘରକୁ ଯାଇଥିଲେ । ପୁଅ ଦୁଇଜଣ ବାହାରକୁ କାମ କରିବାକୁ ଯାଇଥିବାରୁ ଘରେ ଏକମାତ୍ର ୭୦ ବର୍ଷିଆ ଶୁଶୁର ଥିଲେ । କୌଣସି କାରଣରୁ ବୋହୂ ଯିବା ଭିତରେ ଶୁଶୁର କେତେବେଳେ ରସି ଲଗାଇଛନ୍ତି । ସନ୍ଧ୍ୟାରେ ବୋହୂ ଫେରି ଦେଖିଲା ଶୁଶୁର ରସି ଲଗାଇ ଆତ୍ମହତ୍ୟା କରିଛନ୍ତି । ବୋହୂ ମାମିନୀ ତାଳଚୁଆ ସାମୁଦ୍ରିକ ଥାନାରେ ରାତି ୮.୩୦ ରେ ରିପୋର୍ଟ କରିବା ପରେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଛନ୍ତି ।

## ଆଜିଠୁ ଖୋଲିବ ଭିତର କନିକା

ପଟ୍ଟାମୁଣ୍ଡାଇ/ରାଜନଗର (ଭାସ୍କର ନ୍ୟୁଜ) : ପର୍ଯ୍ୟଟକଙ୍କ ପାଇଁ ସୋମବାର ଠାରୁ ଖୋଲିବ ଭିତର କନିକା ଜାତୀୟ ଉଦ୍ୟାନ । କୁମ୍ଭୀର ପ୍ରଜନନ ପାଇଁ ଦୀର୍ଘ ୩ ମାସ ହେବ ପର୍ଯ୍ୟଟକଙ୍କ ପାଇଁ ଏହା ବନ୍ଦ ରହିଥିଲା । ଭିତର କନିକାକୁ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ ବନବିଭାଗ ପ୍ରସ୍ତୁତ ରହିବା ସହ ନୂତନ ଲୁଣା ନର୍ସରୀ, ସେଲ୍‌ଫି ପଏଣ୍ଟ, ବିଳାସପୂର୍ଣ୍ଣ ଏସି ରେଷ୍ଟୁରାଣ୍ଟ, ବୋଟ୍ ଲାଇବ୍ରେରୀ, ବ୍ୟାଟେରୀ ବୋଟ୍, କଟେଜ୍, ମ୍ୟୁଜିୟମ୍ ବୋଟ ଏବଂ ବ୍ୟାଟେରୀ ଚାଳିତ ଗାଡ଼ି ଆଦି ପ୍ରସ୍ତୁତ ରଖାଯାଇଛି । ପର୍ଯ୍ୟଟକମାନେ ଗୁପ୍ତି, ଖୋଲା ଓ ଚାନ୍ଦବାଲି ଦେଇ ଜଳପଥରେ ଭିତରକନିକାକୁ ଆସିପାରିବେ । ସ୍ଥଳପତଥରେ ଡାଙ୍ଗମାଳ ମୁଖ୍ୟ ଫାଟକ ଦେଇ ପର୍ଯ୍ୟଟକମାନେ ଭିତରକନିକାକୁ ପ୍ରବେଶ କରିପାରିବେ ବୋଲି ରାଜନଗର ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି କହିଛନ୍ତି ।

### ନବମ, ଦଶମ ଶ୍ରେଣୀ ପାଠ୍ୟକ୍ରମରେ ନୂଆ ବିଷୟ

## ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ିବେ ଛାତ୍ରଛାତ୍ରୀ




କଟକ/ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଏଣିକି ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ନୂଆ ବିଷୟ ସ୍ଥାନିତ ହେବ । ଛାତ୍ରଛାତ୍ରୀମାନେ ପଢ଼ିବେ ବିପର୍ଯ୍ୟୟ ପରିଚାଳନା ପାଠ । ବନ୍ୟା, ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟରୁ କିଭଳି ସୁରକ୍ଷା ମିଳିପାରିବ ସେ ନେଇ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିବେ । ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ଶିକ୍ଷାବର୍ଷ ଅର୍ଥାତ୍ ୨୦୨୩ରୁ ସ୍କୁଲ୍ ପାଠ୍ୟକ୍ରମରେ ସ୍ଥାନ ପାଇବ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ । ଏଥିନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଏହି ନୂଆ ବିଷୟ ସ୍ଥାନିତ ହେବ । ବିପର୍ଯ୍ୟୟ ପରିଚାଳନା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ସ୍ଥାନ ପାଇବ । ଏହା ବ୍ୟତୀତ ମହାମାରୀ ପରିଚାଳନା ଉପରେ ମଧ୍ୟ ସ୍ୱତନ୍ତ୍ର ପାଠ୍ୟକ୍ରମ ସ୍ଥାନିତ କରାଯିବ । ନବମ ଓ ଦଶମରେ ଚଳିତ ବର୍ଷରୁ ପଢ଼ାହେବ ଏହି ୨ ନୂଆ ବିଷୟ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରସ୍ତୁତି ପର୍ବକୁ ଜୋର୍‌ଦାର କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ କିଛିଦିନ ତଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏନେଇ ସ୍ପଷ୍ଟ କରିଥିଲେ । ସେ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ପାଠ୍ୟକ୍ରମ ସାମିଲ ହେବାକୁ ଯାଉଛି । ସେହି ଅନୁସାରେ ପ୍ରସ୍ତୁତି ଚାଲିଛି । ୨୦୨୩ ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଯେଉଁ ପୁସ୍ତକ ପ୍ରସ୍ତୁତ କରାଯିବ ସେଥିରେ ଏହି ପାଠ୍ୟକ୍ରମ ସ୍ଥାନ ପାଇବ । ସୂଚନାଯୋଗ୍ୟ ଯେ, ଓଡ଼ିଶା ହେଉଛି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ପ୍ରତିବର୍ଷ ବନ୍ୟା, ବାତ୍ୟା,ମରୁଡ଼ି ଓଡ଼ିଶାକୁ କବଳିତ କରିଆସୁଛି । ଏଥିରେ ବ୍ୟାପକ ଧନଜୀବନର ହାନୀ ଘଟୁଛି । ତେବେ ଯୋଜନାବଦ୍ଧ ଭାବେ ରାଜ୍ୟ ସରକାର ଏହାର ମୁକାବିଲା କରିବାରେ ସମର୍ଥ ହେଉଛନ୍ତି । ତେଣୁ ଛାତ୍ରଛାତ୍ରୀମାନଙ୍କୁ ଏ କ୍ଷେତ୍ରରେ ଅଭିଜ୍ଞ କରିବା ପାଇଁ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କୁହାଯାଇପାରେ ।

## ଅରୁନ୍ଧତୀ ଦେବୀଙ୍କୁ ବାଜିରାଉତ ସମ୍ମାନ ପ୍ରଦାନ




ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ବିଶିଷ୍ଟ ସମାଜସେବୀ ତଥା ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡକ୍ଟର ଅରୁନ୍ଧତୀ ଦେବୀଙ୍କୁ ଚଳିତବର୍ଷର ବୀର ବାଜିରାଉତ ସମ୍ମାନ ପ୍ରଦାନ କରାଯାଇଛି । ସମାଜର ସବୁ କ୍ଷେତ୍ରରୁ ଅଶୋଭନୀୟତାର ଦୂରୀକରଣ ଏବଂ ଜନକଲ୍ୟାଣ ନେଇ ତାଙ୍କର ଜୀବନତମାମ ଅବଦାନ ସକାଶେ ତାଙ୍କୁ ଏହି ସମ୍ମାନୀୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଛି । ଉତ୍କଳଭାରତୀ ପତ୍ରିକା ତରଫରୁ ଜାତୀୟସ୍ତରରେ ପ୍ରତିଷ୍ଠିତ ଏହି ସମ୍ମାନ ବାଜିରାଉତଙ୍କ ସ୍ମୃତିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମୁକ୍ତ ଶିକ୍ଷା ବିଦ୍ୟାଳୟଠାରେ ଆୟୋଜିତ ଜାତୀୟ ଆଲୋଚନାଚକ୍ର ଅବସରରେ ପ୍ରଦାନ କରାଯାଇଛି । ଭାରତର ସର୍ବକନିଷ୍ଠ ସହିଦ ବାଜି ରାଉତ ସଂପର୍କରେ ଏକ ଶୈକ୍ଷିକ ଅନୁଶୀଳନ ଶୀର୍ଷକ ଏହି ବିଚାରଗୋଷ୍ଠୀରେ ବହୁ ଲବ୍ଧ ପ୍ରତିଷ୍ଠିତ ଶିକ୍ଷାବିତ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟର ନେତୃବୃନ୍ଦ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧନ କରି ଡକ୍ଟର ଅରୁନ୍ଧତୀ ଦେବୀ ୧୨ ବର୍ଷର ବାଳୁତ ବାଜି ରାଉତଙ୍କ ମହାନ ବଳିଦାନ ପ୍ରକୃତ ଦେଶପ୍ରେମ ଓ ପ୍ରଗାଢ ଦେଶଭକ୍ତି ବୋଲି ଉଲ୍ଲେଖ କରି ଆମର ଯୁବପିଢିଙ୍କୁ ଯୁଗ ଯୁଗ ଧରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରିତ ଓ ଉତ୍ସାହିତ କରୁଥିବ ବୋଲି ସେ ପ୍ରକାଶ କରିଥିଲେ । ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଆଲୋଚନାଚକ୍ରର ଅଧ୍ୟକ୍ଷ ପ୍ରଫେସର ଜନ୍ମେଜୟ ଖୁଣ୍ଟିଆ, ପ୍ରବାସୀ ଓଡ଼ିଆ ବିକାଶ ସମିତିର ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ବରେଣ୍ୟ ଅତିଥି ରାକେଶ ପାଣ୍ଡେ, ଆବାହକ ଡକ୍ଟର ଶିବନାଥ ମିଶ୍ର, ଆଇନଜୀବୀ ଅନୀତା ମହାପାତ୍ର, ଯୁବ ପ୍ରାଧ୍ୟାପକ କମଳାକାନ୍ତ ରାଉଳ ପ୍ରମୁଖ ବାଜି ରାଉତଙ୍କ ଜୀବନୀକୁ ଦେଶର ଇତିହାସରେ ସନ୍ନିବେଶିତ କରିବାକୁ ଦାବି କରିଥିଲେ । ଅଧିବେଶନର ଶୁଭାରମ୍ଭ ମିମାଂସା ପଟ୍ଟନାୟକଙ୍କ ଦ୍ୱାରା ଏକ ସୁମଧୁର ଭଜନ ପରିବେଷଣରୁ ଆରମ୍ଭ ହୋଇଥିଲା । ନେହା ଆହ୍ଲାବାଦୀ, ପୁଷ୍ପାଞ୍ଜଳି ବାରିକ, ଅର୍ଚ୍ଚନା ପରିଡ଼ା, ଅନୀଶ ପୂଜାପଣ୍ଡା, ଅଙ୍କିତ ପ୍ରମୁଖ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଉତ୍କଳଭାରତୀ ତରଫରୁ ପୂର୍ବତନ ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସୁରଞ୍ଜିତା ରାଣାଦାସ ଏବଂ ଉତ୍‌ଥାନର ସଭାପତି କିଶନ କୁମାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆବାହକ ନିର୍ମଳ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଛାତି ଥରାଇ ଦେବା ଭଳି ଘଟଣା

## ପାଣିରେ ବୁଡ଼ି ୫ ଶିଶୁ ମୃତ

ଜୟପୁର, ୩୧।୭ : ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାରେ ଏକ ହୃଦୟ ବିଦାରକ ତଥା ଛାତିଥରା ଘଟଣା ଘଟିଛି । କ୍ଷେତ ନିକଟରେ ଖେଳୁଥିବାବେଳେ ପାଣିରେ ବୁଡ଼ି ଗୋଟିଏ ଗାଁର ୫ ଜଣ ଶିଶୁ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୨ ଜଣ ନାବାଳକ ରହିଥିବାବେଳେ ୩ ଜଣ ନାବାଳିକା ବୋଲି ଜଣାପଡ଼ିଛି । ଏହି ଘଟଣାକୁ ନେଇ ସାରା ଗାଁରେ ଶୋକର ଛାୟା ଖେଳିଯାଇଛି । ପରିଜନଙ୍କ କାନ୍ଦବୋବାଳିରେ ଗାଁରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିବା ସହ ସେଗୁଡ଼ିକୁ ବ୍ୟବଛେଦ ପାଇଁ ପଠାଇଛି । ପୋଲିସ କହିଛି ଯେ, ଶ୍ରୀଗଙ୍ଗାନଗର ଜିଲ୍ଲା ରାମସିଂହପୁର ଥାନା ଓଦାସ ଗାଁରେ ଏହି ଅଘଟଣ ଘଟିଛି । ଗାଁର କିଛି ପିଲା କ୍ଷେତ ନିକଟରେ ପାଣି ସଂରକ୍ଷିତ ରଖାଯିବାକୁ ଖୋଳାଯାଇଥିବା ଏକ ଗାତ ନିକଟରେ ଖେଳୁଥିଲେ । ହେଲେ ଏହି ପାଣିରେ ଜଣକ ପରେ ଜଣେ ୫ଜଣ ପିଲା ପଡ଼ିଯାଇଥିଲେ । ହେଲେ ସେ ସମୟରେ ସେଠାରେ କେହି ଉପସ୍ଥିତ ନଥିବାରୁ ସେମାନଙ୍କୁ ଉଦ୍ଧାର କରିପାରିନଥିଲେ । ଫଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁବରଣ କରିଥିବା ସମସ୍ତ ପିଲା ସମ୍ପର୍କରେ ଭାଇଭଉଣୀ ହୋଇଥିବାବେଳେ ସେମାନେ ଗୋଟିଏ ପରିବାରର ବୋଲି ସୂଚନା ମିଳିଛି ।

## କବିତା ପୁସ୍ତକ 'ଭଗ୍ନ କୋଣାର୍କ' ଓ 'ମନ ଚଢେଇ' ଲୋକାର୍ପିତ



ବାଲେଶ୍ୱର(ଭାସ୍କର ନ୍ୟୁଜ): ବର୍ଷିୟାନ କବି ରମେଶଚନ୍ଦ୍ର ଦାଶଙ୍କ ଦୁଇଟି କବିତା ପୁସ୍ତକ 'ଭଗ୍ନ କୋଣାର୍କ' ଓ 'ମନ ଚଢେଇ' ରବିବାର ସ୍ଥାନୀୟ ଫକୀରମୋହନ ସାହିତ୍ୟ ପରିଷଦରେ ଲୋକାର୍ପିତ ହୋଇଯାଇଛି । ଅବୁଧାବିସ୍ଥିତ ପ୍ରବାସୀ ଓଡ଼ିଆ ସମାଜର ସଭାପତି ଦୀପକ କୁମାର ଦାଶଙ୍କ ପିତା କବି ରମେଶ ଚନ୍ଦ୍ର ଦାଶଙ୍କ କବି ପ୍ରତିଭାର ପରିଚୟ ବହନ କରି ଏହି ପୁସ୍ତକ ଦୁଇଟି ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ଏକ ଦାନ ବୋଲି ବକ୍ତାମାନେ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି । ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଲୋକାର୍ପଣ ସଭାରେ ମୁଖ୍ୟ ଅତିଥି ଭାବେ ସୁବାସିନୀ ଜେନା ଯୋଗଦେଇଥିଲେ । ଡକ୍ଟର ପ୍ରହଲ୍ଲାଦ ମହାନ୍ତି, ଓ ସାମ୍ବାଦିକ ସର୍ବେଶ୍ୱର ଜେନା ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏକ ମନୋରମ ପରିବେଶରେ ସମବେତ ଜନତାଙ୍କ ମଧ୍ୟରେ ଡକ୍ଟର ଶିଶିର କୁମାର ଜେନା ଲୋକାର୍ପିତ ପୁସ୍ତକ 'ଭଗ୍ନ କୋଣାର୍କ' ଓ 'ମନ ଚଢେଇ'ର ସମୀକ୍ଷା କରିଥିଲାବେଳେ କବିଙ୍କ ସୁପୁତ୍ରୀ ଅନିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆରଏମଆରସି...


ସୁଦ୍ଧା ଭୁବନେଶ୍ୱରରେ ମଙ୍କିପକ୍ସ ପରୀକ୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ଡାକ୍ତର ପତି ସୂଚନା ଦେଇଛନ୍ତି । ଏଯାଏ ଯଦିଓ ଓଡ଼ିଶାରେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି ତଥାପି କେନ୍ଦ୍ରକୁ ବିଦେଶୀ ଫେରନ୍ତାଙ୍କ ତାଲିକା ମଗାଯାଇଛି । ଜିଲ୍ଲାସ୍ତରରେ ଲୋକଙ୍କୁ ସଚେତନ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ଏସ୍‌ଓପି ଜାରି କରାଯିବ । ଏସ୍‌ସିବି ମେଡିକାଲ କଲେଜର ମେଡିସିନ୍ ବିଭାଗ ଡାକ୍ତର ଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ମଧ୍ୟ ଗଠନ କରାଯାଇଛି । ପ୍ରତ୍ୟେକ ଜିଲ୍ଲାରୁ ମେଡିସିନ୍, ଶିଶୁ ଓ ଚର୍ମ ବିଭାଗ ଡାକ୍ତର ତଥା ରାଜ୍ୟ ଏଡସ କଣ୍ଟ୍ରୋଲ୍ ସୋସାଇଟି ଅଧୀନସ୍ଥ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଏନେଇ ତାଲିମ ଦିଆଯିବ ବୋଲି ଡାକ୍ତର ପତି କହିଛନ୍ତି ।

## ଟିକାତାଳ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ



ବୋଲଗଡ (ଭାସ୍କର ନ୍ୟୁଜ) : ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ସକାଳେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଡ଼େପୁଟି କଲେକ୍ଟର ସୁଧାକର ସାମନ୍ତରାୟ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ସାମ୍ବାଦିକ ରଞ୍ଜିତ କୁମାର ସାମନ୍ତରାୟ ଓ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବଉଳ, ହରିଡ଼ା, ବାହାଡ଼ା, ଅଁଳା, କରଞ୍ଜ, ନିମ୍ବ, ବେଲ ପ୍ରଭୃତି ୫୦ଟି ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ସୌଭାଗିନୀ ପ୍ରଧାନ, ଉପ- ସଭାପତି ସୁମନ୍ତ ବେହେରା, ଶିକ୍ଷୟିତ୍ରୀ କୌସ୍ତୁରୀ ପ୍ରିୟଦର୍ଶିନୀ, ସଭ୍ୟା ସବିତା ମହାପାତ୍ର, ପ୍ରିୟଦର୍ଶିନୀ ବରାଡ଼, କୁନି ବେହେରା, ରମେଶ ପାଇକରାୟ ଓ ଶେଖର ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ନୂତନ ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ) : କେନ୍ଦ୍ରାପଡ଼ା ଅର୍ବାନ କୋପରେଟିଭ ବ୍ୟାଙ୍କର ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାନ୍ତି ଅବସର ଗ୍ରହଣ କରିଥିବାରୁ ତାଙ୍କ ସ୍ଥାନରେ ରାଜୀବ ଲୋଚନ ପଣ୍ଡାଙ୍କୁ ପରିଚାଳନା ପରିଷଦ ବ୍ୟାଙ୍କର ନୂତନ ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ନବ ନିଯୁକ୍ତ ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ବିଦାୟୀ ଅଧିକାରୀ ଶ୍ରୀ ମହାନ୍ତିଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ବ୍ୟାଙ୍କ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଉତ୍ସବରେ ଶ୍ରୀ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ନୂତନ ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାସ, ମହେନ୍ଦ୍ର କୁମାର ପରିଡା, ପ୍ରାକ୍ତନ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଶିଲ କୁମାର ସାମଲଙ୍କ ସମେତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ସହ ନୂତନ ଭାରପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ଗାନ୍ଧିବାଦୀ ତଥା ସ୍ୱାଧୀନତା ସଂଗ୍ରାମୀ ନାରାୟଣ ଦାସଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରିଷ୍ଠ ସାମ୍ବାଦିକ ରବି ଦାସ, ଅଳକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାରାୟଣ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ନାରାୟଣ ଦାସ ଗାନ୍ଧୀ ଦର୍ଶନ ର ପ୍ରଚାର ପ୍ରସାର କରିବା ସହିତ ଗାନ୍ଧିବାଦୀ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମ ରେ ଯୋଗ ଦେଇଥିଲେ। ତେବେ ଗତ ଜୁନ ମାସ ୨୦ତାରିଖରେ ନିଧନ ଘଟିବା ପରେ ଆଜି ନାରାୟଣ ଦାସ ସ୍ମୃତି କମିଟି ପକ୍ଷରୁ ଏକ ସ୍ମୃତିସଭା ଆୟୋଜନ କରାଯାଇ 'ସ୍ଥିତ ପ୍ରଜ୍ଞ' ନାମକ ଏକ ସ୍ମରଣୀକା ଉନ୍ମୋଚନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମ କୁ ସ୍ୱର୍ଗତ ନାରାୟଣ ଦାସଙ୍କ ପୁତ୍ର ଅରବିନ୍ଦ ଦାସ ଏବଂ କମଳଜିତ ଦାସ ପରିଚାଳନା କରିଥିଲେ।

### ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ତ୍ରିରଙ୍ଗା ପଦଯାତ୍ରା

# 'ମନ୍ କି ବାତ' କାର୍ଯ୍ୟକ୍ରମରେ ସାମିଲ ହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଭାରତ ବର୍ଷ ପାଳନ କରୁଛି ଆଜାଦୀ କି ଅମୃତ ମହୋତ୍ସବ । ତେବେ ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ ୧୩, ୧୪ ଓ ୧୫ତାରିଖ ସ୍ୱାଧୀନତା ଦିବସ ଅବସରରେ ଦେଶ ବ୍ୟାପି ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏଥିପାଇଁ ସାରା ଦେଶ ବ୍ୟାପି ଘର ଘର କି ତ୍ରିରଙ୍ଗା ହର ଘରକି ତ୍ରିରଙ୍ଗା ସ୍ଲୋଗାନରେ ତ୍ରିରଙ୍ଗା ପଦଯାତ୍ରା ପଦଯାତ୍ରା ଆରମ୍ଭ ହୋଇଛି । ଏହି ଉପଲକ୍ଷେ ବିଶ୍ୱର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ଜନ୍ମମାଟି ଢେଙ୍କାନାଳର ଭୁବନରେ ଆଜି ଅନୁଷ୍ଠିତ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହୋଇଥିଲେ କେନ୍ଦ୍ର ଶିକ୍ଷା ଓ ଉଦ୍ୟମିୟତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଓଡିଶା ମାଟିର ଜଣେ ଆଦିବାସୀ ସାଧାରଣ ଘରର ଝିଅ ଦେଶର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦରେ ଅଳଙ୍କୃତ ହୋଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ସେ ଜଣାଇଛନ୍ତି। ଏହି ତ୍ରିରଙ୍ଗା ପଦଯାତ୍ରା ପାଇଁ ଭୁବନ ପାଲା ମଣ୍ଡପ ଠାରୁ ସକାଳ ୮ଟା ସମୟରେ ବାହରିଥିଲା । କେନ୍ଦ୍ର ମନ୍ତ୍ରୀ ଏଠାରେ ଯୋଗଦେଇ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହୋଇଥିଲେ । ପଦଯାତ୍ରା ଭୁବନ ପରିକ୍ରମ କରି ନୀଳକଣ୍ଠପୁର ସହୀଦ ବାଜିରାଉତଙ୍କ ଜନ୍ମପୀଠରେ ପହଁଚିଥିଲା । ନୀଳକଣ୍ଠପୁର ଠାରେ ସହୀଦ ବାଜିରାଉତଙ୍କ ସ୍ମୃତି ସ୍ୱମ୍ଭରେ କେନ୍ଦ୍ର ମନ୍ତ୍ରୀ ମାଲ୍ୟାର୍ପଣ କରି ସହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହି ତ୍ରିରଙ୍ଗା ପଦଯାତ୍ରାରେ ଶହ ଶହ ସଂଖ୍ୟାରେ ବିଜେପି କର୍ମୀ ଓ ସ୍ୱାଧୀନତା ପ୍ରେମୀ ଓ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ପ୍ରତ୍ୟେକଙ୍କ ହାତରେ ତ୍ରିରଙ୍ଗା ପତାକା ସାଙ୍ଗକୁ ଦେଶାତ୍ମବୋଧ ସ୍ଲୋଗାନରେ ସାରା ଭୁବନ ଅଂଚଳ ଏକ ଦେଶ ଭକ୍ତିର ପରିବେଶ ସୃଷ୍ଟି କରିଥିଲା । ପରେ ପରେ ପୂର୍ବାହ୍ନ ୧୧ଟା ସମୟରେ ଢେଙ୍କାନାଳ ସହର ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନକି ବାତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କେନ୍ଦ୍ର ମନ୍ତ୍ରୀ । ଦେଶର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ୯୧ତମ ମନକି ବାତ୍ କାର୍ଯ୍ୟକ୍ରମ ବେଶ ଗୁରୁତ୍ୱ ବହନ କରୁଛି ବୋଲି ପ୍ରକାଶ କରିଛନ୍ତି । ଦେଶର ପ୍ରତ୍ୟେକ ଅଞ୍ଚଳର ପରମ୍ପରା, କୃଷି, ଜନ ସହଭାଗିତା ଓ ଅଭିନୟ ଉପାୟରେ ଅର୍ଥ ଉପାର୍ଜନ ବ୍ୟବସ୍ଥା ଆଦି ଲୋକଙ୍କ ପାକରେ ଉପସ୍ଥାପିତ ହୋଇଛି । ବିଶେଷ କରି ଆଜି ପ୍ରଧାନମନ୍ତ୍ରୀ ଭାରତୀୟ ଖେଳନା ଉପରେ ଗୁରୁତ୍ୱ ଦେଇ ଥିବା ବେଳେ ଭାରତକୁ ଖେଳନା ଆମଦାନୀ କମିବାରେ ଲାଗିଛି । ଭାରତୀୟ ଖେଳନା ରପ୍ତାନି ବଢୁଥିବାରୁ ସାରା ବିଶ୍ୱରେ ଭାରତୀୟ ଖେଳନା ଚାହିଦା ସୃଷ୍ଟି କରାଯାଉଛି । ତେବେ ଏହି ସ୍ୱାଧୀନତା ୭୫ବର୍ଷ ପୂର୍ତ୍ତି ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରତ୍ୟେକ ଘରେ ଆସନ୍ତା ୧୩ ତାରିଖରୁ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖ ତିନି ଦିନ ଧରି ଉଡିବା ପାଇଁ ପ୍ରଧାନମନ୍ତ୍ରୀ ଏହି ମନ୍ କି ବାତରେ ପ୍ରତ୍ୟେକ ଭାରତୀୟଙ୍କୁ ଆହ୍ୱାନ ଦେଇଛନ୍ତି । ଏପରିକି ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରୟାସ ତ୍ରିରଙ୍ଗା ଏକ ଜନ ଜାଗରଣ ସୃଷ୍ଟି କରିପାରିଥିବା ପ୍ରକାଶ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜିର ଏହି ମନକି ବାତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପିର ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, ଜିଲ୍ଲା ବିଜେପିର କର୍ମକର୍ତ୍ତା ଓ ବିଜେଡି କର୍ମୀ ସମର୍ଥକ ମାନେ ସାମିଲ ଥିଲେ । ତେବେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଦେଶ ପ୍ରେମ ଜାତୟତା ଓ ଜାତୀୟ ଏକତା ପାଇଁ ବେଶ ପ୍ରୋତ୍ସାହନ ଯୋଗାଉଥିବା ପ୍ରକାଶ କରିଛନ୍ତି ବିଜେପି ଢେଙ୍କାନାଳ ଜିଲ୍ଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ମମତା ସ୍ୱାଇଁ । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ମନକି ବାତ କାର୍ଯ୍ୟକ୍ରମ ମାଧମରେ ସାଧରଣ ଲୋକଙ୍କ ମନର କଥାକୁ ପରିପ୍ରକାଶର ଏକ ମାଧ୍ୟମ ପାଲଟି ଯାଇଛି । ଆଉ ପ୍ରତ୍ୟେକ ଭାରତୀୟ ନିଜ ନିଜ ଅଞ୍ଚଳ ପରି ସମଗ୍ର ଭାରତ ବର୍ଷର ବିଭିନ୍ନ ଅଞ୍ଚଳର କଳା, ସଂସ୍କୃତି, କୃଷି ଓ ପରମ୍ପରା ତଥା ରୋଜଗାର ମାଧ୍ୟମ ଜାଣିପାରିବାର ସୁଯୋଗ ସୃଷ୍ଟି କରିଛି ବୋଲି ପ୍ରକାଶ କରିଛନ୍ତି ତ୍ରିରଙ୍ଗା ପ୍ରେମୀ ଦେବବ୍ରତ ପଟ୍ଟନାୟକ ତ୍ରିରଙ୍ଗା ପ୍ରେମୀ ।

### ଜିଲ୍ଲାପାଳଙ୍କ ଦୃଷ୍ଟି ଆଢୁଆଳରେ ରାଜନଗର

# ଦୁର୍ନୀତିମୂଳକ କାର୍ଯ୍ୟର ତଦନ୍ତ ଦାବି



ରାଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଜନସାଧାରଣଙ୍କର ମୌଳିକ ଉନ୍ନତି ପାଇଁ ପ୍ରତ୍ୟେକ ପଞ୍ଚାୟତ ସମିତି ମାଧମରେ ଉନ୍ନୟନ କାର୍ଯ୍ୟ କରାଯିବାକୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି ସରକାର। କିନ୍ତୁ ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ସଲାସୁତରାରେ ସଠିକ୍ କାର୍ଯ୍ୟରେ ଅର୍ଥ ଖର୍ଚ୍ଚ କରାନଯାଇ ଅବାଟ ତଥା କେତେକ ବିନା କାର୍ଯ୍ୟରେ ଅର୍ଥ ଅପବ୍ୟୟ ହୋଇଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ବିକାଶ ବଦଳରେ ବିନାଶ ହେଉଥିଲେ ମଧ ପ୍ରଶାସନ କୋମାରେ ଥିବା ଭଳି ପରିଲକ୍ଷିତ ହେଉଛି, ଯାହାକି କେନ୍ଦ୍ରାପଡା ଜିଲ୍ଲା ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । ଅଭିଯୋଗ ପ୍ରକାରେ ରାଜନଗର ପଞ୍ଚାୟତ ସମିତି ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାନଙ୍କର ମୌଳିକ ସୁବିଧା ପାଇଁ ଯେତିକି ତତ୍ପରତା ଦେଖାଇବା କଥା ତା ଠାରୁ ଅଧିକ ତତ୍ପରତା ଦେଖାନ୍ତି ନିଜର ଶୁଭେଚ୍ଛୁ ମାନଙ୍କୁ ,ସେତେଟା ଜରୁରୀ ନଥିବା କାର୍ଯ୍ୟ କରାଇ ଅଧିକ ଅର୍ଥ ଫାଇଦା ଯୋଗାଇ ଦେବାସହ ମନରେଗାଯୋଜନାର କାର୍ଯ୍ୟକୁ ମେସିନ୍ ଦ୍ୱାରା କରାଯାଉଥିବା ପ୍ରୋତ୍ସାହନକୁ ଅଧିକାରୀ ଓ ଯନ୍ତ୍ରୀଙ୍କ ଲକ୍ଷ ରହିଥାଏ, ଏଠାରେ ଠିକାଦାରଙ୍କ ବିକାଶ ହିଁ ଅଞ୍ଚଳର ବିକାଶ ବୋଲି ଭାବିବାକୁ ପଡୁଛି । ଲୋକମାନଙ୍କର ଆଶାଥିଲା ଆମର ଜିଲ୍ଲାପାଳ ଅମ୍ରିତ ଋତୁରାଜ ରାୟଗଡା ଜିଲ୍ଲାରେ ଯେଉଁ ଭଳି ନିର୍ଭିକ ଭାବେ ବିକାଶମୂଳକ କାର୍ଯ୍ୟ କରି ଆବାଳ ବୃଦ୍ଧବନୀତାଙ୍କ ହୃଦୟରେ ସ୍ଥାନପାଇ ଅଭୁଲା ମଣିଷଟିଏ ହୋଇରହିଛନ୍ତି ,ଆମେ ଏପରି ପ୍ରଶାସନିକ ଅଧିକାରୀଙ୍କୁ ପାଇ ଗର୍ବିତ ଅନୁଭବ କରୁଥିଲୁ। କିନ୍ତୁ କେନ୍ଦ୍ରାପଡା ଜିଲ୍ଲାପାଳ ଭାବେ ଯୋଗ ଦେବା ପରେ କିଛି ଦିନ ସବୁ ଠିକ୍ ଠାକ ଥିଲା, ମାତ୍ର ଏବେ କିଛି ପରିମାଣରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜନଗର ବ୍ଲକରେ ଦୁର୍ନୀତି ରକ୍ତ ଶୀରା ପ୍ରଶିରାରେ ସଞ୍ଚାଳନ କରୁଥିଲେ ମଧ ଅଫିସର ଓ ଯନ୍ତ୍ରୀଙ୍କ ଅନୀୟମିତ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଉନଥିବାରୁ ଆଜି ବିକାଶ ପ୍ରଶାସନର ଆଢୁଆଳରେ ଥାଇ ଯେଉଁ ତିମିରକୁ ସେହି ତିମିରରେ ପଡିରହିଛି। ବିକାଶର ପଛପଟେ ରହିଛି ରାଜନଗର ରାଣୀ ପୋଖରୀକୁ ଆଦର୍ଶ ପୋଖରୀ, ଶିଶୁ ଉଦ୍ୟାନ ପାର୍କଟି ନାହିଁ, ସୁଲଭ ଶୌଚାଳୟ କାର୍ଯ୍ୟକ୍ଷମ ନାହିଁ, ଷ୍ଟାଡିୟମ ନାହିଁ, ସାହିମାନଙ୍କରେ ଜଳ ନିଷ୍କାସନ ପାଇଁ ଡ୍ରେନେଜ ନାହିଁ, ଚାଷୋପଯୋଗି ଡ୍ରେନେଜ ଖୋଳା ଗଲାନାହିଁ, ମୁଖ୍ୟତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନାହାନ୍ତି, ଶିକ୍ଷାନୁଷ୍ଠାନମାନଙ୍କରେ ଅଭାବି ଶିକ୍ଷକ ନିଯୁକ୍ତି କରିବା ଏପରି ଅନେକ ବିକାଶମୂଳକ କାର୍ଯ୍ୟ ପ୍ରତି ଜିଲ୍ଲାପାଳ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରାଇବା ସହ ଅଭିଯୋଗ ହେଉଥିବା ଦୁର୍ନୀତି ମୂଳକ କାର୍ଯ୍ୟକୁ ନିରପେକ୍ଷ ତଦନ୍ତ କରି ଜନ ସାଧାରଣଙ୍କୁ ଉଚିତ୍ ନ୍ୟାୟ ଦେଇ ରାୟଗଡା ପରି ସୁନାମ ଅର୍ଜନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପ୍ରତିଶ୍ରୁତି ରକ୍ଷା କଲେ ଜିଲ୍ଲାପାଳ

# ଭତ୍ତା ପାଇଲେ ସାଦରା ଗ୍ରାମର ବହୁ ବୃଦ୍ଧବୃଦ୍ଧା



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ଧରି ଭତ୍ତା ପାଇଁ ଲଢେଇ କରି ଶେଷରେ ନ୍ୟାୟ ପାଇଲେ ସାଦରା ଗ୍ରାମର ୧୧ ଜଣ ବୃଦ୍ଧ, ବୃଦ୍ଧା ଓ ବିଧବା। ଏମାନେ ପରିଣତ ବୟସରେ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ଯାଏଁ ଶେଷରେ ମାନବାଧିକାର କମିଶନ ଓ ହାଇକୋର୍ଟ ଯାଏଁ ଯାଇ ନିଜର ଭତ୍ତା ଟିକକ ପାଇବା ପାଇଁ ଗୁହାରୀ ଲଗାଇଥିଲେ। ମାନବାଧିକାର କମିଶନ ଓ ହାଇକୋର୍ଟ ଏହି ଗରୀବ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ତୁରନ୍ତ ପେନସନ୍ ଦେବାକୁ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ। ସେତେବେଳର ଜିଲ୍ଲାପାଳ ମଧ୍ୟ ଅନେକ ସମୟରେ ସାଦରା ଗ୍ରାମର ଏହି ଅସହାୟ ବୃଦ୍ଧବୃଦ୍ଧାଙ୍କୁ ତୁରନ୍ତ ଭତ୍ତା ଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନଥିଲା। ଶେଷରେ ଏହି ଅସହାୟ ବୃଦ୍ଧବୃଦ୍ଧାମାନେ ଗ୍ରାମର ଜଣେ ଓକିଲ ପ୍ରମୋଦ ପ୍ରଧାନଙ୍କ ସହାୟତାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଜିଲ୍ଲାପାଳ ଦିବ୍ୟଜୋତି ପରିଡାଙ୍କୁ ଭେଟି ଗୁହାରୀ କରିଥିଲେ। ତେବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ହସ୍ତକ୍ଷେପ ପରେ ସମସ୍ତ କାଗଜପତ୍ର ଯାଞ୍ଚ କରିବାପରେ ସପ୍ତାହକ ମଧ୍ୟରେ ଏହି ବୃଦ୍ଧବୃଦ୍ଧାମାନଙ୍କୁ ଭତ୍ତା ପ୍ରଦାନ କରାଯିବବୋଲି ପ୍ରତିଶୃତି ଦେଇଥିଲେ। ଆଉ ଶେଷରେ ଜିଲ୍ଲାପାଳଙ୍କ କଥା ରହିଲା। ତାଙ୍କରି ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ବ୍ଲକ ପ୍ରଶାସନ ଏବେ ସାଦରା ଗ୍ରାମର ଚନ୍ଦ୍ର ନାଇକ, ପଦି ନାଇକ, ସୁମିତ୍ରା ପ୍ରଧାନ, ହେମ ପ୍ରଧାନ, ସୁଶୀଳା ପ୍ରଧାନ, ପ୍ରମୋଦିନୀ ସାହୁ, ପ୍ରମିଳା ସାହୁ, ଲକ୍ଷ୍ମୀଧର ନାୟକ, କୁମାରୀ ନାୟକ, ଦାମୋଦର ବିଷୋୟୀ ଓ ପଙ୍କଜ ଗୌଡ ଆଦି ମୋଟ ୧୧ ଜଣ ବୃଦ୍ଧବୃଦ୍ଧା ଓ ବିଧବା ସେମାନଙ୍କ ଭତ୍ତା ପାଇଛନ୍ତି। ଏଥିପାଇଁ ସେମାନେ ଦିବ୍ୟଜ୍ୟୋତି ପରିଡା ଓ ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅନ୍ୟକୁ ଫସାଇବାକୁ ଯାଇ ନିଜେ ଫସି ଗଲେ ଜେଲ୍

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଫସେଇବାକୁ ଗଲେ ଥାନାକୁ କିନ୍ତୁ ପାଲଟା ଅଭିଯୋଗରେ ନିଜେ ଫସି ଗିରଫ ହୋଇ କୋର୍ଟ ଚାଲାଣ ହେଲେ । ଏଭଳି ଏକ ଘଟଣା ବାଲିପାଟଣା ଥାନାରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁଯାଇ ଭଉଁରା ଗଡ ର ଚନ୍ଦନ ପାତ୍ରଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ପାତ୍ର (ବେବିନା) କାଲି ସଂଧ୍ୟା ସମୟରେ ଦେଉଳିଧରପୁର ଗ୍ରାମର ପ୍ରଦିପ୍ ଜେନାଙ୍କ ଦୋକାନରେ ବରା ଖାଇବାକୁ ମାଗିଥିଲେ। କିନ୍ତୁ ପ୍ରଦିପ୍ ଙ୍କ ଦୋକାନରୁ ବିଭିନ୍ନ ସମୟରେ ଜିନିଷ ପତ୍ର ନେଇ ପଇସା ଦେଇ ନ ଥାନ୍ତି ସେଥିପାଇଁ ବାକି ଟଙ୍କା ଦେଲେ ଜିନିଷ ଦିଆଯିବ ବୋଲି କହିଥିଲେ। ସେଥିରେ ଉତକ୍ଷିପ୍ତ ହୋଇ ବେବିନା ପ୍ରଦିପ୍ଙ୍କୁ ଆଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ଧର୍ଷଣ ମାମଲାରେ ଫସାଇ ଦେବାକୁ ଧମକ ଦେବା ପରେ ପ୍ରଦିପ୍ଙ୍କ ବେକରୁ ସୁନା ଚେନ୍ ଛଡାଇ ନେଇ ଯାଇଥିଲେ। ଏନେଇ ପ୍ରଦିପ୍ ବନମାଳିପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ପାଲଟା ବେବିନା ପ୍ରଦିପ୍ ଏବଂ ଅନ୍ୟ ଚାରିଜଣ ତାଙ୍କୁ ମାଡ ମାରିଥିବା ନେଇ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ବେବିନା ନାମରେ ଅନ୍ୟ ମାମଲା ଥାନାରେ ଥିବାରୁ ତାଙ୍କ ନାମ ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ପ୍ରଦିପ୍ ଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିବା ବୋଲି ଥାନା ଅଧିକାରୀ କୃପାସିନ୍ଧୁ ବରାଡ ସୂଚନା ଦେଇଛନ୍ତି।

### ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା

# ନକଲି ଶିକ୍ଷକ ଧରାହେବେ କେବେ ?

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ପୁରୀ ଜିଲ୍ଲା ଶିକ୍ଷାବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା । ଶିକ୍ଷାଦାନ କରୁଛନ୍ତି ନକଲି ଶିକ୍ଷକ । ଖୋଦ୍ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଜିଲ୍ଲାରେ ଏପରି ଚାଲିଛି । ଦୀର୍ଘବର୍ଷ ଧରି ମାଳ ମାଳ ନକଲି ଶିକ୍ଷକ ଶିକ୍ଷକତା କରୁଛନ୍ତି । ଶିକ୍ଷାଦାନ କରୁଥିବା ନକଲି ଶିକ୍ଷକଙ୍କର ଜାତିଗତ ପ୍ରମାଣପତ୍ର, ସିଟି ଓ ବିଇଡି ପ୍ରମାଣ ପତ୍ର ନକଲ ଥିବା ଦେଖାଯାଉଛି । ଏହି ଘଟଣାର ପର୍ଦ୍ଦାଫାଶ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଦୁଇଜଣ ନକଲି ଶିକ୍ଷକଙ୍କୁ ଚିହ୍ନଟ କରି ନିଲମ୍ବନ କରିଛନ୍ତି । ଏହି ତାଲିକାରେ ଦୁଇରେ ସିମୀତ ନୁହେଁ ଏଭଳି ପୁରୀ ଜିଲ୍ଲାରେ ନକଲି ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ୪୯ ଜଣଙ୍କ ତାଲିକା ପ୍ରସ୍ତୁତ କରିଛି ଶିକ୍ଷା ବିଭାଗ, ତା ସହିତ ପୁରୀ ଜିଲ୍ଲାର ୩ଶହ ଜଣ ଶିକ୍ଷକଙ୍କର ପ୍ରମାଣପତ୍ର ଯାଞ୍ଚ ପାଇଁ ଜାରି ହୋଇଛି ନିର୍ଦ୍ଦେଶ । ଏହି ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ । କେତେକ ଶିକ୍ଷକଙ୍କୁ ମଧ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । କୃଷ୍ଣପ୍ରସାଦ ବ୍ଲକ ବାଲିସାହି ପ୍ରକଳ୍ପ ୟୁପି ସ୍କୁଲ ଶିକ୍ଷକ, କ୍ଷୀରସାହି ସ୍କୁଲର ଶିକ୍ଷକ, ସାମନ୍ତରାପୁର, ବାଉରିପଲ୍ଲୀ ଆଦି ସ୍କୁଲର ଶିକ୍ଷକଙ୍କୁ ନୋଟିସ୍ ଜାରି ହୋଇଥିଲେ ମଧ ସେମାନେ ଏହାର ଜବାବ ଦେଉନାହାଁନ୍ତି । ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରମାଣପତ୍ର ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଥିବା ବେଳେ ନକଲି ପ୍ରମାଣ ପତ୍ର ଦେଇ ଚାକିରୀ କରିଥିବା ଶିକ୍ଷକଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ରହିଛି । ଶିକ୍ଷାଧିକାରୀ ଓ ଶିକ୍ଷାବିଭାଗର ଅନ୍ୟ କର୍ମଚାରୀଙ୍କ ସହ ନକଲ ଶିକ୍ଷକଙ୍କ ମଧୁଚନ୍ଦ୍ରିକା ରହିଥିବା ଚର୍ଚ୍ଚା ଜୋର ଧରିଛି । ନକଲି ଶିକ୍ଷକମାନେ ହାତଗୁଞ୍ଜା ଦେଇ ବେଧଡକରେ ଖସିଯାଉଛନ୍ତି ଓ ତଦନ୍ତକୁ ବାଟବଣା କରୁଛନ୍ତି । ଏହି ଘଟଣାର ସଠିକ୍ ଯାଞ୍ଚ କରାଗଲେ କୃଷ୍ଣପ୍ରସାଦ, ବ୍ରହ୍ମଗିରି ନୁହେଁ ପୁରୀ ଜିଲ୍ଲାର ଶହ ଶହ ନକଲି ଶିକ୍ଷକ ଧରାପଡିବେ ବୋଲି ଶିକ୍ଷକ ସଂଘର ସଭାପତି କହିଛନ୍ତି ।

# ଜୁଆଡିଙ୍କୁ ନେଇ ଆତଙ୍କିତ ନିମାପଡା ଅଞ୍ଚଳବାସୀ

ନିମାପଡ଼ା,(ଭାସ୍କର ନ୍ୟୁଜ) : ନିମାପଡା ଅଞ୍ଚଳରେ ବ୍ୟାପକ ମାତ୍ରାରେ ଜୁଆଖେଳ ବ୍ୟାପିଥିବା ବେଳେ ଯୁବପିଢୀ ବିପଥଗାମୀ ହେବା ସହ ଅପରାଧିକ କାର୍ଯ୍ୟ ଘଟାଇ ଚାଲିଛନ୍ତି । ଅନ୍ୟ ଜିଲ୍ଲାମାନଙ୍କରୁ ହାର୍ଡକୋର ଅପରାଧିମାନେ ନିମାପଡାକୁ ଆସି ଜୁଆଖେଳିବା ସହ ବଡବଡ ଅପରାଧିକ କାର୍ଯ୍ୟ ଘଟାଉଛନ୍ତି । କଣ ପାଇଁ ପ୍ରଶାସନ ଏମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେଉନାହିଁ ତାହା ସାଧାରଣରେ ଅସନ୍ତୋଷ ପ୍ରକଟ କରିଛି ଜନସାଧାରଣ ଆତଙ୍କିତ ଅବସ୍ଥାରେ ଯାତାୟତ କରୁଛନ୍ତି । କୌଣସି ମୁହୂର୍ତ୍ତରେ ଅପାଧିମାନେ ଆକ୍ରମଣ କରିବାର ଆଶଙ୍କା ରହିଛି । ଏହି ଘଟଣାକୁ ବୁଦ୍ଧିଜିବୀ ମହଲରେ ଦୃଢ ନିନ୍ଦା କରାଯିବା ସହ ଘଟଣା ପ୍ରତି ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବା ପାଇଁ ସଚେତନ ନାଗରିକ ଦାବୀ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ଅଞ୍ଚଳ ପାଲଟିଛି ଅପରାଧିମାନଙ୍କର ନିରାପଦ ସ୍ଥାନ । କୁଶଭଦ୍ରା ନଦୀବନ୍ଧ, ସିଦ୍ଧେଶ୍ୱର ମାର୍ଗ ନଦୀପଠାରେ ଦିନରାତି ଚାଲିଛି ଜୁଆଖେଳ । ସେଠାରେ ଜୁଆଖେଳ ହେବା ସହ ଅନେକ ସମୟରେ ଗଣ୍ଡଗୋଳ ଘଟୁଅଛି । ଏହି ଜୁଆ ଖେଳାଳୀମାନେ ପଥଚାରୀଙ୍କ ଗତିବିଧି ଲକ୍ଷ୍ୟ କରି ସେମାନଙ୍କ ଠାରୁ ଲୁଟ୍ କରିଚାଲିଛନ୍ତି । ସେହି କୁଶଭଦ୍ରା ନଦୀବନ୍ଧ ତ୍ରୀନାଥମାର୍ଗ ଠାରୁ ପାଟପୁର ଗଡା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ମଧ ରାତ୍ର ସମୟରେ ଜୁଆଖେଳର ଆସର ଜମୁଛି । ଅନେକ ସମୟରେ ପୌରପରିଷଦର ସାପ୍ତାହିକ ହାଟଚାଳୀରେ ଜୁଆଖେଳ ଚାଲିଛି । କହିବାକୁ ଗଲେ ନିମାପଡା ଅଞ୍ଚଳରେ ଜୁଆଖେଳ ଏକ କୁଟୀର ଶିଳ୍ପରେ ପରିଣତ ହୋଇଛି । ଲାଭ ପାଉଥିବା ଲୋକ ଫାଇଦା ହାସଲ କରୁଥିବା ବେଳେ ସାଧାରଣ ଜନତା ଆକ୍ରୋଶର ଶୀକାର ହେଉଛନ୍ତି । ଯାହାକି ଆଇନର ଦିଗ ଦଦିନକୁ ଦିନ ବାଟବଣା ହେଉଛି । ବିଳମ୍ବିତ ରାତ୍ରରେ ହାଟଛକ ଠାରୁ ଆରମ୍ଭ କରି ବିଭିନ୍ନ ଛକମାନଙ୍କରେ ଲାଗିରହୁଛି ମଦ୍ୟପ ଜୁଆଡିଙ୍କ ଆସର । ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଣହ ଠେଙ୍ଗା ଆଦି ମାରଣାସ୍ତ୍ର ରାସ୍ତା ଉପରେ ବୁଲାଉଛନ୍ତି । ପ୍ରତ୍ୟେକ ଗ୍ରାମ ପର୍ବ ଯାନିଯାତ୍ରାରେ ଜୁଆଡିମାନଙ୍କର ଆସର ଜମୁଛି । ଜୁଆଖେଳ ସାଙ୍ଗକୁ ନିଶାସେବନ ପ୍ରତିଦିନର ଚାଲୁଛି । କଣ ପାଇଁ ପ୍ରଶାସନ ଆଖବବୁଜିଛି ତାହା ସାଧାରଣରେ ଜନସାଧାରଙ୍କ ମନରେ ଚିନ୍ତା ପ୍ରକଟ କରିଛି ।

# ବଡ଼କୁମାରୀ ସେବା ସମବାୟ ସମିତି ନୂତନ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ବୋଲଗଡ଼, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବୋଲଗଡ଼ ବ୍ଲକ ବଡ଼କୁମାରୀ ସେବା ସମବାୟ ସମିତି ର ପରିଚାଳନା ପରିଷଦ ସଭାପତି ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ପ୍ରଧାନ ପୂର୍ବରୁ ମଧ ଏହି ସମିତିର ଏକାଧିକ ଥର ପରିଚାଳନା ପରିଷଦ ସଭାପତି ହୋଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ହୋଇଥିଲେ। ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ଅନନ୍ତ ସାମଲ ବୋଲଗଡ଼ ଶାଖା ପରିଚାଳକ ସନ୍ଦୀପ କୁମାର ପଟନାୟକ ଏବଂ ସମିତି ସମ୍ପାଦକ ବସନ୍ତ କୁମାର ନାୟକ ଙ୍କ ସମେତ ସମିତି ପରିଚାଳନା ପରିଷଦର ସମସ୍ତ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ।

# ଚିଲିକା ଓ ବାଣପୁର ଗସ୍ତରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀ ନିରଞ୍ଜନ ଜ୍ୟୋତି



ବାଲୁଗାଁ/ବାଣପୁର, (ଭାସ୍କର ନ୍ୟୁଜ୍): ରବିବାର ପୂର୍ବାହ୍ନରେ କେନ୍ଦ୍ର ଖାଉଟି, ଖାଦ୍ୟ ଯୋଗାଣ ଏବଂ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ର ମନ୍ତ୍ରୀ ସାଧ୍ୱୀ ନିରନ ଜ୍ୟୋତି ତିନିଦିନ ପାଇଁ ଓଡିଶା ଗ୍ରସ୍ତରେ ଆସିଥିବା ବେଳେ ଆଜି ପୂର୍ବାହ୍ନରେ ଚିଲିକା ନିର୍ବାଚନ ମଣ୍ଡଳୀର ବାଲୁଗାଁ ଏନଏସିର ପାଟଣା ସାହିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘର୍‌ଘର୍ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କୁ ତ୍ରିରଙ୍ଗା ବଣ୍ଟନ କରିଥିବା ବେଳେ ବାଲୁଗାଁ ବଜାର ଠାରେ ଥିବା ମହାତ୍ମା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପଦଯାତ୍ରାରେ ବାଲୁଗାଁ ବଜାର ପରିକ୍ରମା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ହର ଘର ତ୍ରିରଙ୍ଗାର ପ୍ରଚାର ପ୍ରସାର ପାଇଁ ବଜାର ପରିକ୍ରମା କରି ୭ନଂ ୱାର୍ଡ ପାଟଣାସାହି ପର୍ଯ୍ୟନ୍ତ ପଦ ଯାତ୍ରା କରିଥିଲେ। ୭ନଂ ୱାର୍ଡ କାଉନ୍‌ସିଲର ରୁନୁ ବେହେରାଙ୍କ ଘର ଠାରୁ ହର ଘର ତ୍ରିରଙ୍ଗାର ଅଭିଯାନ ଆରମ୍ଭ କରିଥିଲେ। ଆଜି କେନ୍ଦ୍ରମନ୍ତ୍ରୀ ବିଭିନ୍ନ ଟୀକାକରଣ କେନ୍ଦ୍ରମାନ ପରିଦର୍ଶନ କରିଛନ୍ତି। ଏହାକୁ ଅଧିକ ତ୍ୱରିତ କରିବାପାଇଁ ବାଲୁଗାଁ ସିଏଚ୍‌ସି ଅଧିକାରୀ ଡା. ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ବାଲୁଗାଁ କାର୍ଯ୍ୟକ୍ରମ ସାରି କେନ୍ଦ୍ରମନ୍ତ୍ରୀ ବାଣପୁର ଗସ୍ତ କରିଥିଲେ। ବିଷରପାଟଣା ଛକରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ କେନ୍ଦ୍ରମନ୍ତ୍ରୀ ସିଧାସଳଖ ଗମ୍ଭାରୀମୁଣ୍ଡା ଯାଇ ସେଠାରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ଦେଓଗାଁରେ 'ବୁଥ୍ କମିଟି' ଓ 'ପନ୍ନା ପ୍ରବାସ' କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ବିମାନବନ୍ଦର ଫେରିଯାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଉକ୍ତ ଚିଲିକା ନିର୍ବାଚନମଣ୍ଡଳି ଗସ୍ତରେ କେନ୍ଦ୍ର ପର୍ଯ୍ୟଟନ ଅଧକ୍ଷ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ ଏବଂ ବହୁ ଜିଲ୍ଲାସ୍ତରୀୟ ଓ ଆଞ୍ଚଳିକ ବିଜେପି ନେତାମାନେ ସାମିଲ୍ ଥିଲେ।

### ବର୍ଷା ଅଭାବରୁ ଚାଷଜମି ଫାଟି ଆଁ

# ରଣପୁରରେ ଆସନ୍ନ ମରୁଡିର ପଦଧ୍ୱନି



ରଣପୁର, (ଭାସ୍କର ନ୍ୟୁଜ୍) : ଅନିୟମିତ ମୌସୁମୀ ପ୍ରଥମ ବର୍ଷାରେ କୃଷକ ମାନେ ଧାର କରଜ କରି ଜମି କାଦୁଅ କରି ଧାନ ରୋଇଲେ । କିନ୍ତୁ ମୌସୁମୀ ବର୍ଷାର ଲୁଚକାଳି ଖେଳ ଚାଷୀ ମାନଙ୍କ ମେରୁଦଣ୍ଡ କୁ ଭାଙ୍ଗି ଦେବାକୁ ବସିଲାଣି । ବର୍ଷା ଅଭାବ ରୁ ରୂଆ ଧାନଜମି ଫାଟି ଧାନସବୁ ଶୁଖିବାକୁ ବସିଲାଣି । ମରୁଡି ର କରାଳ ଛାୟା ର ପଦଧ୍ୱନି ଶୁଭୁଥିବା ବେଳେ କୌଣସି ସରକାରୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ନଦୀ କୂଳିଆ ଜମିକୁ ଜଳସେଚିତ କରିବା ପାଇଁ ଉଠା ଜଳସେଚନ ବିଭାଗ ମନ୍ଦାକିନୀ ନଦୀ କୂଳ ରେ ଅନେକ ପ୍ରକଳ୍ପ କରିଛନ୍ତି । କିନ୍ତୁ ମନ୍ଦାକିନୀ ନଦୀ କୂଳ ଲତାର ଠାରେ ଥିବା ଗୋଟିଏ ପ୍ରକଳ୍ପ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ କାର୍ଯ୍ୟ କରୁନାହିଁ । ଏ ସମ୍ପର୍କେ ନୟାଗଡ ଉଠା ଜଳସେଚନ ସହକାରୀ ଯନ୍ତ୍ରୀ ନିରଞ୍ଜନ ବାବୁ ଙ୍କ ସହ ଯୋଗାଯୋଗ କରିବାରେ କୁହନ୍ତି ଯେ ଆମ୍ଭେ ପ୍ରକଳ୍ପ କାର୍ଯ୍ୟ ଶେଷ କଲାପରେ କୃଷକ ମାନଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରି ସେମାନଙ୍କ ସାମ୍ନାରେ ପ୍ରକଳ୍ପ କାର୍ଯ୍ୟ କରାଇ ଫଟୋ ଉଠାଇ ଆସିଲୁ । ଏକ ବର୍ଷ ଭିତରେ ପ୍ରକଳ୍ପର କିଛି ଅସୁବିଧା ହେଲେ କୃଷକମାନେ ଅଭିଯୋଗ କଲେ ଠିକାଦାର ତାର ଗ୍ୟାରେଣ୍ଟି ପିରଡ୍ ମଧରେ କାର୍ଯ୍ୟ କରିବ । ଆମ୍ଭ ପାଖରେ କର୍ମଚାରୀ ବଳ ନାହିଁ ଯେ ଆମ୍ଭେ ପ୍ରକଳ୍ପ ଗୁଡିକ ପଛରେ ଗୋଡାଇବୁ । ପ୍ରକଳ୍ପ ନିର୍ମାଣ ପରେ ଆମ୍ଭ କାର୍ଯ୍ୟ ଶେଷ ହୋଇଛି । ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କେତେ ପ୍ରକଳ୍ପ କାର୍ଯ୍ୟ କରୁଅଛି ଓ କେତେ ଜମି ଜଳ ସେଚିତ ହେଉଛି ତାହାର ତଦନ୍ତ କରିବା ପାଇଁ କୃଷକ ମାନେ ଅନୁରୋଧ କରିବା ସହିତ ମରୁଡିର ପ୍ରାଥମିକ ସହାୟତା ଯୋଗାଇ ଦେବା ପାଇଁ ଦାବୀ ହେଉଛି ।



ନୂଆଦିଲ୍ଲୀ : ରବିବାର କଂଗ୍ରେସ ତିନି ଜଣ ଝାଡଖଣ୍ଡ ବିଧାୟକଙ୍କୁ ନିଲମ୍ବିତ କରିଛି ଯେଉଁମାନଙ୍କଠାରୁ ପଶ୍ଚିମବଙ୍ଗରେ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରାଯାଇଥିଲା। ଅଲ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଦଳର ଝାଡ଼ଖଣ୍ଡ ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେ କହିଛନ୍ତି ଯେ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀ ତୁରନ୍ତ ତିନିଜଣ ବିଧାୟକଙ୍କୁ ନିଲମ୍ବିତ କରିଛନ୍ତି।

## ବାଇଡେନ ପୁଣି କୋଭିଡ ସଂକ୍ରମିତ

ୱାଶିଂଟନ୍ : ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ପୁଣି ଥରେ କୋଭିଡ ସଂକ୍ରମିତ ହୋଇଛନ୍ତି। ହ୍ୱାଇଟ ହାଉସ କହିଛି ଯେ ଆଣ୍ଟି-ଭାଇରାଲ ଔଷଧ ସହିତ ଚିକିତ୍ସା



ପରେ ବାଇଡେନ ପୁନର୍ବାର ସଂକ୍ରମିତ ହେବା ବିରଳ ଘଟଣା। ହ୍ୱାଇଟ ହାଉସର ଚିକିତ୍ସକ ଡକ୍ଟର କେଭିନ୍ ଓ'କନୋର କହିଛନ୍ତି ଯେ ଏଥର ବାଇଡେନଙ୍କର କୌଣସି ଲକ୍ଷଣ ନାହିଁ ଏବଂ ସେ ଭଲ ଅନୁଭବ କରୁଛନ୍ତି। ସଂକ୍ରମଣ ମୁକ୍ତ ନହେବା ପର୍ଯ୍ୟନ୍ତ ସେ ହ୍ୱାଇଟ ହାଉସରେ ରହିବେ।

## ରାଜ୍ୟସଭାରେ ଉତ୍ତେଜନା ଓ ଗୃହ ଅଚଳ

# ସଂସଦୀୟ ଗଣତନ୍ତ୍ରର ବିନାଶ : ଭେଙ୍କୟା ନାଇଡୁ

ନୂଆଦିଲ୍ଲୀ : ବିଭିନ୍ନ ପ୍ରସଙ୍ଗରେ ଉତ୍ତେଜନା କାରଣରୁ ରାଜ୍ୟସଭାରେ ପ୍ରକ୍ରିୟା ବାରମ୍ବାର ବ୍ୟାହତ ହୋଇଛି। ଏହି କାରଣରୁ ଗଣତନ୍ତ୍ରର ବିନାଶ ହେଉଛି ବୋଲି ରାଜ୍ୟସଭା ଅଧ୍ୟକ୍ଷ ଏମ ଭେଙ୍କୟା ନାଇଡୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟସଭାର କାର୍ଯ୍ୟରେ ୨୧.୫୮ ପ୍ରତିଶତ ହ୍ରାସ ଘଟିଛି। ରାଜ୍ୟସଭା ସଚିବାଳୟ କହିଛି ଯେ ଏପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ୧୦



ଟି ସିଟିଂରେ ରାଜ୍ୟସଭାର କାର୍ଯ୍ୟ ୧୧ ଘଣ୍ଟା ଆଠ ମିନିଟ୍ ହୋଇଥିବାବେଳେ ୫୧ ଘଣ୍ଟା ୩୫ ମିନିଟର କାର୍ଯ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାର ଅର୍ଥ ହେଉଛି ୪୦ ଘଣ୍ଟା ୪୫ ମିନିଟ୍ ଉତ୍ତେଜନା ଏବଂ ବ୍ୟାଘାତରେ ନଷ୍ଟ ହୋଇଛି। ଏପର୍ଯ୍ୟନ୍ତ ଏହି ଅଧିବେଶନରେ ଗୋଟିଏ ବି ବିଲ୍ ପାରିତ ହୋଇନାହିଁ। ଏହି ଅଧିବେଶନର ପ୍ରଥମ ଦୁଇ ସପ୍ତାହରେ, ଶୂନ୍ୟକାଳରେ କୌଣସି ବିଷୟ ଉଠାଯାଇ ପାରି ନାହିଁ । ଆଠ ଦିନ ପାଇଁ ଗୋଟିଏ ବି ବିଶେଷ ଉଲ୍ଲେଖ ଉଠାଯାଇ ପାରି ନାହିଁ । ଗୃହରେ ବାରମ୍ବାର ଉତ୍ତେଜନା ପ୍ରକାଶ ପାଇବା ପରେ ନାଇଡୁ କହିଛନ୍ତି ଯେ ସଂସଦ ଏବଂ ରାଜ୍ୟସଭାର କାର୍ଯ୍ୟକାରିତାକୁ ପ୍ରଭାବିତ କରିବାକୁ ରାଜନୀତିକୁ ଅନୁମତି ଦିଆଯାଉ ନାହିଁ। ଭର୍ଚୁଆଲ୍ ମାଧ୍ୟମରେ ହାଇଦ୍ରାବାଦର ନୂତନ ସାଂସଦମାନଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ପରେ ସେ କହିଛନ୍ତି ଯେ ଅନ୍ୟମାନଙ୍କ ମତ ଶୁଣିବାର କ୍ଷମତା ସୃଷ୍ଟିକରି ବିତର୍କ ଏବଂ ଆଲୋଚନା ମାଧ୍ୟମରେ ମତଭେଦ ସମାଧାନ ହେବା ଉଚିତ, କିନ୍ତୁ ସେମାନଙ୍କ ସହମତ ନୁହେଁ। ରାଜ୍ୟସଭା ଅଧ୍ୟକ୍ଷ କହିଛନ୍ତି ଯେ ଗୃହର ସୁଗମ ତଥା ପ୍ରଭାବଶାଳୀ କାର୍ଯ୍ୟକଳାପକୁ ସୁନିଶ୍ଚିତ କରିବା ପାଇଁ ଉଭୟ ସରକାର ଏବଂ ବିରୋଧୀଙ୍କର ସାମୂହିକ ଦାୟିତ୍ୱ ରହିଛି। ମୌସୁମୀ ଅଧିବେଶନ ଆରମ୍ଭରୁ ଦ୍ରବ୍ୟ ଏବଂ ସେବା କର, ମୁଦ୍ରାସ୍ଫୀତି ତଥା ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ବିରୋଧୀ ଦଳଙ୍କ ଆନ୍ଦୋଳନ ଯୋଗୁଁ ସଂସଦର ପ୍ରକ୍ରିୟା ବାରମ୍ବାର ବ୍ୟାହତ ହୋଇଛି। ବିରୋଧୀ ଦଳର ପ୍ରଦର୍ଶନ ଯୋଗୁଁ ରାଜ୍ୟସଭା ଓ ଲୋକସଭାର ଅନେକ ସଦସ୍ୟଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି।

## ୬ ରାଜ୍ୟର ୧୩ ସ୍ଥାନରେ ଏନଆଇଏ ଚଢାଉ

ନୂଆଦିଲ୍ଲୀ : ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) ଆଜି ୬ ଟି ରାଜ୍ୟର ୧୩ ଟି ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଆଇଏସଆଇଏସ ସହ ଜଡିତ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଏହି ଚଢାଉ ଚାଲିଛି। ଯେଉଁ ରାଜ୍ୟଗୁଡ଼ିକରେ ଏନଆଇଏ ଚଢାଉ କରିଛି ସେଥିରେ ମଧ୍ୟପ୍ରଦେଶ, ଗୁଜୁରାଟ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶ ଅନ୍ତର୍ଭୁକ୍ତ। ମଧ୍ୟପ୍ରଦେଶର ଭୋପାଳ-ରାଇସେନ୍, ଗୁଜୁରାଟର ଭାରୁଚ-ସୁରଟ-ନଭସାରୀ-ଅହମ୍ମଦାବାଦ, ବିହାରର ଆରାରିଆ, କର୍ଣ୍ଣାଟକର ଭଟକାଲ-ତୁଙ୍କୁର, ମହାରାଷ୍ଟ୍ରର କୋଲହାପୁର-ନାନ୍ଦ ଏବଂ ଉତ୍ତରପ୍ରଦେଶର ଦେଓବାନ୍ଦରେ ଏହି ଚଢାଉ ହୋଇଛି। ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ ଅନେକ ଲୋକଙ୍କୁ ଅଟକ ରଖାଯାଇଛି। ଏହି ଅଞ୍ଚଳରେ ବହୁସଂଖ୍ୟାରେ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଅନୁସନ୍ଧାନରେ ଏପର୍ଯ୍ୟନ୍ତ ଦଲିଲ / ସାମଗ୍ରୀ ଉଦ୍ଧାର କରାଯାଇଛି । ଏହି ଘଟଣାରେ ଅଧିକ ତଦନ୍ତ ଚାଲିଛି। ଏନଆଇଏରେ ମାମଲା ପଞ୍ଜୀକୃତ ହେବାର ଏକ ସପ୍ତାହ ପରେ ଏହି ଚଢାଉ କରାଯାଇଥିଲା। କୁହାଯାଉଛି ଯେ ଯେଉଁଠାରେ ଏହି ଚଢାଉ କରାଯାଉଛି, ସେହିସବୁ ସ୍ଥାନ ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ ସହିତ ଜଡିତ ଲୋକଙ୍କର ।

## ଅନଲାଇନ ବିବାହ ପାଇଁ ହାଇକୋର୍ଟଙ୍କ ମଞ୍ଜୁରି

ନୂଆଦିଲ୍ଲୀ : ଭାରତୀୟ ମହିଳା ଅନଲାଇନରେ ଆମେରିକୀୟ ପୁରୁଷଙ୍କୁ ବିବାହ କରିବାକୁ ସକ୍ଷମ ହେବେ ବୋଲି ହାଇକୋର୍ଟ ମଞ୍ଜୁର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ପକ୍ଷ ଅନଲାଇନ୍‌ରେ ବିବାହ କରିପାରିବେ। ଅନଲାଇନ୍ ବିବାହରେ କନ୍ୟା ହେବାକୁ ଯାଉଥିବା ଭାସାମି ସୁଦର୍ଶନୀ ଭାରତରେ ଥିବାବେଳେ ବର ହେବାକୁ ଥିବା ରାହୁଲ ଆମେରିକାରେ ରହିବେ। ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ଅନଲାଇନ୍ ବିବାହକୁ ଅନୁମତି ଦେଇଛନ୍ତି, ଯାହା ପରେ ତାମିଲନାଡୁର ଜଣେ ମହିଳା ଡିଜିଟାଲ୍ ମାଧ୍ୟମରେ ଭାରତୀୟ ମୂଳ ଆମେରିକୀୟ ନାଗରିକଙ୍କୁ ବିବାହ କରିବାକୁ ପ୍ରସ୍ତୁତ ଅଛନ୍ତି। କୋର୍ଟ ସୁଦର୍ଶନୀଙ୍କର ଏକ ଲିଖିତ ଆବେଦନ ଶୁଣିବା ପରେ ଦେଖିଲେ ଯେ ବିବାହ କରିବାର ଅଧିକାର ହେଉଛି ଏକ ମୌଳିକ ମାନବିକ ଅଧିକାର ଏବଂ ସ୍ୱତନ୍ତ୍ର ବିବାହ ଅଧିନିୟମ, ୧୯୫୪ର ଧାରା ୧୨ ଏବଂ ୧୩ ଏହି ଅଧିକାରକୁ ଅନୁମୋଦନ କରୁଛି। ଯେହେତୁ ଆଇନକୁ ପ୍ରଯୁକ୍ତିବିଦ୍ୟାର ଗତି ସହିତ ଗତି କରିବାକୁ ପଡିବ, ଏଣୁ ବିବାହରେ ଜଡିତ ପକ୍ଷଙ୍କ ପସନ୍ଦ ଆଇନଗତ ଭାବରେ ଆବଶ୍ୟକ । ସ୍ପେଶାଲ୍ ମ୍ୟାରେଜ୍ ଆକ୍ଟ, ୧୯୫୪ ଅନୁଯାୟୀ ଏହି ବିବାହ ପଞ୍ଜୀକୃତ ହୋଇ ବିବାହ ପ୍ରମାଣପତ୍ର ପ୍ରଦାନ କରାଯିବାକୁ ସୁଦର୍ଶନୀ ଆବେଦନ କରିଥିଲେ।

## ଭାରତ ମହାସାଗରରେ ପଡିଲା ଚୀନର ବିଖଣ୍ଡିତ ସ୍ପେସ୍ ରକେଟ୍



ନୂଆଦିଲ୍ଲୀ : ଆମେରିକା ଏବଂ ଚୀନ୍‌ର ମହାକାଶ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ଶନିବାର ଭାରତ ମହାସାଗରରେ ଚୀନର ଏକ ବୃହତ ରକେଟର ବିଖଣ୍ଡିତ ଅଂଶ ପୃଥିବୀକୁ ଖସି ଆସିଛି। ଆମେରିକାର ସ୍ପେସ୍ କମାଣ୍ଡ କହିଛି ଯେ ଲଙ୍ଗ ମାର୍ଚ୍ଚ ରକେଟ୍ ଭାରତ ମହାସାଗରରେ ପଡିଛି। ଚୀନ୍‌ର ସ୍ପେସ୍ ଫ୍ଲାଇଟ୍ ଏଜେନ୍ସି କହିଛି ଯେ ୨୩-ମେଟ୍ରିକ୍ ଟନ୍ ବିଶିଷ୍ଟ ଲଙ୍ଗ ମାର୍ଚ୍ଚର ଧ୍ୱଂସାବଶେଷ ଦକ୍ଷିଣ-ପଶ୍ଚିମ ଫିଲିପାଇନ୍ସର ସମୁଦ୍ର ଉପରେ ପୃଥିବୀକୁ ଛୁଇଁଛି। ଏହାକୁ ଜଣେ ଆମେରିକୀୟ ଅଧିକାରୀଙ୍କ ଦ୍ୱାରା ସମାଲୋଚନା କରାଯାଇଛି। ନାସା ଆଡମିନିଷ୍ଟ୍ରେଟର ବିଲ୍ ନେଲସନ କହିଛନ୍ତି ଯେ ସମସ୍ତ ମହାକାଶଯାନ ରାଷ୍ଟ୍ର ପ୍ରତିଷ୍ଠିତ ସର୍ବୋତ୍ତମ ଅଭ୍ୟାସକୁ ଅନୁସରଣ କରିବା ଉଚିତ ଏବଂ ସମ୍ଭାବ୍ୟ ଆବର୍ଜନା ପ୍ରଭାବ ବିପଦର ନିର୍ଭରଯୋଗ୍ୟ ଭବିଷ୍ୟବାଣୀକୁ ଅନୁମତି ଦେବା ସହିତ ସୂଚନା ବାଣ୍ଟିବା ପାଇଁ ସେମାନଙ୍କର କାର୍ଯ୍ୟ କରିବା ଉଚିତ୍। ଲଙ୍ଗ ମାର୍ଚ୍ଚ ରକେଟ ଜୁଲାଇ ୨୪ରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପରେ ରକେଟର ବିଖଣ୍ଡିତ ଅଂଶ ପୃଥିବୀ ପୃଷ୍ଠରେ ପଡିବାର ସମ୍ଭାବନା ରହିଥିଲା। ମହାକାଶରେ ନିର୍ମାଣାଧୀନ ନୂତନ ଚୀନ ସ୍ପେସ୍ ଷ୍ଟେସନକୁ ଏକ ଲାବୋରେଟୋରୀ ମଡ୍ୟୁଲ୍ ଯୋଗାଇବା ପାଇଁ ୨୦୨୦ ମସିହାରେ ଚୀନର ଏହି ତୃତୀୟ ଶକ୍ତିଶାଳୀ ରକେଟ୍ ମହାକାଶକୁ ଉତକ୍ଷେପଣ କରାଯାଇଥିଲା।

# ଆମେରିକାର ଶରଣାପନ୍ନ ହେଲା ପାକିସ୍ତାନ

ଇସ୍‌ଲାମାବାଦ : ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ସେନାମୁଖ୍ୟ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ରୁ ୧.୭ ବିଲିୟନ ଡ଼ଲାରର ଟ୍ରାନ୍ସଫର ପାଇବା ପାଇଁ ଆମେରିକାର ସାହାଯ୍ୟ ଲୋଡିଛନ୍ତି। ଜେନେରାଲ ବାଜୱା ଆମେରିକାର ଡେପୁଟି ସେକ୍ରେଟେରୀ ୱେଣ୍ଡି ଶର୍ମାନଙ୍କ ସହ ଆଲୋଚନା କରି ପାକିସ୍ତାନକୁ ସାହାଯ୍ୟ କରିବା ପାଇଁ ଆଇଏମଏଫରେ ପ୍ରଭାବ ପକାଇବାକୁ ଆମେରିକାକୁ ନିବେଦନ କରିଛନ୍ତି। ପାକିସ୍ତାନ ସେନାମୁଖ୍ୟଙ୍କ ପାଇଁ ଏପରି ଆବେଦନ ବିରଳ ଅଟେ। ବିଶେଷକରି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ କାର୍ଯ୍ୟକାଳ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯାଇଥିଲା। ସଂସଦରେ ଏକ ଆସ୍ଥାବିଶ୍ୱାସ ପ୍ରସ୍ତାବ ପରେ ଏପ୍ରିଲରେ ଇମ୍ରାନ ଖାନଙ୍କୁ କ୍ଷମତାରୁ ବହିଷ୍କାର କରାଯାଇଥିଲା। ଏହା ସତ୍ତ୍ୱେ ୭୫ ବର୍ଷରେ ଅଧାରୁ ଅଧିକ ସମୟ ପାଇଁ ଦେଶକୁ ସିଧାସଳଖ ଶାସନ କରୁଥିବା ପାକିସ୍ତାନର ସୈନ୍ୟବାହିନୀ ଆମେରିକା ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଅଲକାଏଦା ଆତଙ୍କବାଦ ବିରୋଧରେ ଯୁଦ୍ଧରେ ସହଯୋଗୀ ଥିଲେ। ପାକିସ୍ତାନ ଏବଂ ଆଇଏମ୍ଏଫ୍ ୨୦୧୯ରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ, କିନ୍ତୁ ଚଳିତ ବର୍ଷ ଆରମ୍ଭରୁ ୧.୭ ବିଲିୟନ ଡ଼ଲାର୍ ଟ୍ରାନ୍ସଫର ହୋଇଛି। ବାସ୍ତବରେ, ଇମ୍ରାନ ଖାନଙ୍କ ଶାସନରେ ହୋଇଥିବା ଚୁକ୍ତିନାମାକୁ ପାଳନ କରିବା ନେଇ ଆଇଏମ୍ଏଫ୍ ଅନିଚ୍ଛା ପ୍ରକାଶ କରୁଛି।

ଘୋର ଆର୍ଥିକ ସଙ୍କଟ




## ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ସ୍କାମ ମାମଲା

# ଜବତ ଟଙ୍କା ମୋର ନୁହେଁ : ପାର୍ଥ

କୋଲକାତା : ବହୁଚର୍ଚ୍ଚିତ ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ସ୍କାମ ଓ ମନି ଲଣ୍ଡ୍ରିଂ ମାମଲାରେ ଇଡି ଦ୍ୱାରା ଗିରଫ ହୋଇଥିବା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜି କହିଛନ୍ତି ଯେ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜିଙ୍କ ଦୁଇଟି ଘରୁ ଜବତ ହୋଇଥିବା ୫୦ କୋଟି ଟଙ୍କା ଓ ସୁନା ତାଙ୍କର ନୁହେଁ। ଏହି ବୟାନ ପରେ ଘଟଣାର ମୋଡ ବଦଳିଯାଇଛି। ସୂଚନାଯୋଗ୍ୟ ଯେ ଏହି ମାମଲାରେ ଗିରଫ ହୋଇଥିବା ଅର୍ପିତା ପୂର୍ବରୁ କହିଥିଲେ ଯେ ତାଙ୍କ ଘରୁ ଜବତ ହୋଇଥିବା ଟଙ୍କା ଓ ସୁନା ସବୁ ପାର୍ଥ ଚାଟାର୍ଜିଙ୍କର। ତାଙ୍କ ଘରେ ଏତେ ଟଙ୍କା ଅଛି ବୋଲି ସେ ଜାଣି ନଥିବା କହିଥିଲେ। ଏବେ ସେହି ଜବତ ଟଙ୍କାକୁ ପାର୍ଥ ତାଙ୍କର ନୁହେଁ ବୋଲି କହିବାରୁ ପ୍ରକୃତରେ ଏହି ଟଙ୍କା କାହାର ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପାର୍ଥଙ୍କ ବୟାନ ଆସିବା ପରେ ରାଜ୍ୟ ବିଜେପି ପକ୍ଷରୁ ଜୋରଦାର ବିରୋଧ ପ୍ରଦର୍ଶନ କରାଯାଉଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜିଙ୍କର ଏହି ଘଟଣା ସହିତ ସମ୍ପର୍କଥିବା ସନ୍ଦେହ କରୁଛି ଓ ସେହି କାରଣରୁ ତାଙ୍କର ଇସ୍ତଫା ଦାବି କରିଛି। ଇଡି ଅଧିକାରୀଙ୍କ କହିବାନୁସାରେ, ଗିରଫ ହେବା ପୂର୍ବରୁ ପାର୍ଥ ଚାଟାର୍ଜୀ ଅର୍ପିତା ମୁଖାର୍ଜୀଙ୍କ ପାଇଁ ଦୁଇଟି ବିଳାସପୂର୍ଣ୍ଣ କାର ବୁକ୍ କରିଥିଲେ । ତା'ର ଅଗ୍ରୀମ ଦେୟ ମଧ୍ୟ ଦିଆଯାଇଥିଲା କିନ୍ତୁ ମିଳିବା ପୂର୍ବରୁ ଉଭୟଙ୍କୁ ଗିରଫ କରାଯାଇଥିଲା ।

## ରୁଷ ସେନା ମୁଖ୍ୟାଳୟରେ ବିସ୍ଫୋରଣ : ୬ ଆହତ

ମସ୍କୋ : ରୁଷର କୃଷ୍ଣ ସାଗର ସେନା ମୁଖ୍ୟାଳୟରେ ରବିବାର ବିସ୍ଫୋରଣରେ ୬ ଜଣ ଆହତ ହୋଇଛନ୍ତି। ସେବାଷ୍ଟୋପୋଲ ସହରର ମୁଖ୍ୟାଳୟରେ ବିସ୍ଫୋରଣ ପରେ ରୁଷର ନୌସେନା ଦିବସ ଛୁଟି ବାତିଲ କରାଯାଇଥିଲା। ୨୦୧୪ରେ ରୁଷ ଏହି ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ କରି ଏହାକୁ ୟୁକ୍ରେନ୍‌ରୁ ଛଡ଼ାଇ ନେଇଥିଲା। ଡ୍ରୋନ୍ ଦ୍ୱାରା ଏହି ଆକ୍ରମଣ କରାଯାଇଥିଲା ବୋଲି ଜଣାପଡିଛି। ସେବାଷ୍ଟୋପୋଲ ମେୟର ମିଖାଇଲ ରଜଭୋଜାଭ କହିଛନ୍ତି ଯେ ବିସ୍ଫୋରକ କମ୍ ପ୍ରଭାବଶାଳୀ ଥିଲା, କିନ୍ତୁ ବିସ୍ଫୋରଣରେ ୬ ଜଣ ଆହତ ହୋଇଛନ୍ତି।

# ବାଣିଜ୍ୟ




ନୂଆଦିଲ୍ଲୀ: ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍(ଆଇଓସିଏଲ୍) ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ପେଟ୍ରୋଲ ଓ ଡିଜେଲ୍ ଯଥାକ୍ରମେ ଲିଟର ପ୍ରତି ୧୦ଟଙ୍କା ଓ ୧୪ଟଙ୍କା କ୍ଷତିରେ ବିକ୍ରି କରିଛି। ଏହି କାରଣରୁ ୨ବର୍ଷରେ ପ୍ରଥମଥର ପାଇଁ ଆଇଓସି ଏହି ତ୍ରୈମାସିକରେ ଘାଟାରେ ରହିଥିବା ଜଣାଯାଇଛି। ଏପରିସ୍ଥଳେ ଆଗାମୀ ଦିନରେ କମ୍ପାନୀ ପେଟ୍ରୋଲ ଓ ଡିଜେଲ୍‌ର ମୂଲ୍ୟବୃଦ୍ଧି କରିବ ବୋଲି ସୂଚନା ମିଳିଛି। ସରକାରୀ ତୈଳ କମ୍ପାନୀ ଆଇଓସି, ବିପିସିଏଲ୍ ଓ ଏଚ୍‌ପିସିଏଲ୍ ଗତବର୍ଷ ଉତ୍ତରପ୍ରଦେଶ ସମେତ କିଛି ଅନ୍ୟ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ତୈଳ ଦରକୁ ରିଭାଇଜ୍‌ଡ କରିବା ବନ୍ଦ କରିଦେଇଥିଲେ।

# ଆର୍କଟିକ୍‌ରେ ମାଇକ୍ରୋ ପ୍ଲାଷ୍ଟିକ ସମସ୍ୟାର ସମାଧାନ ଉପରେ ଆର୍ଖାନଜେଲ୍‌ସ୍କ ସମ୍ମିଳନୀ

ନୂଆଦିଲ୍ଲୀ: ଆର୍କଟିକରେ ବର୍ଜ୍ୟବସ୍ତୁ ଏବଂ ମାଇକ୍ରୋ ପ୍ଲାଷ୍ଟିକ ଜନିତ ସମସ୍ୟା ସମାଧାନ ସମ୍ପର୍କରେ ଆର୍ଖାନଜେଲ୍‌ସ୍କରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୦୨୧-୨୩ରେ ରୁଷ ଆର୍କଟିକ କାଉନସିଲ୍‌ର ଅଧ୍ୟକ୍ଷତା କରୁଥିବା ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବାବେଳେ ତାହାର ଅଂଶସ୍ୱରୂପ ରୋସ୍‌କଂଗ୍ରେସ ଫାଉଣ୍ଡେସନ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ରୁଷ ବୈଦେଶିକ ମନ୍ତ୍ରଣାଳୟର ଆର୍କଟିକ ସହଯୋଗ ପାଇଁ ବରିଷ୍ଠ ଆର୍କଟିକ ପଦାଧିକାରୀ ଏବଂ ସ୍ୱତନ୍ତ୍ର ଭାବରେ ନିଯୁକ୍ତ ରାଷ୍ଟ୍ରଦୂତଙ୍କୁ ନେଇ ଗଠିତ କମିଟିର ଅଧ୍ୟକ୍ଷ ନିକୋଲେ କୋରଚୁନୋଭ ଏହି ସମ୍ମିଳନୀରେ ପ୍ରକାଶ କରି କହିଥିଲେ ଯେ, ସମୁଦାୟ ବିଶ୍ୱର ସାଗର ମହାସାଗର ନିମନ୍ତେ ମାଇକ୍ରୋପ୍ଲାଷ୍ଟିକ ସମସ୍ୟା ସମାଧାନ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆର୍କଟିକ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଭାବରେ ଏହାର ପ୍ରାସଙ୍ଗିକତା ରହିଛି। ୨୦୧୯ରେ ଆର୍କଟିକ




ସାଗରରେ ମାଇକ୍ରୋପ୍ଲାଷ୍ଟିକର ଉପସ୍ଥିତି ସମ୍ପର୍କରେ ଏକ ଅଧ୍ୟୟନ କରାଯାଇଥିଲା। ଆର୍କଟିକ ଫ୍ଲୋଟିଂ ୟୁନିଭରସିଟି ଇଣ୍ଟରନ୍ୟାସନାଲ ସାଇଣ୍ଟିଫିକ ଆଣ୍ଡ ଏଜୁକେସନାଲ ଏକ୍ସପେଡିସନର ଅଂଶସ୍ୱରୂପ ଏହି ଅଧ୍ୟୟନ ହାତକୁ ନିଆଯାଇଥିଲା। ଉକ୍ତ ଅଧ୍ୟୟନ ଫଳାଫଳରୁ ଜଣାପଡିଥିଲା ଯେ ବାରେଣ୍ଟସ୍ ସାଗରରେ ମଧ୍ୟ ମାଇକ୍ରୋପ୍ଲାଷ୍ଟିକର ଉପସ୍ଥିତି ରହିଛି, ଯାହା ପୃଥିବୀର ଯେକୌଣସି ଅର୍ଥନୈତିକ ଶିଳ୍ପାଞ୍ଚଳଗୁଡିକ ଠାରୁ ବହୁ ଦୂରରେ ଅବସ୍ଥିତ। କୋରଚୁନୋଭ କହିଥିଲେ, ଏହି ସମସ୍ୟା ଉତ୍ତର ଭାଗରେ ବାସକରୁଥିବା ମୂଳ ଅଧିବାସୀଙ୍କ ସମେତ ଆର୍କଟିକ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ପାଇଁ ବିରାଟ ବିପଦ ସୃଷ୍ଟି କରୁଛି, ଯେଉଁମାନଙ୍କର ମୁଖ୍ୟ ବେଉସା ହେଉଛି ମାଛ ଧରିବା। ସେ କହିଥିଲେ ଯେ ସାମ୍ପ୍ରତିକ କାର୍ଯ୍ୟସୂଚୀରେ ଆର୍କଟିକ ଅଞ୍ଚଳରେ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ଅପରିବର୍ତ୍ତିତ ରହିଛି। ଏହି ପ୍ରସଙ୍ଗରେ ରୁଷ ବୈଜ୍ଞାନିକ ଏବଂ ସେମାନଙ୍କର ବିଦେଶୀ ସହକର୍ମୀଙ୍କୁ ସମସ୍ତ ଯଥାସମ୍ଭବ ଉପାୟରେ ସହଯୋଗ କରିବାକୁ ରୁଷର ବୈଦେଶିକ ମନ୍ତ୍ରଣାଳୟ ପ୍ରସ୍ତୁତ ଅଛି। ୨୦୧୭ରେ କେବଳ ଗୋଟିଏ ବର୍ଷରେ ବିଶ୍ୱରେ ପ୍ରାୟ ୩୫୦ ନିୟୁତ ଟନ୍ ପ୍ଲାଷ୍ଟିକ ଉତ୍ପାଦିତ ହୋଇଥିଲା ଏବଂ ୨୦୫୦ ସୁଦ୍ଧା ଏହି ପରିମାଣ ପ୍ରାୟ ୧୦୦ କୋଟି ଟନ୍‌କୁ ବୃଦ୍ଧି ପାଇବାକୁ ଯାଉଛି ବୋଲି କୃଷି ଓ ଖାଦ୍ୟ ନୀତି ଓ ପରିବେଶ ପରିଚାଳନା ଉପରେ ଗଠିତ ଫେଡେରେସନ କାଉନସିଲ୍‌ର ଉପାଧ୍ୟକ୍ଷ ୟେଲେନା ଜେଲେଙ୍କୋ କହିଥିଲେ। ବିଶ୍ୱର ସାଗର ମହାସାଗରଗୁଡିକର ଜଳସ୍ତର ପ୍ରଦୂଷିତ ହୋଇସାରିଛି ଏବଂ ସେଥିରେ ପ୍ରାୟ ୫ ଲକ୍ଷ କୋଟି ମାଇକ୍ରୋପ୍ଲାଷ୍ଟିକ କ୍ଷୁଦ୍ର କଣିକା ଭର୍ତ୍ତିହୋଇ ରହିଛି। ସମସ୍ତ ପ୍ଲାଷ୍ଟିକର ପାଖାପାଖି ଅର୍ଦ୍ଧେକ ଅଂଶ ଜଳ ଠାରୁ ହାଲୁକା ଯାହାଦ୍ୱାରା ସେଗୁଡିକ ଉପରଭାଗରେ ଭାସିବା ସହିତ ସମୁଦାୟ ପୃଥିବୀକୁ ଆଚ୍ଛାଦିତ କରିବା ସହଜ ହୋଇଛି। ମାଇକ୍ରୋ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରତିକୂଳ ପ୍ରଭାବକୁ ଚିହ୍ନଟ କରିବା ଏବଂ ତାହାର ସମାଧାନ ନିମନ୍ତେ ଏକ ପୂର୍ଣ୍ଣାଙ୍ଗ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ହେବ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଆର୍କଟିକରେ ପରିବେଶ କାର୍ଯ୍ୟସୂଚୀର ବିଭିନ୍ନ ଦିଗରେ ତିନିଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା।

## ଅଟୋମୋବାଇଲ୍ ମାର୍କେଟ୍ ପାଇଁ ଅଗଷ୍ଟ ହେବ ଶୁଭଙ୍କର

# ମୋଟ ୯ ନୂଆ କାର୍‌ର ହେବ ବଜାର ପ୍ରବେଶ

ନୂଆଦିଲ୍ଲୀ: ଅଟୋମୋବାଇଲ୍ ମାର୍କେଟ୍ ପାଇଁ ଅଗଷ୍ଟ ମାସ ଶୁଭଙ୍କର ସାବ୍ୟସ୍ତ ହେବାକୁ ଯାଉଛି। କାରଣ ଏହି ମାସରେ ଭାରତୀୟ ବଜାରରେ ୨ ଏସ୍‌ୟୁଭି, ହେଚବ୍ୟାକ ଓ ଇଲେକ୍ଟ୍ରିକ୍ ସେଡାନ ଲଞ୍ଚ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମହିନ୍ଦ୍ରା ୫ ଇଲେକ୍ଟ୍ରିକ୍ ଏସ୍‌ୟୁଭି ମଧ୍ୟ ବଜାର ପ୍ରବେଶ କରିବ ବୋଲି ଜଣାଯାଇଛି। ସର୍ବୋପରି ଅଗଷ୍ଟରେ ୯ଟି ନୂଆ କାର୍ ବଜାରରେ ପ୍ରବେଶ କରିବ। ଏଗୁଡ଼ିକ ମଧ୍ୟରୁ ସବୁଠୁ ଶସ୍ତା ମାରୁତି ଅଲ୍ଟୋ ହେବ ଯାହାକି ଥାର୍ଡ ଜେନେରେସନ୍ ଭାବେ ଲଞ୍ଚ କରାଯିବ। ଅଗଷ୍ଟରେ ସର୍ବପ୍ରଥମେ ଲଞ୍ଚ ହେଉଥିବା କାର୍ ମଧ୍ୟରେ ହୁଣ୍ଡାଇ ଟକ୍ସନ ଏସ୍‌ୟୁଭି ରହିଛି। ଜୁଲାଇ ୧୩ରେ ଏହି କାର୍‌ର ନ୍ୟୁ ଜେନେରେସନ୍ ମଡେଲରୁ ପରଦା ଉଠାଯାଇଥିଲା ଓ ଏହା ଭାରତରେ ପ୍ରଥମ ଲଙ୍ଗ୍‌ସ ହ୍ୱିଲ୍‌ବେସ୍ ମଡେଲ ଭାବେ ଲଞ୍ଚ କରାଯିବ। ଏଥିରେ ୨.୦ ଲିଟର ପେଟ୍ରୋଲ ଓ ଡିଜେଲ୍ ଇଞ୍ଜିନ୍‌ର ସୁଯୋଗ ମିଳିବ ଯେଉଁଥିରେ ଅଲ୍ ହ୍ୱିଲ୍ ଡ୍ରାଇଭ୍ ସିଷ୍ଟମର ବି ସୁଯୋଗ ରହିବ। ନୂଆ ହୁଣ୍ଡାଇ ଟକ୍ସନ ଏସ୍‌ୟୁଭିର ବୁକିଂ ଆରମ୍ଭ ହୋଇଯାଇଛି। ସେହିପରି ମହିନ୍ଦ୍ରା ବି ନିଜର ଇଲେକ୍ଟ୍ରିକ୍ ଏସ୍‌ୟୁଭି କାର୍ ଟିଜର ଜାରି କରିଛି। ଏହି ଟ୍ରେଲରରେ କମ୍ପାନୀ ଏହାର ସାଇଡ୍ ପ୍ରୋଫାଇଲ୍‌ର ଝଲକ ଦେଖାଇଛି ଯେଉଁଥିରେ ୪ ମଡେଲ୍ସ କୁପେ ଏସ୍‌ୟୁଭି ଭଳି ନଜର ଆସିଛି। ଏହି ଇବିକୁ ନ୍ୟୁ ବର୍ଣ୍ଣ ଇଲେକ୍ଟ୍ରିକ୍ ପ୍ଲାଟଫର୍ମରେ ପ୍ରସ୍ତୁତ କରାଯାଇଛି। ଅଗଷ୍ଟ ୧୫ରେ ଏସବୁକୁ ୱାର୍ଲ୍ଡ ପ୍ରିମିୟର କରାଯିବ। ଟୟୋଟାର ଲାଟେଷ୍ଟ କାର୍ ଏକ ହ।ଇବ୍ରି ଜ୍ ଏସ୍‌ୟୁଭି ଅଟେ ଯାହାକି ମାରୁତି ସୁଜୁକି ସହ ମିଶି ପ୍ର ସ୍ତୁ ତ କରାଯାଇଛି। ନୂଆ ଅର୍ବାନ କ୍ରୁଜର ହାଇର।ଇଡ ର




ହାଇବ୍ରିଡ୍ ଏସ୍‌ୟୁଭିକୁ ୧୬ ଅଗଷ୍ଟରେ ଲଞ୍ଚ କରାଯିବ। ୧୮ ଅଗଷ୍ଟରେ ମାରୁତି ତା'ର ଲୋକପ୍ରିୟ ହେଚବ୍ୟାକ୍ ଅଲ୍ଟୋର ନ୍ୟୁ ଜେନେରେସନ୍ ମଡେଲ ଲଞ୍ଚ କରିବ। ନୂଆ ପ୍ଲାଟଫମରେ ପ୍ରସ୍ତୁତ ଏହି କାର୍‌ରେ ନୂଆ ପାୱାରଷ୍ଟ୍ରେନ୍ ଦିଆଯାଇଛି। ମର୍ସିଡିଜ୍ ବେଞ୍ଜର ପ୍ରଥମ ଇଲେକ୍ଟ୍ରିକ୍ କାର୍ ଇକ୍ୟୁଏସ୍ ୫୩ ୪ମୋଟ୍ରିକ୍+କୁ ଅଗଷ୍ଟର ଶେଷଆଡକୁ ଲଞ୍ଚ କରାଯିବ। ଏହାପରେ କମ୍ପାନୀ ଇକ୍ୟୁଏସ୍ ୫୮୦ ଲଞ୍ଚ କରିବ।

# ୧୨ ଲକ୍ଷ ଟନ୍ ଚିନି ରପ୍ତାନି ଅନୁମୋଦନ ଅପେକ୍ଷାରେ

ନୂଆଦିଲ୍ଲୀ : ଚିନି ଉତ୍ପାଦନ ଅଧିକ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଅତିରିକ୍ତ ୧.୨ ମିଲିୟନ୍ ଟନ୍ ଚିନି ରପ୍ତାନି କରିବାକୁ ଅନୁମତି ଦେଇପାରନ୍ତି। ଏହି ଅତିରିକ୍ତ ରପ୍ତାନି କୋଟା ବର୍ତ୍ତମାନର ୨୦୨୧-୨୨ ବର୍ଷ ପାଇଁ ପୂର୍ବରୁ ଅନୁମତି ପ୍ରାପ୍ତ ୧୦ ନିୟୁତ ଟନ୍ ଚିନି ରପ୍ତାନି ଉପରେ ରହିବ । ସୂଚନାନୁସାରେ, ଚିନି ରପ୍ତାନି ପାଇଁ ଅତିରିକ୍ତ କୋଟାକୁ ଏକ ମନ୍ତ୍ରୀସ୍ତରୀୟ ବୈଠକରେ ଅନୁମୋଦନ କରାଯାଇଛି। ଏ ସମ୍ପର୍କରେ ଖୁବ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଚିନି ଉତ୍ପାଦନ



ପାଇଁ ନୋଡାଲ୍ ମନ୍ତ୍ରଣାଳୟ ଭାବରେ କାର୍ଯ୍ୟ କରୁଥିବା ଖାଦ୍ୟ ମନ୍ତ୍ରଣାଳୟ ଅତିରିକ୍ତ କୋଟା ଆବଣ୍ଟନ ପାଇଁ ମୋଡାଲିଟି ପ୍ରସ୍ତୁତ କରୁଛି ବୋଲି ସୂତ୍ରରୁ ପ୍ରକାଶ ଯେ ୨୦୨୧-୨୨ରେ ଦେଶର ମୋଟ ଚିନି ଉତ୍ପାଦନ ୫ ଲକ୍ଷ ଟନ୍ ବୃଦ୍ଧି ହୋଇ ୩୬ ନିୟୁତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଯାହା ପୂର୍ବ ଆକଳନ ଠାରୁ ୩୫.୫୫ ନିୟୁତ ଟନ୍ ଅଧିକ । ଅତିରିକ୍ତ କୋଟା ଚିନି ରପ୍ତାନି ପରେ ମଧ ଦେଶରେ ପ୍ରାୟ ୬୦-୬୮ ଲକ୍ଷ ଟନ୍ 'କ୍ଲୋଜିଂ

### ଭାରତୀୟ ଚିନି ପାଇଁ ବିଶ୍ୱରେ ଚାହିଦା ବଳବତ୍ତର

ଷ୍ଟକ୍' ରହିବ । ଅକ୍ଟୋବର ୨୦୨୧ରୁ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ଭାରତ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ସଂଯୁକ୍ତ ଆରବ ଏମିରେଟ୍ସ, ଆଫଗାନିସ୍ତାନ, ଇଣ୍ଡୋନେସିଆ, ସୋମାଲିଆ ଏବଂ ଅନ୍ୟାନ୍ୟ ଦେଶକୁ ୯୯.୭ ମିଲିୟନ ଟନ୍ ଚିନି ରପ୍ତାନି କରିଛି। ସୂତ୍ରରୁ ପ୍ରକାଶ ଯେ ଅନ୍ତର୍ଜାତୀୟ ବଜାରରେ କିଛି ଉନ୍ନତି ଏବଂ ଚିନି ମୂଲ୍ୟରେ ହ୍ରାସ ସତ୍ତ୍ୱେ ଭାରତୀୟ ଚିନି ପାଇଁ ବିଶ୍ୱରେ ଚାହିଦା ବଳବତ୍ତର ରହିଛି। ପୂର୍ବତନ କୃଷିମନ୍ତ୍ରୀ ଶରଦ ପାୱାର ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଚିନି ରପ୍ତାନି ସୀମା ମଧ୍ୟରେ ୧୦ ଲକ୍ଷ ଟନ୍ କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ପୂର୍ବ ଆକଳନ ତୁଳନାରେ ଚିନି ଉତ୍ପାଦନ ଅଧିକ ହେବ ବୋଲି ଆଶା କରାଯାଉଛି।

# ଜୁଲାଇରେ ସେୟାର ବଜାରରେ ୪,୯୮୯ କୋଟି ଟଙ୍କା ବିନିଯୋଗ

ନୂଆଦିଲ୍ଲୀ : କ୍ରମାଗତ ନଅ ମାସ ବିକ୍ରୟ ପରେ ବିଦେଶୀ ପୋର୍ଟଫୋଲିଓ ନିବେଶକ ଭାରତୀୟ ଷ୍ଟକ୍ ବଜାରକୁ ଫେରିଛନ୍ତି । ଜୁଲାଇରେ, ଏଫପିଆଇଗୁଡିକ ଷ୍ଟକ୍ ବଜାରରେ ପ୍ରାୟ ୫୦୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି । ଡଲାର ସୂଚକାଙ୍କ ନରମ ହେବା ଏବଂ କମ୍ପାନୀଗୁଡିକର ତ୍ରୟମାସିକ ଫଳାଫଳ ପରେ, ଏଫପିଆଇଗୁଡିକ ପୁଣି ଥରେ କ୍ରେତା ହୋଇଗଲେ । ଏହାପୂର୍ବରୁ ଜୁନ୍ ମାସରେ, ଏଫପିଆଇଗୁଡିକ ଇକ୍ୱିଟିରୁ ୫୦,୧୪୫ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିଲେ । ମାର୍ଚ୍ଚ ୨୦୨୦ ପରେ ଗୋଟିଏ ମାସ ମଧ୍ୟରେ ଏହା




### ଭାରତୀୟ ଷ୍ଟକ୍ ବଜାରକୁ ଫେରିଲେ ବିଦେଶୀ ପୋର୍ଟଫୋଲିଓ ନିବେଶକ

ସର୍ବାଧିକ ପ୍ରତ୍ୟାହାର । ସେହି ସମୟରେ, ଏଫପିଆଇଗୁଡିକ ଭାରତୀୟ ଷ୍ଟକ୍ ବଜାରରୁ ୬୧,୯୭୩ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିଲେ । ଏହାର କାରଣ ହେଉଛି ଟଙ୍କାର ଖରାପ ସମୟ ଅତିବାହିତ ହୋଇଛି ଏବଂ ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ଏକ ସୀମା ମଧ୍ୟରେ କାରବାର କରୁଛି। ଏହା ବ୍ୟତୀତ ଭାରତୀୟ କମ୍ପାନୀଗୁଡିକର ତ୍ରୟମାସିକ ଫଳାଫଳ ମଧ୍ୟ ଭଲ ହୋଇଛି । ଏଫପିଆଇଗୁଡିକ ଜୁଲାଇରେ ଭାରତୀୟ ଷ୍ଟକ୍ ମାର୍କେଟରେ ୪,୯୮୯ କୋଟି ଟଙ୍କା ବିନିଯୋଗ କରିଥିଲେ। ଏହାପୂର୍ବରୁ, ଗତ ନଅ ମାସ ପାଇଁ ଏଫପିଆଇଗୁଡିକ ବିକ୍ରେତା ଥିଲେ । ଗତ ବର୍ଷ ଅକ୍ଟୋବରରୁ ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ ସେମାନେ ଭାରତୀୟ ଷ୍ଟକ୍ ବଜାରରୁ ୨.୪୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି । ଜୁଲାଇରେ ଏଫପିଆଇଗୁଡିକ ସେୟାର ବଜାରରୁ ୨,୦୫୬ କୋଟି ଟଙ୍କା ବାହାର କରିଥିଲେ। ଏବେ କିନ୍ତୁ ଭାରତୀୟ ସେୟାର ବଜାର ତାର ଗତି ଧରିବା ଆରମ୍ଭ କରିଛି। ବିଗତ ଦିନରେ ସେୟାର ବଜାରରେ ନିରୁତ୍ସାହଜନକ ଫଳାଫଳ ନିବେଶକଙ୍କୁ ହତାଶ କରିଥିଲା।



ତ୍ରିନିଦାଦ ଆଣ୍ଡ ଟବାଗୋ: ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମଧ୍ୟ ବିଜୟୀ ହେବା ଲକ୍ଷ୍ୟ ରଖିଛି। ଆଗାମୀ ସମୟରେ ଅଷ୍ଟ୍ରେଲିଆରେ ଟି-୨୦ କ୍ରିକେଟ ବିଶ୍ୱକପ ଅନୁଷ୍ଠିତ ହେବା ପାଇଁ ଥିବାରୁ ଏଡି ସିରିଜ ଜିତିବା ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ତେବେ ଘରୋଇ ୱେଷ୍ଟଇଣ୍ଡିଜ ପ୍ରଥମ ମ୍ୟାଚରେ ପରାଜିତ ହୋଇ ଥିବାରୁ ଦ୍ୱିତୀୟ ମ୍ୟାଚରେ ବିଜୟ ଧାରାକୁ ଫେରିବା ଲକ୍ଷ୍ୟ ରଖିଛି। ଅନ୍ୟ ଏକ ସମସ୍ୟା ହେଲଣ ଯେ ଏହି ସିରିଜର ତିନି ମ୍ୟାଚ ୱେଷ୍ଟଇଣ୍ଡିଜରେ ଓ ଅବଶିଷ୍ଟ ଦୁଇ ମ୍ୟାଚ ଆମେରିକାରେ ଅନୁଷ୍ଠିତ ହେବାର ଅଛି। ମାତ୍ର ଆମେରିକା ଗସ୍ତ ପାଇଁ ଉଭୟ ଦଳକୁ ଏ ପର୍ଯ୍ୟନ୍ତ ଭିସା ମିଳି ନାହିଁ। ତେଣୁ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ସିରିଜର ଶେଷ ଦୁଇ ମ୍ୟାଚ ପାଇଁ ଯଦି ଭିସା ଠିକ ସମୟରେ ମିଳିବ ନାହିଁ ତେବେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯିବା ସମ୍ଭାବନା ସୃଷ୍ଟି ହୋଇଛି।

## ଭାରୋତ୍ତୋଳନରେ ଭାରତର ସଫଳତା ଜାରି

# ଦ୍ୱିତୀୟ ସ୍ୱର୍ଣ୍ଣ ଦେଲେ ଜେରେମି ଲାଲରିନୁଙ୍ଗା



ବର୍ମିଂହାମ: ଭାରତୀୟ ମହିଳା ଭାରୋତ୍ତଳନକାରୀ ମୀରାବାଇ ଚାନୁ ଗତକାଲି ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ବେଳେ ରବିବାର ଭାରତକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଦେଇଛନ୍ତି ଅନ୍ୟତମ ୱେଟଲିଫ୍ଟର ଜେରେମି ଲାଲରିନୁଙ୍ଗା। ରବିବାର ଅନୁଷ୍ଠିତ ପୁରୁଷ ୬୭ କେଜି କ୍ୟାଟେଗୋରୀ ପ୍ରତିଯୋଗିତାରେ ୨୦୧୮ ୟୁଥ୍ ଅଲିମ୍ପିକ୍ ଚାମ୍ପିଅନ ୧୯ ବର୍ଷୀୟ ଜେର୍ମି ଲାଲରିନୁଙ୍ଗା ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି କ୍ରୀଡାରେ ପୂର୍ବରୁ ପ୍ରତିଷ୍ଠିତ ଦୁଇ ରେକର୍ଡ ଭାଙ୍ଗି ଥିଲେ। ସ୍ନାଚରେ ୧୪୦ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କେଜି ଏବଂ ମୋଟ ୩୦୦ କେଜି ଭାରୋତ୍ତଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସଫଳ ହୋଇ ଥିଲେ। ସାମୋଆର ଭେଇପାଭା ନେଭୋ ମୋଟ ୨୯୩ କେଜି ଉତ୍ତୋଳନ କରି ରୌପ୍ୟ ଓ ନାଇଜେରିଆର ଏଦିଦିଓଙ୍ଗ ଜୋସେଫ ୨୯୦ କେଜି ଉତ୍ତୋଳନ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବ ଭାରତୀୟ ରାଜ୍ୟ ମିଜୋରାମର ଆଇଜଲରେ ଜନ୍ମିତ ଜେର୍ମି ଲାଲରିନୁଙ୍ଗା ସ୍ନାଚରେ ୧୪୦ କେଜି ଓ ମୋଟ ୩୦୦କେଜି ଉତ୍ତୋଳନ କରି ଏଥିରେ ଦୁଇ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତେବେ କ୍ଲିନ ଆଣ୍ଡ ଜର୍କରେ ଭାରୋତ୍ତଳନ କରିବା ବେଳେ ସେ ଯନ୍ତ୍ରଣା ଅନୁଭବ କରି ଥିଲେ ହେଁ ଏଥିପ୍ରତି ଖାତିର ନ କରି ସ୍ୱର୍ଣ୍ଣ ପଦକ ଅକ୍ତିଆର କରିବାରେ ସଫଳ ହୋଇ ଥିଲେ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାର ୱେଟଲିଫ୍ଟିଂରେ ଭାରତର ଏହା ପଞ୍ଚମ ପଦକ। ପୂର୍ବରୁ ମୀରାବାଇ ଚାନୁ ସ୍ୱର୍ଣ ପଦକ ଅର୍ଜନ କରିଥିବା ବେଳେ ଅନ୍ୟତମ ଭାରତୀୟ ୱେଟଲିଫ୍ଟର ସଙ୍କେତ ମହାଦେବ ସରଗର ୫୫ କେଜିରେ ରୌପ୍ୟ, ଗୁରୁରାଜ ପୂଜାରୀ ୬୧ କେଜିରେ ବ୍ରୋଞ୍ଜ ବିଦ୍ୟାରାଣୀ ଦେବୀ ରୌପ୍ୟ ପଦକ ହାସଲ କରି ଥିଲେ। ସୂଚନା ଯୋଗ୍ୟ ଯେ ଜେର୍ମି ଲାଲରିନୁଙ୍ଗାଙ୍କ ପିତା ଲାଲନେହତଲୁଆଙ୍ଗା ଜଣେ ଜାତୀୟ ସ୍ତରୀୟ ବକ୍ସର ଥିବା ବେଳେ ଜେର୍ମି ୱେଟଲିଫ୍ଟିଂ ପ୍ରତି ଆଗ୍ରହ ପ୍ରକାଶ କରି ଆଜି ସଫଳ ହୋଇ ପାରିଛନ୍ତି।

## ଭାରୋତ୍ତୋଳନକାରୀଙ୍କୁ ରାଷ୍ଟ୍ରପତିଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ଯୁବ ୱେଟଲିଫ୍ଟର ଜେରେମି ଲାଲରିନୁଙ୍ଗା ଓ ବିଦ୍ୟାରାଣୀ ଦେବୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ତୁମର ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଅର୍ଜନ କରି ପାରିଛ। କାରଣ ଏହି ପ୍ରତିଯୋଗିତା ସମୟରେ ଆହତ ହୋଇ ମଧ୍ୟ ନିଜକୁ ଦୁର୍ବ ମନେ ନ କରି ସ୍ୱର୍ଣ୍ଣ ପଦକ ଜିତି ପାରିଲ। ଏହି ସଫଳତା ସହିତ ନୂଆ ଇତିହାସ ରଚନା କରି ଦେଶର ଅଗଣିତ ଯୁବ କ୍ରୀଡାବିତଙ୍କ ମନରେ ଅପୂର୍ବ ଉତ୍ସାହ ଜାଗରିତ କରି ପାରିଛ। ଏଥିପାଇଁ ସମସ୍ତ ଭାରତ ବାସୀ ଆଜି ଗର୍ବ ଅନୁଭବ କରୁଛନ୍ତି। ଭବିଷ୍ୟତରେ ଆହୁରି ଅଧିକ ସଫଳତା ହାସଲ ପାଇଁ ଶୁଭ କାମନା କରୁଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

# ଆମର ଯୁବ ଶକ୍ତି ଇତିହାସ ସୃଷ୍ଟି କରୁଛନ୍ତି: ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଂଲଣ୍ଡରେ ଚାଲିଥିବା ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ଅର୍ଜନକାରୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଗତକାଲି ଦ୍ୱିତୀୟ ଦିବସରେ ଭାରତ ପାଇଁ ତିନି ପଦକ ହାସଲ କରିଥିବା ୱେଟଲିଫ୍ଟରଙ୍କୁ ଅଭିନନ୍ଦନ ଜଣାଇ ଥିବା ବେଳେ ରବିବାର ଭାରତକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିବା ଅନ୍ୟତମ ଯୁବ ୱେଟଲିଫ୍ଟର ଜେରେମି ଲାଲରିନୁଙ୍ଗାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଦେଶର ଯୁବ କ୍ରୀଡାବିତ ମାନେ ଅତି ଚମତ୍କାର ପ୍ରଦର୍ଶନ କରି ନୂଆ ଇତିହାସ ଓ ରେକର୍ଡ ସୃଷ୍ଟି କରୁଛନ୍ତି। କାରଣ ୧୯ ବର୍ଷୀୟ ଜେର୍ମି ଲାଲରିନୁଙ୍ଗା ଦୁଇ ରେକର୍ଡ ଭିଙ୍ଗିବା ସହିତ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ମନ କି ବାତ କାର୍ଯ୍ୟକ୍ରମରେ ଭାରତୀୟ କ୍ରୀଡାବିତଙ୍କ ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି ଯେ ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ପିଭି ସିନ୍ଧୁଙ୍କ ପ୍ରଥମ ସିଙ୍ଗାପୁର ଟାଇଟଲ ଓ ଆମେରିକାରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ ଚାମ୍ପିଅନଶିପରେ ଜାଭେଲିନ ଥ୍ରୋର ନିରଜ ଚୋପ୍ରାଙ୍କ ରୌପ୍ୟ ପଦକ ବିଜୟ ସହିତ ନୂଆ ଇତିହାସ ସୃଷ୍ଟି ଭାରତୀୟ କ୍ରୀଡାକୁ ଧନ୍ୟ କରିଛି। ସେହିପରି ରୋମରେ ଅନୁଷ୍ଠିତ ବିଶ୍ୱ କ୍ୟାଡେଟ ରେସଲିଂ ଚମ୍ପିଅନଶିପରେ ଭାରତୀୟ ପ୍ରତିଯୋଗୀ ସୁରଜ ୩୨ ବର୍ଷପରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇ ଥିଲେ। ଏହା ବ୍ୟତିତ ଆୟର୍ଲାଣ୍ଡର ଡବଲିନରେ ଅନୁଷ୍ଠିତ ଚାରି ରାଷ୍ଟ୍ରୟ ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ୨ ସ୍ୱର୍ଣ୍ଣ ,୪ ରୌପ୍ୟ ଓ ୫ ବ୍ରୋଞ୍ଜ ସହିତ ୧୧ ପଦକ ହାସଲ ଆଉ ଏକ ବଡ ସଫଳତା । ସେହିପରି ଆଗାମୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଫିଫା ୧୭ ବର୍ଷରୁ କମ ମହିଳା ଫୁଟବଲ ବିଶ୍ୱକପରେ ଭାରତ ଭଲ ପ୍ରଦର୍ଶନ କରିବା ଆଶା ରହିଛି। ସଂପ୍ରତି ଚେନ୍ନାଇରେ ଚାଲି ଥିବା ୪୪ତମ ଚେସ ଅଲିମ୍ପିଆଡ ଭାରତୀୟ କ୍ରୀଡା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡି ହୋଇ ଯାଇଛି।

# ପୁରୁଷ ଟେବୁଲ ଟେନିସ ସେମିରେ ଭାରତ



ବର୍ମିଂହାମ: ଭାରତୀୟ ପୁରୁଷ ଟେବୁଲ ଟେନିସ ଦଳ ବିଜୟ ଧାରା ବଜାୟ ରଖି ଏଠାରେ ଚାଲିଥିବା ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡା ସେମିଫାଇନାଲ ପର୍ଯ୍ୟାୟରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ଟିମ ଇଭେଣ୍ଟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତୀୟ ଦଳ ୩-୦ରେ ବାଂଲାଦେଶକୁ ହରାଇ ଶେଷ ଚାରି ଦଳ ମଧ୍ୟରେ ସାମିଲ ହୋଇଛନ୍ତି। ଅଚନ୍ତା ଶରଥ କମଲଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଦଳ ଏହି ଇଭେଣ୍ଟର ପୂର୍ବ ତିନି ମ୍ୟାଚରେ ବାରବାଡୋସ , ସିଙ୍ଗାପୁର, ଉତ୍ତର ଅୟାର୍ଲାଣ୍ଡକୁ ୩-୦ ଲେଖାଏଁ ବ୍ୟବଧାନରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଆଜି ମଧ୍ୟ ବାଂଲାଦେଶ ବିପକ୍ଷ ମ୍ୟାଚରେ ଅନୁରୂପ ସଫଳତା ହାତେଇ ସେମି ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରି ନେଇଛି। ଭାରତୀୟ ଡବଲ୍ସ ଯୋଡି ହରମିତ ଦେଶାଇ ଓ ଜ୍ଞାନଶେକରନ ସହିତ ସିଙ୍ଗଲ୍ସ ତାରକା ଅଚନ୍ତ ଶରଥ କମଲ ବାଂଲାଦେଶ ବିପକ୍ଷ ମ୍ୟାଚରେ ସଫଳ ପ୍ରଦର୍ଶନ କରି ପଦକ ହାସଲ ନିକଟବର୍ତ୍ତୀ ହୋଇଛନ୍ତି।

## ସନ୍ତରଣ: ୫୦ମିଟର

# ବ୍ୟାକଷ୍ଟ୍ରୋକ ସେମିକୁ ଗଲେ ଶ୍ରୀହରି

ବର୍ମିଂହାମ: ଭାରତୀୟ ଯୁବ ସନ୍ତରଣକାରୀ ଶ୍ରୀହରି ନଟରାଜ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡା ପୁରୁଷ ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟ ସେମିଫାଇନାଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଏହି ଇଭେଣ୍ଟର କ୍ୱାର୍ଟରଫାଇନାଲ ପ୍ରତିଯୋଗିତାରେ ନଟରାଜ ଏହି ଦୂରତ୍ୱକୁ ୨୫.୫୨ ସେକେଣ୍ଡରେ ଅତିକ୍ରମ କରି ସେମିଫାଇନାଲ ମୁକାବିଲା ପାଇଁ ବିବେଚିତ ହୋଇ ଥିଲେ। କେବଳ ଦକ୍ଷିଣ ଆଫ୍ରିକାର ସନ୍ତରଣକାରୀ ପିଟର କୋଏଜେ ୫୭ ସେକେଣ୍ଡ ପୂର୍ବରୁ ପହଞ୍ଚି ହିଟରେ ପ୍ରଥମ ହୋଇ ଥିବା ବେଳେ ନଟରାଜଙ୍କୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସୂଚନା ଯୋଗ୍ୟ ଯେ ନଟରାଜଙ୍କର ଏହି ଇଭେଣ୍ଟରେ ବ୍ୟକ୍ତିଗତ ଶ୍ରେଷ୍ଠ ସମୟ ହେଲା ୨୪.୪୦ ସେକେଣ୍ଡ। ଏହି ସଫଳତା ସେ ଗତ ବର୍ଷ ୟୁନାଇଟେଡ ଆରବ



ଏମିରେଟ୍ସରେ ଅନୁଷ୍ଠିତ ୧୫ତମ ଫିନା ବିଶ୍ୱ ସନ୍ତରଣ ଚାମ୍ପିଅନଶିପରେ ହାସଲ କରି ଥିଲେ। ମାତ୍ର ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଏହି ଇଭେଣ୍ଟରେ ସେ ୨୫.୫୨ ସେକେଣ୍ଡ ସମୟ ନେଇ ନିଜର ପୂର୍ବ ରେକର୍ଡ ଅତିକ୍ରମ କରି ପାରିଲେ ନାହିଁ। ତଥାପି ସେମି ଫାଇନାଲରେ ପ୍ରବେଶ କରି ଥିବାରୁ ଖୁସି ଅନୁଭବ କରୁଛନ୍ତି। ସୂଚନା ଯୋଗ୍ୟ ଯେ ନଟରାଜ ମଧ୍ୟ ଏଡା ପୂର୍ବରୁ ପୁରୁଷ ୧୦୦ ମିଟର ବ୍ୟାକଷ୍ଟ୍ରୋକ୍ସ ଇଭେଣ୍ଟର ସେମିଫାଇନାଲ ପର୍ଯ୍ୟାୟରେ ପ୍ରବେଶ କରି ସାରିଛନ୍ତି। ନଟରାଜ ୫୦ ମିଟର ବ୍ୟାକଷ୍ଟ୍ରୋକ୍ସ ଇଭେଣ୍ଟ ହିଟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ ସହିତ ଦ୍ରୁତତମ ସନ୍ତରଣକାରୀ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଶିବ ଥାପା ଆଉଟ,ସେମିରେ ନିଖତ ଜାରୀନ

ବର୍ମିଂହାମ: ଭାରତୀୟ ଯୁବ ବକ୍ସର ଶିବ ଥାପା ପୁରୁଷ ୬୩.୫କେଜି କ୍ୟାଟେଗୋରୀର ରାଉଣ୍ଡ ୧୬ ଲଢ଼େଇରେ ପରାଜୟ ସ୍ୱିକାର କରି ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରୁ ବିଦାୟ ନେଇଛନ୍ତି। ରବିବାର ଅନୁଷ୍ଠିତ ଏହି ଲଢ଼େଇରେ ଶିବ ଥାପା ବିଶ୍ୱ ଚାମ୍ପିଅନଶିପ ବ୍ରୋଞ୍ଜ ପଦକ ବିଜେତା ସ୍କଟଲାଣ୍ଡର ରିସେ ଲିଞ୍ଚଙ୍କ ଠାରୁ ୧-୪ରେ ପରାଜୟ ସ୍ୱିକାର କରି ଅତି ଶୀଘ୍ର ବାଦ ପଡିଛନ୍ତି। ଶିବ ଥାପାଙ୍କ ଠାରୁ ଭାରତ ନିଶ୍ଚିତ ପଦକ ଆଶା ରଖିଥିବା ବେଳେ ସେ ନିରାଶ କରିଛନ୍ତି। ତେବେ ମହିଳା ବକ୍ସର ନିଖତ ଜାରୀନ ମହିଳା ୫୦ କେଜି ଲାଇଟୱେଟ ଶ୍ରେଣୀରେ ବିଜୟ ଜାରି ରଖି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଏହି ମୁକାବିଲାରେ ନିଖତ ଜାରିନ ମୋଜାମ୍ବିକର ହେଲେନା ଇସମେଲ ବାଗୋଙ୍କୁ ପରାସ୍ତ କରିଛନ୍ତି।


### ଫର୍ମ ଜି- ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ ପାଇଁ ଆହ୍ୱାନ

ରେଗୁଲେସନ ୩୬ ଏ (୧)ଅଧୀନରେ ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନସଲଭାନ୍ସି ରିଜୋଲ୍ୟୁସନ ପ୍ରେସେସ୍ ଫର କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬

### ରିଲେଭାଣ୍ଟ ବିବରଣୀ

| | | |
|---|---|---|
| ୧. | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ବିରଳା ଟାୟାର୍ସ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣଗ୍ରହୀତାଙ୍କ ଇନକର୍ପୋରେସନ ତାରିଖ | ୨୨.୧୧.୨୦୧୮ |
| ୩. | ଅଧିକାରୀ ଯାହା ଅଧୀନରେ କର୍ପୋରେଟ୍ ଋଣଗ୍ରହୀତା ଇନକର୍ପୋରେଟେଡ୍/ରେଜିଷ୍ଟର୍ଡ ହୋଇଛନ୍ତି | ଆରଓସି - କୋଲକତା |
| ୪. | କର୍ପୋରେଟ୍ ଋଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡିଣ୍ଟି ନଂ | ସିଆଇଏନ୍:ଏଲ୍୨୫୨୦୯ଡବ୍ଲ୍ୟୁବି୨୦୧୮ପିଏଲସି୨୨୮୯୧୫ |
| ୫. | କର୍ପୋରେଟ୍ ଋଣଗ୍ରହୀତାଙ୍କର ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ପ୍ରିନ୍ସିପାଲ ଅଫିସ(ଯଦି କିଛି ଥାଏ)ଠିକଣା | ପଞ୍ଜିକୃତ କାର୍ଯ୍ୟାଳୟ: ୯/୧,ଆର୍ଏନ୍ ମୁଖାର୍ଜୀ ରୋଡ୍, ୮ମ ମହଲା, ବିରଳା ବିଲ୍ଡିଂ, କୋଲକତା, ପଶ୍ଚିମବଙ୍ଗ-୭୦୦୦୦୧, ଭାରତ ଫ୍ୟାକ୍ଟ୍ରି ଠିକଣା: ସା/ପୋଷ୍ଟ-ଛନପୁର, ଭାୟା-କୁରୁଦା, ଜିଲ୍ଲା-ବାଲେଶ୍ୱର, ଓଡ଼ିଶା, ପିନ-୭୫୬୦୫୬ |
| ୬. | କର୍ପୋରେଟ୍ ଋଣଗ୍ରହୀତାଙ୍କର ଇନସଲଭାନ୍ସି କମେନ୍ସମେଣ୍ଟ ତାରିଖ | ୦୫/୦୫/୨୦୨୨ |
| ୭. | ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟର ଆହ୍ୱାନ ତାରିଖ | ୦୧/୦୮/୨୦୨୨ |
| ୮. | ଏଲିଜିବିଲିଟି ଫର୍ ରିଜୋଲେସନ୍ ଆପ୍ଲିକାଣ୍ଟସ୍ ଅଣ୍ଡର ସେକ୍ସନ ୨୫(୨)(ଏଚ୍) ଅଫ୍ ଦି କୋଡ ଉପଲବ୍ଧ ପାଇପାରିବେ | ଇମେଲ୍- wwwbiralatyres.com କିମ୍ବା ସବିଶେଷ ବିବରଣୀ biralatyres2022@gmail.com ରେ ଇମେଲ୍ କରି |
| ୯. | ନର୍ମ୍ସ ଅଫ୍ ଇନ୍ଏଲିଜିବିଲିଟି ଆପ୍ଲିକେବୁଲ ଅଣ୍ଡର ସେକ୍ସନ୍ ୨୯ ଏରେ ଉପଲବ୍ଧ | ଇମେଲ୍- wwwbiralatyres.com କିମ୍ବା ସବିଶେଷ ବିବରଣୀ biralatyres2022@gmail.comରେ ଉପଲବ୍ଧ |
| ୧୦. | ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟର ଗ୍ରହଣର ଶେଷ ତାରିଖ | ୧୬/୦୮/୨୦୨୨ |
| ୧୧. | ପ୍ରସପେକ୍ଟିଭ୍ ରିଜୋଲେସନ୍ର ପ୍ରୋଭିଜିନାଲ ଲିଷ୍ଟ ଇସ୍ୟୁ ତାରିଖ | ୨୬/୦୮/୨୦୨୨ |
| ୧୨. | ପ୍ରୋଭିଜିନାଲ ଲିଷ୍ଟକୁ ଅବଜେକସନ୍ର ଦାଖଲ ଶେଷ ତାରିଖ | ୩୧/୦୮/୨୦୨୨ |
| ୧୩. | ପ୍ରସପେକ୍ଟିଭ୍ ରିଜୋଲେସନ୍ ଆପ୍ଲିକାଣ୍ଟସ୍ର ଚୂଡାନ୍ତ ତାଲିକା ଇସ୍ୟୁ ତାରିଖ | ୦୭/୦୯/୨୦୨୨ |
| ୧୪. | ଇନ୍ଫରମେସନ୍ ମେମୋରଣ୍ଡମ୍, ଇଭାଲ୍ୟୁଏସନ୍ ମାଟ୍ରିକ୍ସ ଓ ରିଜ୍ୟୁଲେସନ୍ ପ୍ଲାନ୍ ଟୁ ପ୍ରସପେକ୍ଟିଭ ରିଜୁଲେସନ୍ ଆପ୍ଲିକାଣ୍ଟସ୍ ପାଇଁ ଅନୁରୋଧ ଇସ୍ୟୁ ତାରିଖ | ୩୧/୦୮/୨୦୨୨ |
| ୧୫. | ରିଜୋଲ୍ୟୁସନ୍ ପ୍ଲାନ, ଇଭାଲ୍ୟୁସନ୍ ମାଟ୍ରିକ୍ସ,ଇନ୍ଫରମେସନ୍ ମେମୋରଣ୍ଡମ ଓ ପରବର୍ତ୍ତୀ ସୂଚନା ପାଇଁ ଅନୁରୋଧ । | ଇମେଲ୍ ଜରିଆରେ ରିଜୋଲ୍ୟୁସନ୍ ପ୍ରଫେସନାଲ୍ ଡକ୍ୟୁମେଣ୍ଟସ ସେୟାର କରିପାରିବେ କିମ୍ବା କେୱାଇସି ଭେରିଫିକେସନ ପରେ ଭର୍ଚ୍ୟୁଆଲ୍ ଡାଟାରୁମ୍, ଏଲିଜିବିଲିଟି ଆଇବିସି ୨୦୧୬ର ଧାରା ୨୯(ଏ) ଅଧୀନରେ ଓ ପ୍ରିକ୍ୱାଲିଫକେସନ କ୍ରାଇଟେରିଆ ସିଓସି ସଦସ୍ୟଙ୍କ ଦ୍ୱାରା ମଞ୍ଜୁର |
| ୧୬. | ରିଜୋଲ୍ୟୁସନ୍ ପ୍ଲାନ୍ସର ଦାଖଲ ଶେଷ ତାରିଖ | ୦୧/୧୦/୨୦୨୨ |
| ୧୭. | ରିଜୋଲ୍ୟୁସନ୍ ପ୍ଲାନ୍ସ ଟୁ ରିଜୋଲ୍ୟୁସନ୍ ପ୍ରଫେସନାଲ ଦାଖଲର ମ୍ୟାନର | ଇଲେକଟ୍ରୋନିକ ମୋଡ଼ରେ :biralatyres2022@gmail.com ହାର୍ଡକପି ପ୍ରଦତ୍ତ ଠିକଣାରେ ପଠାଇ ପାରିବେ:ck-104, sector-2, Salt lake city, Kolkata-700109 |
| ୧୮. | ଆଡ୍ଜୁଡିକେଟିଂ ଅଥରିଟିକୁ ରିଜୋଲ୍ୟୁସନ୍ ପ୍ଲାନ୍ ଆପ୍ରୋଭାଲ ପାଇଁ ଦାଖଲ ସକାଶେ ଏଷ୍ଟିମେଟେଡ ତାରିଖ | ୦୧/୧୧/୨୦୨୨ (ସିଆଇଆର୍ପି ୧୮୦ ଦିନ ପିରିୟଡ ୧ ନଭେମ୍ବର ୨୦୨୨ ଦିନ ଶେଷ ହେବ ଓ ସମ୍ମାନୀୟ ଏନ୍ସିଏଲ୍ଟିଙ୍କ ଠାରୁ ସମ୍ପ୍ରସାରଣ ପାଇଁ ଅନୁମତି ମାଗିପାରିବେ |
| ୧୯. | ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କର ରେଜିଷ୍ଟ୍ରେସନ୍ ନମ୍ବର ଓ ନାମ | ଶେଖ୍ ଅବଦୁଲ ସଲାମ ପଞ୍ଜୀକୃତି ନଂ-ଆଇବିବିଆଇ/ଆଇପିଏ-୦୦୩/ଆଇପି-ଏନ୍ ୦୦୨୫୦/ ୨୦୧୯-୨୦୨୦/୧୨୯୬୬ |
| ୨୦. | ବୋର୍ଡ ସହିତ ପଞ୍ଜିକୃତ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କର ନାମ, ଠିକଣା ଓ ଇମେଲ | ଶେଖ୍ ଅବଦୁଲ ସଲାମ, ଠିକଣା-୬୪ଜେ,ଲିଣ୍ଟନ ଷ୍ଟ୍ରିଟ୍,ଇଣ୍ଟାଲି, ବେନିଆପୁକୁର, କୋଲକାତା-୭୦୦୦୧୪, ଇମେଲ : biralatyres2022@gmail.com |
| ୨୧. | ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ସହିତ ଯୋଗାଯୋଗ କରିବା | ଠିକଣା-୬୪ଜେ,ଲିଣ୍ଟନ ଷ୍ଟ୍ରିଟ୍,ଇଣ୍ଟାଲି, ବେନିଆପୁକୁର, କୋଲକାତା-୭୦୦୦୧୪, ଇମେଲ : biralatyres2022@gmail.com |
| ୨୨. | ପରବର୍ତ୍ତୀ ସବିଶେଷ ବିବରଣୀ ଉପଲବ୍ଧ କିମ୍ବା ଯୋଗାଯୋଗ ସହିତ | ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଇମେଲ- biralatyres2022@gmail.comରେ ପାଇପାରିବେ। |
| ୨୩. | ଫର୍ମ ଜି ପବ୍ଲିକେସନ୍ର ତାରିଖ | ୦୧/୦୮/୨୦୨୨ |

କର୍ପୋରେଟ ପର୍ସନ୍ସ ପାଇଁ ଇନ୍ସଲଭେନ୍ସି ଓ ବ୍ୟାଙ୍କ୍ରପ୍ସି (ଇନ୍ସଲଭେନ୍ସି ରିଜୋଲ୍ୟୁସେନର ପ୍ରୋସେସ୍ ୩୬ଏ (୧) ରେଗୁଲେସନ ୨୦୧୬ ଅଧୀନରେ

ତାରିଖ : ୦୧.୦୮.୨୦୨୨
ସ୍ଥାନ : କୋଲକାତା

ଶେଖ୍ ଅବଦୁଲ ସଲାମ,
ବିରଳା ଟାୟାର୍ସ ଲିମିଟେଡ୍ ପାଇଁ ରିଜୋଲ୍ୟୁସନ ପ୍ରଫେସନାଲ୍
ରିଜୋଲ୍ୟୁସନ ପ୍ରଫେସନାଲଙ୍କ ପଞ୍ଜୀକୃତ ନଂ ଆଇବିବିଆଇ ରେଜିଷ୍ଟରଡ ନମ୍ବର/ଆଇପିଏ-୦୦୩/ଆଇପି-ନଂ ୨୨୫୦/୨୦୧୯-୨୦୨୦/୧୨୯୬୬
ଠିକଣା-୬୪ଜେ,ଲିଣ୍ଟନ ଷ୍ଟ୍ରିଟ୍,ଇଣ୍ଟାଲି, ବେନିଆପୁକୁର, କୋଲକାତା


# ରାଜ୍ୟଗୋଷ୍ଠୀ ହକି : ଘାନାକୁ ୧୧-୦ଗୋଲରେ ପରାସ୍ତ କଲା ଭାରତ

ବର୍ମିଂହାମ: ଭାରତୀୟ ପୁରୁଷ ହକି ଦଳ ବିଜୟରୁ ଆରମ୍ଭ କରିଛନ୍ତି ରାଜ୍ୟଗୋଷ୍ଠୀ କ୍ରୀଡା ଅଭିଯାନ। ରବିବାର ଅନୁଷ୍ଠିତ ପୁଲ ବି' ପ୍ରଥମ ମ୍ୟାଚରେ ଭାରତ ୧୧-୦ ଗୋଲରେ ଘାନାକୁ ପରାସ୍ତ କରିଛି ଭାରତ। ଭାରତୀୟ ଦଳ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ଜାରି ରଖି ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ୫ ଗୋଲ ଦେଇ ଥିବା ବେଳେ ପରବର୍ତ୍ତୀ ସମୟରେ ଆହୁରି ୬ ଗୋଲ ସ୍କୋର କରିଥିଲା। ଭାରତ ଏହି ମ୍ୟାଚରେ ୧୩ ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇଥିବା ବେଳେ ଏଥିରୁ ୬ ଗୋଲ ସ୍କୋର କରି ଥିଲା। ଭାରତ ପକ୍ଷରୁ ହରମନପ୍ରୀତ ୩ ,ଯୁଗରାଜ ସିଂ ୨ ଗୋଲ ସ୍କୋର କରି ଥିବା ବେଳେ ଅଭିଶେକ ,ଶାମସେର ସିଂ, ଆକାଶଦିପ ସିଂ,ନୀଳକଣ୍ଠ ଶର୍ମା,ବରୁଣ କୁମାର ଓ ମନଦୀପ ସିଂ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଥିଲେ।

# ବିନ୍ଦ୍ୟାରାଣୀ ଦେବୀଙ୍କୁ ରୌପ୍ୟ ପଦକ



ବର୍ମିଂହାମ: ଭାରତୀୟ ମହିଳା ୱେଟଲିଫ୍ଟର ବିନ୍ଦ୍ୟାରାଣୀ ଦେବୀ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡା ମହିଳା ୫୫ କେଜି କ୍ୟାଟେଗୋରୀରେ ଭାରତ ପାଇଁ ଜିତିଛନ୍ତି ଆଉ ଏକ ରୌପ୍ୟ ପଦକ। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଦ୍ୟାରାଣୀ ତୃତୀୟ ଉଦ୍ୟମରେ ସ୍ନାଚରେ ୮୬ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୬ କେଜି ଓଜନ ଉତ୍ତୋଳନ କରି ଥିଲେ। ତେବେ ମୋଟ ୨୦୨ କେଜି ଉତ୍ତୋଳନ କରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇ ଥିବା ବେଳେ ନାଇଜେରିଆର ଆଦିଜାତ ଅଦେନିକେ ମୋଟ ୨୦୩ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଦ୍ୟାରାଣୀ କେବଳ ୧ କେଜି ପଛରେ ପଡି ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇ ଥିଲେ ହେଁ ଏଥିପାଇଁ କୌଣସି ଦୁଃଖ ପ୍ରକାଶ କରି ନାହାନ୍ତି। ବରଂ ଏହି ସଫଳତାରେ ଖୁସି ହୋଇ ବିଦ୍ୟାରାଣୀ କହିଛନ୍ତି ଯେ ଏହା ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ସଫଳତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସଫଳତା ପାଇଁ ବିଦ୍ୟାରାଣୀ ଦେବୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଏହି ସଫଳତା ଦେଶର ମହିଳା କ୍ରୀଡାବିତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

# ମହିଳା କ୍ରିକେଟ: ଭାରତର ସହଜ ବିଜୟ

ବର୍ମିଂହାମ: ଭାରତୀୟ ମହିଳା କ୍ରିକେଟ ଦଳ ରବିବାର ଅନୁଷ୍ଠିତ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାର କ୍ରିକେଟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮ ୱିକେଟରେ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ବର୍ଷା ଯୋଗୁଁ ୨୦ ଓଭର ବିଶିଷ୍ଟ ମ୍ୟାଚ ୧୮ ଓଭରକୁ ହ୍ରାସ କରା ଯାଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୯୯ ରନ କରି ଅଲଆଉଟ ହୋଇ ଯାଇଥିଲା। ପାକିସ୍ତାନୀ ଓପନର ମୁନିବା ଅଲି ଦଳ ପକ୍ଷରୁ ସର୍ବାଧିକ ୩୦ ବଲରୁ ୩୨ ରନ କରି ଥିବା ବେଳେ ଭାରତ ପକ୍ଷରୁ ସଫଳ ବୋଲର ଭାବେ ସ୍ନେହ ରାଣା ,ରାଧା ଯାଦବ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରି ଥିବା ବେଳେ ରେଣୁକା ସିଂ, ମେଘନା ସିଂ ଓ ଶେଫାଳୀ ବର୍ମା ଗୋଟିଏଲେଖାଏଁ ୱିକେଟ ଅକ୍ତିଆର କରି ଥିଲେ। ପଛରେ ବ୍ୟାଟିଂ କରି ଭାରତ ସ୍ମୃତି ମାନ୍ଧାନାଙ୍କ ୪୨ ବଲରୁ ଅପରାଜିତ ୬୩ ରନ ବଳରେ ୧୧.୪ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇ ଥିଲା। ସୂଚନା ଯୋଗ୍ୟ ଯେ ପ୍ରଥମ ମ୍ୟାଚରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ଥିଲେ ହେଁ ଅଷ୍ଟ୍ରେଲିଆ ନିକଟରୁ ୩ ୱିକେଟରେ ପରାଜୟ ସ୍ୱିକାର କରିଥିଲା।

## ପାକିସ୍ତାନ ୯୯ ରନରେ ଅଲଆଉଟ



# ବ୍ୟାଡମିଣ୍ଟନ : ଅଷ୍ଟ୍ରେଲିଆକୁ ହରାଇ କ୍ୱାର୍ଟରଫାଇନାଲରେ ଭାରତ

ବର୍ମିଂହାମ: ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରି ଭାରତ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାର ବ୍ୟାଡମିଣ୍ଟନ ମିକ୍ସଡ ଟିମ ଇଭେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରାକ କ୍ୱାର୍ଟରଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରିଛି ଭାରତ। ଭାରତର ଷ୍ଟାର ଖେଳାଳି କିଦାମ୍ବି ଶ୍ରୀକାନ୍ତ ପ୍ରଥମ ସିଙ୍ଗଲ୍ସ ମ୍ୟାଚରେ ଅଷ୍ଟ୍ରେଲିଆର ଯିଙ୍ଗ ସିଆଙ୍ଗ ଲିନଙ୍କୁ ୨୧-୧୪, ୨୧-୧୩ରେ ହରାଇବା ପରେ ଭାରତ ୧-୦ରେ ଅଗ୍ରଣୀ ହୋଇ ଥିଲା। ପରବର୍ତ୍ତୀ ସମୟରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ମ୍ୟାଚରେ ଡବଲ ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ଅଷ୍ଟ୍ରେଲିଆ ଖେଳାଳି ୱେଣ୍ଡି ଚେନଙ୍କ ବିପକ୍ଷରେ ୨୧-୧୦,୨୧-୧୨ରେ ବିଜୟୀ ହୋଇ ଥିଲେ। ତୃତୀୟ ମ୍ୟାଚରେ ଭାରତୀୟ ଯୋଡି ସୁମିତ ରେଡ୍ଡୀ ଓ ଚିରାଗ ଶେଟ୍ଟୀ ଅଷ୍ଟ୍ରେଲୀୟ ଯୋଡି ଜ୍ୟାକ ୟୁ ଓ ଟ୍ରାନ



ହୋଙ୍ଗ ଫାମଙ୍କୁ ୨୧-୧୬,୨୧-୧୯ରେ ପରାସ୍ତ କରି ଥିଲେ। ତେବେ ଚତୁର୍ଥ ମ୍ୟାଚରେ ଭାରତୀୟ ଯୋଡି ତ୍ରିଷା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୧୩-୨୧, ୧୯-୨୧ରେ ଅଷ୍ଟ୍ରେଲୀୟ ଯୋଡି ହୁଆନ ୟୁ ୱେଣ୍ଡି ଚେନ ଓ ଗ୍ରୋନିୟା ସୋମେରଭିଲେଙ୍କ ଠାରୁ ହାରି ଯାଇ ଥିବା ବେଳେ ପଞ୍ଚମ ମ୍ୟାଚରେ ଭାରତୀୟ ଯୋଡି ସୁମିତ ରେଡ୍ଡୀ ଓ ଅଶ୍ୱିନି ପୁନ୍ନାପା ଅଷ୍ଟ୍ରେଲୀୟ ଯୋଡି ଯିଙ୍ଗ ସିଆଙ୍ଗଲିନ-ଗ୍ରୋନିୟା ସୋମେରଭିଲେଙ୍କୁ ୨୧-୧୪,୨୧-୧୧ରେ ହରାଇବା ପରେ ଭାରତ ୪-୧ରେ ବିଜୟ ଲାଭ କରିଥିଲା।


### ଆଇଡିଏଫ୍ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍

IDFC FIRST Bank

(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

### ଆପେଣ୍ଡିକ୍ସ ୫ (ରୁଲ୍ ୮(୧)
### ପଜେସନ ନୋଟିସ
### (ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ କନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୨୦.୦୪.୨୦୨୧**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ଶ୍ରୀ ଭଗବାନ ଡାକୁଆ,୨. ସତ୍ୟଭାମା ଡାକୁଆ** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୧୧,୧୦,୯୪୧.୮୪** (ଏକାର ଲକ୍ଷ ଦଶ ହଜାର ନଅଶହ ଏକଚାଳିଶି ଟଙ୍କା ଓ ଚୌରାଅଶୀ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୧୨.୦୪.୨୦୨୧** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୮ ଜୁଲାଇ ୨୦୨୨** ବର୍ଷରେ ପଜେସନ୍କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୧୧,୧୦,୯୪୧.୮୪** (ଏକାର ଲକ୍ଷ ଦଶ ହଜାର ନଅଶହ ଏକଚାଳିଶି ଟଙ୍କା ଓ ଚୌରାଅଶୀ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ।**

**ସ୍ଥାବର ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷ ଅବସ୍ଥିତ ସା ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ତହସିଲ -ଭୁବନେଶ୍ୱର, ନଂ-୨୩୦, ଥାନା-ଭୁବନେଶ୍ୱର, ନଂ-୭୩, ମୌଜା-ମହାଭୋଇ ଶାସନ ଅଧୀନରେ ହାଲ୍ ଖାତା ନଂ - ୬୪/୫୨୬, ଚକ ନଂ-୯/୧୨, ହାଲ୍ ପ୍ଲଟ୍ ନଂ. ୧୩/୭୧୬, ଏରିଆ ଏକର. ୦.୦୩୮ ଡିସିମିଲ୍, ଖାତା ନଂ-୬୪/୯, ପ୍ଲଟ୍ ନଂ-୧୩କୁ କରେସପଣ୍ଡସ, ପରବର୍ତ୍ତୀ ସମୟରେ ଶାବକ ଖାତା ନଂ-୬୩, ଚକ ନଂ-୯, ଶାବକ ପ୍ଲଟ୍ ନଂ-୧୩କୁ କରେସପଣ୍ଡସ, ଏରିଆ ଏକର ୦.୦୫୭ ଡିସିମିଲ୍ ଆଉଟ୍ ଅଫ୍ ଏକର ୬.୮୭୫ ଡିସିମିଲ୍ ଓ ଚତୁଃପାର୍ଶ୍ୱରେ : ଉତ୍ତରରେ : ପ୍ଲଟ୍ ନଂ-୧୪ ଦକ୍ଷିଣରେ : ସଡ଼କ ପୂର୍ବରେ : ସେଲେର ପଶ୍ଚିମରେ : ଶର୍ମିଳା ପାତ୍ର

ତାରିଖ : ୨୮.୦୭.୨୦୨୨
ସ୍ଥାନ : ଭୁବନେଶ୍ୱର
ଋଣ ଆକାଉଣ୍ଟ ନଂ - ୧୫୨୦୪୩୪୬

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



ଆପଣଙ୍କ ଘରର ରୋଷେଇ ଘରେ ହଳଦୀ ନିଶ୍ଚିତ ଭାବରେ ବ୍ୟବହୃତ ହେଉଥିବ। ହଳଦୀ କେବଳ ପରିପରିବାର ରଙ୍ଗ ବଦଳାଇ ନଥାଏ, ବରଂ ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ମଧ୍ୟ ରକ୍ଷା ମିଳିଥାଏ। କିନ୍ତୁ ଆପଣ ଜାଣନ୍ତି କି ଘରେ ହଳଦୀ ଗଛ ଲଗାଇବା ଶୁଭ ଅତ୍ୟନ୍ତ ଶୁଭ ହୋଇଥାଏ। ହଳଦୀ ପୂଜା ସାମଗ୍ରୀର ଏକ ଜରୁରୀ ଜିନିଷ। କୌଣସି କାମ ଆରମ୍ଭ କରିବା ପୂର୍ବରୁ ହଳଦୀ ବ୍ୟବହାର କରାଯାଏ। ତେବେ ଚାଲନ୍ତୁ ଜାଣିବା ହଳଦୀ ଗଛ ଲଗାଇବାର ସଠିକ୍ ଦିଗ ଏବଂ ଉପାୟ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ହଳଦୀ ଗଛ ଲଗାଇବା ବହୁତ ଶୁଭ ବୋଲି ବିବେଚନା କରାଯାଏ। ଏହାକୁ ଘରେ ଲଗାଇବା ଦ୍ୱାରା ସମୃଦ୍ଧି ବଢ଼ାଇଥାଏ ଏବଂ ଆର୍ଥିକ ସଙ୍କଟ ଦୂର ହୋଇଥାଏ। ଏଥି ସହିତ ଏହି ଉଭିଦକୁ ଘରେ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କ ସମ୍ପର୍କ ମଧ୍ୟ ମଜବୁତ ହୋଇଥାଏ। କିନ୍ତୁ ହଳଦୀ ଉଭିଦରୁ ଲାଭ ପାଇବାକୁ ହେଲେ ଏହାକୁ ସଠିକ୍ ଦିଗରେ ଲଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ହଳଦୀ ଗଛକୁ ସର୍ବଦା ଆଗ୍ନେୟ କୋଣରେ ଲଗାଯିବା ଉଚିତ୍। ଯଦି ଏହି ଦିଗରେ ହଳଦୀ ଗଛ ଲଗାଯାଏ, ସେଥିରୁ ସକାରାତ୍ମକ ଶକ୍ତି ପ୍ରବାହିତ ହୁଏ। ଏହା ସହିତ, ସମସ୍ତ ବାସ୍ତୁ ତ୍ରୁଟି ମଧ୍ୟ ଏଥିରୁ ଦୂର ହୋଇଥାଏ। ଯଦି ଆପଣ ଚାହାଁନ୍ତି ଘରେ ସୁଖ-ଶାନ୍ତି ରହିବା ଉଚିତ୍, ତେବେ ପଶ୍ଚିମ-ଉତ୍ତର ଦିଗରେ ହଳଦୀ ଗଛ ଲଗାନ୍ତୁ। ଏହା ବ୍ୟତୀତ ପୂର୍ବ କିମ୍ବା ଉତ୍ତର ଦିଗରେ ହଳଦୀ ଗଛ ଲଗାଇବା ମଧ୍ୟ ଶୁଭ ବୋଲି ବିବେଚନା କରାଯାଏ। ଏହି ଦିଗରେ ଲଗାଇବା ଦ୍ୱାରା ଧନ ଆସିଥାଏ।



## 'ନିଶ କାଟିବିନି'

କିଶୋର ଅବସ୍ଥାରେ ପୁଅମାନଙ୍କ ନିଶ-ଦାଢ଼ି ଉଠିବା ଏକ ସାଧାରଣ କଥା। ମାତ୍ର ଆପଣ କେବେ କେଉଁ ଝିଅର ନିଶ ଉଠିବାର ଦେଖିଛନ୍ତି? ଆଜ୍ଞା ହଁ, ଶରୀରରେ ହରମୋନ ପ୍ରଭାବରୁ କେବେ କେବେ ଝିଅମାନଙ୍କର ବି ନିଶ-ଦାଢ଼ି ଉଠିଥିବା ଦେଖିବାକୁ ମିଳିଥାଏ। ହରମୋନ ବିଗିଡ଼ିବା କାରଣରୁ ମୁହଁରେ ଯଦି ନିଶ-ଦାଢ଼ି ଉଠେ ତେବେ ଭାବିଲେ ଜଣେ ମହିଳାଙ୍କ ମୁହଁ କିପରି ଦିଶି। ସେପରି କିଛି ମହିଳା ଅଛନ୍ତି ଯେଉଁମାନଙ୍କର ନିଶ-ଦାଢ଼ି ଉଠିଥାଏ। ମାତ୍ର ସେମାନେ ତାହାକୁ କାଟିକି ସଫା କରି ଦେଇଥାନ୍ତି। ମାତ୍ର ଆମ ଦେଶରେ ଏମିତି ଜଣେ ମହିଳା ଅଛନ୍ତି ଯିଏକି ନିଜ ନିଶକୁ ନକାଟି ସେପରି ଅଛି ସେପରି ରହିବାକୁ ଦେଇଛନ୍ତି। ତାଙ୍କୁ ତାଙ୍କ ନିଶ ଖୁବ୍ ପସନ୍ଦ। ଅନେକ ଥର ଲୋକ ତାଙ୍କୁ ତାଙ୍କର ନିଶ ପାଇଁ ଖୁବ୍ ଥଟ୍ଟା କରିଛନ୍ତି। ମାତ୍ର ତା ସତ୍ତ୍ୱେ ବି ସେ ତାଙ୍କ ନିଶ ନକାଟି ସେପରି ରଖିଛନ୍ତି। ନିଶ ରଖିଥିବା ଏହି ମହିଳାଙ୍କ ନାମ ସାଇଜା। ସେ କେରଳର କୁନ୍ନୁର ଜିଲ୍ଲାର। ୩୫ ବର୍ଷୀୟା ଏହି ମହିଳା ଜଣକ ଲୋକଙ୍କ ପରିହାସର ପାତ୍ରୀ ବନିବା ପରେ ବି ସେ ଶେଷରେ ନିଷ୍ପତ୍ତି ନେଲେ ଯେ ଇଶ୍ୱର ତାଙ୍କୁ ଯାହା ଦେଇଛନ୍ତି ସେ ତାକୁ ନେଇ ଲଜ୍ଜା ଅନୁଭବ ନକରି ତାହା ସହ ନିଜର ପରିଚୟ ଗଢ଼ିବେ। ସେ ଆଇବ୍ରୋ ଥ୍ରେଡିଂ କରିଥାନ୍ତି। ମାତ୍ର କେବେ ବି ତାଙ୍କ ନିଶ ଥ୍ରେଡିଂ କରିବାକୁ ଉଚିତ ମଣିନାହାନ୍ତି। ତାଙ୍କର ଗତ ୫ ବର୍ଷ ହେବ ଏହି ନିଶ ଉଠିବା ଆରମ୍ଭ ହୋଇଛି।

## ବୁଲା କୁକୁର ପ୍ରେମୀ ୯୦ ବର୍ଷୀୟା କନକ

ବହୁ ଲୋକ ଅଛନ୍ତି ଯେଉଁମାନେ ବୁଲା କୁକୁରଙ୍କୁ ଖାଦ୍ୟ ଦେଇଥାନ୍ତି। ଗରମ ଦିନରେ ପାଣି ପିଆଇ ଥାନ୍ତି। ଏମିତି ଜଣେ ବୟସ୍କା ମହିଳା ହେଲେ ୯୦ ବର୍ଷୀୟା କନକ। ସେ ଏହି ପରିଣତି ବୟସରେ ବି ଆଜି ଖୁବ୍ ତତ୍ପର। ପ୍ରତିଦିନ ସକାଳ ସାଢ଼େ ୪ଟାରେ ଶଯ୍ୟା ତ୍ୟାଗ କରି ବୁଲା କୁକୁରଙ୍କର ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ସେ ପ୍ରତିଦିନ ୧୨୦ ବୁଲା କୁକୁରଙ୍କ ପାଇଁ ଖାଦ୍ୟ ତିଆରି କରନ୍ତି। କହି ରଖୁଛୁ କି କନକ ପ୍ରତିଦିନ ନିଜେ ରୋଷେଇ କରି ବୁଲା କୁକରଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ସେ ନିତି ନୂଆ ନୂଆ ପ୍ରକାର ଖାଦ୍ୟ କୁକୁରଙ୍କ ପାଇଁ ରୋଷେଇ କରିଥାନ୍ତି। ସେ ଏହା ଏଥିପାଇଁ କରିଥାନ୍ତି କି , ଯେମିତି କୁକୁରମାନେ ପ୍ରତିଦିନ ଗୋଟିଏ ପ୍ରକାରର ଖାଦ୍ୟ ଖାଇ ବୋର ହୋଇ ନଯାଆନ୍ତୁ। ଏହି ବୟସ୍କା ମହିଳାଙ୍କର ଏକ ଭିଡ଼ିଓ ତାଙ୍କର ନାତୁଣୀ ସାନା ସେୟାର କରିଛନ୍ତି। ସେ କହୁଛନ୍ତି କି ତାଙ୍କ ଜେଜେ ମାଆଙ୍କର ଅନେକ ଗୁରୁତର ଅପରେସନ ହୋଇ ସାରିଛି। ସେ ଅନେକ ଥର ବେଡରେଷ୍ଟରେ ରହିସାରିଛନ୍ତି, ହେଲେ ସେ ନିଜର ଓ ନିଜର ଏହି ପ୍ରିୟ କୁକୁରଙ୍କ ମଧ୍ୟରେ କୌଣସି ପ୍ରକାରର ମୁସ୍କିଲ ସ୍ଥିତିକୁ ଆସିବାକୁ ଦେଇ ନାହାନ୍ତି। ସେ ଆଜି ବି ପ୍ରତିଦିନ ସାଢ଼େ ୪ଟାରେ ଶଯ୍ୟା ତ୍ୟାଗ କରନ୍ତି ଏବଂ ଏହି ଜୀବଙ୍କ ପାଇଁ ଖାଦ୍ୟ ତିଆରି କରୁଛନ୍ତି। ନାତୁଣୀ ସାନା ଲେଖିଛନ୍ତି, ସବୁ କୁକୁରଙ୍କୁ ଖୁଆଇବା ପରେ ଯେବେ ମୁଁ ଫେରେ ଜେଜେ ମାଆ ପଚାରନ୍ତି, ଆଜି ସମସ୍ତେ ଭଲରେ ଖାଇଲେ ? ସମସ୍ତଙ୍କୁ ପସନ୍ଦ ଆସିଲା ? ମୁଁ ତାଙ୍କୁ ଏହି ଭିଡ଼ିଓ ଦେଖାଏ। ତାଙ୍କର ମୁହଁରେ ହସ ଦେଖିବାକୁ ମିଳେ।



## ଉଚ୍ଚତା କମ୍ ଯୋଗୁ ମିଳୁନି ଚାକିରି

ଚାକିରି ନ ପାଇ ଜଣେ ୨୭ ବର୍ଷ ବୟସ୍କ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟକ୍ତିଜଣକ ଦାବି କରିଛନ୍ତି ଯେ,୨୭ ବର୍ଷ ବୟସରେ ମଧ୍ୟ ସେ ପିଲା ପରି ଦେଖାଯାଉଥିବାରୁ ଲୋକମାନେ ତାଙ୍କୁ କାମ ଦେଉନାହାନ୍ତି। କେବଳ ଚେହେରା ଯୋଗୁଁ ତାଙ୍କୁ ଚାକିରି ମିଳୁନଥିବାରୁ ନିଯୁକ୍ତିଦାତାଙ୍କୁ ସମାଲୋଚନା କରିଛନ୍ତି। ଚୀନର ଗୁଆଙ୍ଗଡଙ୍ଗ୍ ଅଞ୍ଚଳରେ ମାଓ ଶେଙ୍ଗ ଚୀନ୍ ରହିଥାନ୍ତି। ତାଙ୍କ କହିବା କଥା, ୨୭ ବର୍ଷ ବୟସରେ ମଧ୍ୟ ତାଙ୍କୁ କେହି କାମ ଦେଉନାହାନ୍ତି। ଲୋକମାନେ ମାଓ ଶେଙ୍ଗ ଚୀନଙ୍କୁ ଛୋଟ ପିଲା ଭାବି ଅଣଦେଖା କରୁଛନ୍ତି। ଲୋକମାନେ ଭାବନ୍ତି ଯେ, ମାଓ ଶେଙ୍ଗଙ୍କୁ ନିଯୁକ୍ତି ଦେଇ ସେମାନେ ଶିଶୁ ଶ୍ରମିକ ମାମଲାରେ ଧରାପଡ଼ିପାରିବେ। ଏକ ଭିଡିଓରେ ମାଓ କହିଛନ୍ତି ଯେ, ସ୍ୱଳ୍ପ ସ୍ଥିତି ଏବଂ ପିଲା ପରି ଦେଖାଯିବା ତାଙ୍କ ଜୀବନରେ ଏକ ଗୁରୁତର ସମସ୍ୟା ବୋଲି ପ୍ରମାଣ କରୁଛି । 'ଡେଲି ଷ୍ଟାର' ଅନୁଯାୟୀ, ମାଓ ଶେଙ୍ଗ ଦୀର୍ଘ ଦିନ ଧରି ନିଜ ପାଇଁ ଚାକିରି ଖୋଜୁଥିଲେ। ଯେତେବେଳେ ବି ସେ କୌଣସି ସ୍ଥାନକୁ ଚାକିରି ପାଇଁ ଯାଇଛନ୍ତି, ତାଙ୍କୁ ସେହି ସ୍ଥାନରୁ ଫେରେଇ ଦିଆଯାଇଛି। ମାଓ ତାଙ୍କ ସମସ୍ୟାକୁ ଲୋକଙ୍କ ସହ ବାଣ୍ଟିବା ମାତ୍ରେ ଏହା ତୁରନ୍ତ ଭାଇରାଲ୍ ହେବାରେ ଲାଗିଲା। ସୋସିଆଲ ମିଡ଼ିଆରେ ମାଓ ଶେଙ୍ଗଙ୍କ ଭିଡିଓ ଦେଖି ଲୋକମାନେ ବୁଝିପାରିଲେ ଯେ, ତାଙ୍କୁ ଚାକିରି ଦେବାରେ ଏପରି ଭୁଲ ବୁଝାମଣା କାହିଁକି ହେଉଛି। ଚାକିରି ନ ପାଇ ନିରାଶ ହୋଇ ମାଓ କହିଛନ୍ତି ଯେ, ସେ ତାଙ୍କ ପିତାଙ୍କୁ ଆର୍ଥିକ ସହାୟତା କରିପାରୁନାହାନ୍ତି। ସୂଚନା ଅନୁଯାୟୀ, ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ ହେବା ପରେ ମାଓଙ୍କୁ ଅନେକ ଚାକିରି ଅଫର ମିଳିଥିଲା। ଅନ୍ୟ ଏକ ଭିଡିଓ ଅନୁଯାୟୀ, ମାଓ ଏକ କମ୍ପାନୀରେ ଚାକିରି କରିବାକୁ ରାଜି ହୋଇଛନ୍ତି।





## ପୁରୁଣା ଘରେ ରହିଛି ମୋର ସ୍ମୃତି

ସାଉଥ ଇଣ୍ଡଷ୍ଟ୍ରିର ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ସାମନ୍ଥା। ସୋସିଆଲ ମିଡିଆ ଷ୍ଟାରଡମ୍ ହେଉ କିମ୍ବା ଦମଦାର ଅଭିନୟର ଦକ୍ଷତା, ସାମନ୍ଥା ତାଙ୍କର ଚମତ୍କାରତାକୁ ସବୁଆଡେ ବିସ୍ତାର କରିଛନ୍ତି। ସେ ପ୍ରାୟତଃ ତାଙ୍କ ପର୍ସନାଲ ଏବଂ ପ୍ରଫେସନାଲ୍ ଲାଇଫକୁ ନେଇ ଚର୍ଚ୍ଚାରେ ରୁହନ୍ତି। ବର୍ତ୍ତମାନ ସେ ତାଙ୍କର ନୂଆ ଘର କିଣିବାକୁ ନେଇ ଆଲୋଚନାରେ ରହିଛନ୍ତି। ଏହି ଘର ସାମନ୍ଥାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ଏକ ବିଶେଷ କାରଣ ପାଇଁ ଫ୍ୟାନ୍ସ ତାଙ୍କୁ ବହୁତ ପ୍ରଶଂସା କରୁଛନ୍ତି। ଖବର ଅନୁଯାୟୀ, ସାମନ୍ଥା ହାଇଦ୍ରାବାଦରେ ଏକ ନୂଆ ଘର କିଣିଛନ୍ତି, ଯାହା ତାଙ୍କ ପାଇଁ ଏକ ପୁରୁଣା ଘର। କାରଣ ହାଇଦ୍ରାବାଦରେ ଯେଉଁ ବିଲଡିଂରେ ସାମନ୍ଥା ତାଙ୍କ ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କ ସହ ରହୁଥିଲେ ସେହି ଘରକୁ ପୁଣିଥରେ ସେ ଅଧିକ ମୂଲ୍ୟରେ କିଣିଛନ୍ତି। ଏହି ଘର ଦୁହିଁଙ୍କ ଅଲଗା ହେବା ପରେ ବିକ୍ରି ହୋଇଥିଲା, ଏହା ପରେ ଅଭିନେତ୍ରୀ ମାଲିକମାନଙ୍କ ସହ କଥାବାର୍ତ୍ତା କରି ପୁନର୍ବାର ତାହାକୁ କିଣିଛନ୍ତି ଏବଂ ସେ ତାଙ୍କ ମାଙ୍କ ସହ ସେଠାରେ ରହୁଛନ୍ତି। ସାମନ୍ଥାଙ୍କ ଏହି ନିଷ୍ପତ୍ତିକୁ ଫ୍ୟାନ୍ସ ବହୁତ ପ୍ରଶଂସା କରୁଛନ୍ତି। ସୋସିଆଲ ମିଡିଆରେ ଅଭିନେତ୍ରୀ ପାଇଁ ଏହିପରି ଅନେକ ପୋଷ୍ଟ ଦେଖିବାକୁ ମିଳୁଛି, ଯେଉଁଠାରେ ଫ୍ୟାନ୍ସ ତାଙ୍କୁ ଆତ୍ମନିର୍ଭରଶୀଳ ତଥା ସ୍ୱାଧୀନ ମହିଳା କହୁଛନ୍ତି। ସାମନ୍ଥା ଲଗାତାର ୩ ଥର ପାନ ଇଣ୍ଡିଆ ରିସର୍ଚ୍ଚରେ ମୋଷ୍ଟ ପପୁଲାର୍ ଫିମେଲ ଷ୍ଟାର ଭାବରେ ଟପ୍ ପୋଜିସନ୍ ହାସଲ କରିଛନ୍ତି ଏବଂ ସେ ତାଙ୍କ ଦକ୍ଷତା ଏବଂ ପରିଶ୍ରମ ଆଧାରରେ ଏହା କରିଛନ୍ତି।

## ସମୁଦ୍ର ତଳେ ବିଳାସପୂର୍ଣ୍ଣ ସହରର ପରିକଳ୍ପନା

ସମୁଦ୍ର ଭିତରେ ସହର। ଯେଉଁଠି ରହିବ ସବୁ ସୁବିଧା। ସୂର୍ଯ୍ୟକିରଣ, ଅମ୍ଳଜାନ, ଭିଟାମିନ୍, ଖଣିଜପଦାର୍ଥର ବି ଅଭାବ ରହିବ ନାହିଁ। କୌଣସି ଜିନିଷ ଉପରେ ପୃଥିବୀର ସାହାଯ୍ୟ ନେବାକୁ ପଡିବନି। ଆଉ ପାଣିରେ ଥିବାବେଳେ ଯଦି ପୃଥିବୀରେ ବୁଲିବାକୁ ଇଚ୍ଛା ହେବ ତେବେ ମାତ୍ର କେଇ ମିନିଟ୍‌ରେ ଆପଣ ପହଞ୍ଚି ଯିବେ ପୃଥିବିରେ। ଏସବୁ ବି ଖୁବଶୀଗ୍ର ସମ୍ଭବ ହେବ। ଭବିଷ୍ୟତରେ ପାଣିତଳେ ସହର ଅବଧାରଣା ଲୋକଙ୍କୁ ଚକିତ କରିଛି । ଜାପାନର ଏକ ମଲ୍ଟିନ୍ୟାସନାଲ୍ କନଷ୍ଟ୍ରକସନ ଓ ଆର୍କିଟେଟର କମ୍ପାନୀ ଏଭଳି ଅବଧାରଣାର ରୂପରେଖ ସାମ୍ନାକୁ ଆଣିଛି। ଏଠାରେ ମାଣିତଳେ ସହର ସ୍ଥାପନା ହେବ। ଯେଉଁଠି ଲୋକେ ପୃଥିବୀ ଭଳି ସମସ୍ତ ବିଳାସପୂର୍ଣ୍ଣ ସୁବିଧା ହାସଲ କରିବେ। ପୃଥିବୀରେ ୭୧ ପ୍ରତିଶତ ଜଳଭାଗ ରହିଛି। ମଝି ମଝିରେ ମହାଦ୍ୱୀପ ରହିଛି। ବିଶ୍ୱର ପ୍ରତ୍ୟେକ କୋଣରେ ବାସସ୍ଥାନ ଗଢିବାକୁ ମଣିଷ ପ୍ରୟାସ କରୁଥିବାବେଳେ ଏବେ ଗଭୀର ସମୁଦ୍ରରେ ବାସ କରିବାକୁ ନେଇ ଯୋଜନା ଉପରେ କାମ ଆରମ୍ଭ କରିଛି। ଜାପାନ ତଥା ବିଶ୍ୱରେ ଅନେକ ବଡ ଓ ଅତ୍ୟାଧୁନିକ ନିର୍ମାଣ ପ୍ରୋଜେକ୍ଟ କରିଥିବା ଜାପାନର ବହୁରାଷ୍ଟ୍ରୀୟ ଆର୍କିଟେକଚର କମ୍ପାନୀ ଶିମିଜୁ କର୍ପୋରେସନ ଏହି ମହତ୍ୱାକାଂକ୍ଷୀ ପାଣିତଳ ସହର ଯୋଜନା କରିଛି। ଏହା ପ୍ରଥମ ସହର ହେବ, ଯାହା ସମ୍ପୂର୍ଣ୍ଣ ରୂପେ ପାଣି ତଳେ ରହିବ, ଆଉ ଲୋକେ ପୃଥିବୀବାସୀଙ୍କ ଭଳି ସାଧାରଣ ଜୀବନ ନିର୍ବାହ କରିବେ। ଏହି ପାଣିତଳ ସହର ଓସେନ୍ ସ୍ପାଇରାଲ୍ ଚଉଡାରେ ଫୁଟ୍ ବଲ ର ୪ଟି ପଡିଆ ଆକୃତିର ହେବ। ସମୁଦ୍ର ପୃଷ୍ଠ ଠାରୁ ତଳେ ଦୁଇ ମାଇଲ ଭିତର ପର୍ଯ୍ୟନ୍ତ ରହିବ। ପୃଥିବୀ ଠାରୁ ଏହି ସହର ଅଧିକ ବିଳାସବହୁଳ ହେବ। ଏହାର ବାହ୍ୟ ଆବରଣ ମଜବୁତ ଏବଂ ସବୁ ବିପଦରୁ ସୁରକ୍ଷିତ ହେବ। ଭିତରେ ରହୁଥିବା ବା ଘୁରୁଥିବା ଲୋକେ ସମୁଦ୍ର ଭିତରେ ଜୀବନକୁ ସହଜରେ ଦେଖିପାରିବେ । କମ୍ପାନୀ ଏହି ପ୍ରୋଜେକ୍ଟର ବ୍ଲୁ ପ୍ରିଣ୍ଟ ଜାରି କରିଛି। ୫୦୦୦ ଲୋକଙ୍କ ରହିବା ଲାଗି ସମସ୍ତ ସୁବିଧା ଏଠାରେ ରହିବ । କମ୍ପାନୀର ଯୋଜନାକାରଙ୍କ ସମେତ ଏଥିରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ, ଜାପାନ ସରକାର ଓ ଉର୍ଜ୍ଜା କମ୍ପାନୀ ସାମିଲ ହୋଇଛି। ୨୦୧୪ରୁ ଏହି ପ୍ରୋଜେକ୍ଟ କାମ ଆରମ୍ଭ ହୋଇଥିଲା। ଏହି ପ୍ରୋଜେକ୍ଟରେ ୧୬ ବିଲିଅନ୍ ପାଉଣ୍ଡ ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଇଛି। ଏହି ପ୍ରୋଜେକ୍ଟ କାମ ୨୦୩୫ ବେଳକୁ ସରିବ ବୋଲି ଆକଳନ କରାଯାଇଛି।





## ୩୦ ବର୍ଷ ପୂରଣ କଲେ କାଜୋଲ୍

ବଲିଉଡର ସୁନ୍ଦରୀ କାଜୋଲ ସିନେମାରେ ତିନି ଦଶନ୍ଧି ପୂରଣ କରିଛନ୍ତି। ୧୯୯୨ରେ ଡେବ୍ୟୁ କରିବା ପରଠାରୁ କାଜୋଲ ଏକରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି ଏବଂ ଦର୍ଶକଙ୍କ ହୃଦୟ ଜିତିଛନ୍ତି। ଏନେଇ ଅଭିନେତା ତଥା ତାଙ୍କ ସ୍ୱାମୀ ଅଜୟ ଦେବଗନ୍ ତାଙ୍କୁ ସିନେମାରେ ୩୦ ବର୍ଷ ପୂରଣ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। ଏହା ବ୍ୟତୀତ ଏକ ଅଜୟ ଦେବଗନ୍ ଏକ ସୁନ୍ଦର ପୋଷ୍ଟ ସେୟାର କରିଛନ୍ତି। ଅଜୟ ଫିଲ୍ମ 'ତାନାଜି: ଦ ଅନସଙ୍ଗ ୱାରିଅର'ର ଏକ ଚିତ୍ର ସେୟାର କରିଛନ୍ତି ଯେଉଁଥିରେ କାଜୋଲ ତାଙ୍କ ସହ ନଜର ଆସିଛନ୍ତି। ଫଟୋ ସହିତ କ୍ୟାପସନରେ ଲେଖିଛନ୍ତି, 'ସିନେମାରେ ୩ ଦଶନ୍ଧି ... ଏବଂ ଚମତ୍କାର କାର୍ଯ୍ୟ କରିଛନ୍ତି। ସତ କହିବାକୁ ଗଲେ ଏହା କେବଳ ଆରମ୍ଭ, ଆହୁରି ଅନେକ ସଫଳତା, ଚଳଚ୍ଚିତ୍ର ଏବଂ ସ୍ମୃତି ଆସିବ।' କହିବାକୁ ଗଲେ କାଜୋଲ ନିଜେ ନିଜ ପାଇଁ ଏକ ବଡ଼ ସ୍ଥାନ ସୃଷ୍ଟି କରିଛନ୍ତି । କାଜୋଲ ଫିଲ୍ମ ବେଖୁଦି ସହିତ ବଲିଉଡରେ ଡେବ୍ୟୁ କରିଥିଲେ। 'ବେଖୁଦି' ୩୧ ଜୁଲାଇ ୧୯୯୨ ରେ ମୁକ୍ତିଲାଭ କରିଥିଲା, ଯେଉଁଥିରେ କମଲ ସଦାନା କାଜୋଲଙ୍କ ବିପକ୍ଷରେ ଦେଖାଯାଇଥିଲେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ରାହୁଲ ରେୱେଲ। କାଜୋଲ କେବଳ ହିନ୍ଦୀରେ ନୁହେଁ ଅନେକ ଭାଷାରେ ପ୍ରତିଭା ଦେଖାଇଛନ୍ତି। କାଜୋଲ ଦକ୍ଷିଣ ଚଳଚ୍ଚିତ୍ରରେ କାମ କରିଥିବାବେଳେ ସେ ହଲିଉଡର ଆନିମେଟେଡ୍ ଚଳଚ୍ଚିତ୍ର 'ଇନକ୍ରିଡିବଲ୍' ୨ ସମେତ କିଛି ଫିଲ୍ମ ପାଇଁ ସ୍ୱର ମଧ୍ୟ ଡବ କରିଛନ୍ତି। କାଜୋଲଙ୍କ ବଲିଉଡ ଚଳଚ୍ଚିତ୍ରର ତାଲିକାରେ ବାଜିଗର, କରଣ ଅର୍ଜୁନ, ହଲଚଲ, ଦିଲୱାଲେ ଦୁଲହାନିଆ ଲେ ଜାୟେଙ୍ଗେ, ଗୁପ୍ତ, ଇଶ୍କ, ପ୍ୟାର କିୟା ତୋ ଡରନା କ୍ୟା, ଡୁପ୍ଲିକେଟ୍, ପ୍ୟାର ତୋ ହୋନା ହି ଥା, କୁଛ କୁଛ ହୋତା ହୈ, ହମ୍ ଆପକେ ଦିଲ୍ ମୈ ରେହତେ ହେଁ, ରାଜୁ ଚାଚା, କଭି ଖୁସି କଭି ଗମ, କଲ ହୋ ନା ହୋ, ଫନା, ମାଇଁ ନେମ୍ ଇଜ୍ ଖାନ୍, ଦିଲୱାଲେ ଏବଂ ତାନାଜୀରେ ଭିନ୍ନ ଭିନ୍ନ ଚରିତ୍ରରେ ବେଶ୍ ଦର୍ଶକଙ୍କୁ ଖୁସି ପାରିଛନ୍ତି।

## ଫସଲ ଓ ବିଜୁଳିକୁ କ୍ଷତି ପହଞ୍ଚାଉଛନ୍ତି ବେଙ୍ଗ,ସାପ





ଛୋଟ ଛୋଟ ଜୀବ-ଜନ୍ତୁ ଦୁନିଆର ଅର୍ଥବ୍ୟବସ୍ଥାକୁ ଥରହର କରିବାର ଶକ୍ତି ରଖନ୍ତି, ଏହି କଥା କେହି କଳ୍ପନା ମଧ୍ୟ କରିପାରିବ ନାହିଁ । ଗୁରୁବାର ଜୁଲାଇ ୨୮ରେ ପ୍ରକାଶତ ଏକ ରିପୋର୍ଟ ଅନୁସାରେ ବେଙ୍ଗ (ଆମେରିକୀୟ ବୁଲଫ୍ରଗ) ଏବଂ ସାପ (ବ୍ରାଉନ ଟ୍ରି ସ୍ନେକ) ଦୁନିଆକୁ ବିଲିୟନ ଡାଲରର କ୍ଷତି ପହଞ୍ଚାଇଛନ୍ତି। ଏହି ଦୁଇ ଜୀବଙ୍କ ଯୋଗୁଁ ୧୯୮୬ରୁ ୨୦୨୦ ମସିହା ମଧ୍ୟରେ ଦୁନିଆକୁ ପ୍ରାୟ ୧୬ ବିଲିୟନ ଡଲାରର କ୍ଷତି ହୋଇଛି। ଏଥିରେ ଫସଲ କ୍ଷତି ସହ ବିଜୁଳି କାଟ ସାମିଲ ରହିଛି। ସାରା ଦୁନିଆରେ ଆକ୍ରାମକ କୀଟଙ୍କ ଦ୍ୱାରା ହେଉଥିବା ଆର୍ଥିକ କ୍ଷତି ଆକଳନ କରୁଥିବା ବୈଜ୍ଞାନିକ ଜାଣିବାକୁ ପାଇଛନ୍ତି ଯେ, ଆମେରିକୀୟ ବୁଲ ଫ୍ରଗ ଏବଂ ବ୍ରାଉନ ଟ୍ରି ସ୍ନେକ ଏହି ଦୁଇଟି ପ୍ରଜାତି ଅନ୍ୟ ଯେକୌଣସି ପ୍ରଜାତି ତୁଳନାରେ ସବୁଠୁ ଅଧିକ କ୍ଷତି ପହଞ୍ଚାଇଛନ୍ତି। ସାଇଣ୍ଟିଫିକ୍ ରିପୋର୍ଟସରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ, ସବୁଜ ରଙ୍ଗର ବେଙ୍ଗକୁ ଲିଥୋବେଟ୍ସ କାଟେସ୍‌ବେନ୍ସ ନାଁରେ ଜଣାଯାଇଥାଏ । ଏହାର ଓଜନ ୨ ପାଉଣ୍ଡରୁ ଅଧିକ ହୋଇଥାଏ । ୟୁରୋପରେ ଏହାର ସବୁଠୁ ଅଧିକ ପ୍ରଭାବ ପଡିଥାଏ। ସେହିପରି ବ୍ରାଉନ ଟ୍ରି ସ୍ନେକ ମଧ୍ୟ ବେଶି କ୍ଷତି ପହଞ୍ଚାଇଛି। ଏହି ସାପ ଗୁଡିକ ଉପରେ ଅଧ୍ୟୟନ କରୁଥିବା ଇସ୍ମାଇଲ ସୋଟୋ କହିଛନ୍ତି, ଏହି ସାପ ଗୁଡ଼ିକୁ ବୋଇଗା ଇଲେଗୁଲାରିସ୍ ମଧ୍ୟ କୁହାଯାଇଥାଏ। ଏହି ସାପ ଗୁଡିକର ସଂଖ୍ୟା ଗ୍ୱାମ ଏବଂ ମାରିୟାନା ଦ୍ୱୀପ ସହ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଗୁଡିକରେ ଅନିୟନ୍ତ୍ରିତ ଭାବେ ଅନେକ ଗୁଣା ବୃଦ୍ଧି ପାଇଛି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଆମେରିକୀୟ ସୈନିକ ଭୁଲରେ ସାପ ଗୁଡ଼ିକୁ ଏଠାକୁ ଆଣିଥଲେ। ଇସ୍ମାଇଲ କହିଛନ୍ତି, ବେଳେବେଳେ ଏହି ସାପଙ୍କ ସଂଖ୍ୟା ଏତେ ଅଧିକ ହୋଇଥାଏ ଯେ, ବିଜୁଳି ଉପକରଣ ଗୁଡିକ ଉପରେ ଚଢ଼ି ଏହାକୁ ନଷ୍ଟ କରି ଦେଇଥାନ୍ତି। ଏଠାରେ ସାପଙ୍କ ବହୁଳ ଉପସ୍ଥିତି ବିଜୁଳି କାଟର ମୁଖ୍ୟ କାରଣ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ) : ମାମାଲକାନଗିରି ଜିଲ୍ଲାର ବଣ୍ଡା ଘାଟି ଅଞ୍ଚଳଟି ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ମଧ୍ୟରେ ରହୁଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରୟାସରେ ଧୀରେ ଧୀରେ ଅଞ୍ଚଳରେ ବିକାଶ ପହଞ୍ଚି ପାରିଛି । ତେବେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦୦୦ ଫୁଟ ଉପରେ ଥିବା ଏହି ଅଞ୍ଚଳରେ ବର୍ଷ ବର୍ଷ ଧରି ଏହି ଆଦିମ ଜନଜାତିର ବଣ୍ଡା ଲୋକେ ବସବାସ କରୁଥିବା ବେଳେ ସେଠାରେ ଆଜୀବୀ ଅନେକ ସମସ୍ୟା ରହିଛି । ଜିଲ୍ଲାପାଳ ଶ୍ରୀ ସିଂ ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ଦୁର୍ଗମ ବଣ୍ଡାଘାଟି ଅଞ୍ଚଳର ମୁଦୁଲିପଡା ଓ ଅଣ୍ଡ୍ରାହାଲ ପଞ୍ଚାୟତର ଅନେକ ଗାଁ ଗୁଡିକୁ ଯାଇ ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ପିଇବା ପାଣି, ଭତ୍ତା ବଣ୍ଟନ, ଅଙ୍ଗନବାଡି ଓ ସ୍କୁଲର ବିଭିନ୍ନ ସମସ୍ୟା ନେଇ ଶ୍ରୀ ସିଂ ଆଲୋଚନା କରିଛନ୍ତି ।ଏହି ଗସ୍ତରେ ଜିଲ୍ଲାପାଳ ଶ୍ରୀ ସିଂଙ୍କ ସହ ଖଇରପୁଟ ବିଡିଓ ତଥା ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରୋଜେକ୍ଟ ଲିଡର୍ ହୃଦାନନ୍ଦ ସାହୁ, ବ୍ଲକ ଓ ବିଡିଏ ସଂସ୍ଥାର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।



# ବିଜେପି ରୂପସା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ



ବାଲେଶ୍ୱର, (ଭାସ୍କର ନ୍ୟୁଜ୍) : ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରୂପସା ବଜାର ସ୍ଥିତ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପରେ ବିଜେପିର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ରୂପସା ମଣ୍ଡଳ ସଭାପତି ତପନ ଗିରି ଏଥିରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ନେତା ଗୌରାଙ୍ଗ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ । 'କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ' ପ୍ରସ୍ତାବକୁ ଜିଲ୍ଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ ଆଗତ କରି ମୋଦି ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ମଣ୍ଡଳ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ଦଳୀୟ ସଙ୍ଗଠନକୁ ଆଗେଇ ନେବାର ବିଭିନ୍ନ ଦିଗ ସମ୍ପର୍କରେ କର୍ମୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ । ବିଶେଷ କରି ସ୍ଥାନୀୟ ସମସ୍ୟା ସମାଧାନ ଓ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଜନ ସଧାରଣଙ୍କୁ ସଚେତନତା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟପକ୍ଷରେ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ବିଭାଗୀୟ ଅଧିକାରୀ ଏବଂ ଶାସକଦଳର ଛାମୁଆ କର୍ମୀଙ୍କ ଦ୍ୱାରା ହେଉଥିବା ଅନିୟମିତାତା, ଆବାସ ଯୋଜନା ଦୁର୍ନୀତି, ଟାଟା ପାୱାର ଦ୍ୱାରା ହେଉଥିବା ବିଦ୍ୟୁତ ଗ୍ରାହକ ଶୋଷଣ ଆଦିକୁ ଶ୍ରୀ ଦତ୍ତ ତୀବ୍ର ସମାଲୋଚନା କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ହେଉଥିବା ଅନିୟମିତତାକୁ ନେଇ ଏହି ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ବିଜେଡି ତ୍ୟାଗକରି ବିଜେପିରେ ସାମିଲ ହୋଇଥିବା ମହେଶ୍ୱର ହାଁସଦାଙ୍କୁ ଦଳୀୟ କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ । ବରିଷ୍ଠ ନେତା ଶ୍ରୀଧର ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ପଞ୍ଚାୟତ ସଭାପତି ବିଜୟ ସାହୁ, ଜଳଧର ପରିଡା, ଉମାକାନ୍ତ ପ୍ରଧାନ, ଜଗଦାନନ୍ଦ ଦାସ, ସଦାଶିବ ଜେନା, ଚତୁର୍ଭୁଜ ବେହେରା, ନିରଞ୍ଜନ ଦାସ, ସରପଞ୍ଚ ନିରଞ୍ଜନ ଧଳ, ସମିତିସଭ୍ୟ ରାଜକିଶୋର ମହାଳିକ, ମଣ୍ଡଳ ସାଧାରଣ ସମ୍ପାଦକ ହରେନ୍ଦ୍ର ପ୍ରଧାନ, ଚକ୍ରଧର ସେଠୀ, ତଥା ମଣ୍ଡଳର ପଦାଧିକାରୀ ଏବଂ ଆଠଗୋଟି ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ବିଶିଷ୍ଟ ଅଧ୍ୟାପିକାଙ୍କ ଡି.ଏସିସ୍ ଉପାଧିଲାଭ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଭାଗ ଅଧ୍ୟାପିକା ଡଃ ପ୍ରଶାନ୍ତି ମିଶ୍ର ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଡି.ଏସ୍.ସି. ଉପାଧି ଲାଭ କରିଛନ୍ତି । ଲିଖିତ ସନ୍ଦର୍ଭ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଷ୍ଟ୍ରାଟେଜି ଇନ୍ ଫ୍ରେସ୍ ୱାଟର ପ୍ରନ୍ ଫାର୍ମିଂ ଡଃ ମିଶ୍ର ସମ୍ବଲପୁର ପରିବେଶ ବିଜ୍ଞାନର ଅଧ୍ୟାପକ ଏମ୍.ମହାନନ୍ଦଙ୍କ ଅଧିନରେ ଏହି ଗବେଷଣା କରିଥିଲେ । ଉକ୍ତ ଗବେଷଣା ସନ୍ଦର୍ଭଟି ବୈଜ୍ଞାନିକ ଡଃ ଅଜୟ କୁମାର ପାଣ୍ଡେ, ବୈଜ୍ଞାନିକ ଡଃ ଏ.କେ. ପାଣିଗ୍ରାହୀ, ବୈଜ୍ଞାନିକ ଡଃ କମଲ ଶର୍ମାଙ୍କ ଦ୍ୱାରା ପରିକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଡଃ ମିଶ୍ର ଅଡସପୁର ପଞ୍ଚାୟତ ବରାହୀପୁର ଗ୍ରାମର, ପିତା ଦେବେନ୍ଦ୍ର ମିଶ୍ର, ମାତା ବାସନ୍ତୀ ମିଶ୍ରଙ୍କ କନ୍ୟା ଅଟନ୍ତି ଏବଂ ଦକ୍ଷିଣ ପୂର୍ବ ରେଳବାଇ ବିଭାଗର ଇଂ ନିଳମାଧବ ଦାସଙ୍କ ସହ ଧର୍ମିଣୀ । ଏହି ସଫଳତା ପାଇଁ ଡଃ ମିଶ୍ର ତାଙ୍କର ସମସ୍ତ ଶୁଭେଚ୍ଛୁ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ୨ ଲୁଟେରା ଗିରଫ, ସୁନା ଚେନ୍ ସହ ବାଇକ୍ ଜବତ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ) : ଚୌଦ୍ୱାର ଅଞ୍ଚଳରେ ଦୀର୍ଘଦିନ ହେବ ମଟର ସାଇକେଲ ଆରୋହିଙ୍କ ଚଳନ୍ତା ଅବସ୍ଥାରେ ସୁନା ଚେନ ଲୁଟ୍ ଘଟଣା ବିଭିନ୍ନ ସମୟରେ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଆସୁଥିଲା । ଏହି ଲୁଟେରାଙ୍କୁ ଗିରଫ କରିବାରେ ଚୌଦ୍ୱାର ପୁଲିସକୁ ମିଳିଛି ଏକ ବଡସଫଳତା । ସୂଚନା ମୁତାବକ ୧୪ତାରିଖ ସନ୍ଧ୍ୟା ୬ଘଟିକା ସମୟରେ ଚୌଦ୍ୱାର ମଂଚେଶ୍ୱର ବିଦ୍ୟାଧରପୁର ଅଞ୍ଚଳର ସୁଚିତ୍ରା ମହାନ୍ତି (୪୨) ନିଜ ବେକରୁ ସୁନା ଚେନ ଲୁଟ୍ ହେବା ଘଟଣା ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ । ଘଟଣାମୁତାବକ ଶ୍ରୀମତୀ ମହାନ୍ତି ନିଜ ସ୍ୱାମୀଙ୍କ ସହ ଚଷପଡା ପମ୍ପହାଉସ ନିକଟରେ ସକାଳ ୧୦ଘଟିକା ସମୟରେ ଯିବା ସମୟରେ ପଛପଟୁ ଦୁଇଜଣ ଦୁର୍ବୃତ ମୋଟର ସାଇକେଲରେ ଆସି ତାଙ୍କ ବେକରେ ଥିବା ସୁନା ଚେନ୍‌ଟିକୁ ଛଡାଇ ଦୃତ ଗତିରେ ଚାଲିଯାଇଥିଲେ । ପରେ ଶ୍ରୀମତୀ ମହାନ୍ତି ଅଭିଯୋଗ କରିବା ପରେ ଟିପିଏମ୍ ଫାଣ୍ଡିର ଅଧିକାରୀ ରଂଜନ କୁମାର ନାୟକ ଏହାର ତଦନ୍ତ ଭାର ନେବା ସହ ଏକ ବିଶେଷ ସୂତ୍ରରୁ ଖବର ପାଇ ବଡମ୍ବା ଅଞ୍ଚଳର ଜଗନ୍ନାଥ ବେହେରା (ଜଗା) (୨୭) କୁ ଗିରଫ କରି ତଦନ୍ତ ଜାରିରଖିଥିଲେ । ଅଭିଯୁକ୍ତ ଜଗା ଏହ ଚୋରି ଘଟଣାକୁ ସ୍ୱିକାର କରିବା ସହ ଉକ୍ତ ଚେନ୍‌ଟିକୁ ନାରଦା ବେହେରା (୩୪) କୁ ବିକ୍ର କରିଛନ୍ତି ବୋଲି ପ୍ରକାଶ କରିବା ସହ ଚୌଦ୍ୱାର ଅଞ୍ଚଳରୁ ଅନ୍ୟ ଏକ ବ୍ୟକ୍ତିଙ୍କ ଠାରୁ ଚୋରି ହୋଇଥିବା ସୁନା ଚେନ ନିଜେ କରିଥିବାର ସ୍ୱିକାର କରିଥିଲେ । ପରେ ଚୌଦ୍ୱାର ପୁଲିସ ଏହି ସଂକ୍ରାନ୍ତରେ ୩୩୭ନମ୍ବରରେ ମାମଲା ରୁଜୁ କରିବା ସହ ଜବତ ହୋଇଥିବା ଗୋଟିଏ ସୁନା ଚେନ, ଗୋଟିଏ ଅର୍ଦ୍ଧ ଚିରା ସୁନା ଚେନ ସହ ଏକ ହୁଣ୍ଡା ସାଇନ ମୋଟର ସାଇକେଲ ନଂ.(ଓଡି-୦୫-ଆର୍-୭୨୦୫) କୁ ଜବତ କରି ଦୁଇ ଆସାମିଙ୍କୁ ୩୯୨, ୪୪୧, ୪୧୧, ୩୪ଆଇପିସିରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ମିକ୍ସଚର ମେସିନ ଚୋରି ଘଟଣାରେ ୨ ଗିରଫ





ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଥାନା ଅନ୍ତର୍ଗତ ହୁମର ଗ୍ରାମରୁ ଏକ ମିକ୍ସର ମେସିନ ଚୋରି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଭୁବନେଶ୍ୱରରୁ ଗିରଫ କରିଛି ।ଗିରଫ ଅଭିଯୁକ୍ତ ହେଲେ ନାରାୟଣ ଦାସ (୨୦) ଓ ବୁଦ୍ଧଦେବ ମଣ୍ଡଳ (୨୪),ସେମାନଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ହୋଇଥିବାବେଳେ ଭୁବନେଶ୍ୱରରେ କବାଡିଆ ଦୋକାନ କରିଥିଲେ । ହୁମର ଗ୍ରାମର କାଳନ୍ଦୀ ଚରଣ ଜେନାଙ୍କ ମିକ୍ସର ମେସିନ ଘର ସମ୍ମୁଖରେ ଥିବାବେଳେ ବୁଧବାର ଚାରିଟା ରାତିରେ ଚୋରି ହୋଇଥିବା ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା । ସିସିଟିଭି ଫୁଟେଜ ଆଧାରରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ପିକଅପ ଭ୍ୟାନ, ଟାଟା ଏସି ଗାଡି ଓ ଚୋରି ହୋଇଥିବା ମିକ୍ସର ମେସିନ୍ ଜବତ କରିଛି । ମୁଖ୍ୟ ଅଭିଯୁକ୍ତ ଘଟଣା ଦିନଠାରୁ ଫେରାର ରହିଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଡେଲାଙ୍ଗ ଥାନା କେସ ନମ୍ବର ୧୯୫/୨୨ରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

# ୧୨ ଦଫା ଦାବି ପୂରଣ ନେଇ ଆନ୍ଦୋଳନ

ସାଲେପୁର, (ଭାସ୍କର ନ୍ୟୁଜ୍) : କେନ୍ଦ୍ରସରକାରଙ୍କ ବିରୁଦ୍ଧରେ ହୋଇଥିବା କୃଷକ ଆନ୍ଦୋଳନରେ ପ୍ରାଣ ହରାଇଥିବା କୃଷକମାନଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା , କୃଷକମାନଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବା, ଦରଦାମ ବୃଦ୍ଧିକୁ କମାଇବା, ଅତ୍ୟାବଶ୍ୟକ ସାମଗ୍ରୀ ଉପରି ଜିଏସଟି ପ୍ରତ୍ୟାହାର , କୃଷକମାନଙ୍କ ଦ୍ୱାରା ଅମଳ ଶସ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ, ଶ୍ରମିକମାନଙ୍କର ବାକି ରହିଥିବା କରୋନା ସହାୟତା ପ୍ରଦାନ କରିବା, ବେକାରିଙ୍କଚ କର୍ମ ନିଯୁକ୍ତି ଦେବା ଇତ୍ୟାଦି ୧୨ଦଫା ଦାବିରେ ସାଲେପୁର ଠାରେ ରାସ୍ତାରୋକ କରାଯାଇ ପ୍ରତିବାଦ କରାଯାଇଥିଲା । ବରିଷ୍ଠ ସିପିଆଇ ନେତା କବି ଉଦୟ କେଶରୀ ବର୍ମାଙ୍କ ସଭପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବରିଷ୍ଠ ବାମପନ୍ଥି ନେତା ପିତାମ୍ବର ଲେଙ୍କା , ଡ଼ଃ କେଶବ ଚନ୍ଦ୍ର ଷଡ଼ଙ୍ଗୀ, ଆଦିକନ୍ଦ ମଲ୍ଲିକ, ହିଂମାଂଶୁ ଭୂୟାଁ, ମନୋଜ ଭୂୟାଁ, ବାସୁଦେବ ଓଝା, ପୁରୁଷୋତ୍ତମ ସାହୁ, ମୁସଲିମ ଖାଁ, ଭବାନୀଶଙ୍କର କାଣ୍ଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ମଲ୍ଲିକ, ଅଶୋକ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ବେହେରା, ଶରତ ସେଠୀ, ଜଗବନ୍ଧୁ ବେହେରା, ସୁରେନ୍ଦ୍ର ବେହେରା, ଶରତ ସେଠୀ, ବୈରାଗୀ ବେହେରା, ଲକ୍ଷ୍ମୀଧର ବେହେରା ସମେତ ବହୁକର୍ମୀ ଅଂଶଗ୍ରହଣ କରିଥିଲେ । ସାଲେପୁର ପୋଲିସ ପ୍ରଶାସନ ଘଟଣା ସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ପ୍ରତିବାଦ ପ୍ରତ୍ୟାହାର ହୋଇଥିଲା ।

# ସ୍ୱାମୀର ମାଡରେ ସ୍ତ୍ରୀ ମୃତ



ରାଇଘର, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ କୁରାବେଡା ପଞ୍ଚାୟତରେ ଆଜି ଏକ ହତ୍ୟାକାଣ୍ଡ ଘଟିଥିବାବେଳେ ପୋଲିସ ଘଟଣାର ଅଭିଯୁକ୍ତକୁ ଅଟକ କରିଥିବା ଜଣାପଡିଛି । କୁରାବେଡା ପଞ୍ଚାୟତର ରେଙ୍ଗାଭାଟି ନୁଆପାରା ଗ୍ରାମର କୁଅଁର ଲାଲ୍ ଗଣ୍ଡ ଓ ସ୍ତ୍ରୀ ଚନ୍ଦ୍ରିକା ଗଣ୍ଡ ମଧ୍ୟରେ ପ୍ରତ୍ୟେକ ସମୟରେ ଗଣ୍ଡେଗାଳ ହେଉଥିବାବେଳେ ଶନିବାର ଏହା ଉଗ୍ର ରୁପ ନେଇଥିଲା । ଘରେ ସ୍ୱାମୀ ସ୍ତ୍ରୀ ସହ ମୋଟ ୫ ଝିଅ ଓ ୨ଟି ପୁଅ ଥିବାବେଳେ ସେଥିମଧ୍ୟରୁ ବଡ ଝିଅ ଦ୍ରୌପଦୀ ଗଣ୍ଡ ଘେର ରହି ବାପା ମାଆ କୁ ସହେଯାଗ କରୁଥିଲା । ୨ୟ ଝିଅ ବାସନ୍ତୀ ଗଣ୍ଡ ବିବାହ ହୋଇଛି,୩ୟ ଝିଅ ଶିବାବତି ଗଣ୍ଡ,ଚାରି ନମ୍ବର ବଝନ୍ତି ଗଣ୍ଡ,ପଞ୍ଚମ ଝିଅ ଜେଗସ୍ୱରୀ ଗଣ୍ଡ ଜୋଡିଙ୍ଗା ଠାରେ ପଢୁଛନ୍ତି । ଷଷ୍ଠ ନମ୍ବର୍ ପୁଅ ପ୍ରଶାନ୍ତ ଗଣ୍ଡ ଗ୍ରାମର ବିଦ୍ୟାଳୟେର ପଢୁ ଥିବା ବେଳ ସାନ ପୁଅ ଅନନ୍ତ ଗଣ୍ଡ ଅଙ୍ଗନବାଡି କେନ୍ଦ୍ର ଠାେର ଯାଉଛି । ସମ୍ପୂର୍ଣ ପରିବାର ସଠିକ୍ ଭାବେ ଚାଲୁଥିବାବେଳେ ମଦ୍ୟପାନ ଯୋଗୁଁ କଳି ଆରମ୍ଭ ହୁଏ । ଗତକାଲି ବଡ ଝିଅ କାମ କରିବାକୁ ଯିବା ସମୟରେ ବାପା-ମା ମଧ୍ୟରେ ଜୋରଦାର ଗଣ୍ଡେଗାଳ ହୋଇଥିଲା । ତେବେ ବଡ଼ ଝିଅ ଘରକୁ ଫେରିବା ପରେ ମାଆ ଘର ଦାଣ୍ଡରେ ପଡିଥିବା ଦେଖି ସାଥୀ ମାନଙ୍କ ସହଯୋଗରେ ଘର ଭିତରକୁ ନେଇ ଶୁଆଇ ଦେଇଥିଲା । ପରବର୍ତ୍ତୀ ସମୟରେ ମାଆ ଉଠିନଥିଲା । ଏ ସମ୍ପର୍କରେ ଗ୍ରାମବାସୀ କୁ ଜଣାଇବା ପେର ରାଇଘର ଥାନାେର ଏତଲା ଦିଆ ଯାଇଥିଲା । ଏସଡିପିଓ,ରାଇଘର ଥାନା ଅଧିକାରୀ ଟଙ୍କ ଗିରି ଭୋଇ ସହ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳେର ପହଞ୍ଚି ତଦନ୍ତ ଆରମ୍ଭ କରି ସ୍ୱାମୀକୁ ଥାନାରେ ଆଣି ଅଟକ ରଖି ପଚରା ଉଚରା କରୁଛନ୍ତି । ଏ ସମ୍ପର୍କରେ କେଶ୍ ନମ୍ବର ୧୫୫/୨୨ ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୋଲିସ ।

# ବୀମାରାଶି ବୃଦ୍ଧି ଦାବିରେ ଆନ୍ଦୋଳନ ଡ଼ାକରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଓ.ୟୁ.ଜେ ଭବନଠାରେ ଆଜି ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ କର୍ମକର୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଓ.ୟୁ.ଜେ. ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଗଣମାଧ୍ୟମ ଓ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି । ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଛାଡ଼ି ଗଣମାଧ୍ୟମ ଯେଉଁଭଳି ଗୁରୁତ୍ୱହୀନ ପ୍ରସଙ୍ଗ ପଛରେ ଧାଇଁଛି, ଏଥିନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । କାହାର ବ୍ୟକ୍ତିଗତ ସ୍ୱାଧୀନତାରେ ହସ୍ତକ୍ଷେପ ନକରି ସାମ୍ବାଦିକ ଓ ଗଣମାଧ୍ୟମ ଲକ୍ଷ୍ମଣରେଖା ପରିଧିରେ ରହି କାର୍ଯ୍ୟ କରିବା ଉଚିତ୍ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ଏହି ଆଲୋଚନାରେ ମୁଖ୍ୟତଃ ସାମ୍ବାଦିକମାନଙ୍କ ବୀମା ରାଶି ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ମାସିକ ୨୦ ହଜାର ଟଙ୍କା ପେନସନ ଦେବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖାଯାଇଛି । ଏଥିସହିତ ରାଜ୍ୟର ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଥିବାରୁ ତୁରନ୍ତ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ବୈଠକରେ ଦାବି କରାଯାଇଛି । ରାଜ୍ୟ ସରକାର ତୁରନ୍ତ ଏହି ଦାବି ପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ଆସନ୍ତା ଦିନରେ ଓ.ୟୁ.ଜେ ସାରା ଓଡ଼ିଶାରେ ସମଗ୍ର ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭୁବନେଶ୍ୱରଠାରେ ଏକ ବିଶାଳ ଆନ୍ଦୋଳନ କରିବାକୁ ନିଷ୍ପତି ହୋଇଛି ।

# କାଉଡ଼ିଆଙ୍କୁ ଫାଷ୍ଟେଡ କିଟ୍ ବଣ୍ଟନ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଦେବାଶିଷ ସେଠୀ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ ଶୈବପୀଠକୁ ଯାଉଥିବା କାଉଡ଼ିଆଙ୍କୁ ରବିବାର ଅପରାହ୍ଣରେ ଫାଷ୍ଟେଡ କିଟ ବଣ୍ଟନ କରାଯାଇଛି । କମିଟି ସଭାପତି ତଥା ସମାଜସେବୀ ମିନତୀ ସେଠୀ ଏଥିରେ ଯୋଗଦେଇ ଫାଷ୍ଟେଡ କିଟ ବଂଟନ ଶୁଭାରମ୍ଭ କରିବା ସହିତ ସ୍ୱାମୀ ସ୍ୱର୍ଗତ ଦେବାଶିଷ ସେଠୀଙ୍କ ସ୍ମୃତି ଉଜୀବିତ ରଖିବାକୁ ଏହି ସେବାକାର୍ଯ୍ୟ ଆୟୋଜନ ହୋଇଥିବା କହିଥିଲେ । ମହାଦେବଙ୍କ ଜଳାଭିଷେକ ପାଇଁ ଶ୍ରାବଣମାସରେ ବାଲିଘାଟରୁ ଜଳଭାର ନେଇ କାଉଡ଼ିଆମାନେ ବହୁ ଦୂର ଦୂରାନ୍ତରେ ଥିବା ଶୈବପୀଠକୁ ପାଦରେ ଚାଲି ଚାଲି ଯାତ୍ରା କରିଥାନ୍ତି । ୪ଶହରୁ ଅଧିକ କାଉଡ଼ିଆଙ୍କୁ ଫାଷ୍ଟେଡ କିଟ ବଣ୍ଟନ କରାଯାଥିଲା । ଅନ୍ୟମାନଙ୍କ ମଧ୍ୟରେ ଝୁନିରାଣୀ ବାରିକ, କଳ୍ପନା ଦାସ, ସସ୍ମିତା ରଣା, ନିଶାମଣି ପ୍ରଧାନ, ଲଳିତା ତାଲଦି, ରୀନାରାଣୀ ମଲିକ, ଜ୍ୟୋତ୍ସ୍ନା ସେଠୀ, ସଂଧ୍ୟାରାଣୀ ଘଡ଼େଇ, ସସ୍ମିତା ବେହେରାଙ୍କ ସମେତ କମିଟିର ବହୁ ସଦସ୍ୟା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାଉଡ଼ିଆଙ୍କୁ କିଟ ବଣ୍ଟନରେ ସହଯୋଗ କରିଥିଲେ ।

# "ଶକ୍ତି ପରମ୍ପରାରେ ବିରଜା" ପୁସ୍ତକ ଉନ୍ମୋଚିତ



ଯାଜପୁର, (ଭାସ୍କର ନ୍ୟୁଜ) : ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷେର ରବିବାର "ଶକ୍ତି ପରମ୍ପରାେର ବିରଜା" ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବେର ମୁଖ୍ୟବକ୍ତା ଭାବେ ପଣ୍ଡିତ ମିଶ୍ର ବହୁ ଗେବହଣାତ୍ମକ ତଥ୍ୟ ଉପସ୍ଥାପନ କରି ବେଦର ଉତ୍ପତି ସମ୍ପକର୍ରେ ସୂଚନା ଦେଇଥିଲେ । ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଭୁବେନଶ୍ୱର ଦ୍ୱାରା ପ୍ରକାଶିତ ବିରଜା ସଂସ୍କୃତି ଗେବଷକ ଡଃ ଜ୍ଞାନରଂଜନ ପତିଙ୍କ ଦ୍ୱାରା ଲିଖିତ ଶକ୍ତି ପରମ୍ପରାେର ବିରଜା ଶୀଷର୍କ ଗେବଷଣାତ୍ମକ ପୁସ୍ତକ ରବିବାର ପୂର୍ବାହ୍ନେର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷେର ଲୋର୍କାପିତ ହୋଇଛି । ଡଃ ରଜେନ୍ଦ୍ର ପ୍ରସାଦ କୃଷି ବିଦ୍ୟାଳୟ ବିହାରର କୁଳପତି, ଭାରତୀୟ ବେଦବିଦ୍ୟା ପ୍ରତିଷ୍ଠା ଉଜୟନୀର ଉପାଧ୍ୟକ୍ଷ ପ୍ରେଫସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗେଦଇ ବିଶ୍ୱର ପ୍ରଥମ ମହୀଷମର୍ଦ୍ଦିନୀ ଦେବୀ ମା ବିରଜା ହେଉଛନ୍ତି ବୈଷ୍ଣବୀ, ବ୍ରହ୍ମାଣୀ ଓ ରୁଦ୍ରାଣୀ । ଓଡିଶା ସଂସ୍କୃତିର ପ୍ରଥମ ଭୂମି ଏହି ବିରଜା କ୍ଷେତ୍ର ଯାଜପୁରର ମହିମା ଉପେର ଅଲୋକପାତ କରିଥେଲ । ବିଶିଷ୍ଟ ଅତିଥି ଭାବେ ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ପୂବର୍ତନ ନିର୍ଦ୍ଦେଶକ ସିଦ୍ଧାର୍ଥ ଧଳ ଯୋଗେଦଇ ଯାଜପୁରର ଗର୍ବ ଓ ଗୌରବ ମା ବିରଜା ବୋଲି ସୂଚନା ଦେବା ସହିତ ସମସ୍ତଙ୍କ ଘେର ଘେର ଶକ୍ତି ପରମ୍ପରାର ବିରଜା ପୁସ୍ତକ ପହଂଚିବା ସହିତ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କ ପାଠାଗାରେର ଏହି ପୁସ୍ତକକୁ ସଂରକ୍ଷଣ କରାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥେଲ । ଅନ୍ୟତମ ବେରଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ ଯୋଗେଦଇ ବିରଜା କ୍ଷେତ୍ରର ମାହାତ୍ମ୍ୟ ଉପେର ଗୁରୁତ୍ୱାରୋପ କରିଥେଲ । ପୁସ୍ତକର ଲେଖକ ପଣ୍ଡିତ ଡଃ ଜ୍ଞାନରଂଜନ ପତି ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ପୁସ୍ତକ ସମ୍ପକର୍ରେ ସୂଚନା ଦେଇଥେଲ । ମିନେକତନ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେେଳ ପଣ୍ଡିତ ଗଦାଧର କୁଣ୍ଡୁ ଧନ୍ୟବାଦ ଦେଇଥେଲ ।

# 'ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ପାଇବା ପାଇଁ ଦୃଢ଼ ମନୋବଳ ଓ ସଙ୍କଳ୍ପ ନେବା ଆବଶ୍ୟକ'



ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲାରେ ଗଢି ଉଠିଥିବା ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ କାମାକ୍ଷାନଗର ଉପଖଣ୍ଡରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଜି ସୋଗର ସ୍ଥିତ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟରେ ସମ୍ବର୍ଦ୍ଧନା କରାଯାଇଥିଲା । ଅନୁଷ୍ଠାନର ସଭାପତି ପ୍ରିୟରଂଜନ ମାହୁନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖଣି,ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବାକୁ ହେଲେ ଦୃଢ ମନୋବଳ ଓ ସଙ୍କଳ୍ପ ନେଇ ଆଗକୁ ଆଗେଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।ଛାତ୍ରଛାତ୍ରୀମାନେ ଜୀବନରେ ବିଭିନ୍ନ ପାହାଚ ଦେଇ ଆଗକୁ ଗତି କରିବେ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିବା ସହ ଏ ସମସ୍ତ ପାହାଚକୁ ଅତିକ୍ରମ କରିବାକୁ ହେଲେ ଧୈର୍ଯ୍ୟ ଓ ଇଚ୍ଛାଶକ୍ତିକୁ ସୁଦୃଢ କରିବା ଆବଶ୍ୟକ ।ଏହି ଅବସରରେ ଆଗାମୀ ଦିନରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କିଛି ପୁରୁଖା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରି ପିଲାମାନଙ୍କୁ ତାଙ୍କର ସଫଳତା ପାଇବା ବିଷୟରେ ଅବଗତ କରାଇଲେ ଛାତ୍ରଛାତ୍ରୀମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ଏକ ଭଲ ନାଗରିକ ହୋଇ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ଅନୁଷ୍ଠାନକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ପରାମର୍ଶ ଦେବା ସହ କେବଳ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସମ୍ମାନୀତ କରିବା ଆବଶ୍ୟକ ବୋଲି କହିଥିଲେ । ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନର ପ୍ରତିଷ୍ଠାତା ଢେଙ୍କାନାଳ ସାଂସଦ ମହେଶ ସାହୁ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନୀତ କରିବା ସହ ଲୋକଲୋଚନକୁ ଆଣି ସମାଜର ବିକାଶରେ ସାମିଲ କରିବାର ପ୍ରୟାସ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅଗଷ୍ଟ ୧୪ ତାରିଖ ଦିନ ଜିଲ୍ଲାରେ ଯୁକ୍ତ ୨ ପରୀକ୍ଷାରେ ସଫଳତା ସହ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦେବା ସହ ଔଷଧୀୟ ଅରଣ୍ୟ ଭଳି ପ୍ରାକୃତିକ ପରିବେଶରେ ଏହି କାର୍ଯ୍ୟକ୍ରମ କରାଇବାକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ସହଯୋଗ କରିଥିବାରୁ ସାଂସଦ ଶ୍ରୀ ସାହୁ ତାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଧର୍ମାନନ୍ଦ ବରାଳ ସମ୍ପାଦକିୟ ବିବରଣୀ ପାଠ କରିଥିବା ବେଳେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ପରିଷଦ ପୂର୍ବତନ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ କିଭଳି ଜୀବନରେ ସଫଳତା ପାଇବା ସହ ଏକ ଭଲ ମଣିଷ ଭାବେ ତିଆରି ହୋଇପାରିବେ ସେହି ବିଷୟରେ ବିଭିନ୍ନ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ପଂଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ,ଭୁବନ ପଂଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ, ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, କଙ୍କଡାହାଡ ବ୍ଲକ ଉପାଧ୍ୟକ୍ଷା ଦୀପା ସାହୁ , ପରଜଙ୍ଗ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ରାଉତ, ରାୟନରସିଂହପୁର ସରପଂଚ ଶିଶିରକାନ୍ତ ବେହେରା, କୋଟଗରା ପଂଚାୟତ ପୂର୍ବତନ ସରପଂଚ ଲଳିତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କଙ୍କଡାହାଡ ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କାର୍ତିକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସତ୍ୟନାରାୟଣ କର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରେ କାମାକ୍ଷାନଗର ଉପଖଣ୍ଡର କାମାକ୍ଷାନଗର , ଭୁବନ, ପରଜଙ୍ଗ ଓ କଙ୍କଡାହାଡ ବ୍ଲକର ୭୪ ଜଣ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।